

ଟି-୨୦ ଦଳରେ ମାକ୍ସୱେଲ୍
ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-118 SATURDAY 25 OCTOBER 2025 PAGE-12 ₹ 6.00 | PANIKOILI | ବର୍ଷ-୪୩ ସଂଖ୍ୟା-୧୧୮ ଶନିବାର ୨୫ ଅକ୍ଟୋବର ୨୦୨୫ ପୃଷ୍ଠା-୧୨ ଟ.୬.୦୦



# ଆସୁଛି ବାତ୍ୟା 'ମୋନ୍ଥା'

## ଗତିପଥକୁ ନେଇ ଏଯାଏଁ ସ୍ପଷ୍ଟ ହୋଇନାହିଁ ଚିତ୍ର

### ପଶ୍ଚିମାଝଡ଼ ଯୋଗୁଁ ହୋଇପାରେ ଦିଗ ପରିବର୍ତ୍ତନ

### ୨୭ ତାରିଖରୁ ବର୍ଷା, ୨୮ରୁ ବଢ଼ିବ ପ୍ରଭାବ

### ମୁକାବିଲା ପାଇଁ ସରକାର ପ୍ରସ୍ତୁତ: ରାଜସ୍ୱମନ୍ତ୍ରୀ




■ ଭୁବନେଶ୍ୱର, ୨୪।୧୦ (ସମିସ): ବହୁ ଚର୍ଚ୍ଚିତ ୧୯୯୯ ମହାବାତ୍ୟାକୁ ଆସନ୍ତା ୨୯ରେ ୨୬ ବର୍ଷ ପୂରିବାକୁ ଯାଉଥିବା ବେଳେ ଠିକ୍ ଏହି ସମୟ ବେଳକୁ ପାଣିପାଗ ବିଭାଗର ଏକ ସମ୍ଭାବ୍ୟ ବାତ୍ୟା ଆକଳନ ରାଜ୍ୟବାସୀଙ୍କ ମନରେ ଭୟ ସଂଚାର କରିଛି। ଭାରତୀୟ ପାଣିପାଗ ବିଭାଗ-ଆଇଏମ୍‌ଡିର ସୂଚନା ଅନୁସାରେ, ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଶୁକ୍ରବାର ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ୨୫ ତାରିଖରେ ଅବପାତର ରୂପ ନେବ। ୨୬ ତାରିଖ ସକାଳୁ ଏହା ଗଭୀର ଅବପାତରେ ପରିଣତ ହୋଇ ୨୭ ତାରିଖରେ ବାତ୍ୟାର ରୂପ ନେବ। ବାତ୍ୟା ପ୍ରଭାବରେ ୨୭ ତାରିଖରୁ ବର୍ଷା ଆରମ୍ଭ ହେବ। ବିଶେଷକରି ଦକ୍ଷିଣ ଓଡ଼ିଶାରେ ପ୍ରଥମେ ବର୍ଷା ଆରମ୍ଭ ହୋଇ ଧୀରେ ଧୀରେ ଅନ୍ୟ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ହେବ। ଯଦିଓ ବାତ୍ୟାଟି ଓଡ଼ିଶାରେ ସ୍ଥଳଭାଗ ଛୁଇଁବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ, ତଥାପି ରାଜ୍ୟର ବିଭିନ୍ନ ସ୍ଥାନରେ ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ପ୍ରବଳରୁ ଅତିପ୍ରବଳ ବର୍ଷାର ଆଶଙ୍କା ରହିଛି। ଏହି ବାତ୍ୟା ସୃଷ୍ଟି ହେବା ପରେ ଏହାର ନାମ 'ମୋନ୍ଥା' ରହିବ। ଥାଇଲାଣ୍ଡ ଦ୍ୱାରା ନାମିତ ହୋଇଥିବା ଏହି ବାତ୍ୟା 'ମୋନ୍ଥା' ଶବ୍ଦର ଅର୍ଥ ସୁଗନ୍ଧିତ ଫୁଲ।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ୨୭ ବେଳକୁ ବାତ୍ୟାର ରୂପ ନେବ। ୨୮ ବେଳକୁ ବାତ୍ୟାଟି ଅଧିକ ଘନୀଭୂତ ହେବା ପାଇଁ ପାଗ ଅନୁକୂଳ ରହୁଛି। ତେବେ ପଶ୍ଚିମାଝଡ଼ର ପ୍ରଭାବ ୨୮ ତାରିଖ ଓ ୨୯ ତାରିଖରେ ରହିବାର ସମ୍ଭାବନା ରହିଛି। ତେଣୁ ଏହି ବାତ୍ୟାକୁ ନେଇ ବର୍ତ୍ତମାନ ଦୁଇଟି ଦୃଶ୍ୟପଟ ରହିଛି। ପ୍ରଥମ ଦୃଶ୍ୟପଟରେ ୨୮ରେ ବାତ୍ୟ ଅଧିକ ଘନୀଭୂତ ହୋଇ ଆନ୍ଧ୍ର ଉପକୂଳ ନେଲୋର-ବିଶାଖାପାଟନମ୍ ମଧ୍ୟରେ ୨୮ ତାରିଖ ରାତି କିମ୍ବା ୨୯ ତାରିଖତାରିଖ ସକାଳେ ସ୍ଥଳଭାଗ ଅତିକ୍ରମ କରିପାରେ। ଯଦି ପଶ୍ଚିମାଝଡ଼ ପ୍ରଭାବ ପଡ଼େ, ତେବେ ୨୯ ତାରିଖରେ ଏହା ଦୁର୍ବଳ ହୋଇ ଓଡ଼ିଶା ଉପକୂଳ ମୁହାଁ ହୋଇପାରେ। ବର୍ତ୍ତମାନର ଆକନଳ କହୁଛି, ରାଜ୍ୟରେ ୨୬ ତାରିଖ ପର୍ଯ୍ୟନ୍ତ କାଁ ଭାଁ ହାଲୁକା ବର୍ଷା ସମ୍ଭାବନା ରହିଛି। ୨୭ ତାରିଖରୁ ମାଲକାନଗିରି, ରାୟଗଡ଼ା, ଗଜପତି ସହିତ ଗଞ୍ଜାମରୁ ଜଗତସିଂହପୁର ଓ ସଂଲଗ୍ନ ଜିଲ୍ଲାରେ ମଧ୍ୟମ ବର୍ଷା ହୋଇପାରେ। ୨୮ ତାରିଖରେ ସେହି ଜିଲ୍ଲା ସହିତ ସମଗ୍ରହ ଉପକୂଳ ଓ ସଂଲଗ୍ନ ଜିଲ୍ଲା (କେତେକ ପଶ୍ଚିମ ସୀମାନ୍ତ ଜିଲ୍ଲାକୁ ଛାଡ଼ି) ବର୍ଷା ହେବ। ୨୯ ତାରିଖରେ ପ୍ରାୟ ଅଧିକାଂଶ ଜିଲ୍ଲାରେ ବର୍ଷା ହେବାକୁ ଥିବା ବେଳେ ୩୦ତାରିଖରେ ଉପକୂଳ ବର୍ଷାର ପ୍ରଭାବ କମି ଉତ୍ତର ଉପକୂଳ ଓ ଉତ୍ତର ଆଭ୍ୟନ୍ତରୀଣ ଏବଂ ୩୧ ତାରିଖରେ ଉତ୍ତର ଓଡ଼ିଶାରେ ବର୍ଷା ହେବ ବୋଲି ▶ପୃଷ୍ଠା-୭

## ନିରବୀଗଲା କବିତାର ଆଉ ଏକ ଧାର

# ପରଲୋକରେ କବି ରାଜେନ୍ଦ୍ର

### ମରଶରୀର ଏମ୍ସକୁ ହସ୍ତାନ୍ତର କଲେ ପରିବାର

### ଶୋକ ପ୍ରକାଶ କଲେ ମୋହନ ଓ ନବୀନ



■ ଭୁବନେଶ୍ୱର, ୨୪।୧୦ (ସମିସ): ନିରବୀ ଯାଇଛି ଓଡ଼ିଆ କବିତାର ଆଉ ଏକ ବଳିଷ୍ଠ ସ୍ୱର। ଆଧୁନିକ ଓଡ଼ିଆ କବିତାର ଅନ୍ୟତମ ପ୍ରଣମ୍ୟ ସ୍ରଷ୍ଟା ତଥା ବିଶିଷ୍ଟ ସାହିତ୍ୟିକ ରାଜେନ୍ଦ୍ର କିଶୋର ପଣ୍ଡା ଆଉ ନାହାନ୍ତି। ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ଭୁବନେଶ୍ୱର ଗଙ୍ଗନଗରସ୍ଥିତ ବାସଭବନରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା ଓ ଅନ୍ତିମ ଶଯ୍ୟା ନିକଟରେ ତାଙ୍କର ଦୁଇ ଝିଅ ମନୀଷା, ନିନୀଷାଙ୍କ ସମେତ ଜ୍ୱାଇଁ ଓ ନାତି ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଓ ସାହିତ୍ୟପ୍ରେମୀ ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ସେହିପରି ଓଡ଼ିଶା ପୁଲିସ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି । ମୃତ୍ୟୁ ପୂର୍ବରୁ ତାଙ୍କ ଶରୀରକୁ ସେ ଦାନ କରିବାକୁ କରିଥିବା ଇଚ୍ଛାପତ୍ର ▶ପୃଷ୍ଠା-୭

## ବାଇକ୍ ଧକ୍କାରେ ଜଳିଗଲା ବସ୍

# ୨୦ ଯାତ୍ରୀ ଜୀବନ୍ତ ଦଗ୍ଧ



■ କୁର୍ଣ୍ଣୁଲ, ୨୪।୧୦ (ଏଜେନ୍ସି): ଆନ୍ଧ୍ରପ୍ରଦେଶ କୁର୍ନୁଲର ଚନ୍ନାଟେକୁରଠାରେ ଶୁକ୍ରବାର ଭୋର ୩ଟା ୩୦ରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏଠାକାର ୪୪ ନଂ ଜାତୀୟ ରାଜପଥରେ ଏକ ଚଳନ୍ତା ଘରୋଇ ଏସି ବସ୍‌ରେ ନିଆଁ ଲାଗି ୨୦ ଯାତ୍ରୀ ଜିଅନ୍ତା ଜଳିଯାଇଛନ୍ତି। ୧୯ ଜଣ ଯାତ୍ରୀ ବସ୍‌ରୁ ଡେଇଁ ଜୀବନ ବଞ୍ଚାଇଛନ୍ତି। ଏମାନଙ୍କ ମଧ୍ୟରୁ ୧୦ ଜଣ ଆହତ ହୋଇଛନ୍ତି। ଏ ପର୍ଯ୍ୟନ୍ତ ୧୧ଟି ମୃତଦେହର ପରିଚୟ ମିଳିଥିବାବେଳେ ଅନ୍ୟମାନଙ୍କୁ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ପୁଲିସ ସୂଚନା ଅନୁଯାୟୀ ଏହି ବସ୍‌ରେ ପ୍ରାୟ ୩୯ ଯାତ୍ରୀ ହାଇଦରାବାଦ୍‌ରୁ ବେଙ୍ଗାଲୁରୁ ଯାଉଥିଲା। ଏନ୍‌ଏଚ୍ ୪୪ ପରେ ଏକ ବାଇକ୍ ବସ୍‌କୁ ଧକ୍କା ତଳେ ପଶି ଯାଇଥିଲା। ଏହା ତେଲ ଟାଙ୍କିରେ ମାଡ଼ ହେବାରୁ ଅଚାନକ ବସ୍‌ରେ ନିଆଁ ଲାଗିଯାଇଥିଲା। ଏଥିରେ ବାଇକ୍ ଚାଳକ ଶିବଶଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଏହାର ସୂଚନା ପାଇଁ ପୁଲିସ ଏବଂ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲା। ଏମର୍ଜେନ୍ସି ଗେଟ୍ ଭାଙ୍ଗି ବାହାରିଥିବା କିଛି ଲୋକଙ୍କ ଦେହରେ ନିଆଁ ଲାଗି ଯାଇଥିଲା। ସେମାନଙ୍କୁ କୁର୍ଣ୍ଣୁଲ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ବସ୍‌ରେ ଦୁଇଜଣ ଡ୍ରାଇଭରଙ୍କ ସହ ମୋଟ୍ ୪୧ ଜଣ ଥିଲେ ବୋଲି ସ୍ଥାନୀୟ ଜିଲ୍ଲାପାଳ ସୂଚନା ▶ପୃଷ୍ଠା-୭

# ନଭେମ୍ବରରୁ ଦେଶବ୍ୟାପୀ ଏସ୍‌ଆଇଆର୍

■ ନୂଆଦିଲ୍ଲୀ, ୨୪।୧୦ (ଏଜେନ୍ସି): ବିହାରରେ ହୋଇଥିବା ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର୍) କୁ ନେଇ ବିରୋଧୀ ପ୍ରବଳ ବିରୋଧ କରିଥିଲେ। ସଡ଼କ ଠାରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ପହଞ୍ଚି ଥିଲେ। ଏଥିରେ ଜାଲିଆତି କରାଯାଉଥିବା ଅଭିଯୋଗ କରିଥିଲେ। କିନ୍ତୁ, ଏବେ ନିର୍ବାଚନ କମିଶନ (ଇସି) ଏସଆଇଆରକୁ ସାରା ଦେଶରେ ଲାଗୁ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏହି ପ୍ରକ୍ରିୟା ଆସନ୍ତା ମାସରୁ ସାରା ଦେଶରୁ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଏସ୍‌ଆଇଆରର ଏହି ପ୍ରକ୍ରିୟା ଏଭଳି ଭାବେ କରାଯିବ ଯେ, ଆସନ୍ତାବର୍ଷ ମେ ମାସରେ ହେବାକୁ ଥିବା ବିଭିନ୍ନ ରାଜ୍ୟର ନିର୍ବାଚନ ବେଳକୁ ଏହା ସମ୍ପୂର୍ଣ୍ଣ ହୋଇଯିବ। ୨୦୨୬ ମାର୍ଚ୍ଚ ପର୍ଯ୍ୟନ୍ତ ସବୁ ରାଜ୍ୟରେ ନୂଆ ଭୋଟର ତାଲିକା ପ୍ରସ୍ତୁତ କରିବା ନେଇ ଯୋଜନା ରହିଛି। ସବୁ ରାଜ୍ୟର ନିର୍ବାଚନ ଅଧିକାରୀଙ୍କୁ ଆଧାର କାର୍ଡକୁ ଦ୍ୱାଦଶ ପ୍ରମାଣପତ୍ର ଭାବେ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



୨୦୨୬ ସୁଦ୍ଧା କେରଳ, ପୁଡୁଚେରୀ, ତାମିଲନାଡୁ, ପଶ୍ଚିମବଙ୍ଗ, ଆସାମ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ତେଣୁ ନିର୍ବାଚନ ପୂର୍ବରୁ ଏହି ରାଜ୍ୟଗୁଡିକରେ ଏସ୍‌ଆଇଆର କାର୍ଯ୍ୟ ଶେଷ କରିବାକୁ କମିଶନ ଲକ୍ଷ୍ୟ ରଖିଛନ୍ତି। ଭୋଟର ତାଲିକାରେ ଦ୍ୱୈତ ଭୋଟର ଅର୍ଥାତ ଦୁଇଟି ସ୍ଥାନରେ ପରିଚୟ ପତ୍ର ଥିବା ବ୍ୟକ୍ତିଙ୍କୁ ହଟାଇବା ସହ ଭୋଟର ଭାରତୀୟ ନାଗରିକ ହେବା ନେଇ ନିଶ୍ଚିତ କରିବା ଲକ୍ଷ୍ୟରେ ଏସ୍‌ଆଇଆର୍ ଲାଗୁ କରାଯିବ ବୋଲି କମିଶନ କହିଛନ୍ତି। ଉଲ୍ଲେଖଥାଉ କି, ଦୁଇ ଦଶନ୍ଧି ପରେ ଏସ୍‌ଆଇଆର ଲାଗୁ କରାଯାଉଛି। ଦେଶରେ ଚାଲିଥିବା ବ୍ୟାପକ ସହରୀକରଣ ଓ ଅନୁପ୍ରବେଶ ବୃଦ୍ଧି ପାଇବା କାରଣରୁ ଏସ୍‌ଆଇଆର ଲାଗୁ କରାଯିବାର ଆବଶ୍ୟକତା ସୃଷ୍ଟି ହୋଇଛି ବୋଲି କମିଶନ ହୃଦୟଙ୍ଗମ କରିଛନ୍ତି।

ଆନ୍ଧ୍ର ପ୍ରଦେଶରେ ୨୦୦୩-୦୪ରେ ୫.୫ କୋଟି ଭୋଟର ଥିବାବେଳେ ଏବେ ସଂଖ୍ୟା ୬.୬ କୋଟିରେ ପହଞ୍ଚି ଯାଇଛି। ଉତ୍ତର ପ୍ରଦେଶରେ ୨୦୦୩ରେ ୧୧.୫ କୋଟି ଭୋଟର ଥିଲେ। ମାତ୍ର ଏବେ ଏହା ୧୫.୯ କୋଟିକୁ ବୃଦ୍ଧି ▶ପୃଷ୍ଠା-୭

## ପୀତବାସ ହତ୍ୟା ମାମଲା

# ବିକ୍ରମଙ୍କ ପାଇଁ ମାମଲା ଲଢ଼ିବେ ୫୪ ଆଇନଜୀବୀ

### ପୁଲିସର ତରବରିଆ ପଦକ୍ଷେପ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା: ଆଇନଜୀବୀ

■ ବ୍ରହ୍ମପୁର, ୨୪।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ପୁଲିସ ଗିରଫ କରିଥିବା ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ପକ୍ଷରୁ ମାମଲା ଲଢ଼ିବେ ୫୪ ଜଣ ଆଇନଜୀବୀ। ସ୍ୱତଃପ୍ରବୃତ୍ତ ଭାବରେ ଏହି ଆଇନଜୀବୀମାନେ ମାମଲା ଲଢ଼ିବାକୁ ଅଦାଲତରେ ୱକାଲତନାମା ଦାଖଲ କରିଛନ୍ତି। ପୀତବାସ ପଣ୍ଡାଙ୍କ ପରି ଜଣେ ବରିଷ୍ଠ ଓକିଲ ତଥା ରାଜ୍ୟ ପରିଷଦର ସଦସ୍ୟଙ୍କ ହତ୍ୟା ଘଟଣାକୁ ଏହି ଆଇନଜୀବୀମାନେ ନିନ୍ଦା କରିବା ସହ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ପ୍ରଦାନ ପାଇଁ ଦାବି କରିଛନ୍ତି; ମାତ୍ର ଯେଉଁପରି ଅନ୍ୟାୟ ଭାବରେ ବିକ୍ରମ ପଣ୍ଡାଙ୍କୁ ଏହି ମାମଲାରେ ଗିରଫ କରାଯାଇଛି ତାହାକୁ ସେମାନେ ଗ୍ରହଣ କରିପାରୁ ନାହାନ୍ତି । ଏଥିନିମନ୍ତେ ବିକ୍ରମଙ୍କ ପକ୍ଷରୁ ସେମାନେ ମାମଲା ଲଢ଼ିବାକୁ ▶ପୃଷ୍ଠା-୭

## ଫକୀରମୋହନ କଲେଜ ଛାତ୍ରୀ ଆତ୍ମଦାହ ଘଟଣାରେ ୟୁଜିସି ରିପୋର୍ଟ

# କଲେଜ କର୍ତ୍ତୃପକ୍ଷ ଦାୟୀ

■ ଭୁବନେଶ୍ୱର, ୨୪।୧୦ (ସମିସ): ବାଲେଶ୍ୱରସ୍ଥିତ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣାରେ କଲେଜ କର୍ତ୍ତୃପକ୍ଷଙ୍କ ଘୋର ଅବହେଳାକୁ ଦାୟୀ କରିଛି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ବା ୟୁଜିସି। କଲେଜ ଅଧ୍ୟକ୍ଷଙ୍କ ଖାମଖିଆଲି ମନୋଭାବ, କଲେଜ ପ୍ରଶାସନ ଦ୍ୱାରା ବାରମ୍ବାର ଯୌନ ନିର୍ଯାତନା ଅଭିଯୋଗର ସମାଧାନ କରିବାରେ ଗମ୍ଭୀର ତ୍ରୁଟି, ଘୋର ଅବହେଳା ଏବଂ ସମ୍ବେଦନହୀନତା ଥିବା ୟୁଜିସିର ୪ ଜଣିଆ ତଦନ୍ତକାରୀ କମିଟି ତାର ରିପୋର୍ଟରେ ଉଲ୍ଲେଖ କରିଛି। ସବୁଠାରୁ ସମ୍ବେଦନଶୀଳ ବିଷୟ ହେଲା ଯୌନ ନିର୍ଯ୍ୟାତନା ପରି ଅଭିଯୋଗକୁ "ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ' ଦର୍ଶାଇ ଛାତ୍ରୀଙ୍କ ଅଭିଯୋଗକୁ ଅଧ୍ୟକ୍ଷ ଖାରଜ କରି ଦେଇଥିବା କମିଟି ଦର୍ଶାଇଛି।

ରିପୋର୍ଟ ଅନୁଯାୟୀ ବିଭାଗୀୟ ମୁଖ୍ୟ ଅଧ୍ୟାପକ ସମୀର କୁମାର ସାହୁ ସୌମ୍ୟାଶ୍ରୀଙ୍କୁ "ଫେବର୍' ମାଗୁଥିବା ନେଇ ଜୁଲାଇ ୧ ତାରିଖରେ ଅଭିଯୋଗ ହୋଇଥିଲା। ଯଦି ଅଧ୍ୟାପକଙ୍କ କଥାରେ ରାଜି ନ ହୁଅନ୍ତି, ତାହେଲେ ତାଙ୍କ ଶୈକ୍ଷିକ କ୍ୟାରିୟରକୁ ନଷ୍ଟ କରିଦେବେ ବୋଲି ଧମକ ଦେଇଥିବା ଅଭିଯୋଗରେ ଦର୍ଶାଇଥିଲେ। ମାତ୍ର ଛାତ୍ରୀଙ୍କ ଅଭିଯୋଗ ପଛରେ ରାଜନୈତିକ ଉଦ୍ଦେଶ୍ୟ ଥିବା ଦର୍ଶାଇ ଅଧ୍ୟକ୍ଷ ତାକୁ ଖାରଜ କରିଦେଇଥିଲେ। ଏହାପରେ ମଧ୍ୟ ସମାନ ଅଭିଯୋଗ ନେଇ ବାରମ୍ବାର ଅଧ୍ୟକ୍ଷଙ୍କୁ ଅଭିଯୋଗ କରିଛନ୍ତି। କୌଣସି ପଦକ୍ଷେପ ନ ନେବାରୁ ଶେଷରେ ନିଜ ▶ପୃଷ୍ଠା-୭

## ଜେଲ୍‌ରୁ ବାହାରିଲେ ଦୁଇ ଅଭିଯୁକ୍ତ

■ ବାଲେଶ୍ୱର, ୨୪।୧୦ (ସମିସ): ବହୁଚର୍ଚ୍ଚିତ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ମାମଲାରେ ଗିରଫ ଦୁଇ ଅଭିଯୁକ୍ତ ଆଜି ଜେଲ୍‌ରୁ ବାହାରିଛନ୍ତି। ସେମାନେ ହେଲେ, ଶୁଭ୍ରସମ୍ବିତ ନାୟକ ଓ ଜ୍ୟୋତିପ୍ରକାଶ ବିଶ୍ୱାଳ। ସୌମ୍ୟାଶ୍ରୀଙ୍କୁ ଆତ୍ମାହୁତି ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଦୁହିଁଙ୍କୁ ଗିରଫ କରାଯାଇଥିଲା। ଗତ ୨୨ ତାରିଖରେ ହାଇକୋର୍ଟରୁ ଦୁହିଁଙ୍କୁ ଜାମିନ ମିଳିଥିଲା। ଅନ୍ୟପଟେ ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକ ସମୀର ସାହୁ ଓ କଲେଜ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କ ଜାମିନ ଖାରଜ କରିଥିଲେ ହାଇକୋର୍ଟ। ୮୪୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ ପରେ ସାନି ଜାମିନ ଆବେଦନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା।





## ଡିଜିପିଙ୍କ ପୁଅ ମୃତ୍ୟୁ ମାମଲା: ନୋଟିସ ସତ୍ତ୍ୱେ ଯାଞ୍ଚରେ ସାମିଲ ହେଲାନି ପରିବାର



ଚଣ୍ଡିଗଡ଼, ୨୪।୧୦ (ଏଜେନ୍ସି): ପଞ୍ଜାବର ପୂର୍ବତନ ଡିଜିପି ମହମ୍ମଦ ମୁସ୍ତଫାଙ୍କ ପୁଅ ଅକିଲ ଅଖ୍ତାର ମୃତ୍ୟୁ ମାମଲା ରହସ୍ୟ ଘେରରେ ରହିଛି। ପୁଅ ଭିଡିଓ ଜାରି କରି ନିଜ ମୃତ୍ୟୁ ପାଇଁ ବାପା, ପତ୍ନୀ ସମେତ ପରିବାର ସଦସ୍ୟଙ୍କୁ ଦୋଷ ଦେଇଥିବାବେଳେ ଘରର ସଦସ୍ୟ ଏହାକୁ ଖାରଜ କରିଦେଇଛନ୍ତି। ଏହା ଉପରୁ ପରଦା ଉଠିପାରି ନ ଥିବାବେଳେ ଏହି ମାମଲାକୁ ସିବିଆଇକୁ ହସ୍ତାନ୍ତର କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତି କରୁଛନ୍ତି। ଏ ନେଇ କେନ୍ଦ୍ରକୁ ଚିଠି ଲେଖାଯାଇଛି। ତେବେ ସିବିଆଇ ପକ୍ଷରୁ ଏ ନେଇ କୌଣସି ଉତ୍ତର ଦିଆଯାଇ ନାହିଁ। ଅନ୍ୟପଟେ ପୁଅ ମୃତ୍ୟୁରେ ପରିବାର କୌଣସି ଦୋଷ ନାହିଁ ଏବଂ ସେ ନିଶାସକ୍ତ ଥିଲା ବୋଲି ଡିଜିପି ବାପା କହିଛନ୍ତି। ତେବେ ନୋଟିସ ସତ୍ତ୍ୱେ ତାଙ୍କ ପରିବାର ଯାଞ୍ଚରେ ସହଯୋଗ କରିନାହାନ୍ତି। ଜେରା ପାଇଁ ପୁଲିସ ନିକଟରେ ହାଜର ହୋଇନାହାନ୍ତି। ଡିଜିପି, ତାଙ୍କ ପତ୍ନୀ ତଥା ପୂର୍ବତନ ମନ୍ତ୍ରୀ ରେଜିଆ ସୁଲ୍ତାନା, ତାଙ୍କ ଝିଅ ଏବଂ ଅକିଲଙ୍କ ପତ୍ନୀଙ୍କ ବିରୋଧରେ ହତ୍ୟା ଷଡ଼ଯନ୍ତ୍ର ମାମଲା ରୁଜୁ ହୋଇଛି। କିନ୍ତୁ ଏ ପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନାହିଁ। ମୁସ୍ତଫା କହିଛନ୍ତି ଯେ ଏହି ମାମଲା ସିବିଆଇ ହାତକୁ ଯିବ ବୋଲି ସେ ଦୁଇ ଦିନ ହେଲା ଜାଣିଛନ୍ତି। ଏଥିରେ ଆମର କୌଣସି ସମସ୍ୟା ନାହିଁ। ଯାଞ୍ଚରେ ସହଯୋଗ କରିବାକୁ ପ୍ରସ୍ତୁତ ଅଛି। ଶନିବାର ପୁଅ ପାଇଁ ଶ୍ରଦ୍ଧାଞ୍ଜଳି ସଭା ରଖାଯାଇଛି। ଏହା ପରେ ସବୁ ପ୍ରଶ୍ନର ଉତ୍ତର ଦିଆଯିବ। ଏହା ମଧ୍ୟରେ ମାମଲାର ତଦନ୍ତ କରୁଥିବା ଏସଆଇଟି ପଟିଆଲାର ନିଶାମୁକ୍ତି କେନ୍ଦ୍ର ଯାଇ ତଦନ୍ତ କରିଛି। ଡିଜିପିଙ୍କ ପୁଅ ଏଠାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସେହିପରି ଡିଜିପିଙ୍କ ଘରେ କାମ କରୁଥିବା ଚାକରଙ୍କ ବୟାନ ରେକର୍ଡ କରାଯାଇଛି।

## ବିଜ୍ଞାପନ ଗୁରୁ ପୀୟୂଷ ପାଣ୍ଡେଙ୍କ ପରଲୋକ



ମୁମ୍ବଇ, ୨୪।୧୦ (ଏଜେନ୍ସି): ବିଜ୍ଞାପନ ତଥା ଆଡଗୁରୁ ଭାବେ ପ୍ରସିଦ୍ଧି ଅର୍ଜନ କରିଥିବା ପଦ୍ମଶ୍ରୀ ପୀୟୂଷ ପାଣ୍ଡେଙ୍କ ପରଲୋକ ହୋଇଛି। ସେ ୭୦ ବର୍ଷ ବୟସରେ ମୁମ୍ବଇରେ ଶୁକ୍ରବାର ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଏ ପର୍ଯ୍ୟନ୍ତ ତାଙ୍କ ମୃତ୍ୟୁର କାରଣ ଜଣା ପଡ଼ିନାହିଁ। ତେବେ ସେ ସଂକ୍ରମଣର ଶିକାର ହୋଇଥିଲେ ବୋଲି କୁହାଯାଉଛି। ମୁମ୍ବାଇର ଶିବାଜୀ ପାର୍କରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ପାଣ୍ଡେଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ହିଁ 'ଅବକି ବାର ମୋଦୀ ସରକାର'ର ସ୍ଲୋଗାନ ଲେଖିଥିଲେ। ୯୦ ଦଶକରେ ଦୂରଦର୍ଶନରେ ପ୍ରସାରିତ 'ମିଲେ ଶୁର ମେରା ତୁହ୍ମାରା' ଗୀତ ଲେଖି ସବୁଠି ପରିଚିତ ହୋଇଥିଲେ। ମାତ୍ର ୨୭ ବର୍ଷ ବୟସରୁ ବିଜ୍ଞାପନ ଜଗତ ସହ ଜଡିତ ଥିବା ଦିବଂଗତ ପାଣ୍ଡେ ୪ ଦଶନ୍ଧିର କ୍ୟାରିୟରରେ ଫେବିକଲର 'ଜୋଡ ତୋଡ ନେହିଁ ସକ୍ତା', ଏସିଆନ ପେଣ୍ଟସର 'ହର ଘର କୁଛ୍ କହତାହେ', କାଡବରୀ ପାଇଁ 'କୁଛ ଖାସ୍ ହେ', ପୋଲିଓର 'ଦୋ ବୁନ୍ଦ ଜୀନ୍ଦେଗୀ କି' ଭଳି ଲୋକପ୍ରିୟ ବିଜ୍ଞାପନ ପାଇଁ ସ୍ଲୋଗାନ ଲେଖିଥିଲେ। ହୋଇଥିଲେ। ୧୯୫୫ରେ ରାଜସ୍ଥାନର ଯୋଧପୁରରେ ଜନ୍ମିତ ପୀୟୂଷ ୧୯୮୨ରେ ନ୍ୟୁୟର୍କ ସ୍ଥିତ ବିଜ୍ଞାପନ, ମାର୍କେଟିଂ ତଥା ପବ୍ଲିକ ରିଲେସନ ଏଜେନ୍ସି ଓଗିଲଭିରେ ଯୋଗ ଦେଇଥିଲେ। ସନଲାଇଟ୍ ଡିଟର୍ଜେଣ୍ଟ ପାଇଁ ସେ ପ୍ରଥମ ବିଜ୍ଞାପନ ଲେଖିଥିଲେ। ତାଙ୍କ ନେତୃତ୍ୱରେ ଓଗିଲଭି ଇଣ୍ଡିଆ ଦୀର୍ଘ ୧୨ ବର୍ଷଧରି ନଂ ୧ ଏଜେନ୍ସିର ମାନ୍ୟତା ହାସଲ କରିଥିଲା। ତାଙ୍କୁ ୨୦୧୬ରେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସେ ମଧ୍ୟ ଅଭିନୟରେ ସଫଳତା ଅର୍ଜନ କରିଥିଲେ। ୨୦୧୩ରେ ଜନ ଆବ୍ରାହାମ ଅଭିନୀତ ମାଡ୍ରାସ କେଫ୍ ଓ ମେଜିକ ପେନସିଲ ପ୍ରୋଜେକ୍ଟରେ ଅଭିନୟ କରିଥିଲେ। ସେ ମଧ୍ୟ 'ଭୋପାଳ ଏକ୍ସପ୍ରେସ୍' ପାଇଁ ସଂଳାପ ଲେଖିଥିଲେ।

## ଦିଲ୍ଲୀରେ ଏବେ ମହିଳା ନାଇଟ୍ ସିଫ୍ଟ କରିପାରିବେ

ନୂଆଦିଲ୍ଲୀ, ୨୪।୧୦(ଏଜେନ୍ସି): ଦିଲ୍ଲୀରେ ଏବେ ମହିଳା କର୍ମଚାରୀ ଦୋକାନ ଓ ଅଫିସ୍‌ରେ ରାତିରେ ଅର୍ଥାତ ନାଇଟ ସିଫ୍ଟରେ କାର୍ଯ୍ୟ କରିପାରିବେ। ଦିଲ୍ଲୀ ସରକାର ଗୁରୁବାର ନୋଟିଫିକେସନ ଜାରିକରି ଆନୁଷ୍ଠାନିକ ଭାବେ ଅନୁମତି ପ୍ରଦାନ କରିଛନ୍ତି। ତେବେ ଏଥିପାଇଁ ମହିଳା କର୍ମଚାରୀଙ୍କୁ ଲିଖିତ ଭାବେ ସହମତି ପ୍ରଦାନ କରିବାକୁ ହେବ ବୋଲି ସରକାରଙ୍କ ତରଫରୁ ସ୍ପଷ୍ଟ କରାଯାଇଛି। ମହିଳା କର୍ମଚାରୀ ମାନେ ଓଭର ଟାଇମ୍ କଲେ ସାମାନ୍ୟଠାରୁ ଦୁଇଗୁଣା ପାଉଣା ପାଇବେ। ସେହିପରି ସାପ୍ତାହିକ କାର୍ଯ୍ୟର ଅଧିକତମ ସମୟ ନିର୍ଘଣ୍ଟକୁ ୪୮ ଘଣ୍ଟାରେ ସୀମିତ ରଖାଯାଇଛି। ଏଥିସହ ସବୁ ପ୍ରତିଷ୍ଠାନଗୁଡିକୁ ଇଣ୍ଟରନାଲ କମ୍ପେଲଣ୍ଟ କମିଟି (ଆଇସିସି) ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମହିଳାମାନେ ନାଇଟ୍ ସିଫ୍ଟରେ କାର୍ଯ୍ୟ କରିବା ନେଇ ପ୍ରସ୍ତାବକୁ ଚଳିତବର୍ଷ ପ୍ରାରମ୍ଭରେ ଉପ-ରାଜ୍ୟପାଳ ଭିକେ ସାକସେନା ମଞ୍ଜୁରି ପ୍ରଦାନ କରିଥିଲେ। ଏହାପରେ ଶ୍ରମ ବିଭାଗ ଦିଲ୍ଲୀ ସପ୍ସ ଆଣ୍ଡ ଏଷ୍ଟାବ୍ଲିସମେଣ୍ଟ ଆକ୍ଟରେ ଦୁଇଟି ନୂଆ ନିୟମ ଯୋଡିଥିଲେ। ମହିଳାଙ୍କୁ ରାତିରେ କାର୍ଯ୍ୟକରିବାକୁ ଅନୁମତି ଦେବା ନେଇ କେତୋଟି ସର୍ତ୍ତ ମଧ୍ୟ ରଖାଯାଇଛି। ମହିଳାଙ୍କ ସୁରକ୍ଷା ଓ ନିରାପତ୍ତାକୁ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଛି।

## ଆଇଏସ୍ ଆତଙ୍କବାଦୀ ଗିରଫ

ଭୋପାଳ, ୨୪।୧୦(ଏଜେନ୍ସି): ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରୁ ଜଣେ ଆଇଏସ୍ଆଇଏସ୍ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ଏହି ଆତଙ୍କବାଦୀଙ୍କୁ ଗିରଫ କରିଛି। ସେହିପରି ଦିଲ୍ଲୀର ସାଦିକ ନଗରରେ ଆଉ ଜଣେ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ଏହି ଦୁଇଜଣ ସାଥି ହୋଇ ଜନଗହଳି ଅଞ୍ଚଳରେ ଆଇଇଡି ବିସ୍ଫୋରଣ ଘଟାଇବାକୁ ଯୋଜନା କରୁଥିଲେ। ଏହି ଦୁଇ ଆତଙ୍କବାଦୀଙ୍କ ନାମ ଆଦନାନ ବୋଲି ପୁଲିସ କହିଛି। ଏହି ଦୁଇଜଣଙ୍କୁ ଆତ୍ମଘାତୀ ଆକ୍ରମଣ ପାଇଁ ଟ୍ରେନିଂ ଦିଆଯାଉଥିଲା ଓ ଦିଲ୍ଲୀ ହିଁ ଏମାନଙ୍କ ଟାର୍ଗେଟରେ ଥିଲା। ଏବେ ଦୁଇଜଣଙ୍କୁ ଦିଲ୍ଲୀ ପୁଲିସ ପଚରାଉଚରା କରୁଛି। ଜମି କିଣିବା ସହ ସେଠାରେ ନିଜର କାର୍ଯ୍ୟକଳାପ ପାଇଁ କେନ୍ଦ୍ର ସ୍ଥାପନ କରିବା ଏହି ଆତଙ୍କବାଦୀଙ୍କର ଲକ୍ଷ୍ୟ ଥିଲା। ଅସ୍ତ୍ର ତିଆରି କରିବା ପାଇଁ ମଧ୍ୟ ଏମାନେ ପାଣ୍ଠି ଯୋଗାଡ଼ କରୁଥିଲେ। ଅକ୍ଟୋବର ୧୮ରେ ଆଦନାନକୁ ଭୋପାଳର ନିଶାତପୁରରୁ ଗିରଫ କରାଯାଇଥିଲା ଓ ତାଠାରୁ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିଲା।

## ଜଣକ ପାଖରୁ ୨୫୦ ଭୋଟ ପରିଚୟପତ୍ର ଜବତ

ନଦିଆ, ୨୪।୧୦(ଏଜେନ୍ସି): ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରେ ଜଣେ ବ୍ୟକ୍ତିଙ୍କଠାରୁ ୨୫୦ଟି ଭୋଟ ପରିଚୟ ପତ୍ର ମିଳିଛି। ରାଜ୍ୟରେ ନିର୍ବାଚନ କମିଶନ ସ୍ପେଶିଆଲ ଇଣ୍ଟେନସିଭ ରିଭିଜନ (ଏସ୍ଆଇଆର) ଲାଗୁ କରିବା ପୂର୍ବରୁ ଏଭଳି ଘଟଣା ସାମ୍ନାକୁ ଆସିଛି। ପୁଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହି ବ୍ୟକ୍ତିଙ୍କ ଘର ହୁଗୁଳି ଜିଲ୍ଲାରେ। ସେ ନଦିଆର କଲ୍ୟାଣୀ ଅଞ୍ଚଳରେ ଥିବା ନିଜ ଭଉଣୀଙ୍କ ଘରକୁ ବୁଲି ଆସିଥିଲେ। ରାସ୍ତା କଡ଼ରେ ଥିବା ବୁଦା ନିକଟରେ ସେ ଏହି ଭୋଟ ପରିଚୟ ପତ୍ର ପାଇଥିଲେ ଓ ଏହାକୁ ପାଖରେ ରଖିବାକୁ ନିଷ୍ପତ୍ତି ନେଇଥିଲି ବୋଲି ସେ କହିଛନ୍ତି।

# ଟିଟିପି କବ୍ଜାରେ ପାକିସ୍ତାନର ଖୈବର ପଖତୁନଖ୍ୱା

ଇସଲାମାବାଦ, ୨୪।୧୦ (ଏଜେନ୍ସି): ପଡ଼ୋଶୀ ଦେଶକୁ ଆତଙ୍କବାଦୀ ପଠାଇ ଅସ୍ଥିରତା ସୃଷ୍ଟି କରୁଥିବା ପାକିସ୍ତାନ ଏବେ ନିଜେ ଏହି ଜାଲରେ ଫସି ଯାଇଛି। ପାକିସ୍ତାନ ସେନା ଏବଂ ସରକାରଙ୍କ ପାଇଁ ମୁଣ୍ଡବିନ୍ଧା ସୃଷ୍ଟି କରିଥିବା ତେହରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି) ବଡ଼ ପଦକ୍ଷେପ ନେଇଛି। ଆଫଗାନିସ୍ତାନ ସୀମାକୁ ଲାଗି ରହିଥିବା ପାକିସ୍ତାନର ଖୈବର ପଖତୁନଖ୍ୱା ପ୍ରଦେଶକୁ ଏହି ସଂଗଠନ କବ୍ଜା କରିନେଇଛି। ସେନା ଏବଂ ଟିଟିପି ମଧ୍ୟରେ ଯୁଦ୍ଧକ୍ଷେତ୍ର ପାଲଟି ଥିବା ଖୈବର ପଖତୁନଖ୍ୱା ଉପରୁ ପାକିସ୍ତାନ ନିୟନ୍ତ୍ରଣ ହରାଇବାରେ ଲାଗିଛି। ଏଠାକାର ସିଂହ ଭାଗ ଜିଲ୍ଲାକୁ ଟିଟିପି ଏବଂ ଏହାର ସହଯୋଗୀ ଗୋଷ୍ଠୀ କବ୍ଜା କରିନେଲାଣି। ଏଠାରେ ନିଜ ସ୍ଥିତିକୁ ଦୃଢ଼ କରିଚାଲିଛି। ଗୁଇନ୍ଦା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏବେ ଜେନେରାଲ ଅସିମ ମୁନୀରଙ୍କ ସେନା ଖୈବର ପଖତୁନଖ୍ୱାରେ ପ୍ରବେଶ କରିବାକୁ ଭୟ କରୁଛି। ପାକିସ୍ତାନ ଏବଂ ଆଫଗାନିସ୍ତାନ ସୀମା ତଥା ଡୁରଣ୍ଡ ଲାଇନକୁ ଲାଗି ରହିଥିବା ଖୈବର, କୁରମ, ଉତ୍ତର ଏବଂ ଦକ୍ଷିଣ ବଜିରସ୍ତାନ ଯିବାକୁ ପାକିସ୍ତାନ ସେନା ସାହସ କରିପାରୁ ନାହିଁ। ଏହି ସବୁ ଅଞ୍ଚଳକୁ ଟିଟିପି କବ୍ଜା କରି ଚେକ୍ ପଏଣ୍ଟ ଆରମ୍ଭ କରିଦେଇଛି।



ରିପୋର୍ଟ ଅନୁଯାୟୀ ଟିଟିପି ସଦସ୍ୟ ଖୈବର ପ୍ରଦେଶର ଆଦିବାସୀ ବହୁଳ ଜିଲ୍ଲାଗୁଡିକରେ ବିଭିନ୍ନ ସ୍ଥାନରେ ଚେକ୍ ପଏଣ୍ଟ ପ୍ରସ୍ତୁତ କରିଛି। ଏହାକୁ ରୋକିବାରେ ପାକିସ୍ତାନ ସେନା ବିଫଳ ହୋଇଛି। ଏହି ସବୁ ଅଞ୍ଚଳରେ ପେଶାୱର-ଖୈବର ରୋଡ, ହାଙ୍ଗୁ-କୁରମ କରିଡର, ବନ୍ନୁ-ଡେରା ଇସମାଇଲ ଖାନ ରାସ୍ତା ସାମିଲ ରହିଛି। ଏଠାରେ ଆତଙ୍କବାଦୀ ସଂଗଠନ ଟିଟିପିର ସଦସ୍ୟ ଗାଡ଼ି ଯାଞ୍ଚ କରୁଛନ୍ତି। ପରିଚୟ ପତ୍ର ଦେଖି ଲୋକଙ୍କୁ ଛାଡୁଛନ୍ତି। ଏହା ସହିତ ଜିହାଦ ପାଇଁ ଚାନ୍ଦା ମଧ୍ୟ ଆଦାୟ କରୁଛନ୍ତି। ଟିଟିପିର ଗଣମାଧ୍ୟମ ଶାଖା ଏହାର ଭିଡିଓ ଜାରି କରିଛି। ଏଥିରେ ସଦସ୍ୟ କେମିତି ଗାଡ଼ି ଯାଞ୍ଚ କରୁଛନ୍ତି ତାହା ଦେଖିବାକୁ ମିଳୁଛି। ଏହା ସହିତ ପାକିସ୍ତାନ ସେନାକୁ ଆହ୍ୱାନ ଦିଆଯାଇଛି। ଟିଟିପିର ଜଣେ ଆତହଙ୍କବାଦୀ ପାକିସ୍ତାନ ସେନାମୁଖ୍ୟଙ୍କୁ ଖୈବର ପଖତୁନଖ୍ୱା ଆସିବା ପାଇଁ ଆହ୍ୱାନ ଦେଇଛନ୍ତି। ଯଦି ମୁନୀର ପୁରୁଷ ଏବଂ ମାଆ କ୍ଷୀର ପିଇଛନ୍ତି ତେବ ଖୈବର ଆସି ଦେଖାନ୍ତୁ। ସେହିପରି ଟିଟିପି ସଦସ୍ୟ ଏବେ ଗାଁରୁ ବାହାରି ପେଶାୱରର ସହରୀ ଅଞ୍ଚଳରେ ଆକ୍ରମଣ କଲେଣି। ଆଦିବାସୀମାନେ ମଧ୍ୟ ଟିଟିପିକୁ ସହଯୋଗ କରୁଛନ୍ତି।

## ଜୈସରେ ୧୫୦୦ ଆତଙ୍କବାଦୀ ସାମିଲ

ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈସ-ଇ- ମହମ୍ମଦ ପୁଣିଥରେ ସକ୍ରିୟ ହେବା ଆରମ୍ଭ କରିଛି। ଏହି ସଂଗଠନ ପ୍ରଥମଥର ପାଇଁ ମହିଳା ବ୍ରିଗେଡ୍ 'ଜମାତ-ଅଲ- ମୋମିନାତ' ଆରମ୍ଭ କରିଛି। ଅକ୍ଟୋବର ୮ରୁ ସଂଗଠନ ପାଇଁ ଭର୍ତ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅନଲାଇନ୍‌ରେ ଏହି ଭର୍ତ୍ତି ପ୍ରକ୍ରିୟା ଆୟୋଜନ କରାଯାଇଥିଲା। ଖାସ୍ କରି ଯୁବ ଆତଙ୍କବାଦୀଙ୍କୁ ଏହି ସଂଗଠନରେ ସାମିଲ କରାଯାଉଛି। 'ଅପରେସନ ସିନ୍ଦୂର'ରେ ଭାରତ ପଞ୍ଜାବର ବାହବଲପୁରରେ ଥିବା ଜୈସର ଠିକଣାକୁ ଧ୍ୱଂସ କରି ଦେଇଥିଲା। କିନ୍ତୁ ଏବେ ପାକ୍ ସେନା ସହାୟତାରେ ଜୈସ ପୁଣି ସଂଗଠିତ ହେବାକୁ ଯାଉଛି। ଏବେ ପଞ୍ଜାବ ଓ ସିନ୍ଧ ପ୍ରଦେଶରୁ ୧୫୦୦ ଆତଙ୍କବାଦୀଙ୍କୁ ଜୈସରେ ସାମିଲ କରାଯାଇଛି ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ଏଥିସହ ପାକିସ୍ତାନର ବିଭିନ୍ନ ସହରରେ ଚାଲିଥିବା ମସଜିଦ ଓ ମାଦ୍ରାସାରୁ ପାଖାପାଖି ୧୦୦ କୋଟି ଟଙ୍କାର ଚାନ୍ଦା ସଂଗ୍ରହ କରାଯାଇଛି।

ଅପରେସନ ସିନ୍ଦୂରରେ ପଞ୍ଜାବ ରାଜ୍ୟର ଓ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ରେ ଥିବା ଆତଙ୍କବାଦୀ ଠିକଣାକୁ ଭାରତ ମିସାଇଲ ମାଡ଼ କରି ଧ୍ୱଂସ କରି ଦେଇଥିଲା। ଏହାକୁ ମରାମତି କରିବାକୁ ଜୈସ ଆତଙ୍କବାଦୀଙ୍କୁ ଭର୍ତ୍ତି କରିବା ବାହାନରେ ପାଣ୍ଠି ଯୋଗାଡ଼ କରୁଛି ବୋଲି କୁହାଯାଇଛି। ଜୈସ ଏବେ ପାକିସ୍ତାନର ବିଭିନ୍ନ ସହରଗୁଡିକରେ ୧୦୦ରୁ ଅଧିକ ସଭା ସମ୍ମିଳନୀ ଆୟୋଜନ କରିବ। ଏବେ ପିଓକେରେ ଆତଙ୍କବାଦୀ ନେଟ୍‌ୱର୍କ ପୁଣିଥରେ ଚାଲୁ କରିବା ସହ ଦୃଢ କରିବାକୁ ଜୈସ ଯୋଜନା କରୁଛି। ଜଣାଶୁଣା ଆତଙ୍କବାଦୀ ମାସୁଦ ଆଝାରର ଦୁଇ ଭଉଣୀ ସାଦିଆ ଓ ସେମେରା ଏହି ମହିଳାଙ୍କୁ ପ୍ରଶିକ୍ଷଣ ଦେବେ।

## ଜୁବିନ ଗର୍ଗ ମୃତ୍ୟୁ ମାମଲା: ୧୦ ଦିନ ମଧ୍ୟରେ ପ୍ରମାଣ ଦେବ ସିଙ୍ଗାପୁର ପୁଲିସ୍

ଗୌହାଟୀ, ୨୪।୧୦(ଏଜେନ୍ସି): ବଲିଉଡ୍ ତଥା ଆସାମ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ନେଇ ଚାଲିଥିବା ସସ୍‌ପେନ୍ସ ଜାରି ରହିଛି। ସିଙ୍ଗାପୁର ପୁଲିସ ଆଗାମୀ ୧୦ ଦିନ ମଧ୍ୟରେ ଜୁବିନଙ୍କ ମୃତ୍ୟୁ ନେଇ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଓ ଦସ୍ତାବିତ ଆସାମ ପୁଲିସର ସ୍ପେଶାଲ ଇନଭେଷ୍ଟିଗେସନ ଟିମ୍ (ଏସ୍ଆଇଟି)କୁ ଦେବ ବୋଲି ଆସାମ ପୁଲିସ ସୂଚନା ଦେଇଛି। ଏଥିରେ ସିସିଟିଭି ଫୁଟେଜ ଓ ସାକ୍ଷୀମାନଙ୍କ ବୟାନ ସାମିଲ ରହିଛି। ଏହି ମାମଲାରେ ସିଙ୍ଗାପୁର ପୁଲିସ ମଧ୍ୟ ସ୍ୱତନ୍ତ୍ର ଭାବେ ତଦନ୍ତ କରୁଛି। ଭାରତ ସରକାର ମଧ୍ୟ ତଦନ୍ତ ପାଇଁ ସିଙ୍ଗାପୁରଠାରୁ ଆନୁଷ୍ଠାନିକ ଭାବେ ସହଯୋଗ ମାଗିଥିଲେ। ଏବେ ଦୁଇଦେଶର ତଦନ୍ତକାରୀ ସଂସ୍ଥା ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ଆସାମ ପୁଲିସ ତରଫରୁ କୁହାଯାଇଛି। ଏପର୍ଯ୍ୟନ୍ତ ୭୦ଜଣଙ୍କ ବୟାନ ରେକର୍ଡ କରାଯାଇ ସାରିଛି। ଉଲ୍ଲେଖଥାଉ କି, ସେପ୍ଟେମ୍ବର ୧୯ରେ ଜୁବିନ ସିଙ୍ଗାପୁରରେ ସ୍କୁବା ଡାଇଭିଂ କରିବା ଅସବରରେ ସମୁଦ୍ର ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିଲେ। ସେହି ସମୟରେ ବୋଟ୍‌ରେ ତାଙ୍କ ସହ ୧୭ ଜଣ ଲୋକ ଥିଲେ। ନର୍ଥ ଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲରେ ଯୋଗ ଦେବାକୁ ସେ ସିଙ୍ଗାପୁର ଯାଇଥିଲେ। ଏହି ମାମଲାରେ ଏପର୍ଯ୍ୟନ୍ତ ୭ ଜଣ ଲୋକଙ୍କୁ ଗିରଫ କରାଯାଇଛି।

## ମହାରାଷ୍ଟ୍ରରେ ଡାକ୍ତରାଣୀଙ୍କ ଆତ୍ମହତ୍ୟା; ପାପୁଲିରେ ସୁଇସାଇଡ୍ ନୋଟ



ସତାରା, ୨୪।୧୦(ଏଜେନ୍ସି): ମହାରାଷ୍ଟ୍ରର ସତାରାର ଫଲଟାନ ଜିଲ୍ଲା ହସ୍ପିଟାଲରେ ଜଣେ ମହିଳା ଡାକ୍ତର ଆତ୍ମହତ୍ୟା କରିଛନ୍ତି। ମୃତ ଡାକ୍ତରାଣୀ ହେଉଛନ୍ତି ସମ୍ପଦା ମୁଣ୍ଡେ। ନିଜ ପାପୁଲିରେ ସେ ସୁସାଇଡ୍ ନୋଟ ଲେଖିଛନ୍ତି। ଏଥିରେ ସେ ପୁଲିସ ସବ ଇନିସପେକ୍ଟର ଗଣେଷ ବଡନେ ତାଙ୍କୁ ୪ଥର ଦୁଷ୍କର୍ମ କରିଥିବାର ଅଭିଯୋଗ କରିଛନ୍ତି। ସମ୍ପଦା ଓ ଜିଲ୍ଲା ପୁଲିସ ମଧ୍ୟରେ ଏକ ମେଡିକାଲ ପରୀକ୍ଷାକୁ ନେଇ ପୂର୍ବରୁ ବିବାଦ ଥିଲା। ଏସ୍ଆଇ ଗଣେଷଙ୍କୁ ବାଦ୍ ଦେଲେ ସେ ଆଉ ଜଣେ ପୁଲିସ କର୍ମୀ ପ୍ରଶାନ୍ତ ବାଙ୍କର ବିରୋଧରେ ଶାରିରୀକ ଓ ମାନସିକ ନିର୍ଯାତନା ଦେବାର ଅଭିଯୋଗ କରିଛନ୍ତି। ଏହି ମାମଲାରେ ନିରପେକ୍ଷ ଯାଞ୍ଚ୍ କରାଯିବ ଓ ଦୋଷୀଙ୍କୁ କଠୋର ଦଣ୍ଡ ଦିଆଯିବ ବୋଲି ସ୍ଥାନୀୟ ମନ୍ତ୍ରୀ ଶମ୍ଭୁରାଜ ଦେଶାଇ କହିଛନ୍ତି। ଏହି ଘଟଣା ସାମ୍ନାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍‌ଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ଗଣେଷଙ୍କୁ ସସ୍‌ପେଣ୍ଡ କରାଯାଇଛି। ଏହି ମାମଲାରେ ସମ୍ପଦା ପୁଲିସ ବିଭାଗ ତରଫରୁ ହେଉଥିବା ନିର୍ଯାତନା ନେଇ ଏକାଧିକବାର ନିଜ ବରିଷ୍ଠ ଡାକ୍ତରଙ୍କ ନିକଟରେ ଅଭିଯୋଗ କରିଥିଲେ। ମୋ ସହିତ ଖରାପ ବ୍ୟବହାର କରାଯାଉଛି। ଯଦି ମୋ କଥା ଶୁଣା ଯିବନି ତେବେ ଆତ୍ମହତ୍ୟା କରିବି ବୋଲି ସମ୍ପଦା ଏକାଧିକବାର କହିଥିଲେ। ସମ୍ପଦା ମହାରାଷ୍ଟ୍ରର ବିଡ୍‌ରେ ରହୁଥିଲେ ଓ ଫଲଟାନ ଜିଲ୍ଲା ହସ୍ପିଟାଲରେ କାର୍ଯ୍ୟ କରୁଥିଲେ। ଏକ ପୁରୁଣା ମେଡିକାଲ ଯାଞ୍ଚ୍ କାରଣରୁ ସମ୍ପଦାଙ୍କ ଉପରେ ପ୍ରବଳ ଚାପ ପକାଯାଉଥିଲା ଓ ମାନସିକ ଦୁଶ୍ଚିନ୍ତା ଦେଇ ଗତି କରୁଥିଲେ। ମହାରାଷ୍ଟ୍ର ମହିଳା କମିଶନ ମଧ୍ୟ ଏହି ମାମଲାକୁ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି ଓ ଏ ନେଇ ନିରପେକ୍ଷ ଭାବେ ତଦନ୍ତ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ମହିଳାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି। ଏହି ମାମଲା ନେଇ ମହରାଷ୍ଟ୍ରରେ ରାଜନୀତି ମଧ୍ୟ ଆରମ୍ଭ ହୋଇଛି। ବିଜେପି ନେତୃତ୍ୱାଧିନ ମହାଯୁତି ମେଣ୍ଟର ସରକାରଙ୍କୁ କଂଗ୍ରେସ କଡ଼ା ସମାଲୋଚନା କରିଛି।

■ **ଏସ୍ଆଇଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ**


## ପାକିସ୍ତାନକୁ ପାଣି ଦେବନି ଆଫଗାନିସ୍ତାନ

କାବୁଲ, ୨୪।୧୦(ଏଜେନ୍ସି): ଭାରତ ପରେ ଏବେ ଆଫଗାନିସ୍ତାନ ପାକିସ୍ତାନକୁ ପାଣି ନ ଦେବାକୁ ଯୋଜନା କରୁଛି। ଆଫଗାନିସ୍ତାନ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ତରଫରୁ 'ଏକ୍ସ'ରେ ପୋଷ୍ଟ କରି ଏହି ସୂଚନା ଦେଇଛି। ଏହିକ୍ରମରେ ଆଫଗାନିସ୍ତାନର ତାଲିବାନ ସରକାର କୁନାର ନଦୀ ଉପରେ ଖୁବ୍‌ଶୀଘ୍ର ଡ୍ୟାମ ନିର୍ମାଣ କରିବ ବୋଲି କହିଛି। ତାଲିବାନର ସର୍ବୋଚ୍ଚ ନେତା ମଓଲୋଭି ହିବାତୁଲ୍ଲା ଅଖୁନଜାଦା ଏହି ବନ୍ଧ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଘରୋଇ କମ୍ପାନୀଗୁଡିକୁ କଣ୍ଟ୍ରାକ୍ଟ ଦିଆଯାଇ ଯଥାଶୀଘ୍ର ଏହି ଡ୍ୟାମ୍ ନିର୍ମାଣ କରିବାକୁ ମନ୍ତ୍ରଣାଳୟର ଉପମନ୍ତ୍ରୀ ମୁହାଜୀର ଫରାହୀ କହିଛନ୍ତି। ଏହି କାର୍ଯ୍ୟପାଇଁ ବିଦେଶୀ କମ୍ପାନୀଗୁଡିକୁ ଅପେକ୍ଷା କରାଯିବ ନାହିଁ। ନିକଟରେ ପାକିସ୍ତାନ ସହ ହୋଇଥିବା ସଂଘର୍ଷ ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। କୁନାର ନଦୀର ଦୈର୍ଘ୍ୟ ୪୮୦ କିମି ହୋଇଥିବା ବେଳେ ଏହାର ୭୦ରୁ ୮୦ ପ୍ରତିଶତ ପାଣି ପାକିସ୍ତାନକୁ ବହିଯାଉଛି। ଆଫଗାନିସ୍ତାନରୁ ବାହରି ଏହା ଚିରତାଲ ନଦୀ ହୋଇ କାବୁଲ ନଦୀରେ ମିଶିଛି। ଯଦି ଆଫଗାନିସ୍ତାନ ପାଣି ରୋକେ ତେବେ ପାକିସ୍ତାନରେ ଗମ୍ଭୀର ଜଳ ସଙ୍କଟ ସୃଷ୍ଟି ହେବ। ଉଲ୍ଲେଖଥାଉ କି, ଅକ୍ଟୋବର ୯ରୁ ୧୮ ତାରିଖ ମଧ୍ୟରେ ହୋଇଥିବା ଏହି ସଂଘର୍ଷରେ ୩୭ ଜଣ ଆଫଗାନ ନାଗରିକ ମୃତ୍ୟୁବରଣ କରିଥିବା ବେଳେ ୪୨୫ ଜଣ ଆହତ ହୋଇଥିଲେ। ପୂର୍ବରୁ ମଧ୍ୟ ଭାରତ



ପହଲଗାମ ଆକ୍ରମଣ ପରେ ଏପ୍ରିଲ ୨୩ରେ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ କରିଥିଲା ଓ ପାକିସ୍ତାନକୁ ଯାଉଥିବା ପାଣିକୁ ରୋକିବା ନେଇ ଘୋଷଣା କରିଥିଲା।

# ଚିରାଗଙ୍କୁ ଭାଷଣ ଦେବାକୁ ଅଟକାଇଲେ ମୋଦୀ




ପାଟନା, ୨୪।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାରଠାରୁ ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି। ସେ ସମସ୍ତିପୁର ରାଲି କରି କ୍ଷମତାସୀନ ମେଣ୍ଟ ପାଇଁ ଭୋଟ ମାଗିଛନ୍ତି। ତେବେ ଏହି ସମୟରେ ଅପ୍ରୀତିକର ଘଟଣା ଘଟିଥିଲା। ଉଦ୍‌ଘୋଷକ ଅଭିଭାଷଣ ଦେବା ପାଇଁ କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନଙ୍କ ନାମ ଡାକିଥିଲେ। କିନ୍ତୁ ମୋଦୀ ତାଙ୍କୁ ଭାଷଣ ଦେବାକୁ ଅଟକାଇ ଦେଇଥିଲେ। ସେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଅଭିମୁଖେ ସଙ୍କେତ ଦେଇଥିଲା। ଚିରାଗ ନୁହେଁ, ନୀତୀଶ ଭାଷଣ ଦେବେ ବୋଲି କହିଥିଲେ। ଏହା ପରେ ଉଦ୍‌ଘୋଷକ ନୀତୀଶଙ୍କୁ ଭାଷଣ ଦେବାକୁ ଡାକିଥିଲେ। ମୁଖ୍ୟମନ୍ତ୍ରୀ ପ୍ରାୟ ୧୦ ମିନିଟ ପର୍ଯ୍ୟନ୍ତ ଭାଷଣ ଦେବା ପରେ ମୋଦୀ ଜନତାଙ୍କୁ ସମ୍ବୋଧନ କରିଥିଲେ। କିନ୍ତୁ ଆଉ ଚିରାଗଙ୍କୁ ଅଭିଭାଷଣ ଦେବାକୁ ଡକା ଯାଇ ନ ଥିଲା।

ପ୍ରଧାନମନ୍ତ୍ରୀ ଆଜି ବେଗୁସରାୟ ଏବଂ ସମସ୍ତିପୁରରେ ଜନସଭା କରି ୩୦ ଥର ଜଙ୍ଗଲରାଜ କଥା ଉଠାଇ ଆରଜେଡି ଏବଂ ମହାମେଣ୍ଟକୁ ନିଶାଣ କରିଥିଲେ। ସେ ଲୋକଙ୍କୁ ନିଜ ମୋବାଇଲ ଫ୍ଲାସ ଲାଇଟ ଜଳାଇବାକୁ କହି ଲଣ୍ଠନର ଆବଶ୍ୟକତା ନ ଥିବା ଉଲ୍ଲେଖ କରିଥିଲେ। ମୋଦୀ କହିଥିଲେ ଯେ କଂଗ୍ରେସ ସମୟରେ ମୋବାଇଲ ବହୁତ ମହଙ୍ଗା ଥିଲା। ଏହାକୁ ବିଦେଶରୁ ମଗାଇବାକୁ ପଡୁଥିଲା। ସେତେବେଳେ ଦେଶରେ ୨ଟି ମୋବାଇଲ କାରଖାନା ଥିବାବେଳେ ଏବେ ଏହା ୨୦୦ରୁ ଅଧିକ ହୋଇଗଲାଣି। ସେହିପରି ବେଗୁସରାୟରେ ପ୍ରଧାନମନ୍ତ୍ରୀ ମଞ୍ଚରୁ ଲାଇଟ ଚାଲି ଯାଇଥିଲା। ତେଣୁ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ମାଇକ ଧରି ଲାଇଟ ବାଲାଙ୍କୁ ଷ୍ଟେଜକୁ ଡାକି ଥିଲେ।

ଅନ୍ୟପକ୍ଷରେ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବା ପରେ ଲାଲୁଙ୍କ ପୁଅ ତେଜସ୍ୱୀ ଶୁକ୍ରବାର ପ୍ରଚାର ଅଭିଯାନ ଆରମ୍ଭ କରି ଶାସକ ମେଣ୍ଟଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଜନତା ତାଙ୍କୁ ମୁଖ୍ୟମନ୍ତ୍ରୀ କଲେ ବିହାର ଲୋକଙ୍କୁ ଚିନ୍ତାରୁ ମୁକ୍ତି ଦେବେ ଏବଂ ମିଥ୍ୟା ନୁହେଁ, ସେ ସତ୍ୟର ରାଜନୀତି କରନ୍ତି ବୋଲି କହିଥିଲେ। ସହର୍ସାରେ ଏକ ରାଲିକୁ ସମ୍ବୋଧନ କରି ତେଜସ୍ୱୀ କହିଥିଲେ ଯେ ଗୁଜରାଟର ଦୁଇ ବ୍ୟକ୍ତି ବିହାର ଚଳାଇବାକୁ ପ୍ରୟାସ କରୁଛନ୍ତି। ମୋଦୀ ଜୀ ଗୁଜରାଟରେ କାରଖାନା ଲଗାଇବେ ଏବଂ ବିହାର ଜିତିବାକୁ ଚାହିଁବେ। ଆଉ ଏଭଳି ହେବ ନାହିଁ। ବିହାରୀ ବାହାର ଲୋକଙ୍କୁ ଭୟ କରନ୍ତି ନାହିଁ। ଲାଲୁ ଜୀ ମୋଦୀଙ୍କୁ ଡରନ୍ତି ନାହିଁ, ତାଙ୍କ ପୁଅ କାହିଁକି ଡରିବ? ଏହା ମଧ୍ୟରେ ସମାଜବାଦୀ ପାର୍ଟି ବିହାର ନିର୍ବାଚନ ପାଇଁ ୨୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଜାରି କରିଛି। ଏଥିରେ ଅଖିଳେଶ ଯାଦବ, ଆଜମ ଖାନ, ଦଳୀୟ ଉପାଧ୍ୟକ୍ଷ କିରଣମୟ ନନ୍ଦାଙ୍କ ନାମ ଥିବାବେଳେ ଦାଦା ରାମଗୋପାଳ ଯାଦବ ଏବଂ ଶିବପାଳ ଯାଦବଙ୍କ ନାମ ନାହିଁ।

## ବେଆଇନ୍ କାର୍ଯ୍ୟକରିବା ଅଭିଯୋଗରେ ଆମେରିକାରେ ୧୫ ବର୍ଷ ଜେଲ୍ ଭୋଗିବେ ଭାରତୀୟ



ନ୍ୟୁୟର୍କ, ୨୪।୧୦(ଏଜେନ୍ସି): ଆମେରିକାର ମେହୁଲ ଗୋସ୍ୱାମୀ ନାମକ ଜଣେ ୩୯ ବର୍ଷୀୟ ଭାରତୀୟ ୧୫ ବର୍ଷ ଜେଲ ଦଣ୍ଡ ଭୋଗିବା ସମ୍ଭାବନା ସୃଷ୍ଟି ହୋଇଛି। ନ୍ୟୁୟର୍କ ରାଜ୍ୟରେ ସରକାରୀ ଚାକିରି କରୁଥିବା ବେଳେ ସେ ଅନ୍ୟ ଏକ କମ୍ପାନୀ ପାଇଁ କାର୍ଯ୍ୟ କରୁଥିବା ଅଭିଯୋଗରେ ତାଙ୍କୁ ଗରିଫ କରାଯାଇଛି। ତାଙ୍କ ବରୋଧରେ 'ଗ୍ରାଣ୍ଡ ଲାର୍ସେନି' ଅର୍ଥାତ ବଡ଼ ଚୋରିର ଅଭିଯୋଗ ଆସିଛି। ସେ କରଦାତାଙ୍କ ପାଖାପାଖି ୫୦ ହଜାର ଡଲାର ଅର୍ଥାତ ୪୨ ଲକ୍ଷ ଟଙ୍କାର ଦୁରୁପୋଯୋଗ କରିଛନ୍ତି ବୋଲି ଯାଞ୍ଚରୁ ଜଣା ପଡ଼ିଛି। ମେହୁଲ ନ୍ୟୁୟର୍କ ଷ୍ଟେଟ ଅଫିସ ଅଫ୍ ଇନଫର୍ମେସନ ଟେକ୍ନୋଲୋଜୀ ସର୍ଭିସେଜ୍‌ରେ କାର୍ଯ୍ୟ କରୁଥିଲେ। ଏହା ତାଙ୍କର ମୁଖ୍ୟ ଚାକିରିଥିଲା। କିନ୍ତୁ ସେ ୨୦୨୨ ମାର୍ଚ୍ଚରେ ମଲ୍‌ଟାରେ ସେମିକଣ୍ଡକଟର କମ୍ପାନୀ ଗ୍ଲୋବାଲ ଫାଉଣ୍ଡ୍ରିଜ ପାଇଁ କଣ୍ଟ୍ରାକ୍ଟର ଭାବେ କାର୍ଯ୍ୟ କରିବା ଆରମ୍ଭ କରିଥିଲେ। ସେ ସରକାରୀ ଚାକରି କରିବା ଅବସରରେ ହିଁ ଏହି କମ୍ପାନୀ ପାଇଁ କର୍ଯ୍ୟ କରୁଥିବାର ଅଭିଯୋଗ ହୋଇଛି। ଏହା ଆମେରିକାରେ ଏକ ବଡ଼ ଅପରାଧ ବିବେଚନା କରାଯାଇଥାଏ। ସରକାରୀ ଚାକରି କରୁଥିବା ବ୍ୟକ୍ତିମାନଙ୍କ ଉପରେ ସଚ୍ଚୋଟତାର ସହ କାର୍ଯ୍ୟ କରିବାର ଦାୟିତ୍ୱ ଥାଏ ବୋଲି ଇନ୍‌ସପେକ୍ଟର ଜେନେରାଲ ଲୁସି ଲେଙ୍ଗ୍ କହିଛନ୍ତି। କିନ୍ତୁ ମେହୁଲଙ୍କ ଆଚରଣ ଜନତାଙ୍କ ବିଶ୍ୱାସର ବଡ଼ ଉଲ୍ଲଂଘନ ଓ ଅନ୍ୟ କମ୍ପାନୀ ପାଇଁ କର୍ଯ୍ୟ କରିବା ସରକାରଙ୍କ ସଂଶାଧନ ଓ ଜନସାଧାଣ ତଥା କରଦାତାଙ୍କ ଅର୍ଥର ଦୁରୁପଯୋଗ ବୋଲି ସେ କହିଛନ୍ତି।

### ବିକ୍ରମ ପଣ୍ଡାଙ୍କ ଗିରଫଦାରୀ ଘଟଣା

## ଗିରଫଦାରୀ ନିନ୍ଦନୀୟ ଏବଂ ରାଜନୀତି ପ୍ରେରିତ: ସଂତୃପ୍ତ

ଭୁବନେଶ୍ୱର, ୨୪।୧୦ (ସମିସ): ପୂର୍ବତନ ବିଧାୟକ ଏବଂ ବ୍ରହ୍ମପୁର ବିଜେଡି ଜିଲ୍ଲା ସଭାପତି ବିକ୍ରମ କୁମାର ପଣ୍ଡାଙ୍କ ଗିରଫଦାରୀକୁ କଡ଼ା ନିନ୍ଦା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଡ. ସଂତୃପ୍ତ ମିଶ୍ର। ଶ୍ରୀ ପଣ୍ଡାଙ୍କ ଗିରଫ ଅତ୍ୟନ୍ତ ନିନ୍ଦନୀୟ ଏବଂ ରାଜନୀତି ପ୍ରେରିତ। କୌଣସି ସ୍ପଷ୍ଟ ପ୍ରମାଣ ବିନା ତାଙ୍କୁ ଗିରଫ କରିବା ଲୋକତନ୍ତ୍ରର ମୂଳ ଆଦର୍ଶକୁ ଆଘାତ କରୁଛି ଏବଂ ମାନବ ଅଧିକାରକୁ କ୍ଷୁଣ୍ଣ କରୁଛି। ଏହା ରାଜ୍ୟରେ ଶାସକ ଦଳ ଭାବେ ବିଜେପିର ଅସହିଷ୍ଣୁତାପୂର୍ଣ୍ଣ ଏବଂ ପ୍ରତିଶୋଧମୂଳକ ରାଜନୀତିର ଆଉ ଏକ ଉଦାହରଣ ବୋଲି ଶ୍ରୀ ମିଶ୍ର କ୍ଷୋଭ ପ୍ରକାଶ କରି କହିଛନ୍ତି।

**ବିଜେପିର ଅସହିଷ୍ଣୁତାପୂର୍ଣ୍ଣ ଏବଂ ପ୍ରତିଶୋଧମୂଳକ ରାଜନୀତିର ଆଉ ଏକ ଉଦାହରଣ**

**ବିଜେଡି ନ୍ୟାୟର ଲଢେଇ ଲଢୁଛି, ଆଗକୁ ମଧ୍ୟ ଲଢ଼ିବ**

'ଏକ୍ସ'ରେ ଏନେଇ ପୋଷ୍ଟ କରି ଡ. ମିଶ୍ର କହିଛନ୍ତି ଯେ କିଛି ଦିନ ପୂର୍ବରୁ ଜଗତସିଂହପୁରରେ ବିଜୁ ଜନତା ଦଳର କର୍ମୀ ରଶ୍ମି ପରିଜାଙ୍କୁ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ଆଜି ପର୍ଯ୍ୟନ୍ତ କେହି ଗିରଫ ହୋଇନାହାନ୍ତି। ଏହିଭଳି ସମସ୍ତ ଘଟଣା ରାଜ୍ୟରେ ଆଇନ ଓ ଶାସନ ବ୍ୟବସ୍ଥାର ଦୁର୍ଦ୍ଦଶାକୁ ସ୍ପଷ୍ଟ କରୁଛି। ନୂଆପଡ଼ା ଉପନିର୍ବାଚନକୁ ନଜରରେ ରଖି ଭୟ ଓ ଆତଙ୍କ ସୃଷ୍ଟି କରିବା ପାଇଁ ଓ ଜନଶକ୍ତିକୁ ଦମନ କରିବାର ଅପପ୍ରୟାସ କରାଯାଉଛି। ଦିନକୁ ଦିନ ଜନତାଙ୍କର ସମର୍ଥନ ହାରୁଥିବା ଭୟରୁ ଆଜି ଶକ୍ତିର ଦୁରୁପଯୋଗ କରାଯାଉଛି ବୋଲି ଡ. ମିଶ୍ର କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଶାନ୍ତି ଓ ସୌହାର୍ଦ୍ଦ୍ୟର ପ୍ରତୀକ ଓଡ଼ିଶା ଆଜି ଅଶାନ୍ତ ହୋଇଯାଇଛି। ଯେଉଁମାନେ ରକ୍ଷକ ହେବା ଉଚିତ, ସେମାନେ ଆଜି ଅନ୍ୟମାନଙ୍କୁ ରକ୍ଷା କରିବାରେ ବିଫଳ ହୋଇଛନ୍ତି। ଲୋକତନ୍ତ୍ରରେ ଏଭଳି ଦମନ ଓ ଆତଙ୍କର ରାଜନୀତିକୁ ସ୍ୱୀକାର କରାଯାଇପାରିବ ନାହିଁ। ଏପରି ହୀନ ପରମ୍ପରା ଯେଉଁମାନେ ଆରମ୍ଭ କରିଛନ୍ତି, ସେମାନେ ମନେ ରଖନ୍ତୁ -ଲୋକତନ୍ତ୍ରରେ ଜନଶକ୍ତି ହେଉଛି ସବୁଠାରୁ ବଡ଼ ଶକ୍ତି। ଯଦି ବ୍ରିଟିଶ ସରକାର ଆମକୁ ଦବାଇ ପାରିଲେ ନାହିଁ, ଓଡ଼ିଶାର ବର୍ତ୍ତମାନର ସରକାର ପୁଲିସ ଶାସନ ଦ୍ୱାରା ଲୋକମାନଙ୍କ ସ୍ୱରକୁ ଦବାଇପାରିବେ ନାହିଁ। ବିଜୁ ଜନତା ଦଳ ଲୋକଙ୍କ ପାଇଁ ନ୍ୟାୟର ଲଢ଼େଇ ଲଢୁଛି, ଆଗକୁ ମଧ୍ୟ ଲଢ଼ିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ଚାପରେ ନଇଁଲା ଏଫ୍‌ସିଆଇ

## ଡିସେମ୍ବର ସୁଦ୍ଧା ଉଠାଇବ ବଳକା ଚାଉଳ



ଭୁବନେଶ୍ୱର,୨୪।୧୦(ସମିସ): ଓଡ଼ିଶାର ବଳକା ଚାଉଳ ଉଠାଣ ପାଇଁ ଓଡ଼ିଶା ପକ୍ଷରୁ ବାରମ୍ବାର କେନ୍ଦ୍ର ସରକାରଙ୍କୁ ଅନୁରୋଧ ହୋଇ ଆସୁଥିଲା। ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏନେଇ କେନ୍ଦ୍ର ନିକଟରେ ଅନୁରୋଧ ରଖିବା ପରେ ଶେଷରେ ଆସନ୍ତା ଡିସେମ୍ବର ସୁଦ୍ଧା ଦୁଇ ପର୍ଯ୍ୟାୟରେ ଏଫସିଆଇ ବଳକା ଚାଉଳ ଓଡ଼ିଶାରୁ ଉଠାଇବାକୁ ନିଷ୍ପତ୍ତି ନେଇଛି। ତେବେ ଓଡ଼ିଶାରେ ଏବେବି ୧୩ ଲକ୍ଷ କୁଇଣ୍ଟାଲ ବଳକା ଚାଉଳ ଥିବାବେଳେ ଏଫସିଆଇ କେତେ ଚାଉଳ ଉଠାଇବ ତାହା ସ୍ପଷ୍ଟ ହୋଇନାହିଁ।

ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ଉଷୁନା ଚାଉଳ କେବଳ ଓଡ଼ିଶାରେ ବ୍ୟବହାର ହୋଇଥାଏ। ତେଣୁ କେନ୍ଦ୍ର ରାଜ୍ୟରୁ ଉଷୁନା ଚାଉଳ ଉଠାଇବାକୁ ଅମଙ୍ଗ ହେଉଛି। ଅନ୍ୟ ରାଜ୍ୟରେ ଉଷୁନା ବ୍ୟବହାର ହେଉନଥିବାରୁ ଅଧିକ ଅରୁଆ ଚାଉଳ ଉତ୍ପାଦନ ପାଇଁ କେନ୍ଦ୍ର ସରକାର ଆମକୁ ପରାମର୍ଶ ଦେଇଛନ୍ତି। ଛତିଶଗଡ଼, କେରଳ, କର୍ଣ୍ଣାଟକ ମଧ୍ୟ ନିଜ ନିଜ ରାଜ୍ୟରୁ ଅତିରିକ୍ତ ଚାଉଳ ଉଠାଣ ନେଇ କେନ୍ଦ୍ର ନିକଟରେ ଦାବି କରୁଛନ୍ତି। କେନ୍ଦ୍ର ପରାମର୍ଶ ଅନୁଯାୟୀ ଏଣିକି ଅଧିକ ଅରୁଆ ଚାଉଳ ଦେବାକୁ ରାଇସ୍ ମିଲ୍‌ଗୁଡ଼ିକୁ ନିର୍ଦ୍ଦେଶ ଦିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଅପରପକ୍ଷେ ଉପ ମୁଖ୍ୟମନ୍ତ୍ରୀଙ୍କ ବୟାନକୁ ନେଇ ସାଧାରଣରେ ସଂଶୟ ସୃଷ୍ଟି କରିଛି। ରାଜ୍ୟ ଯୋଗାଣ ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ୨୦୨୪-୨୫ ବର୍ଷରେ ୬୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉତ୍ପାଦନ ହୋଇଛି। ଏଫସିଆଇ ଏବଂ ପିଡିଏସ ବ୍ୟବସ୍ଥା ମାଧ୍ୟମରେ ୫୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଖର୍ଚ୍ଚ ହୋଇଛି। ଆଉ ବଳକା ୧୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବଳକା ରହିଛି। ଏହି ୧୩ ଲକ୍ଷ ମେଟ୍ରିକ ଟନରୁ ଏଫସିଆଇ କେତେ ଚାଉଳ ଉଠାଇବ ତାହା ଉପମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିନାହାନ୍ତି। ଅପରପକ୍ଷେ ରାଜ୍ୟର ୧୯ ଜିଲ୍ଲାରେ ଉଭୟ ଜାତୀୟ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧିନରେ ହିତାଧିକାରୀଙ୍କୁ ଆସନ୍ତା ୩ ମାସ ପାଇଁ ଅତିରିକ୍ତ ୫ କେଜି ଚାଉଳ ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ପ୍ରାୟ ୧୦ ଲକ୍ଷ ୫୭ ହଜାର କୁଇଣ୍ଟାଲ ଚାଉଳ ଯୋଗାଇ ଦିଆଯାଉଛି। ଏହି ଚାଉଳ ରାଜ୍ୟରେ ମହଜୁଦ ଥିବା ବଳକା ଚାଉଳରୁ ଖର୍ଚ୍ଚ ହେବା ନେଇ ମଧ୍ୟ ତଥ୍ୟଭିତ୍ତିକ ମହଲରେ ଅନୁମାନ କରାଯାଉଛି। ସୂଚନାଯୋଗ୍ୟ ଯେ ପୂର୍ବରୁ ମଧ୍ୟ ରାଜ୍ୟର ୧୧ ଆଦିବାସୀ ସରକାର ଅତିରିକ୍ତ ୩ ମାସର ଚାଉଳ ପ୍ରଦାନ କରି ସାରିଛନ୍ତି। ଅଧ୍ୟୁଷିତ ଜିଲ୍ଲାରେ ତେଣୁ ଏଫସିଆଇ କେତେ ଚାଉଳ ଉଠାଇବ ସେନେଇ ଉପ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ରାଜ୍ୟ ସ୍କଲାରସିପ୍ ପୋର୍ଟାଲ୍ ଅଚଳ

ଭୁବନେଶ୍ୱର, ୨୪।୧୦(ସମିସ): ରାଜ୍ୟ ସ୍କଲାରସିପ୍ ପୋର୍ଟାଲ୍ ଅଚଳ ହୋଇଯାଇଛି। ଗୁରୁବାରଠାରୁ ୱେବସାଇଟ୍ ଧିମା ହୋଇଯାଇଥିବାବେଳେ ଆଜି ମୂଳରୁ ହିଁ ୱେବସାଇଟ୍ ଖୋଲୁନାହିଁ। ଦିନ ତମାମ୍ ପ୍ରୟାସ କରି ବହୁ ଛାତ୍ରଛାତ୍ରୀ ଛାତ୍ରବୃତ୍ତି ଆବେଦନ କରିବାରୁ ବଞ୍ଚିତ ହୋଇଛନ୍ତି।

ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା, ସ୍ନାତକ ଓ ବୈଷୟିକ ପିଲାଙ୍କ ପାଇଁ ଉର୍ଦ୍ଧ୍ୱଷ୍ଟ ୟୁଜି ମେରିଟ୍ ସମେତ ବିଭିନ୍ନ ଛାତ୍ରବୃତ୍ତି ପାଇଁ ଆଜି ଶେଷ ଦିବସ ଥିଲା। ଦୁଇ ଦିନ ହେଲା ୱେବସାଇଟ୍ ଠିକ୍ ଭାବେ ଚାଲୁ ନ ଥିବାରୁ ଆବେଦନରେ ବିଳମ୍ବ ହୋଇଥିଲା। ଶେଷ ଦିନ ମୂଳରୁ ହିଁ ୱେବସାଇଟ୍ ଖୋଲୁ ନ ଥିବା ବହୁ ଛାତ୍ରଛାତ୍ରୀ ସ୍କ୍ରିନ୍‌ସଟ୍ ସହିତ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ଆବେଦନ ଅବଧିକୁ ବଢ଼ାଇବା ପାଇଁ ଉଚ୍ଚଶିକ୍ଷା ବିଭାଗ, ଗଣଶିକ୍ଷା ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗକୁ ଅନୁରୋଧ କରିଛନ୍ତି। ଅପରପକ୍ଷରେ ବିଭାଗୀୟ ଅଧିକାରୀଙ୍କ ବେଫିକର ମନୋଭାବକୁ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକମାନେ ମଧ୍ୟ ନାପସନ୍ଦ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗର ସ୍କୋଲାରସିପ୍ ଦାୟିତ୍ୱରେ ଥିବା ଯୁଗ୍ମ ସଚିବ ଅଶୋକ କୁମାର ଗୌଡ଼ଙ୍କୁ ଅସୁବିଧା ସମ୍ପର୍କରେ ଜଣାଇବା ପାଇଁ ଦିନସାରା ଫୋନ୍ କରିଥିଲେ ମଧ୍ୟ ଫୋନ୍ ଉଠାଉ ନ ଥିବା ଅଭିଯୋଗ କରିଛନ୍ତି। ଦାୟିତ୍ୱରେ ଥିବା ଅଧିକାରୀ କାହିଁକି ଉତ୍ତରଦାୟିତ୍ୱ ନେଉ ନାହାନ୍ତି ବୋଲି ପ୍ରଶ୍ନ କରିବା ସହ ଆବେଦନ ଅବଧି ବଢ଼ାଇବାକୁ ଅନୁରୋଧ କରିଛନ୍ତି।

**ଆବେଦନରୁ ବଞ୍ଚିତ ଛାତ୍ରଛାତ୍ରୀ; ଅବଧି ବଢ଼ାଇବାକୁ ଦାବି**

### ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣା

## ଅନିଶ୍ଚିତତାରେ ପରୀକ୍ଷା; ଚିନ୍ତାରେ ଆଶାୟୀ

ଭୁବନେଶ୍ୱର, ୨୪।୧୦ (ସମିସ): ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ରାକେଟ୍ ଧରାପଡ଼ିବାକୁ ୨୫ଦିନ ବିତିଲାଣି। ପୁଲିସ୍‌ଠାରୁ କ୍ରାଇମ୍‌ବ୍ରାଞ୍ଚ ଏବଂ କ୍ରାଇମ୍‌ବ୍ରାଞ୍ଚଠାରୁ ସିବିଆଇକୁ ତଦନ୍ତ ଭାର ଦିଆଗଲାଣି। ଚାକିରି ବିକ୍ରି ରାକେଟ୍‌ର ଚେର ରାଜ୍ୟ ବାହାରକୁ ଲମ୍ବିଥିବା ତଦନ୍ତରୁ ସ୍ପଷ୍ଟ ଜଣାପଡ଼ିଥିଲେ ମଧ୍ୟ ପ୍ରକୃତ ମାଷ୍ଟରମାଇଣ୍ଡ ପାଖରେ ପହଞ୍ଚିବାକୁ ତଦନ୍ତକାରୀ ସଂସ୍ଥାମାନେ ସଫଳ ହୋଇନାହାନ୍ତି। ହେଲେ, ପୁନଃ ପରୀକ୍ଷା କେବେ ହେବ, ସେନେଇ ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ପକ୍ଷରୁ କୌଣସି ସୂଚନା ଦିଆଯାଉନାହିଁ। ଫଳରେ ଆଶାୟୀଙ୍କ ମଧ୍ୟରେ ଆଶଙ୍କା ବଢ଼ିବା ସହ ସେମାନେ ମାନସିକ ଚିନ୍ତାରେ କାଳାତିପାତ କରୁଛନ୍ତି।

ଏହି ଘଟଣା ଲୋକଲୋଚନକୁ ଆସିବା ପରେ ଗତ ୯ ତାରିଖରେ ଓପିଆର୍‌ବି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଡକାଯାଇଥିଲା। ଖୋଦ୍ ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ କୁମାର ନାଥ ସାମ୍ବାଦିକ ସମ୍ମିଳନୀ ଡାକିବା ସହ ଗଣମାଧ୍ୟମ ଜରିଆରେ ପରୀକ୍ଷାର୍ଥୀଙ୍କ ଉଦ୍ଦେଶ୍ୟରେ ସନ୍ଦେଶ ଦିଆଯିବ ବୋଲି କହିଥିଲେ। ଫଳରେ ପରୀକ୍ଷା ନେଇ କିଛି ସ୍ପଷ୍ଟ ସୂଚନା ମିଳିବ ବୋଲି ପରୀକ୍ଷାର୍ଥୀମାନେ ଆଶା ବାନ୍ଧିଥିଲେ। ହେଲେ ସାମ୍ବାଦିକ ସମ୍ମିଳନୀ ଆରମ୍ଭ ହେବା ପୂର୍ବରୁ ତାହାକୁ ବାତିଲ୍ କରିଦେଲେ। ଅନିବାର୍ଯ୍ୟ କାରଣବଶତଃ ସାମ୍ବାଦିକ ସମ୍ମିଳନୀକୁ ସ୍ଥଗିତ ରଖାଯାଉଥିବା କହିବା ସହ ପରବର୍ତ୍ତୀ ସାମ୍ବାଦିକ ସମ୍ମିଳନୀର ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇ ଖୁବ୍‌ଶୀଘ୍ର ସୂଚନା ଦିଆଯିବ ବୋଲି କହିଲେ। ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ଆଶାୟୀମାନଙ୍କୁ ଅନୁରୋଧ କରିବା ସହ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ବୋଲି ଆଶ୍ୱାସନା ଦେଇଥିଲେ। ଏହାକୁ ୧୬ ଦିନ ବିତିଥିଲେ ମଧ୍ୟ ସାମ୍ବାଦିକ ସମ୍ମିଳନୀ ଡାକି ବା ବିଦ୍ଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରି ପରୀକ୍ଷା ସମ୍ପର୍କରେ ପଦୁଟିଏ କହିଲେ ନାହିଁ।

ଅପରପକ୍ଷେ, ୧୧ ତାରିଖ ଦିନ କିଛି ଗଣମାଧ୍ୟମର ପ୍ରତିନିଧିଙ୍କୁ ଏକ ଲେଖା ଧରାଇଦେଲେ। ତହିଁରେ କ୍ରାଇମବ୍ରାଞ୍ଚ ତଦନ୍ତ ଶେଷ ହେବା ପରେ ଯାଇ ନିଯୁକ୍ତି ପ୍ରକ୍ରିୟା ପୁନଃ ଆରମ୍ଭ କରାଯିବ ଓ ଯଥାଶୀଘ୍ର ଶେଷ କରାଯିବ ବୋଲି ଉଲ୍ଲେଖ କରିଥିଲେ। ହେଲେ କ୍ରାଇମ୍‌ବ୍ରାଞ୍ଚ ହାତରୁ ସିବିଆଇକୁ ତଦନ୍ତଭାର ଦିଆଯାଇଥିବାରୁ କେବେ ତଦନ୍ତ ସରିବ ଓ କେବେ ପୁନଃ ପରୀକ୍ଷା ହେବ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନୁରୂପ ଭାବେ ୨୨ତାରିଖରେ ସିବିଆଇ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ସୁପାରିସ୍ କରିଥିବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଗଲା। ତହିଁରେ ପୁଲିସ୍ ପରି ସମସ୍ତ ପ୍ରକାର ୟୁନିଫର୍ମଧାରୀଙ୍କୁ ନିଯୁକ୍ତି ପାଇଁ ଏକ ନୂତନ ସ୍ଥାୟୀ ଆୟୋଗ ଗଠନ କରିବାକୁ ସରକାର ବିଚାର କରୁଥିବା ଉଲ୍ଲେଖ କରିଛନ୍ତି। ଫଳରେ ଓପିଆର୍‌ବିକୁ ଉଚ୍ଛେଦ କରିବା ଏକପ୍ରକାର ସ୍ପଷ୍ଟ ହୋଇଛି। ଫଳରେ ପୁଲିସ୍ ଏସ୍‌ଆଇ ପରୀକ୍ଷା ଓପିଆର୍‌ବି କରିବ ନା ନୂତନ ଆୟୋଗ ଗଠନ ହେବା ପରେ ଯାଇ ପରୀକ୍ଷା ଅନୁଷ୍ଠିତ ହେବ, ତାକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଓପିଆର୍‌ବି ବା ସରକାରଙ୍କ ପକ୍ଷରୁ ପରୀକ୍ଷା ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଦିଆଯାଉନଥିବାରୁ ପରୀକ୍ଷାର୍ଥୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଗତ ଜାନୁଆରୀରୁ ସ୍ନାତକ ପଢୁଆଙ୍କ ପାଇଁ କୌଣସି ନୂତନ ନିଯୁକ୍ତି ବାହାରି ନଥିବା ବେଳେ ସେମାନେ ପରିବାର ଉପରେ ନିର୍ଭରଶୀଳ ହୋଇ କେତେଦିନ ପରୀକ୍ଷା ପ୍ରସ୍ତୁତି କରିବେ ବୋଲି ପ୍ରଶ୍ନ କରିଛନ୍ତି। ଏଣୁ, ଦୁଇଥର ବାତିଲ୍ ହୋଇଥିବା ପୁଲିସ୍ ଏସ୍‌ଆଇ ପରୀକ୍ଷା କେବେ ଅନୁଷ୍ଠିତ ହେବ ଏବଂ କେଉଁ ସଂସ୍ଥା ପରୀକ୍ଷା ପରିଚାଳନା କରିବ, ସେ ସମ୍ପର୍କରେ ସରକାର ସ୍ପଷ୍ଟ କରିବାକୁ ଆଶାୟୀମାନେ ଦାବି କରିଛନ୍ତି।

## ମୋ' ସୁଦ୍ଧା କଳାମଣ୍ଡଳ

### ପ୍ରେକ୍ଷାଳୟ ପାଇଁ ଖର୍ଚ୍ଚ ହେବ ୧୭୩ କୋଟି ଟଙ୍କା

ଭୁବନେଶ୍ୱର, ୨୪।୧୦ (ସମିସ): ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ନିର୍ମାଣାଧୀନ ପ୍ରେକ୍ଷାଳୟ 'କଳାମଣ୍ଡଳ' ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଓଡ଼ିଶାର ସର୍ବବୃହତ୍ ପ୍ରେକ୍ଷାଳୟ 'କଳାମଣ୍ଡଳ'ର ନିର୍ମାଣ କାର୍ଯ୍ୟ ୨୦୨୬ ମେ' ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କେନ୍ଦୁଝର ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ସମ୍ପର୍କରେ ମଧ୍ୟ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ।

**ପ୍ରକଳ୍ପ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ**

**୬ଟି ଗୁରୁତ୍ୱପୂର୍ଣ୍ଣ କ୍ରୀଡା ପ୍ରକଳ୍ପ ସହିତ କେନ୍ଦୁଝରରେ ହେବ କ୍ରୀଡା ଭିତ୍ତିଭୂମିର ବ୍ୟାପକ ବିକାଶ**



ଭୁବନେଶ୍ୱରର ସୈନିକ ସ୍କୁଲ ନିକଟରେ ୯.୮୫ ଏକର ଜମି ଉପରେ ୧୭୩ କୋଟି ଟଙ୍କା ବ୍ୟୟରେ ଏହି ପ୍ରେକ୍ଷାଳୟ ଇଡ୍‌କୋ ପକ୍ଷରୁ ନିର୍ମାଣ କରାଯାଉଛି। ୨୦୦୦ ଆସନ ବିଶିଷ୍ଟ ପ୍ରେକ୍ଷାଳୟ ସହ ୫୦୦ ସିଟ୍ ବିଶିଷ୍ଟ ଏକ ଓପନ୍ ଏୟାର ଥିଏଟର୍ ମଧ୍ୟ ଏହି ପରିସର ମଧ୍ୟରେ ରହିବ। ଭୁବନେଶ୍ୱରରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ସଭାସମିତି ଆୟୋଜନ କରିବା ପାଇଁ ଏହି ପ୍ରେକ୍ଷାଳୟଟି ଅତ୍ୟନ୍ତ ଉପଯୋଗୀ ହେବ। ଭବିଷ୍ୟତକୁ ଦୃଷ୍ଟିରେ ରଖି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଏହି 'କଳାମଣ୍ଡଳ' ପରିସରରେ ଉପଲବ୍ଧ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥିସହ ପର୍ଯ୍ୟାପ୍ତ ପାର୍କିଂ ସୁବିଧା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ସେହିପରି, କେନ୍ଦୁଝର ଜିଲ୍ଲାରେ ପ୍ରସ୍ତାବିତ ୬ଟି ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ା ପ୍ରକଳ୍ପର ବିକାଶ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। କେନ୍ଦୁଝରର ରାଙ୍ଗୀ ଓ ରାଇକଳାଠାରେ ଦୁଇଟି ଅତ୍ୟାଧୁନିକ ସ୍ପୋର୍ଟସ କମ୍ପ୍ଲେକ୍ସ, କାଳୀପଡ଼ିଆରେ ଏକ ଫୁଟବଲ ଷ୍ଟାଡିୟମ୍ ସହ ଇନଡୋର୍ ଓ ଆଉଟଡୋର୍ ଗେମ୍'ର ସୁବିଧା, ଡିଏନ୍ ହାଇସ୍କୁଲ ପରିସରରେ ଏକ ଅତ୍ୟାଧୁନିକ ସ୍ୱିମିଂପୁଲ, ନରଣପୁରରେ ଆର୍ଚେରୀ ଏକାଡେମୀ ଏବଂ କେନ୍ଦୁଝରରେ ୧୦୦ଶଯ୍ୟା ବିଶିଷ୍ଟ ହ୍ୟାଣ୍ଡବଲ କ୍ରୀଡ଼ା ଛାତ୍ରାବାସ ନିର୍ମାଣ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ।

### ରାଜ୍ୟସ୍ତରୀୟ ସମ୍ମିଳନୀ ଉଦ୍‌ଘାଟିତ

## ମାନବ ଚାଲାଣ ରୋକିବାକୁ ସବୁସ୍ତରରେ ଉଦ୍ୟମ ଲୋଡ଼ା: ଡିଜିପି



ଭୁବନେଶ୍ୱର, ୨୪।୧୦ (ସମିସ): ମାନବଚାଲାଣ କେବଳ ଓଡ଼ିଶା ପାଇଁ ନୁହେଁ, ସମଗ୍ର ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଚିନ୍ତାଜନକ ବିଷୟ। ନ୍ୟାୟପାଳିକା, ପୁଲିସ, ମହିଳା ଓ ଶିଶୁ ସୁରକ୍ଷା ୟୁନିଟ୍, ଶ୍ରମ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ, ନ୍ୟାୟପାଳିକା ଓ ସମାଜର ସମସ୍ତ ବ୍ୟକ୍ତିବିଶେଷ ଏକତ୍ରିତ ହୋଇ କାର୍ଯ୍ୟ କଲେ ଏହି ଘୃଣ୍ୟ କାର୍ଯ୍ୟକୁ ରୋକିବାରେ ଆମେ ସଫଳ ହୋଇପାରିବା। ପୁଲିସ ଭବନଠାରେ 'ମାନବ ଚୋରା ଚାଲାଣ' ସମ୍ପର୍କିତ ଏକ ରାଜ୍ୟସ୍ତରୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ପୁଲିସ ଡିଜି ୱାଇ.ବି ଖୁରାନିଆ ଏହା କହିଛନ୍ତି।

ଡିଜି ଶ୍ରୀ ଖୁରାନିଆ କହିଥିଲେ, ମାନବ ଚାଲାଣ କେବଳ ଏକ ଅପରାଧ ନୁହେଁ, ଏହା ମାନବିକ ଅଧିକାରକୁ ଉଲ୍ଲଂଘନ କରିଥାଏ। ବିଶେଷକରି, ମହିଳା, ଶିଶୁ ଓ ଯୁବବର୍ଗମାନଙ୍କୁ ସେମାନଙ୍କ ସମ୍ମାନ, ସ୍ୱାଧୀନତା ଓ ଭବିଷ୍ୟତରୁ ବଞ୍ଚିତ କରିଥାଏ। ଓଡ଼ିଶାରେ ଯୌନଶୋଷଣ, ବାଧ୍ୟତାମୂଳକ ଶ୍ରମ, ଘରୋଇ ଶିଶୁ ଶ୍ରମ ଏବଂ ଚାକିରି କିମ୍ବା ବିବାହ ଆଳରେ ଯୁବତୀଚାଲାଣ ଭଳି ମାନବଚାଲାଣ ଦେଖିବାକୁ ମିଳିଥାଏ। ଏହାକୁ ରୋକିବାରେ ସମନ୍ୱିତ ମାନବଚାଲାଣ ପ୍ରତିରୋଧ ଶାଖା ଓ ଜିଲ୍ଲା ଶ୍ରମ ଅଧିକାରୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଗାମୀ ଦିନରେ ମାନବଚାଲାଣ ପ୍ରତିରୋଧ ଶାଖାକୁ ଅଧିକ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ସେ ଓଡ଼ିଶାକୁ ମାନବ ଚାଲାଣ ବିରୋଧରେ ଏକ ଆଦର୍ଶ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ କ୍ରାଇମବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇଜି(ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା) ଅବିନାଶ କୁମାର ଧନ୍ୟବାଦ ଦେଇଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘର ଚିଠି

## ମଧ୍ୟାହ୍ନ ଭୋଜନରେ ପନୀର ଓ ଗୁଣ୍ଡ କ୍ଷୀର ମିଳୁ

ଭୁବନେଶ୍ୱର,୨୪।୧୦(ସମିସ): ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ସ୍କୁଲ ପିଲାମାନଙ୍କୁ ଅଣ୍ଡା ବଦଳରେ ଫଳ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଫଳ ବଦଳରେ ପନୀର କିମ୍ବା ଗୁଣ୍ଡ କ୍ଷୀର ଦେବା ପାଇଁ ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘ ଦାବି କରିଛି। ଆଜି ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ମାଧ୍ୟମରେ କୁହାଯାଇଛି ଯେ ମଧ୍ୟାହ୍ନ ଭୋଜନରେ ଛାତ୍ରଛାତ୍ରୀଙ୍କୁ ପନୀର ଓ ଗୁଣ୍ଡ କ୍ଷୀର ଦେଲେ ଏହା କୁପୋଷଣ ଦୂର କରିବା ପାଇଁ ଏକ ବଳିଷ୍ଠ ପଦକ୍ଷେପ ହେବ। ଏହାଦ୍ୱାରା ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇବା ସହ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ବ୍ୟାପକ ହେବ ଏବଂ ଗ୍ରାମାଞ୍ଚଳ ଅର୍ଥନୀତି ସୁଦୃଢ଼ ହେବ। ବିଶେଷକରି ଗ୍ରାମ୍ୟ ମହିଳାମାନେ ସ୍ୱାବଲମ୍ବୀ ହେବା ସାଙ୍ଗକୁ ଓମଫେଡ୍‌ର ବ୍ୟବସାୟ ବୃଦ୍ଧି ପାଇବ। କିନ୍ତୁ ଫଳ ଦେଲେ ଆମ ରାଜ୍ୟର ପଇସା ଆନ୍ଧ୍ର ବେଙ୍ଗଲ ଓ ଅନ୍ୟାନ୍ୟ ବାହାର ରାଜ୍ୟକୁ ଚାଲିଯିବ। ତେଣୁ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ମଧ୍ୟାହ୍ନ ଭୋଜନରେ ଛାତ୍ରଛାତ୍ରୀଙ୍କୁ ପନୀର କିମ୍ବା ଗୁଣ୍ଡ କ୍ଷୀର ଦେବା ପାଇଁ ସରକାର ପଦକ୍ଷେପ ନେବାକୁ ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘ ପକ୍ଷରୁ ଅଧ୍ୟକ୍ଷ ରବି ବେହେରା, ଉପାଧ୍ୟକ୍ଷ ଦୁଃଶାସନ ମହାପାତ୍ର, ସମ୍ପାଦକ ନାରାୟଣ ଡାଲୁଆ, ଗୌରାଙ୍ଗ ରାଉତ ପ୍ରମୁଖ ଦାବି କରିଛନ୍ତି। ମହାସଂଘର ଅଧ୍ୟକ୍ଷ ଶ୍ରୀ ବେହେରାଙ୍କ ଦସ୍ତଖତରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖା ଯାଇଛି।

### ପାରିବାରିକ କଳହର କରୁଣ ପରିଣତି

## ସ୍ୱାମୀର କାଠଫାଳିଆ ମାଡ଼ରେ ସ୍ତ୍ରୀ ମୃତ

କପ୍ତିପଦା, ୨୪।୧୦ (ସମିସ): ସ୍ୱାମୀର କାଠଫାଳିଆ ମାଡ଼ରେ ସ୍ତ୍ରୀର ମୃତ୍ୟୁ। ଏଭଳି ଏକ ଘଟଣା ଘଟିଛି ଶରତ ଥାନା ଅଧୀନ ପାତାସାହି ଅଞ୍ଚଳରେ। ମୃତ ମହିଳାଜଣଙ୍କ ହେଲେ, ଗ୍ରାମର ଗୁରୁବାରୀ ପୂର୍ତ୍ତି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ସ୍ୱାମୀ ଭଞ୍ଜ ପୂର୍ତ୍ତିକୁ ଗିରଫ କରିଛି। ପାରିବାରିକ କଳହରୁ ଏହି ଘଟଣା ଘଟିଥିବା ଜଣାଯାଇଛି।

ସୂଚନାନୁଯାୟୀ, ଭଞ୍ଜ କୌଣସି କାମରେ ବାହାରକୁ ଯାଇଥିଲେ। ଘରକୁ ଫେରିବା ପରେ କୌଣସି କଥାକୁ ନେଇ ଗୁରୁବାରୀଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। ଭଞ୍ଜ ଉତ୍ତ୍ୟକ୍ତ ହୋଇ ଏକ କାଠଫାଳିଆରେ ଗୁରୁବାରୀଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଏଥିରେ ଗୁରୁବାରୀଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। କିନ୍ତୁ ଗୁରୁତର ଗୁରୁବାରୀଙ୍କୁ ଡାକ୍ତରଖାନାକୁ ନେବା ପରିବର୍ତ୍ତେ ଭଞ୍ଜ ସେଠାରୁ ଫେରାର୍ ହୋଇଯାଇଥିଲା। ପରିବାର ଓ ସାହିପଡ଼ିଶା ଗୁରୁତର ଗୁରୁବାରୀଙ୍କୁ ଉଦ୍ଧାର କରି ମେଡିକାଲ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଶରତ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତକୁ ତ୍ୱରାନ୍ୱିତ କରିଛି। ଅନ୍ୟପଟେ ଅଭିଯୁକ୍ତ ସ୍ୱାମୀକୁ ପୁଲିସ ଗିରଫ କରିଛି।

### ନୂଆପଡା ଉପନିର୍ବାଚନ

## ସରିଲା ନାମାଙ୍କନ ପ୍ରତ୍ୟାହାର ଅବଧି: ମଇଦାନରେ ୧୪ ପ୍ରାର୍ଥୀ

ଭୁବନେଶ୍ୱର/ନୂଆପଡ଼ା,୨୪।୧୦(ସମିସ): ନୂଆପଡ଼ା ଉପ ନିର୍ବାଚନରେ ମୋଟ ୧୪ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଏ ସମ୍ପର୍କରେ ସୂଚନା ଦେଇଛନ୍ତି ରାଜ୍ୟ ନିର୍ବାଚନ ଅଧିକାରୀ। ନୂଆପଡା ବିଧାନସଭା ଉପନିର୍ବାଚନ ନେଇ ଶୁକ୍ରବାର ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଥିଲା। ନାମାଙ୍କନ ପତ୍ର ପ୍ରତ୍ୟାହାର ପାଇଁ ଦିବା ୧୧ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ସମୟ ପ୍ରାର୍ଥୀମାନଙ୍କୁ ପ୍ରଦାନ କରାଯାଇଥିଲା। ତେବେ ଏହି ସମୟ ମଧ୍ୟରେ ଜଣେ ବି ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିନାହାନ୍ତି। ଅତଏବ ୧୪ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବା ନେଇ ନିଶ୍ଚିତ ହୋଇଯାଇଛି। ଏମାନଙ୍କ ମଧ୍ୟରେ ବିଭିନ୍ନ ରାଜନୈତିକ ଦଳରୁ ୬ ଜଣ ପ୍ରାର୍ଥୀ ଥିବାବେଳେ ୮ ଜଣ ସ୍ୱାଧୀନ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେଡିରୁ ସ୍ନେହାଙ୍ଗିନୀ ଛୁରିଆ, ବିଜେପିରୁ ଜୟ ଢୋଲକିଆ, କଂଗ୍ରେସରୁ ଘାସିରାମ ମାଝୀଙ୍କ ସହ ସମାଜବାଦୀ ପାର୍ଟିରୁ ରମାକାନ୍ତ ହାତୀ, ବିଏସପିରୁ ହେମନ୍ତ ତାଣ୍ଡି, ଓଡ଼ିଶା ଜନତା ଦଳରୁ ଶୁକଧର ଦଣ୍ଡସେନା ମଇଦାନରେ ରହିଛନ୍ତି। ପ୍ରାର୍ଥୀ ପତ୍ର ଯାଞ୍ଚ ସମୟରେ ମୋଟ ୫ଟି ନାମାଙ୍କନ ପତ୍ର ନାକଚ କରାଯାଇଥିଲା।

## ଠାକୁରମୁଣ୍ଡାରେ ମହାବଳ

ଠାକୁରମୁଣ୍ଡା, ୨୪।୧୦(ସମିସ): ଶିମିଳିପାଳ କୋର୍ ଅଞ୍ଚଳରୁ ଏକ ମହାବଳ ବାଘ କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ କାଳିଆଜିଆଣି ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲକୁ ପଶି ଆସିଥିବା ସ୍ଥାନୀୟ ଲୋକେ ଗୁରୁବାର ଦେଖିବାକୁ ପାଇଛନ୍ତି। ମହାବଳର ପାଦଚିହ୍ନ ପଡ଼ିଥିବା ଖବର ପ୍ରଚାରିତ ହେବା ପରେ ଆଖପାଖ ଗ୍ରାମରେ କୋକୁଆ ଭୟ ଖେଳିଯାଇଛି। ଘଟଣାସ୍ଥଳରେ କରଞ୍ଜିଆ ଡିଏଫ୍‌ଓ ବୈଦ୍ୟନାଥ ମାଝୀ, ଏସିଏଫ୍ ପ୍ରଭାତ କୁମାର କୁଅଁର, ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା, ସାତକୋଶିଆ ରେଞ୍ଜ ଅଧିକାରୀ ରବୀନ୍ଦ୍ର ମହାନ୍ତ ସମେତ ବନ ବିଭାଗର କର୍ମଚାରୀ ପହଞ୍ଚି ବାଘ ପାଦଚିହ୍ନ ଦେଖିଥିଲେ। ପାଦଚିହ୍ନରୁ ତାହା ମହାବଳ ବାଘ ବୋଲି ଜଣାପଡ଼ିଛି। ବାଘର ଗତିବିଧିକୁ ନଜର ରଖିବା ପାଇଁ ଜଙ୍ଗଲ ଭିତରେ ବନ ବିଭାଗ ପକ୍ଷରୁ କ୍ୟାମେରା ଲଗାଯାଇଛି।

**ପାଦଚିହ୍ନ ଠାବ ପରେ ଲୋକେ ଆତଙ୍କିତ**



## ଦିଲ୍ଲୀରେ ପ୍ରଦର୍ଶିତ ହେବ ବାଲେଶ୍ୱର ଜଉକଣ୍ଢେଇ ବାହାଘର



ବାଲେଶ୍ୱର, ୨୪।୧୦ (ସମିସ): ଦିଲ୍ଲୀରେ ପ୍ରଦର୍ଶିତ ହେବ ବାଲେଶ୍ୱର ଜଉକଣ୍ଢେଇ ବାହାଘର। ଆସନ୍ତା ମାସରେ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ କଳା ଉତ୍ସବରେ ବାଲେଶ୍ୱର ଟାଉନ୍ ହାଇସ୍କୁଲର ୧୦ମ ଶ୍ରେଣୀର ଦୁଇ ଛାତ୍ର ସମୀର ବେହେରା ଓ ସୂରଜ ବେହେରା ଏହା ପ୍ରଦର୍ଶିତ କରିବେ। ଏହି ଖବର ଜଣାପଡ଼ିବା ପରେ ବାଲେଶ୍ୱରରେ ଖୁସିର ଲହରୀ ଖେଳିଯାଇଛି।

**ଟାଉନ ହାଇସ୍କୁଲର ଛାତ୍ର ସମୀର ଓ ସୂରଜଙ୍କ ସଫଳତା**

ସୂଚନାନୁଯାୟୀ, ଭୁବନେଶ୍ୱର ୟୁନିଟ୍-୬ସ୍ଥିତ ବାଳିକା ହାଇସ୍କୁଲ ପରିସରରେ ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ କଳା ଉତ୍ସବରେ ଓଡ଼ିଶାର ୫ଟି ଜୋନ୍‌ରୁ ୧୨ଟି ବିଭାଗର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବାଲେଶ୍ୱର ଟାଉନ୍ ହାଇସ୍କୁଲର ଛାତ୍ର ସମୀର ଓ ସୂରଜ ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଦୃଶ୍ୟକୁ ଜଉକଣ୍ଢେଇରେ ତିଆରି କରି ଇଣ୍ଡିଜିନିୟସ୍ ଟୟଜ୍ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ସେମାନେ ରାଜ୍ୟସ୍ତରୀୟ କଳା ଉତ୍ସବରୁ ଉତ୍ତୀର୍ଣ୍ଣ ହୋଇ ଜାତୀୟସ୍ତରୀୟ କଳା ଉତ୍ସବରେ ଯୋଗଦେବା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ମାସରେ ଦିଲ୍ଲୀରେ ହେବାକୁ ଥିବା ଜାତୀୟସ୍ତରୀୟ କଳା ଉତ୍ସବରେ ଯୋଗଦେବା ପାଇଁ ସେମାନେ ମନୋନୀତ ହୋଇଛନ୍ତି। ପ୍ରଥମେ କ୍ଲଷ୍ଟର, ବ୍ଲକ, ଜିଲ୍ଲା ଓ ଉତ୍ତର ଓଡ଼ିଶା ଜୋନାଲସ୍ତରୀୟ ଉତ୍ତୀର୍ଣ୍ଣ କରି ରାଜ୍ୟରେ ପ୍ରଥମ ହୋଇ ଜାତୀୟସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି।

ଇଣ୍ଡିଜିନିୟସ ଟୟଜ୍ ଜଉକଣ୍ଢେଇରେ ଜାତୀୟସ୍ତରକୁ ଉତ୍ତୀର୍ଣ୍ଣ ହୋଇ ବାଲେଶ୍ୱରର କଳା ସଂସ୍କୃତିକୁ ଉଚ୍ଚସ୍ଥାନକୁ ନେଇ ଜିଲ୍ଲାକୁ ଗୌରବାନ୍ୱିତ କରିଥିବାରୁ ଛାତ୍ରଦ୍ୱୟଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ସୁଅ ଛୁଟିଛି। ଜଉକଣ୍ଢେଇ କଳା ସଂସ୍କୃତିର ଅଗ୍ରଦୂତ ଶିଳ୍ପୀ କେଶୁଦାସ, ଗାଇଡ୍ ଟିଚର୍ ସସ୍ମିତା ଗିରି, ଜଉକଣ୍ଢେଇ ଶିଳ୍ପୀ କନକଲତା ଦାସଙ୍କ ସହ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, ଜଉକଣ୍ଢେଇ ବାହାଘର ଉତ୍ସବ କମିଟିର କର୍ମକର୍ତ୍ତା ପ୍ରମୁଖ ବହୁ ପ୍ରଶଂସା କରିଛନ୍ତି।

# ଘରୁ କଳାକନା ବୁଲାଇଲେ ଦୁର୍ବୃତ୍ତ



**ନୀଳଗିରି,୨୪।୧୦(ସମିସ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ କ୍ରମାଗତ ଭାବେ ଚୋରି ସଂଖ୍ୟା ବଢ଼ିବା ସହିତ ଦୁର୍ବୃତ୍ତଙ୍କ ପାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ଏହି କ୍ରମରେ ଗୁରୁବାର ଘରେ କେହି ନଥିବାର ସୁଯୋଗ ନେଇ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ଗୁରୁବାର ସନ୍ଧ୍ୟାରେ ନୀଳଗିରି ଥାନା ଜାମୁଡହା ପଞ୍ଚାୟତ ଅଧୀନ ମଲିଆଣି ଗ୍ରାମର ଉଲ୍ଲାସ ନାୟକ ଏବଂ ତାଙ୍କ ସ୍ତ୍ରୀ ପାଖ ଗାଁ ବଡ଼ବିଲକୁ ଶୁଧ୍ ଘରକୁ ଯାଇଥିଲେ। କିଛି ସମୟ ପରେ ଆସିବା ବେଳକୁ ଘରେ ତାଲା ଭାଙ୍ଗିଥିବା ଦେଖିବାକୁ ପାଇଥିଲେ। ଏନେଇ ନୀଳଗିରି ଥାନାରେ ଘର ମାଲିକ ଉଲ୍ଲାସ ଅଭିଯୋଗ କରିଥିବା ବେଳେ ପୁଲିସ ତଦନ୍ତ କରିବାସହ ମାମଲା ରୁଜୁ କରିଥିଲେ। ଶୁକ୍ରବାର ସକାଳେ ନୀଳଗିରି ପୁଲିସ, ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ହୋଇଛି। ତେବେ ପୁଲିସକୁ ଚକମା ଦେଇ ନୀଳଗିରି ଓ ଆଖପାଖ ଅଞ୍ଚଳରେ ବାରମ୍ବାର ଚୋରି ହେବାକୁ ନେଇ ଆତଙ୍କିତ ଅଛନ୍ତି ସ୍ଥାନୀୟ ବାସିନ୍ଦା। ତୁରନ୍ତ ଏହି ରାକେଟରେ ସଂପୃକ୍ତ ଚୋରଙ୍କୁ ଧରିବା ଏବଂ ଅଞ୍ଚଳବାସୀଙ୍କୁ ଚୋରି ଦାଉରୁ ମୁକ୍ତି ଦେବାକୁ ଦୃଢ଼ ଦାବି ହୋଇଛି।

ଡକାୟତି ଉଦ୍ୟମ ପଣ୍ଡ

# ୨ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ; ବିଭିନ୍ନ ମାରଣାସ୍ତ୍ର ଜବତ

**ବାହାନଗା,୨୪।୧୦(ସମିସ)**

ଡକାୟତି ଉଦ୍ୟମ ବେଳେ ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ପୁଲିସ ୨ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଖନ୍ତାପଡ଼ା ଥାନା ଅଧୀନ ଶ୍ରୀଜଙ୍ଗ ଗ୍ରାମର ଦୁର୍ଦ୍ଦାନ୍ତ ଅପରାଧୀ ଦିପୁ ଓରଫ ଦୀପକ ମଳିକ (୨୪), ତୁଛଖିଆ ଓରଫ ସନ୍ଦୀପ କୁମାର ମଳିକ (୨୧)। ବିଭିନ୍ନ ଅପରାଧ ଘଟାଇ ୨୦୨୧ ମସିହାରୁ ସାମ୍ରାଜ୍ୟ ତିଆରି କରି ପୁଲିସ ସହ ଲୁଚକାଳି ଖେଳ ଖେଳି ଚାଲିଥିବା ଏହି ଡକାୟତି ଗ୍ୟାଙ୍ଗକୁ ବୁଧବାର ବିଳମ୍ବିତ ରାତିରେ ଖନ୍ତାପଡ଼ା ଥାନା ପୁଲିସ ଚଢଉ କରି ୨ଜଣଙ୍କୁ ଧରିଥିଲା। ସେମାନଙ୍କ ନିକଟରୁ ବିଭିନ୍ନ ମାରଣାସ୍ତ୍ର ଜବତ କରିଥିବା ବେଳେ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ହେଲେ ଅନ୍ୟ ୪ ଜଣ ଫେରାର ହୋଇଥିବା ଜଣାପଡିଛି। ସୂଚନାନୁଯାୟୀ, ରସାଳପୁର-ଗୋପାଳପୁର ରାସ୍ତାରେ ଅନେକ ସମୟରେ ଡକାୟତି, ରାହାଜାନି ଓ ହତ୍ୟା ଉଦ୍ୟମ ଭଳି ଅପରାଧ ଘଟୁଥିବା ନେଇ ଏକାଧିକ ଅଭିଯୋଗ ହୋଇଆସୁଥିଲା। ପୁଲିସ କେବଳ ମାମଲା ରୁଜୁକରି ଚୁପ ବସୁଥିବା



ଖସିଗଲେ ୪ ଅଭିଯୁକ୍ତ

ବେଳେ ଖନ୍ତାପଡ଼ା ଥାନା ପୁଲିସର ପାରିବାପଣିଆ ଉପରେ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଥିଲେ। ୨୦୨୧ରୁ ରାସ୍ତାରେ ପଥଚାରୀମାନେ ଯାତାୟାତ କରିବା ସମୟରେ ଆକ୍ରମଣ ସହ ଲୁଟର ଶିକାର ହୋଇ ଆସୁଥିଲେ। ଖନ୍ତାପଡା ଥାନା ଅଞ୍ଚଳରେ କିଛି ଯୁବକ ଅପରାଧିକ କାର୍ଯ୍ୟାକଳାପରେ ଲିପ୍ତହୋଇ ଅପରାଧର ସାମ୍ରାଜ୍ୟ ଚଳାଇ ଆସୁଇଥିଲେ। ପୁଲିସ ପୂର୍ବରୁ କିଛି ଅପରାଧୀଙ୍କୁ ଧରିବାରେ ସଫଳ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇରହିଥିଲେ। ଅପରାଧ ଯୋଗୁଁ ଖନ୍ତାପଡ଼ା ପୁଲିସ ସହ ଜିଲ୍ଲା ପୁଲିସର ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। ଦୀର୍ଘଦିନ ଧରି ଖନ୍ତାପଡ଼ା ଥାନା ଆଇଆଇସି ପ୍ରଫୁଲ୍ଲ କୁମାର ମଲ୍ଲିକ ଏହି ଅପରାଧି ଗ୍ୟାଙ୍ଗଙ୍କୁ ଧରିବାରେ ବିଫଳ ହୋଇଥିଲେ। ବର୍ତ୍ତମାନ ଆଇଆଇସି ଶ୍ରୀ ମଲ୍ଲିକ ଛୁଟିରେ ଥିବାରୁ ଗୋପାଳପୁର ଥାନାର ଆଇଆଇସି ଅଶୋକ କୁମାର ବାରିକ ଖନ୍ତାପଡ଼ା ଥାନାର ଭାରପ୍ରାପ୍ତ ଆଇଆଇସି ଭାବେ କାର୍ଯ୍ୟରତ ଅଛନ୍ତି। ଏପରିସ୍ଥଳେ ଆଇଆଇସି ଶ୍ରୀ ବାରିକ ଯୋଗଦେବା ପରେ ଆକ୍ସନ ମୋଡକୁ ଆସିଥିଲେ। କାନକଟା ଛକ ନିକଟରେ ଏହି ଡକାୟତି ଗ୍ୟାଙ୍ଗ ଯୋଜନା କରୁଥିବା ବେଳେ ଚଢଉ କର ଉଭୟଙ୍କୁ ଗିରଫ କରିଥିଲେ। ଗୋଟିଏ ଭୁଜାଲି ସହ ୩ ଲୁହାରଡ୍, ଗୋଟିଏ କାଠ ଲାଠିସହ ଗୋଟିଏ ଟର୍ଚ୍ଚ ଲାଇଟକୁ ପୁଲିସ ଜବତ କରିଛି। ଅଭିଯୁକ୍ତ ଦିପୁ ନାମରେ ଖନ୍ତାପଡା ଥାନାରେ ୨୦୨୧ ମସିହାଠାରୁ ୨୦୨୫ ମସିହା ମଧ୍ୟରେ ୧୬ଟି ଅପରାଧିକ ମାମଲା ଥିବା ବେଳେ ସେଥିରୁ ୨ଟିରେ ଜାମିନ ବିହୀନ ପରୱାନା ଜାରି କରାଯାଇଥିବା ସୂଚନା ମିଳିଛି। ସେହିପରି ଅଭିଯୁକ୍ତ ସନ୍ଦିପ ନାମରେ ଖନ୍ତାପଡ଼ା ଥାନାରେ ୧୨ ଗୋଟି ଅପରାଧିକ ମାମଲା ଥିବା ବେଳେ ସେଥିରୁ ୨ଟିରେ ଜାମିନ ବିହୀନ ପରୱାନା ଥିବା ଜଣାପଡିଛି। ଗତ ଅଗଷ୍ଟ ୮ ତାରିଖରେ ଗୋପାଳପୁର ଥାନା କୁଆପଦା ଗ୍ରାମର ଜଣେ ବ୍ୟକ୍ତି ବାଲେଶ୍ୱରରୁ ଘରକୁ ଫେରୁଥିବା ବେଳେ ଗିରଫ ଉଭୟଙ୍କ ସହ ଅନ୍ୟ କିଛି ଯୁବକ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସଂକଟାପନ୍ନ ଅବସ୍ଥାରେ ଦୀର୍ଘ ମାସ କାଳ ଯୁବକ ଜଣକ କଟକ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଫେରିଥିଲେ।

# ବେଆଇନ ଚାନ୍ଦା ଆଦାୟ ଅଭିଯୋଗ



**କାଳିପଦା,୨୪।୧୦(ସମିସ):** କାଳୀପୂଜାକୁ ଆଳ କରି ଏବେ ଛକ ବଜାରରେ ବେଆଇନ ଚାନ୍ଦା ଆଦାୟ ବୃଦ୍ଧି ପାଇଛି। ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୁଲିସ ସବୁ ଜାଣି ମଧ୍ୟ ଅଜଣା ରହୁଛି ବୋଲି ଅଭିଯୋଗ ହେଉଛି। ଏବେ ବାଲିଆପାଳ ବସ୍ତା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ଛଟିନା ଛକଠାରେ କେତେକ ଯୁବକ ରାସ୍ତାରେ ଅସ୍ଥାୟୀ ହମ୍ପସ ବନାଇ ଗାଡ଼ିମଟର ଅଟକାଇ ଚାନ୍ଦା ଦାବି କରୁଛନ୍ତି। ଦୁଇ ଚକିଆଗାଡ଼ିକୁ ଅଟକାଇ ମଧ୍ୟ ଚାନ୍ଦା ଦାବି କରୁଛନ୍ତି। କୁଆଡେ କାଳୀପୂଜା ପାଇଁ ସେମାନେ ଚାନ୍ଦା ଦାବି କରୁଥିବା ପ୍ରକାଶ। ଯେଉଁମାନେ ଚାନ୍ଦା ଦେବାନେଇ ଅସାମର୍ଥ୍ୟ ପ୍ରକାଶ କରୁଛନ୍ତି, ସେମାନଙ୍କୁ ଚାନ୍ଦା ଆଦାୟକାରୀ ଲୋକମାନେ ଜୋର୍ ଜୁଲମ କରୁଛନ୍ତି। ସେହିପରି ବାଲିଆପାଳ କମର୍ଦ୍ଦା ରାସ୍ତାର ସୁବର୍ଣ୍ଣ ରେଖା ସେତୁର ଉତ୍ତର ପଟ ରାସ୍ତାରେ କାଳୀପୂଜା ନାମରେ ବେଆଇନ ଭାବେ ଚାନ୍ଦା ଆଦାୟ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ରାସ୍ତା ପାରି ଯାଉଥିବା ଗାଡିମଟରକୁ ସେମାନେ ଅଟକାୟୀ ଚାନ୍ଦା ଦାବି କରୁଛନ୍ତି। ପ୍ରତିବାଦ କଲେ ନାନା ଧମକ ଚମକ ମଧ୍ୟ ଦେଉଛନ୍ତି। ପୁଲିସ ଏହି ରାସ୍ତାରେ ପାଟ୍ରୋଲିଂ କରୁଥିଲେ ବି କୌଣସି ପଦକ୍ଷେପ ନେଉନାହିଁ। କାଳୀପୂଜା ଦିନ ପୁଲିସ ଓ ଅଗ୍ନିଶମ ବିଭାଗର କେତେକ ଅସାଧୁ କର୍ମଚାରୀ ବାଣ ଦୋକାନୀଙ୍କ ପାଖରୁ ମଧ୍ୟ ଚାନ୍ଦା ଆଦାୟ କରୁଥିବା ସ୍ଥାନୀୟ ଲୋକ ଓ ବ୍ୟବସାୟୀ ଅଭିଯୋଗ କରିଛନ୍ତି। ଚାନ୍ଦା ଆଦାୟକୁ ନ୍ୟାୟାଳୟ କଡ଼ା ଆଭିମୁଖ୍ୟ ରଖିଥିବା ବେଳେ ଏଠାରେ ଏହା ଧର୍ମକୁ ଆଖି ଠାର୍ ପରି ହୋଇଛି। ପୁଲିସ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଘର ସମ୍ମୁଖରୁ ବାଇକ୍ ଚୋରି

**ସୋର,୨୪।୧୦(ସମିସ):** ସୋର ବ୍ଲକ୍ ଦହିସଡା ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରେ ଘର ସମ୍ମୁଖରୁ ବାଇକ ଚୋରି ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଏହି ଗ୍ରାମର ସୁଦାମ ଚରଣ ବେହେରା ତାଙ୍କ ଓଡ଼ି ୦୧ ଏମ ୮୪୬୫ ନମ୍ବର ବିଶିଷ୍ଟ ବାଇକଟିକୁ ପ୍ରତିଦିନ ଭଳି ଗତକାଲି ରାତିରେ ଘର ସମ୍ମୁଖ ପଟିକରେ ରଖିଥିଲେ। ମାତ୍ର ରାତିରେ ବାଇକଟି ରଖିଥିବା ସ୍ଥାନରେ ନପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଫଳରେ ବାଇକଟିକୁ ନପାଇ ଚୋରି ହୋଇଥିବା ଜାଣିପାରି ଆଜି ମଧ୍ୟାହ୍ନରେ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ପଥର ଖଣିର ପରିବେଶ ମଞ୍ଜୁରୀକୁ ବିରୋଧ କରି ଜନସମାବେଶ



**ନୀଳଗିରି,୨୪।୧୦(ସମିସ):** ନୀଳଗିରି ମିରିଗିଣି ପଥର ଖଣିର ପରିବେଶ ମଞ୍ଜୁରୀକୁ ବିରୋଧ କରି ଶୁକ୍ରବାର ମିରିଗିଣି ଖାଣ୍ଡିଆହୁଡ଼ି ସୁରକ୍ଷାମଞ୍ଚ ତରଫରୁ ଶାଳବନ୍ଧ ପଡ଼ିଆରେ ବିଶାଳ ଜନସମାବେଶ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନସମାବେଶ ନୀଳଗିରିର ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ସଭାପତିତ୍ୱ କରିଥିବା ବେଳେ ଏହି ସଭାରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଦଳର ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ରେମୁଣାର ପୂର୍ବତନ ବିଧାୟକ ସୁଦାମ ପରିଡ଼ା, ପରିବେଶବିତ୍ ଅରୁଣ ଜେନା, ରବୀନ୍ଦ୍ର ଜେନା, ସୁନିଲ ପ୍ରଧାନ, ଗଙ୍ଗା ସିଂ, କ୍ଷେତ୍ରମୋହନ ସିଂ, ରାମଚନ୍ଦ୍ର ଦାସ, ରାମଚନ୍ଦ୍ର ବିଶ୍ୱାଳ, ସାମ୍ବାଦିକ ଲୋକନାଥ ଦଳେଇ, ଭରତଚନ୍ଦ୍ର ପରିଡା, ରବିନ୍ଦ୍ର ଦଳେଇ, ଗୌ÷ରମୋହନ ସିଂ ଓ ଶତାଧିକ ସ୍ଥାନୀୟ ସାଧାରଣ ଉପସ୍ଥିତ ଥିଲେ। ଖଣ୍ଡିଆହୁଡ଼ିରେ ଖାଦାନ ହେଲେ ୪ ନମ୍ବର ୱାର୍ଡ ମିରିଗିଣି ୩ ନମ୍ବର ୱାର୍ଡ ଶାଳବନ୍ଧ ଗାଁ ଲୋକଙ୍କର ଅଧିକ କ୍ଷତି ହେବାନେଇ ଉପସ୍ଥିତ ଥିବା ସ୍ଥାନୀୟ ସାଧାରଣ ପ୍ରଥମେ କହିଥିଲେ। ମରିଯିବୁ ପଛେ ପାହାଡ଼ ଦେବୁନାହିଁ ବୋଲି କହିଥିଲେ ଉପସ୍ଥିତ ଗ୍ରାମବାସୀ। ଘର ଘର ବୁଲି ଚାଉଳ, ଟଙ୍କା ଆଦାୟ କରି ଏହି ନିଷ୍ପତ୍ତି ବିରୋଧରେ ସଂଗ୍ରାମ ଜାରିରହିବ ବୋଲି ବାଲି ସମସ୍ତେ ପଣ କରିଥିଲେ। ସୂଚନାନୁଯାୟୀ, ନୀଳଗିରି ତହସିଲ ଅନ୍ତର୍ଗତ ମିରିଗିଣି ପଥର ଖଣି-୧ ପାଇଁ ୨୦୨୪, ଜୁନ୍ ୨୫ରେ ପ୍ରଦାନ କରାଯାଇଥିବା ପରିବେଶ ମଞ୍ଜୁରିକୁ ଚାଲେଞ୍ଜ କରି ପୂର୍ବତନ ବିଧାୟକ ସୁକାନ୍ତ ନାୟକ ଦାୟର କରିଥିବା ଆବେଦନକୁ ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ବିଚାର ପାଇଁ ଗ୍ରହଣ କରିଛନ୍ତି। ଆସନ୍ତା ନଭେମ୍ବର ୨୦ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଜଣାପଡ଼ିଛି। ଆଇନଜୀବୀ ଶଙ୍କର ପ୍ରସାଦ ପାଣି ଏହି ମାମଲା ପରିଚାଳନା କରୁଛନ୍ତି।

# ଜଳ ଯୋଗାଣ ପ୍ରକଳ୍ପରେ ଅର୍ଥ ଆତ୍ମସାତ ଅଭିଯୋଗ; ତଦନ୍ତ ପାଇଁ ନିର୍ଦ୍ଦେଶ

**ନୀଳଗିରି,୨୪।୧୦(ସମିସ):** ଜଳ ଯୋଗାଣ ପ୍ରକଳ୍ପରେ ଅର୍ଥ ଆତ୍ମସାତ ଅଭିଯୋଗରେ ତଦନ୍ତ ପାଇଁ ନିର୍ଦ୍ଦେଶ। ସୂଚନାନୁଯାୟୀ, ନିଳଗିରି ବ୍ଲକର ୨୨ଟି ପଞ୍ଚାୟତରେ ଅଞ୍ଚଳବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ମେଗାପ୍ରକଳ୍ପ କାର୍ଯ୍ୟ କରୁଛି। ହେଲେ ଠିକାଦାର ଜୁବେରି କମ୍ପାନୀ ଆକଳନ ଅନୁସାରେ କାର୍ଯ୍ୟ ନ କରି ମନଇଛା କାମ କରୁଥିବା ବେଳେ ଖୋଦ୍ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଘର ଆଗରେ ୩ ଫୁଟ୍ ବଦଳରେ ଫୁଟେ ଗଭୀର କରି ପାଇପ୍ ପକାଇଥିବାର ସାଂସଦ ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଅଧିକାରୀଙ୍କୁ ଡକାଇ ଅନିୟମିତତା କରାଯାଇଥିବାର ଦର୍ଶାଇବା ସହ ଉପରିସ୍ଥ ଅଧିକାରୀଙ୍କୁ ଘଟଣା ବାବଦରେ ଜଣାଇବା ପରେ ଅଧିକାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। ଉପରିସ୍ଥ ଅଧିକାରୀ ଜଣକ ତରବରିଆ ଭାବେ କନିଷ୍ଠ ଯନ୍ତ୍ରୀଙ୍କୁ ଅନ୍ୟତ୍ର ବଦଳି କରିଦେଇଥିଲେ। ପରେ ବିଭାଗ ପକ୍ଷରୁ ତିନିଫୁଟ୍ ଗଭୀର କରି ପାଇପ୍ ପକାଯାଇଥିଲା। ମାତ୍ର ଅନ୍ୟ ସମସ୍ତ ପଞ୍ଚାୟତରେ କମ୍ ଗଭୀର କରି ପାଇପ୍ ପକାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଥିବାର ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ କିଛି ଦିନ ତଳେ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ଏଥିସହ ଘଟଣାର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟଯନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଆଗାମୀ ୧୫ଦିନ ଭିତରେ ଉପଯୁକ୍ତ ତଦନ୍ତ କରି ରିପୋର୍ଟ ଦେବାକୁ ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇଛନ୍ତି।

# ହୋଟେଲରେ ଚଢ଼ଉ; ୨ ଦେହଜୀବୀ ଉଦ୍ଧାର, ୨ଗିରଫ

**ବସ୍ତା ବ୍ଲକ୍,୨୪।୧୦(ସମିସ):** ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଧୀନ ୬୦ନମ୍ବର ଜାତୀୟ ରାଜପଥ ନିକଟସ୍ଥ ଏକ ହୋଟଲରେ ପୁଲିସ ଚଢ଼ଉ କରି ୨ ଦେହଜୀବୀଙ୍କୁ ଉଦ୍ଧାର କରିଥିବା ବେଳେ ୨ଜଣଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, ରାଜପଥ ନିକଟସ୍ଥ ହୋଟେଲ ଭଡ଼ାନେଇ ପଶ୍ଚିମବଙ୍ଗରୁ ଦେହଜୀବୀଙ୍କୁ ଆଣି ଅନୈତିକ କାର୍ଯ୍ୟ ଚାଲୁଥିବା ଖବର ପାଇ ଗୁରୁବାର ବସ୍ତା ପୁଲିସ ଚଢ଼ଉ କରିଥିଲା। ୨ ଦେହଜୀବୀଙ୍କୁ ଉଦ୍ଧାର କରିବାସହ ଜଣେ ଗ୍ରାହକ ସହିତ ହୋଟେଲ ମ୍ୟାନେଜରକୁ ଗିରଫ କରିଥିବା ଜଣାପଡ଼ିଛି। ଭେଲୋରା ଠାରେ କାଦରାୟାଁ ଗ୍ରାମର ଜଣେ ବ୍ୟକ୍ତିଙ୍କ ରାଜପଥ ପାଶ୍ୱର୍ରେ ହୋଟେଲ ରହିଛି। ଏହି ହୋଟେଲକୁ ଭେଲୋରା ପଞ୍ଚାୟତ କୁଣ୍ଡୁଳି ଗ୍ରାମର ସତ୍ୟବ୍ରତ ଜେନା ନାମକ ଜଣେ ଯୁବକ ମୋଟାଅଙ୍କର ଭଡ଼ାସୂତ୍ରରେ ନେଇ ସେଠାରେ ବାହାର ରାଜ୍ୟରୁ ଦେହଜୀବୀଙ୍କୁ ଆଣି ବ୍ୟବସାୟ କରୁଥିଲା। ଘଟଣାର ପର୍ଦ୍ଦା ହଟାଇବାକୁ ଜନୈକ ଯୁବକ ଗ୍ରାହକ ବେଶରେ ଯାଇ ଜିଲ୍ଲା ପୁଲିସ ଅଧିକାରୀଙ୍କୁ ଅଭିଯୋଗ ପରେ ବସ୍ତା ପୁଲିସ ହୋଟେଲରେ ଚଢଉ କରିଥିଲା। ପୁଲିସ ଦୁଇଜଣ ଦେହଜୀବୀଙ୍କୁ ଉଦ୍ଧାର କରିବା ସହିତ କାଦରାୟାଁ ଗ୍ରାମର ଗ୍ରାହକ ଗୁଲାମ ୱାରିଶ ଓ ବାଲିଆପାଳ ଥାନା ସୁନାରୋହି ଅଞ୍ଚଳର ଗିରିଧାରୀ ଜେନା ଯିଏ ହୋଟେଲର ମ୍ୟାନେଜର ଥିଲେ ତାଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ଦୁଇ ଦେହଜୀବୀଙ୍କୁ ପୁଲିସ ଛାଡିଦେଇଥିବା ବେଳେ ଶୁକ୍ରବାର ପୁଲିସ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଉକ୍ତ ହୋଟେଲକୁ ସିଲ୍ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ବିଶ୍ୱ ପୋଲିଓ ଦିବସ ପାଳିତ




**ଜଳେଶ୍ୱର,୨୪।୧୦(ସମିସ):** ଜଳେଶ୍ୱର ରୋଟାରୀ କ୍ଲବ୍ ପକ୍ଷରୁ ବଡ଼ବଜାର ଛକଠାରେ ବିଶ୍ୱ ପୋଲିଓ ଦିବସ ପାଳିତ ହୋଇଛି। ରୋଟାରୀ ଜିଲ୍ଲା ୩୨୬୨ ଡିଏସଜି ତଥା ଜଳେଶ୍ୱର କ୍ଲବ ପୂର୍ବତନ ସଭାପତି ସୁରେଶ କୁମାର ସାହୁ ଏକ କଣ୍ଢେଇରେ ପୋଲିଓ ମୁକ୍ତ ଅଭିଯାନର ସଚେତନତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି "ଦୁଇ ବୁନ୍ଦା ପ୍ରତ୍ୟେକ ଥର, ପୋଲିଓ ଉପରେ ବିଜୟ ରହୁ ନିରନ୍ତର "ସ୍ଲୋଗାନ ଦିଆଯାଇଥିଲା। ଆୟୋଜିତ ପଥପ୍ରାନ୍ତ ସଭାରେ କ୍ଲବ୍ ପୋଲିଓ କମିଟି ଅଧକ୍ଷ ସୁରେଶ କୁମାର ଦାସ, ସଭାପତି ସୁବୀର କୁମାର ସେନାପତି, ସମ୍ପାଦକ ଅଂଶୁମାନ ରାଉତ, ଆଇପିପି ଭାସ୍କର ରଞ୍ଜନ ସ୍ୱାଇଁ, ପୂର୍ବତନ ସଭାପତି ବିକାଶ କୁମାର ଧର, ସୁବ୍ରତ କୁମାର ରଣା, ରାଜେଶ କୁମାର ଖଟୁଆ, ନନ୍ଦନ କୁମାର ଦତ, ରୋଟାରିଆନ ସତ୍ୟନାରାୟଣ ସିଂ, ସତ୍ୟବ୍ରତ ଜେନା, ଲକ୍ଷ୍ମୀନାରାୟଣ ଶତପଥୀ, ରାଜକିଶୋର ହୁଇ ପ୍ରମୁଖ ପୋଲିଓ ମୁକ୍ତ ପାଇଁ ୫ ବର୍ଷ ପିଲାଙ୍କ ପର୍ଯ୍ୟନ୍ତ ପୋଲିଓ ବୁନ୍ଦା ନେବାକୁ ସଚେତନ କରାଇଥିଲେ।

# ଓଲଟିଲା ଟ୍ୟାଙ୍କର; ଚାଳକ ଆହତ



**ରାଜଘାଟ/ଜଳେଶ୍ୱର,୨୪।୧୦(ସମିସ):** ୧୬ ନମ୍ବର ଜାତୀୟ ରାଜପଥର ବସ୍ତା ଥାନା ଅଧୀନ ପୁନସିତା ଛକ ନିକଟରେ ଭାରସାମ୍ୟ ହରାଇ ଟ୍ୟାଙ୍କର ଜାତୀୟ ରାଜପଥରୁ ନୟନଯୋରୀକୁ ଓଲଟିବା ଫଳରେ ଚାଳକ ଆହତ ହୋଇଥିବା ବେଳେ ତାର ଛିଣ୍ଡି ବିଦ୍ୟୁତ ସରବରାହରେ ବ୍ୟାଘାତ ଦେଖାଦେଇଛି। ସୂଚନା ଅନୁସାରେ ଏକ ଏଲପିଜି ଗ୍ୟାସ ଟ୍ୟାଙ୍କର(ଏନଏଲ୍ ୦୧କ୍ୟୁ ୯ ୯୪୫) ଆଜି ଅପରାହ୍ନ ୩ଟାରେ କୋଲକାତାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ସମୟରେ ଉକ୍ତ ଜାତୀୟ ରାଜପଥେ ଉକ୍ତ ଛକ ନିକଟରେ କିଛି ବୁଲା ଷଣ୍ଢକୁ ବଞ୍ଚାଇବାକୁ ଯାଇ ଭାରସାମ୍ୟ ହରାଇ ୨୦ ଫୁଟ ତଳକୁ ନୟନଯୋରୀକୁ ଓଲଟି ପଡ଼ିଥିଲା। ଏହି ଓଲଟିବା ସମୟରେ ତାରକୁ ଛିଣ୍ଡାଇ ପକାଇବାରୁ ବିଦ୍ୟୁତ ସରବରାହରେ ବ୍ୟାଘାତ ଦେଖାଦେଇଥିଲା। ଖବର ପାଇ ବିଦ୍ୟୁତ କର୍ମଚାରୀମାନେ ମରାମତି କାମ ତ୍ୱରାନ୍ୱିତ କରିଥିବା ବେଳେ ବସ୍ତା ଅଗ୍ନିଶମ ବାହିନୀ ପହଞ୍ଚି ଟ୍ୟାଙ୍କରଟିର ଗ୍ୟାସ୍ ଲିକେଜ୍ ଆଦିକୁ ଯାଞ୍ଚ କରିଥିଲେ। ଜାତୀୟ ରାଜପଥ ପହରା ପୁଲିସ ପହଞ୍ଚି ଆହତ ଚାଳକକୁ ଉଦ୍ଧାର କରି ହସ୍ପିଟାଲକୁ ପଠାଇଥିବା ବେଳେ ବସ୍ତା ପୁଲିସ ପହଞ୍ଚି ଗାଡ଼ିଟିକୁ ଜବତ୍ କରି ଘଟଣାର ତଦନ୍ତ ଜାରି ରଖିଛି।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ କୈଳାଶ ଚନ୍ଦ୍ର ଅଗ୍ରୱାଲ
ବେତନଟୀ, ମୟୂରଭଞ୍ଜ
ଆବିର୍ଭାବ-୧୩/୧୧/୧୯୫୦ / ତିରୋଧାନ-୧୩/୧୦/୨୦୨୫

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଏବଂ ଆମ ମାନଙ୍କ ପାଇଁ ଆପଣଙ୍କ ଜୀବନବ୍ୟାପୀ ତ୍ୟାଗ ସଦା ସର୍ବଦା ଆମକୁ ଋଣୀ କରି ରଖିବ। ଆପଣଙ୍କ ଅଭୁଲା ସ୍ମୃତି ଚିରଦିନ ପାଇଁ ହୃଦୟରେ ଉଦ୍ଜୀବିତ ହୋଇ ରହିଥିବ। ଆପଣଙ୍କ ଆଶୀର୍ବାଦ ସବୁବେଳେ ଆମ ଉପରେ ରହିଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ଶ୍ରୀରାମ ଆପଣଙ୍କ ଅମରଆତ୍ମାକୁ ପାଦପଦ୍ମରେ ଚରଣାଶ୍ରିତ କରାନ୍ତୁ। ଆପଣ ଯେଉଠି ଥାଆନ୍ତୁ ଭଲରେ ଥାଆନ୍ତୁ, ଶାନ୍ତିରେ ଥାଆନ୍ତୁ କେବଳ ଏତିକି ପ୍ରାର୍ଥନା।

ଆପଣଙ୍କ ହତଭାଗିନୀ ଧର୍ମପତ୍ନୀ ପ୍ରେମଲତା ଅଗ୍ରୱାଲ, ପୁଅ ସିଦ୍ଧାର୍ଥ ଅଗ୍ରୱାଲ, ପୁତ୍ରବଧୂ, ନାତିନାତୁଣୀ, ଝିଅ, ଜ୍ୱାଇଁ, ଭାଇ, ଭଗିନୀ, ବନ୍ଧୁ ପରିଜନ ଏବଂ ଶୋକାସନ୍ତପ୍ତ ପରିବାରବର୍ଗ

## ପାଚିକା ଚୟନରେ ଅନିୟମିତତା ଅଭିଯୋଗ

# ସ୍କୁଲ ଗେଟ୍‌ରେ ତାଲାପକାଇ ପୁନଶ୍ଚ ନିଯୁକ୍ତି ପାଇଁ ବିଜ୍ଞପ୍ତି ଦାବି

**ବାଲିଆପାଳ,୨୪।୧୦(ସମିସ)**



ବାଲିଆପାଳ ବ୍ଲକ୍ ଅସ୍ତି ପଞ୍ଚାୟତର ଥିବା ସୁବର୍ଣ୍ଣରେଖା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପାଚିକା ଚୟନରେ ଅନିୟମିତତା ନେଇ ଅଭିଯୋଗ। ଏନେଇ ଶୁକ୍ରବାର ପୂର୍ବାହ୍ନରେ କିଛି ମହିଳା ସ୍କୁଲ ଗେଟରେ ତାଲା ପକାଇ ଦେଇଥିବା ଦେଖିବାକୁ ମିଳିଛି। ସୂଚନାନୁଯାୟୀ, ଉକ୍ତ ବିଦ୍ୟାଳୟରେ ପାଚିକା ପାଇଁ ଆବେଦନ ଫର୍ମ ବାହାରିଥିଲା। ସମୁଦାୟ ୧୦ ଜଣ ମହିଳା ଆବେଦନ କରିଥିଲେ। ତଞ୍ଚକତା କରି ସେଥିମଧ୍ୟରୁ ଦୁଇଜଣ ସଧବା ମହିଳାଙ୍କୁ ଚୟନ କରାଯାଇଥିବା ବେଳେ ବିଧବା ଓ ଏସି ମହିଳା କେମିତି ବାଦପଡ଼ିଲେ ବୋଲି ଅନ୍ୟ ଆବେଦନକାରୀ ରୁବିରାଣି ମାଣିକ, ଭାଗ୍ୟବତୀ ଜେନା ଓ ମମତା ଗିରି ପ୍ରମୁଖ ପ୍ରଶ୍ନ କରିଛନ୍ତି। ଚୟନ ପ୍ରକ୍ରିୟାରେ ବାଲିଆପାଳ ଭାରପ୍ରାପ୍ତ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା ଅତିରିକ୍ତ ଶିକ୍ଷାଧିକାରୀ ନିମିତାପ୍ରଭା ସାମଲ, ପରିଚାଳନା କମିଟି ଏବଂ ପ୍ରଧାନଶିକ୍ଷକଙ୍କ ଉପସ୍ଥିତିରେ ଚୟନ କରାଯାଇଥିଲା। ମହିଳାମାନେ ଚୟନ ପ୍ରକ୍ରିୟାରୁ ବାଦ୍ ପଡ଼ିବା ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଠାରୁ ଜାଣିବା ପାଇଁ ପାଇଥିଲେ, ଆବଶ୍ୟକୀୟ କାଗଜପତ୍ର ନଥିବାରୁ ଚୟନ ପ୍ରକ୍ରିୟାରୁ ବାଦ୍ ପଡ଼ିଛନ୍ତି। ପୁନଶ୍ଚ ପାଚିକା ନିଯୁକ୍ତି ପାଇଁ ବିଜ୍ଞପ୍ତି ଜାରି ପାଇଁ ମହିଳାମାନେ ଦାବି କରିବା ସହିତ ଏହି ଚୟନ ପ୍ରକ୍ରିୟାରେ ତଞ୍ଚକତା କରିଥିବା ପ୍ରଧାନଶିକ୍ଷକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏନେଇ ଗଣମାଧ୍ୟମର ପ୍ରତିନିଧିମାନେ ପ୍ରଧାନଶିକ୍ଷକଙ୍କୁ ଯୋଗାଯୋଗ କରିବାରୁ ବିଇଓଙ୍କ ବିନା ଅନୁମତିରେ କାହିଁକି ସ୍କୁଲ ପରିସରକୁ ଆସିଛ ବୋଲି ଓଲଟା ପ୍ରଶ୍ନ ପଚାରିଥିଲେ। ପରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ହସ୍ତକ୍ଷେପ ପରେ ମହିଳାମାନେ ତାଲା ଖୋଲିଥିଲେ।

## ବାଟ ହୁଡୁଛି ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା

# ୧୭୨୮ ଅଙ୍ଗନବାଡ଼ି କେନ୍ଦ୍ରରେ ନାହିଁ ମମତା ଗୃହ

ବାରିପଦା, ୨୪।୧୦(ସମିସ)

ମୟୂରଭଞ୍ଜ ଜିଲ୍ଲାରେ ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ପରିଚାଳିତ ମମତା ବା ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ବାଟହୁଡୁଛି। ଆଦିବାସୀ ବହୁଳ ବଣପାହାଡ ଘେରା ଏହି ଜିଲ୍ଲାରେ ବିଶେଷ ଭାବରେ ଭିତ୍ତିଭୂମି ଅଭାବ ପାଇଁ ଉପରୋକ୍ତ ଯୋଜନାର ଶତପ୍ରତିଶତ ସଫଳତା ମିଳୁନାହିଁ। ମାତୃ ଓ ଶିଶୁ ମୃତ୍ୟୁହାର କମାଇବା ପାଇଁ ଓ ଗର୍ଭବତୀ, ପ୍ରସୂତୀ ମା' ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ ଓ ପୃଷ୍ଟିର ସ୍ଥିତିରେ ଉନ୍ନତି ଆଣିବା ନିମନ୍ତେ ସେପ୍ଟେମ୍ବର ୨୦୧୧ରେ ମମତା ପରିଯୋଜନା ଓଡ଼ିଶା ତଥା ଏହି ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିଲା। ତେବେ ଏହି ମମତା ଯୋଜନାକୁ ଓଡ଼ିଶା ସରକାର ଏପ୍ରିଲ-୨୦୨୫ଠାରୁ ମିଳିତ ଭାବରେ ମମତା-ପ୍ରଧାନ ମନ୍ତ୍ରୀ ମାତୃ"ବନ୍ଦନା ଯୋଜନା କାର୍ଯ୍ୟକାରୀ କରିବାକୁ ଅନୁମୋଦନ କରି କାର୍ଯ୍ୟକାରୀ ହେଉଛି। ମମତା-ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାର ବୈଶିଷ୍ଟ୍ୟ ଦେଖିବାକୁ ଗଲେ ୧୮ ବର୍ଷରୁ ୫୫ ବର୍ଷ ବୟସର ଗର୍ଭବତୀ ମହିଳା ଏବଂ ପ୍ରସୂତୀ ମା'ମାନେ ଯୋଜନାର ଲାଭ ପାଇବାକୁ ଯୋଗ୍ୟ ହେବେ। ଶେଷ ଋତୁସ୍ରାବରୁ ୪ ମାସ ମଧ୍ୟରେ ଗର୍ଭତୀଙ୍କୁ ଏହି ଯୋଜନାରେ ପ୍ରଥମ କିସ୍ତି ଅର୍ଥରାଶି ପ୍ରଦାନ କରାଯାଉଥିବା ବେଳେ ଶିଶୁ ଜନ୍ମର ୧୪ ସପ୍ତାହ ବୟସ ହେବ ସହ ସମସ୍ତ ଟୀକା ଗ୍ରହଣ କରିବା ପରେ ଦ୍ୱିତୀୟ କିସ୍ତି ପ୍ରଦାନ କରାଯାଉଛି। ସେହିପରି ହିତାଧିକାରୀ ମାନେ ପ୍ରଥମ ଏବଂ ଦ୍ୱିତୀୟ




ଜୀବତ ଜାତ ଶିଶୁ ପାଇଁ ଆର୍ଥିକ ସହାୟତା ପାଉଛନ୍ତି। ସେଥିମଧ୍ୟରୁ ପ୍ରତି କନ୍ୟା ସନ୍ତାନ ପାଇଁ ୧୨ହଜାର ଟଙ୍କା ଏବଂ ପୁତ୍ର ସନ୍ତାନ ପାଇଁ ୧୦ହଜାର ଟଙ୍କା ଦିଆଯାଉଥିବା ବେଳେ ପ୍ରଥମ କିସ୍ତି ୬ହଜାର ଟଙ୍କା ଓ ଦ୍ୱିତୀୟ କିସ୍ତିରେ ଯଦି ପୁତ୍ର ସନ୍ତାନ ଜନ୍ମ ହୁଏ ତେବେ ୪ହଜାର ଟଙ୍କା ଏବଂ କନ୍ୟା ସନ୍ତାନ ପାଇଁ ୬ଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଉଛି। ବିଲୁପ୍ତ ପ୍ରାୟ ଜନଜାତି ଗୋଷ୍ଠୀ (ପିଭିଟିଜି) ସମ୍ପ୍ରଦାୟର ମହଳାଙ୍କୁ ସମସ୍ତ ଜୀବିତ ଜାତ କନ୍ୟା ସନ୍ତାନ ପାଇଁ ୧୨ହଜାର ଟଙ୍କା ଏବଂ ପୁତ୍ର ସନ୍ତାନ ପାଇଁ ୧୦ହଜାର ଟଙ୍କା ଆର୍ଥିକ ରାଶି ପ୍ରଦାନ କରାଯାଉଛି। ବାର୍ଷିକ ପରିବାର ଆୟ ୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ତଥା ସରକାର ଏବଂ ରାଷ୍ଟ୍ରାୟତ୍ତ ସଂସ୍ଥାରେ କାର୍ଯ୍ୟ କରୁଥିବା କର୍ମଚାରୀ ଏବଂ ସେମାନଙ୍କ ପତ୍ନୀଙ୍କ ବ୍ୟତୀତ

**୩୪୨୫ଟି ଗୃହ ନିର୍ମାଣ ସମ୍ପୂର୍ଣ୍ଣ; ଚାଲିଛି ୧୩୯**

୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଗର୍ଭବତୀ ଓ ପ୍ରସୂତୀ ମା' ୨ଟି ଜୀବିତ ସନ୍ତାନ ପର୍ଯ୍ୟନ୍ତ ଏଥିରେ ଉପକୃତ ହେଉଛନ୍ତି। ମମତା ଯୋଜନାର ପୁରୁଣା ନିୟମ ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲାରେ ସେପ୍ଟେମ୍ବର-୨୦୧୧ରୁ ଡିସେମ୍ବର-୨୦୧୬ ମଧ୍ୟରେ ମୋଟ ୧ଲକ୍ଷ ୭୦ହଜାର ୫୧୨ ଜଣ ଗର୍ଭବତୀ ମା' ଏହି ଯୋଜନାରେ ଉପକୃତ ହୋଇଛନ୍ତି। ଜାନୁୟାରୀ ୨୦୧୭ ପରଠାରୁ ପରିବର୍ତ୍ତିତ ନୂତନ ସର୍ତ୍ତାବଳୀ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ବାଟ ହୁଡୁଛି ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା ମୋଟ ୨ଲକ୍ଷ ୨୫ହଜାର ୪୭୨ ଜଣ ଗର୍ଭବତୀ ମା' ଏହି ଯୋଜନାରେ ଉପକୃତ ହୋଇଛନ୍ତି। ତେବେ ସମସ୍ତ ଗର୍ବବତୀ ମା' ଯୋଜନାର ଉପକୃତ ପାଇଁ ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ରରେ ମମତା ଗୃହର ଆବଶ୍ୟକତା ରହିଛି ; ପରନ୍ତୁ ମୟୂରଭଞ୍ଜ ଜିଲ୍ଲାରେ ୧୭୨୮ ଟି କେନ୍ଦ୍ରରେ ମମତା ଗୃହ ନାହିଁ। ଯାହାର ପ୍ରମୁଖ କାରଣ ଜିଲ୍ଲାର ୧୧୭୨ଟି ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବା ବେଳେ ସ୍କୁଲ ଘର, ଗୋଷ୍ଠୀ କେନ୍ଦ୍ର ଓ ଭଡାଘରେ ଅଙ୍ଗନବାଡି କେନ୍ଦ୍ର କାର୍ଯ୍ୟ କରୁଛି। ତେବେ ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ (ଓମ୍ବାଡିସି) ଫାଣ୍ଠିରୁ ଭିତ୍ତିଭୂମିର ସର୍ଭେ ପରେ ୩୮୯୨ଟି ଅଙ୍ଗନବାଡି କେନ୍ଦ୍ରରେ ମମତାଗୃହ ନିର୍ମାଣ ଲକ୍ଷ୍ୟ ଧାର୍ଯ୍ୟରୁ ୩୪୨୫ଟି ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୧୩୯ ଟି ନିର୍ମାଣ ଚାଲିଛି। ବାକି ୫୬ଟି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି ବୋଲି ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ନିହାରିକା ମହାନ୍ତି କହିଛନ୍ତି। ତେବେ ନିଜସ୍ୱ ଗୃହ ଅଭାବ ପାଇଁ ମମତା-ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାର ସଫଳତା ପାଇପାରୁନି। ଏଥିପାଇଁ ପ୍ରତ୍ୟେକ ଅଙ୍ଗବାଡି କେନ୍ଦ୍ରରେ ମମତାଗୃହ ନିର୍ମାଣ ସୁନିଶ୍ଚିତ କରିବା ପାଇଁ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବା ଜରୁରୀ ବୋଲି ବଡସାହି ବ୍ଲକର ୨୩ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟା ସୁବାସିନୀ ନାଏକ ମତ ରଖିଛନ୍ତି।

## ଜୁଆ ଆଡ୍ଡାରେ ପୁଲିସର ଚଢ଼ଉ

# ଖେଳ ସାମଗ୍ରୀ, ଟଙ୍କା, ବୁଲେଟ୍ ଜବତ; ୪ ଗିରଫ



**ବାରିପଦା, ୨୪।୧୦(ସମିସ):** ଜୁଆଡିମାନଙ୍କ ପ୍ରାଦୁର୍ଭାବ ରୋକିବାରେ ବାରିପଦା ସଦର ଥାନା ପୁଲିସକୁ ସଫଳତା ମିଳିଛି। ଏକ ଜୁଆ ଆଡ୍ଡାରେ ପୁଲିସ ଚଢଉ କରି ୪ଜଣଙ୍କୁ ଗିରଫ କରିବା ସହିତ ଖେଳ ସାମଗ୍ରୀ, ଟଙ୍କା, ମୋବାଇଲ ଏବଂ ଏକ ବୁଲେଟକୁ ଜବତ କରିଛି। ଗିରଫମାନେ ସେମାନେ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ବଡ଼ବଜାର ଅଞ୍ଚଳର ଶଙ୍କରନାଥ ବେହେରା, ଚାନ୍ଦୁଆ ଥାନା ଅନ୍ତର୍ଗତ ଝିନେଇ ଗ୍ରାମର ସର୍ବେଶ୍ୱର ସିଂ, କୁଳିଅଣା ଥାନା ଅନ୍ତର୍ଗତ ଶୁଖୁଆପଦା ଗ୍ରାମର ଚନ୍ଦରାୟ ଟୁଡୁ ଓ ବଡ଼ସାହି ଥାନା ଅନ୍ତର୍ଗତ ସାନକେରକୋ ଗ୍ରାମର ରଞ୍ଜିତ ମହାନ୍ତ। ବାରିପଦା ସଦର ଥାନା ପୁଲିସ ପାଟ୍ରୋଲିଂ କରୁଥିବାବେଳେ ବାଉଁଶବିଲା ଅଞ୍ଚଳରେ ଦଣ୍ଡିମୁଣ୍ଡି ଜୁଆ ଖେଳ ଚାଲୁଥିବା ନେଇ ଖବର ପାଇଥିଲା। ପରେ ହାଟ ପଡ଼ିଆ ଅଞ୍ଚଳରେ ପୁଲିସ ଟିମ ଚଢ଼ଉ କରିଥିଲା। ଅଭିଯୁକ୍ତଙ୍କ ନିକଟରୁ ୨୨ହଜାର ୧୦୦ଟଙ୍କା, ୪ଟି ମୋବାଇଲ, ଗୋଟିଏ ବୁଲେଟ ବାଇକ ଏବଂ ଅନ୍ୟାନ୍ୟ ଜୁଆ ଖେଳ ସାମଗ୍ରୀ ଜବତ କରାଯାଇଛି। ଗିରଫଙ୍କ ମଧ୍ୟରୁ ଶଙ୍କରନାଥ ବେହେରା(ଜଗ) ଉକ୍ତ ଖେଳର କିଙ୍ଗପିନ ବୋଲି ଜଣାପଡ଼ିଛି। ଗିରଫ ୪ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏଥି ସହିତ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

## ଜୋନ୍‌ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

# ବାଲେଶ୍ୱର ଜିଲ୍ଲା ଦହମୁଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଥମ



**ବାରିପଦା, ୨୪।୧୦(ସମିସ):** ମୟୂରଭଞ୍ଜ, ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, କେନ୍ଦୁଝର ଆଦି ୬ଟି ଜିଲ୍ଲାକୁ ନେଇ ଜୋନସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଟିଇ ଓ ଏସସିଇଆରଟି ଭୁବନେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ବାରିପଦାସ୍ଥିତ ସହିଦ ସ୍ମୃତି ଭବନ ପରିସରରେ ଜୋନସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶିଧର ସିଂହ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ ଯୋଗ ଦେଇଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଅତିଥି ପରିଚୟ ଓ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଥିଏଟର ଅଭିନେତା ଓ ନିର୍ଦ୍ଦେଶକ କୁମରମଣି ନାୟକ, ଥିଏଟର ଓ ଫିଲ୍ମର ଅଭିନେତା ଓ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ, ଥିଏଟର ଓ ଫିଲ୍ମର ଅଭିନେତା ଓ ନିର୍ଦ୍ଦେଶକ ଧୀର ବସା, ନୃତ୍ୟ ପ୍ରଶିକ୍ଷକ ଲିଟନ ପଟ୍ଟନାୟକ, ନୃତ୍ୟ ଶିଳ୍ପୀ ରିଚା ବାରିକ, ନୃତ୍ୟ ଶିକ୍ଷକ ଅରୂପାନନ୍ଦ ମହଲା ପ୍ରମୁଖ ବିଚାରକ ଭାବେ ମଧ୍ୟ ଯୋଗ ଦେଇଥିଲେ। ପ୍ରତିଯୋଗିତରେ ବାଲେଶ୍ୱର ଜିଲ୍ଲାର ଦହମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ ଜିଲ୍ଲାର ଭାଗିରଥିପୁର ଉଚ୍ଚ ବିଦ୍ୟାଳୟ, ଅନୁଗୁଳ ଜିଲ୍ଲାର ଆଞ୍ଚଳିକ ବାଳିକା ଉଚ୍ଚ ବିଦ୍ୟାଳୟ, ଅଡଶ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇ ଅତିଥିମାନଙ୍କ ନିକଟରୁ ମାନପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ। ଶ୍ରେଷ୍ଠ ଅଭିନେତା ରୂପେ ବାଲେଶ୍ୱର ଦହମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ଶିବନାରାୟଣ ଦାସ, ଶ୍ରେଷ୍ଠ ଯୁଗ୍ମ ଅଭିନେତ୍ରୀ ରୂପେ ଭଦ୍ରକ ଜିଲ୍ଲାର ଓଏଭି, ସାୟମପୁର ସୁହାନା ଦାସ ଓ ମୟୂରଭଞ୍ଜ ଜିଲ୍ଲାର ଲେଡି ହେମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦାର ସ୍ୱାଗତିକା ପଣ୍ଡା, ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ବାଲେଶ୍ୱର ଜିଲ୍ଲାର ଦହମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ଚନ୍ଦନ କୁମାର ଦାସ, ନାଟକ ଲେଖକ ବାଲେଶ୍ୱର ଜିଲ୍ଲାର ଦହମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ଦେବବ୍ରତ ଦେ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଧାନଶିକ୍ଷକ ରମେଶ ମାରାଣ୍ଡି, ନୟନ କୁମାର ଗିରି, ବସନ୍ତ ଦତ୍ତ, ମନୋଜ ପାତ୍ର, ଭୀଷ୍ମଦେବ ମହାନ୍ତ, ମନୋଜ ପରିଡ଼ା, ଦୀପକ ରାମ, ସଞ୍ଜୀବ ଦଳେଇ, ଅଜିତ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଶିକ୍ଷୟିତ୍ରୀ ଅତସୀ କୁଣ୍ଡୁ, ପ୍ରାର୍ଥନା ମିଶ୍ର, ସୁଦତ୍ତା ବାରିକ, ଶିକ୍ଷା କର୍ମଚାରୀ ରମେଶ ଚନ୍ଦ୍ର ଜେନା ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଜୋନସ୍ତରୀୟବିଜ୍ଞାନ ନାଟକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାରୀ କରିଥିବା ବାଲେଶ୍ୱର ଜିଲ୍ଲାର ଦହମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରରେ ଅଂଶ ଗ୍ରହଣ କରିବ।

# ରାଇରଙ୍ଗପୁର ନୂତନ ଜିଲ୍ଲା ଗଠନ ଉଦ୍ୟମକୁ ବିରୋଧ



**ଠାକୁରମୁଣ୍ଡା, ୨୪।୧୦ (ସମିସ):** ମୟୂରଭଞ୍ଜ ଜିଲ୍ଲାକୁ ଦୁଇ ଭାଗ କରି ନୂତନ ଭାବରେ ରାଇରଙ୍ଗପୁର ଜିଲ୍ଲା ଗଠନ ଉଦ୍ୟମକୁ ଠାକୁରମୁଣ୍ଡା ବ୍ଲକ ପେଶା ଗ୍ରାମସଭା କୋର୍ଡିନେସନ କମିଟି ବିରୋଧ କରିଛି। ଏ ନେଇ ଶୁକ୍ରବାର ଏକ ସ୍ମାରକପତ୍ର ବିଡ଼ିଓଙ୍କ ଅନୁପସ୍ଥିତିରେ ଏବିଡ଼ିଓ ଟଙ୍କଧର ମହାନ୍ତଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରର ଏକ ନକଲ ପ୍ରଧାନମନ୍ତ୍ରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସଚିବ, ଜିଲ୍ଲାପାଳଙ୍କୁ ଦିଆଯାଇଛି। ଠାକୁରମୁଣ୍ଡା ବ୍ଲକ ପେଶା ଗ୍ରାମ ସଭାର ସଭାପତି ବୁଦେନ ମୁର୍ମୁ, ସମ୍ପାଦକ ରାବଣେଶ୍ୱର ହାଁସଦାଙ୍କ ନେତୃତ୍ୱରେ ସଦସ୍ୟମାନେ ୧୭ ଦଫା ସମ୍ବଳିତ ଦାବିପତ୍ର ଦେଇଥିଲେ। ଦାବିପତ୍ରରେ ସ୍ୱତନ୍ତ୍ର ରାଜ୍ୟ ମୟୂରଭଞ୍ଜ ଓଡ଼ିଶାରେ ୧୯୪୯ ମସିହାରେ ମିଶ୍ରଣ ହୋଇଥିଲା। ମିଶ୍ରଣ ସମୟରେ ସହମତି ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲା ଅନୁସୂଚିତ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ବର୍ତ୍ତମାନ ଏହା ଗୋଟିଏ ବୋଲି ପାଳନ କରାଯାଇନାହିଁ। ସମ୍ବିଧାନର ୫ମ ଅନୁସୂଚୀ ଅନୁଯାୟୀ ଜିଲ୍ଲା ଆଦିବାସୀଙ୍କ ଅଧିକାର ଓ ସୁବିଧା ସୁରକ୍ଷିତ ରଖାଯିବ; କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଗତ ୧୯୯୨-୯୩ ମସିହାରେ ଓଡ଼ିଶାର ୧୭ ଟି ନୂତନ ଜିଲ୍ଲା ଗଠନ କରାଯାଇଥିବା ବେଳେ ମିଶ୍ରଣ ଚୁକ୍ତି ଅନୁଯାୟୀ ମୟୂରଭଞ୍ଜକୁ ବିଭାଜନ କରାଯାଇ ନ ଥିଲା। ବ୍ରିଟିଶ ଶାସନ ସମୟରେ ଯେପରି ମୟୂରଭଞ୍ଜ ରାଜ୍ୟ ଗଠନ ପାଇଁ ଆନ୍ଦୋଳନ ହୋଇଥିଲା, ସେଭଳି ବର୍ତ୍ତମାନ ଜିଲ୍ଲା ବିଭାଜନ କଲେ ଆଦିବାସୀ ସଂଗଠିତ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛି କମିଟି।

# କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ

**ବାରିପଦା, ୨୪।୧୦(ସମିସ):** ଏମିପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶ୍ରଦ୍ଧା ଫାଉଣ୍ଡେସନ ପକ୍ଷରୁ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ଅବସ୍ଥାରେ କର୍କଟ ରୋଗର ନିରୂପଣ ଓ ଏହାର ନିଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅତିଥି ଭାବେ ଶ୍ରଦ୍ଧା ଫାଉଣ୍ଡେସନର ସଦସ୍ୟା ତଥା କର୍କଟ ରୋଗ ବିଜୟିନୀ ଅନୀତା ବେହେରା ଯୋଗଦେଇ ବକ୍ତବ୍ୟ ମାଧ୍ୟମରେ କର୍କଟ ବିରୋଧରେ ନିଜର ଲଢେଇର ଅନୁଭୂତି ବଖାଣିବା ସହ କମ ଖର୍ଚ୍ଚରେ କିପରି ଉଚ୍ଚମାନର ଚିକିତ୍ସା ସୁବିଧା ଲାଭ କରି ହେବ ସେ ନେଇ ସୂଚନା ଦେଇଥିଲେ। ପ୍ରଶାସନିକ ମୁଖ୍ୟ



ଡ. ପ୍ରିୟବ୍ରତ ବେହେରା ଓ ଅଧ୍ୟାପିକା ଶ୍ରୀମତୀ ରୀନା ମୁର୍ମୁ ଓ ଅଧ୍ୟାପକ ଡ.ଅନାମ ଚରଣ ରାଉଳ ପ୍ରାରମ୍ଭିକ ବକ୍ତବ୍ୟ ରଖିବା ସହ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ-ଅଧ୍ୟାପିକା ଡ ଦୀପକ କୁମାର ବେହେରା, ଡ ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର, ଭୀମ ଚରଣ ମୁର୍ମୁ, ଡ ଟୁଡୁ, ଡ ବିଶ୍ୱଭୂଷଣ ଭୂୟାଁ, ଡ ନରେନ୍ଦ୍ର ବେହେରା, ଦୀପିକା ରଣା, ସୀମା ଅଗ୍ରୱାଲ ଓ ଡ ନିରୂପମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ଛନ୍ଦିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଦାନ୍ତିଆମୁହାଁ କ୍ଲଷ୍ଟରରେ ଶିଶୁ ମହୋତ୍ସବ 'ସୁରଭି'

**ମୋରଡା, ୨୪।୧୦(ସମିସ):** ମୋରଡା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶୁକ୍ରବାର ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଦାନ୍ତିଆମୁଁହା କ୍ଲଷ୍ଟର ଅଧୀନ ଦାନ୍ତିଆମୁଁହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଆରସିସି କୌଶିକ ଦାସଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତ, କରମଶୋଳ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜନ୍ମେଜୟ ମହାନ୍ତ, ଦାନ୍ତିଆମୁଁହା ସରପଞ୍ଚ ଗୁରୁବାରୀ ସିଂ, ନାଏବ ସରପଞ୍ଚ ନିରଞ୍ଜନ ସି ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କ୍ଲଷ୍ଟର ଅଧୀନ ୧୮ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଅନନ୍ତ ଦମ୍ପତି ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି।




# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



**ବାରିପଦା, ୨୪।୧୦(ସମ):** ବିପର୍ଯ୍ୟୟ ପରିଚାଳନାକୁ ଅଧିକରୁ ଅଧିକ ସୁଦୃଢ କରିବା, ଗୋଷ୍ଠୀ ସହଭାଗିତା ବୃଦ୍ଧି ସହିତ ଗ୍ରାମ ଓ ପଞ୍ଚାୟତ ସ୍ତରରେ ଏହାର ସଫଳ ରୂପାୟନ ନିମନ୍ତେ ସରକାର ପ୍ରତିଶ୍ରୁତିବଦ୍ଧ। ଏଥି ନିମନ୍ତେ ମୟୂରଭଞ୍ଜ ଜିଲ୍ଲାର ୪୦୪ ପଞ୍ଚାୟତର କାର୍ଯ୍ୟରତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଜିଲ୍ଲା ପଞ୍ଚାୟତ ସଂସାଧନ କେନ୍ଦ୍ର ସଭା ଗୃହରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱରଚନ୍ଦ୍ର ନାଏକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ଜିଲ୍ଲା ଜରୁରୀକାଳୀନ ବିଭାଗର ଡେପୁଟି କଲେକ୍ଟର ଶ୍ରଦ୍ଧା ସୁମନ ବିଭାଗ ତରଫରୁ ବିପର୍ଯ୍ୟୟ ପରିଚାଳନା କିଭଳି ଭାବରେ କରାଯାଇଥାଏ ସେ ନେଇ ଆଲୋଚନା କରିଥିଲେ। ମୁଖ୍ୟଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ଅସୁରକ୍ଷିତ ଗୋଷ୍ଠୀ ସମୂହର ଚିହ୍ନଟକରଣ, ଉପଯୁକ୍ତ ଯୋଜନା ପ୍ରସ୍ତୁତ, ଗୋଷ୍ଠୀ ସହଭାଗିତା, ଦକ୍ଷତା ବୃଦ୍ଧି ସହିତ ବିପର୍ଯ୍ୟୟ ପରିଚାଳନାରେ ନିଜର ଅଭିଜ୍ଞତା ବିଷୟରେ ବର୍ଣ୍ଣନା କରିଥିଲେ। ଏଥିସହିତ ଏଭଳି ତାଲିମ କାର୍ଯ୍ୟକ୍ରମ ବିପର୍ଯ୍ୟୟ ପରିଚାଳନାକୁ ଅଧିକ ଲୋକାଭିମୁଖୀ କରିବ ବୋଲି ଆଶା ବ୍ୟକ୍ତ କରିଥିଲେ। ପ୍ରକାଶ ଥାଉ କି ଉକ୍ତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପ୍ରତି ବ୍ୟାଚ ୨ ଦିନ କରି ମୋଟ ୮ ଟି ବ୍ୟାଚରେ ହେବ ବୋଲି ଡିପିଓ ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ। ମାଷ୍ଟର ଟ୍ରେନର ମନୋଜ ଜେନା, ମହେନ୍ଦ୍ରନାଥ ସେନାପତି, ଆଶିଷ କୁମାର ସାହୁ, ମୋହନ ମୁର୍ମୁ ଓ ପ୍ରଦୀପ କୁମାର ଦାସମହାପାତ୍ର ତାଲିମ ପ୍ରଦାନ କରୁଛନ୍ତି।

# 'ବାନ୍ଦଣା' ପର୍ବ ପାଇଁ ମାଟିହୁଡ଼ି ଉତ୍ସବମୁଖର

ଉଦଳା, ୨୪।୧୦(ସମିସ)



ଉଦଳା ବ୍ଲକ ଅନ୍ତର୍ଗତ ଶ୍ରୀଦାମଚନ୍ଦ୍ରପୁର ପଞ୍ଚାୟତ ମାଟିହୁଡି ଗ୍ରାମରେ ପାରମ୍ପରିକ ଗୋ ବାନ୍ଦଣା ପର୍ବ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଛି। କାଳୀ ପୂଜାର ଅମାବାସ୍ୟା ତିଥିଠାରୁ ସାନ୍ତାଳ, ମୁଣ୍ଡା ଏବଂ କୁଡୁମୀ ଜାତିର ଲୋକେ ତିନିଦିନ ଧରି ବାନ୍ଦଣା ପର୍ବ ପାଳନ କରିଥାନ୍ତି। ଶ୍ରୀଦାମଚନ୍ଦ୍ରପୁର, ନୂଆଗାଁ, ପାଟ୍ଟଶାଣୀପୁର, କୁଣ୍ଡାବାଇ ପଞ୍ଚାୟତର ପ୍ରାୟ ୪୫ଟି ଗାଁର ଲୋକେ ଏକାଠି ହୋଇ ଗୋରୁ ଖୁଣ୍ଟା ପର୍ବ ଧୁମଧାମରେ ପାଳନ କରିଥିଲେ। ଆଦିବାସୀଙ୍କ ଗୋଠପୂଜା ସ୍ଥଳରେ ଗ୍ରାମ ପୂଜକ ଦେହୁରୀଙ୍କ ଦ୍ୱାରା ଗ୍ରାମବାସୀଙ୍କ ଉପସ୍ଥିତିରେ ଗ୍ରାମଦେବୀ ଓ ଇଷ୍ଟ ଦେବତାଙ୍କୁ ଆବାହନ କରି ପୂଜା କରାଯାଇଥିଲା। ଅପରାହ୍ନରେ ଏକ ଅଣ୍ଡାକୁ ପୂଜା ସ୍ଥଳରେ ରଖାଯାଇ ଗାଁର ବଳଦଙ୍କୁ ଅଣ୍ଡା ଥିବା ଦିଗରେ ଛାଡ଼ି ଦିଆଯାଇଥିଲା। ଏହି ବିଧି ମଧ୍ୟରେ ମକରା ମହାନ୍ତଙ୍କ ଗୋରୁ ପୂଜା ହୋଇଥିବା ଅଣ୍ଡା ମାଡ଼ିଥିଲେ। ସେହି ଗୋରୁକୁ ଧରି ବନ୍ଦାପନା କରିବା ସହ ଗୋ ପାଳକ ବା ମାଲିକଙ୍କୁ ଗ୍ରାମବାସୀ କାନ୍ଧରେ ବସାଇ ଘରକୁ ନେଇଥିଲେ। ଏହି ଅଣ୍ଡା ମଡ଼ା ପର୍ବ ବା ଗୋଠ ପୂଜା ପରମ୍ପରା କାହିଁ କେଉଁ କାଳରୁ ଏଠାରେ ପ୍ରଚଳିତ ହୋଇ ଆସୁଛି। ପରଦିନ ପ୍ରତ୍ୟେକ ଘରେ ଗୁହାଳ ପୂଜା ସହିତ ତୃତୀୟ ଦିନରେ ଗୋରୁ ଗାଈଙ୍କୁ ଗାଧୋଇ ସିଙ୍ଗରେ ତେଲ ମାରି ମଥାରେ ଅରୁଆଚାଉଳ ଓ ସିନ୍ଦୂର ଲଗାଇ ବନ୍ଦାପନା କରିବା ସହିତ ଗୋରୁଖୁଣ୍ଟା ପର୍ବ ଅନୁଷ୍ଠିତ ହୋଇଥିଲା। ଗାଁ ପଡ଼ିଆରେ ସାମୂହିକ ଭାବେ ଗାଇଗୋରୁଙ୍କୁ ଖୁଣ୍ଟରେ ବାନ୍ଧି ଗ୍ରାମର ମହିଳାମାନେ ବନ୍ଦାପନା କରିଥିଲେ। ପୁରୁଷମାନେ ମାଦଳ ବଜାଇ ଗୀତ ଗାଇ ଗାଁ ମଝି ପଡ଼ିଆରେ ଗୋରୁଙ୍କୁ ଖୁଣ୍ଟରେ ବାନ୍ଧି ବନ୍ଦାପନା କରିଥିଲେ। ଶେଷ ଦିନରେ ମାଟିହୁଡି ୟୁଥ୍ କ୍ଲବ୍ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ଗୋରୁଖୁଣ୍ଟା ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କାଳିଦାସ ଟୁଡୁ, ମକରା ମହାନ୍ତଙ୍କ ସମେତ ଅନ୍ୟ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଘନଶ୍ୟାମ ମହାନ୍ତ, କମଳାକାନ୍ତ ମହାନ୍ତ, ଡାକ୍ତର ମହାନ୍ତ, ତ୍ରିନାଥ ମହାନ୍ତ, ଅଜିତ୍ ମହାନ୍ତ, ରାଧାମୋହନ ମହାନ୍ତ, କଟିଆ ମହାନ୍ତ, କୃତିବାସ ମହାନ୍ତ, ଆକାଶ ମହାନ୍ତ, ଜିତୁନ୍ ମହାନ୍ତ, ରଣଜିତ୍ ମହାନ୍ତ, ବିଭୁତି ଭୂଷଣ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ମଦବୋଝେଇ ଅଟୋ ଜବତ, ୩ ଗିରଫ

**ମୋରଡ଼ା, ୨୪।୧୦(ସମିସ):** ମୋରଡ଼ା ପୁଲିସ ଶୁକ୍ରବାର ଏକ ମଦ ବୋଝେଇ ଅଟୋକୁ ଜବତ କରିବା ସହ ଚାଳକ ସମେତ ୩ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଯୁବକ ତିନି ଜଣ ହେଲେ ବାଲେଶ୍ୱର ଜିଲ୍ଲା ରୁପ୍ସା ଥାନା ଅଧୀନ ବରପାଳ ଗାଁର ଅଞ୍ଜନ କୁମାର ପରିଡ଼ା, ହୀରାପୁର ଗାଁ ର ହରିଶଙ୍କର ପ୍ରଧାନ ଏବଂ ରୁପ୍ସାର ସେକ ସରିଫ(୨୪)। ଶୁକ୍ରବାର ସକାଳେ ଏକ ଅଟୋରେ ଉପରୋକ୍ତ ତିନି ଜଣ କୋଷ୍ଠା ଅଞ୍ଚଳରୁ ୧୭୦ଲିଟର ଦେଶୀ ମଦ ପାଉଚ ନେଇ ରୁପ୍ସାକୁ ଯାଉଥିବା ସମୟରେ ଝିଙ୍କିରିଆ ଛକ ନିକଟରେ ପୁଲିସ ହାବୁଡରେ ପଡ଼ିଥିଲେ। ଫଳରେ ପୁଲିସ ସେମାନଙ୍କୁ ଥାନାକୁ ଆଣି ଦୁଇଜଣଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଅଞ୍ଜନ କୁମାର ପରିଡ଼ା ଭିନ୍ନକ୍ଷମ ଥିବାରୁ ତାଙ୍କୁ ନୋଟିସ ଦେଇ ଛାଡିଦେଇଛି।



# ସମ୍ପାଦକୀୟ



ସର୍ବଦା ଆହ୍ୱାନକୁ ଗ୍ରହଣ କର । ସଫଳ ହେଲେ ତୁମେ ନେତୃତ୍ୱ ନେବ ଏବଂ ବିଫଳ ହେଲେ ପଥପ୍ରଦର୍ଶକ ଭୂମିକା ନିର୍ବାହ କରିପାରିବ ।
-ସ୍ୱାମୀ ବିବେକାନନ୍ଦ

ସକାଳ THE SAKALA

## ଜେଲ ପ୍ରଶାସନ ଢିଲା

ଗୁରୁତର ଅପରାଧରେ ଅଭିଯୁକ୍ତ ଓ ଦୋଷୀସାବ୍ୟସ୍ତ ହୋଇ ଦଣ୍ଡ ଭୋଗୁଥିବା କଏଦୀଙ୍କ ପାଇଁ ରାଜ୍ୟରେ ଥିବା କାରାଗାରଗୁଡ଼ିକରେ ପରିଲକ୍ଷିତ ବିଶୃଙ୍ଖଳା ତଥା ଅନିୟମିତାର ସୁଯୋଗ ନେଉଛନ୍ତି କିଛି ପେସାଦାର ତତ୍ତ୍ୱ । କିଏ କେତେବେଳେ ଚମ୍ପଟ ମାରିଲାଣି ତ ଅନ୍ୟ କିଏ ମାନସିକ ଅବସାଦରୁ ଆତ୍ମହତ୍ୟା କଲାଣି । ରାଜ୍ୟ ପୁଲିସର ଅପରାଧ ନିୟନ୍ତ୍ରଣ ସହ କାରାଗାର ବ୍ୟବସ୍ଥାର ସିଧାସଳଖ ସଂପର୍କ ରହୁଥିବାରୁ ଗୋଟିଏ ଢିଲା ହେଲେ ଅନ୍ୟଟିର କାର୍ଯ୍ୟଧାରା ପ୍ରଭାବିତ ହେବ । ରାଜ୍ୟରେ ଆଇନ ଶୃଙ୍ଖଳା ବ୍ୟବସ୍ଥାରେ କ୍ରମାଗତ ଅବନତି ପରିଲକ୍ଷିତ ହେଉଥିବା ବେଳେ ଯଦି ଧରାପଡୁଥିବା ଅପରାଧୀ କାରାଗାରରୁ ନିର୍ବାଧାରେ ଚମ୍ପଟ ମାରିବେ ତେବେ ବାପପୁଅ ରାତି ଅନିଦ୍ରା ମୁଗୁରା ପଛ ମେଲା ଭଳି ସ୍ଥିତି ଉପୁଜିବ । ଗତ କିଛିଦିନର ଘଟଣାବଳୀରୁ ତାହାହିଁ ଅନୁଭୂତ ହେଉଛି । ସରକାର ଏବେ ଜେଲ ପ୍ରଶାସନରେ ସଂସ୍କାର ଆଣିବାକୁ ଚିନ୍ତା କରୁଛନ୍ତି । ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, କାରାଗାରଗୁଡ଼ିକରେ କର୍ମଚାରୀ ଅଭାବ ପ୍ରତି ଧ୍ୟାନ ନଦେଇ ସରକାର କିପ୍ରକାର ସଂସ୍କାର ଆଣିବେ ଏବଂ ତାହାକୁ କାର୍ଯ୍ୟକାରୀ କରିବ କିଏ ? ରାଜ୍ୟରେ ଥିବା ୮୭ ଟି ଜେଲରେ ୪୦ ପ୍ରତିଶତ ୱାର୍ଡେନ ପଦବୀ ଖାଲିପଡିଛି । ଜେଲ ଅନ୍ତେବାସୀଙ୍କୁ ଜଗାରଖା ଓ ସେମାନଙ୍କ କାର୍ଯ୍ୟକଳାପ ନିୟୋଜିତ କରିବ କିଏ? ଏହି ଖାଲି ପଡ଼ିଥିବା ପଦବୀରେ ଗୃହରକ୍ଷୀ କିମ୍ବା ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ନିୟୋଜନ କରାଯିବା ପରାମର୍ଶ ପ୍ରତି ଜେଲ କର୍ତ୍ତୃପକ୍ଷ ମଧ୍ୟ ଧ୍ୟାନ ଦେଉନାହାନ୍ତି । ଦିଆଯାଉଥିବା ନିର୍ଦ୍ଦେଶ ବା ପରାମର୍ଶ କାହିଁକି କାର୍ଯ୍ୟକାରୀ ହେଲା ନି ତାହାର ମଧ୍ୟ ଖୋଳତାଡ଼ ହେଉନି । ପରିସ୍ଥିତି ଏପରି ହୋଇଛି ଯେ ଜେଲ ପ୍ରଶାସନର ଏହି ଢିଲାପଣ ପ୍ରତି ଙ୍ଗୁଳି ନିର୍ଦ୍ଦେଶ କଲାଭଳି ସ୍ଥିତିରେ କର୍ତ୍ତୃପକ୍ଷ ନାହାନ୍ତି ।

ଚୌଦ୍ୱାର ହେଉକି ସୋର ଜେଲ, ରାଜ୍ୟ ବାହାରର ଅପରାଧୀମାନେ କାହିଁକି ଖସିଯିବାର ସୁଯୋଗ ପାଉଛନ୍ତି? ଏହାପଛରେ ଅନ୍ୟ କିଛି ରହସ୍ୟ ଅଛିକି? ଏକ୍ଷେତ୍ରରେ ସେମାନଙ୍କର ଥିବା ପେସାଦାର ଦକ୍ଷତା ହିସାବ ପାଉନାହାନ୍ତି ଆମଜେଲ କର୍ତ୍ତୃପକ୍ଷ । ସୋର ଘଟଣା ସବୁଠାରୁ ନିଆରା । କଏଦୀ କେତେବେଳେ ଚମ୍ପଟ ମାରିଲା ତାହାର ଖବର ନାହିଁ ଉପକାରାଗାର କର୍ତ୍ତୃପକ୍ଷଙ୍କୁ । ସନ୍ଧ୍ୟାରେ କଏଦୀଙ୍କ ଗଣନାବେଳେ ଏସଂପର୍କରେ ଜଣାପଡ଼ିଥିଲା । ତାହା ପୁଣି ପ୍ରାରମ୍ଭିକ ଗଣତି ବେଳେ ଜଣେ କି ଦୁଇଜଣ ଖସି ପଳାଇଛନ୍ତି ତାହା ସ୍ପଷ୍ଟ ହୋଇନଥିଲା । ଏହି ଉପକାରାଗାରରେ ଥିବା ୨୫୦ କଏଦୀଙ୍କ ଦେଖାଚାହାଁ କରିବା ସକାଶେ ମାତ୍ର ୩ ଜଣ ସୁରକ୍ଷା କର୍ମୀ ଅଛନ୍ତି । ଏଭଳି ପରିସ୍ଥିତିରେ କିଏ କାହା କଥା ବୁଝିବ? ଚୌଦ୍ୱାର ଜେଲରେ କଏଦୀଙ୍କ ମଧ୍ୟରେ ମାଡ଼ପିଟ ଘଟଣାକୁ ଆମେ ସେଭଳି ଗୁରୁତ୍ୱ ନଦେଲେ ମଧ୍ୟ ଯେଉଁ ଦୁଇବିହାରୀ ଅପରାଧୀ ଚମ୍ପଟ ମାରିଲେ ସେମାନଙ୍କ ସଂପର୍କ ଉନ୍ମୋଚନ କରିବା ପାଇଁ ଯେଉଁ ସୁଯୋଗ ଥିଲା ତାହା ହାତଛଡ଼ା ହୋଇଯାଇଛି । ବ୍ୟାଙ୍କ ଓ ଅଳଙ୍କାର ଦୋକାନ ତଥା ବେଆଇନ ମାରଣାସ୍ତ୍ର କାରବାର ସହ ବିହାରୀ ଅପରାଧୀ ସଂପୃକ୍ତ ଥିବାରୁ ସେମାନଙ୍କୁ ଜାଣିଶୁଣି ଖସାଇ ଦିଆଯାଇନି ତ? ଏଭଳି ବହୁ ପ୍ରଶ୍ନ ସାଧାରଣରେ ଉଙ୍କିମାରୁଛି । ବରଗଡ଼ ଜିଲ୍ଲା କାରାଗାରରେ କ୍ରମାଗତ ଦୁଇଜଣ କଏଦୀ ଆତ୍ମହତ୍ୟା କଲେଣି । କଏଦୀଙ୍କ ଆତ୍ମହତ୍ୟା ଏକ ସମ୍ବେଦନଶୀଳ ପ୍ରସଙ୍ଗ । ଏହା ପଛରେ ରହିଛି ଅନୁସଂଧାନର ଦିଗ । ଏପରିକି ନିର୍ଦ୍ଦେଶରେ ଅଟକ ରହିବାର ଆତ୍ମଗ୍ଲାନି ଓ ନିର୍ଯାତନା । ଏସଂପର୍କରେ ଅନୁସଂଧାନରେ ବୃହତ୍ତର ଦିଗ ପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ।

ଜେଲ ବ୍ୟବସ୍ଥାର ସଂସ୍କାର ନାମରେ ଅଧିକାରୀ ସ୍ତରୀୟ ତଦାରଖକୁ କେବଳ ଗୁରୁତ୍ୱ ଦିଆଯାଉଛି । ଏଣିକି ସବୁ ରେଞ୍ଜର ଡିଆଇଜି ଓ ଏସପି ମାନେ ନିୟମିତ ବ୍ୟବଧାନରେ କାରାଗାର ପରିଦର୍ଶନରେ ଯାଇ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବେ । କାରାଗାରରେ ଯଦି ୱାର୍ଡେନ ନିଯୁକ୍ତି ନ ପାଇଲେ କେବେ ଖୋଦ ଜେଲର କ'ଣ କଏଦୀଙ୍କ କଥା ବୁଝିବେ ନା ସୁରକ୍ଷା ବ୍ୟବସ୍ଥାକୁ ସୁଧାରିବେ? ଇଏ କେବଳ ଧର୍ମକୁ ଆଖିଠାର, ଯାହା ଯେମିତି ଚାଲୁଛି ସେମିତି ଚାଲିଥାଉ । ●

## ଅସୁରକ୍ଷିତ ବିମାନ ସେବା

ସମୟ ଥିଲା, ବ୍ୟୟବହୁଳତା ଦୃଷ୍ଟିରୁ ବିମାନଯାତ୍ରା କେବଳ ଉଚ୍ଚବର୍ଗଙ୍କ ମଧ୍ୟରେ ସୀମିତ ଥିଲା । ସମୟ ବଦଳିବା ସହ ବ୍ୟୟଭାର କମିଛି ଏବଂ ବିମାନଯାତ୍ରା ଉପରେ ନିର୍ଭରଶୀଳତା ବୃଦ୍ଧି ପାଇଛି । ଚାହିଦାକୁ ଆଖିରେ ରଖି ଆମ ଦେଶରେ ମଧ୍ୟ ଏୟାରଲାଇନ୍ସ ସେବା ସମ୍ପ୍ରସାରିତ ହେଉଛି । କିନ୍ତୁ ସେବା ସଂପ୍ରସାରିତ ହେବା ସହ ସୁରକ୍ଷିତ ଯାତାୟତ ପ୍ରତି ଯେତିକି ଧ୍ୟାନ ଦିଆଯିବା କଥା ତାହା ହେଉନାହିଁ । ଗତ ଜୁନ ୧୨ ତାରିଖରେ ଅହମ୍ମଦାବାଦରେ ଏୟାର ଇଣ୍ଡିଆର ବୋଇଂ ବିମାନ ୭୮୭-୮ ଯେଭଳି ପରିସ୍ଥିତିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା ତାହାର ଦୁଃଖଦ ଦୃଶ୍ୟକ୍ରମ ଦେଶବାସୀଙ୍କ ମନରୁ ଏପର୍ଯ୍ୟନ୍ତ ଲିଭିନାହିଁ । ଦୁର୍ଘଟଣାର କାରଣ ସଂପର୍କରେ ପ୍ରାରମ୍ଭିକ ଅନୁସଂଧାନ ରିପୋର୍ଟରେ ପ୍ରାଣ ହରାଇଥିବା ଦୁଇଜଣ ପାଇଲଟଙ୍କ ଉପରେ ଦୋଷ ଲଦି ଦେଇ ବୋଇଂ କମ୍ପାନୀକୁ ଯେଭଳି ସୁରକ୍ଷା ଦିଆଗଲା ସେଥିରେ ଯେ ବ୍ୟବସ୍ଥା ସୁଧୁରିବ ଓ ସଂଶୋଧନୀ ପଦକ୍ଷେପ ଗ୍ରହଣ କରାଯାଇପାରିବ, ଏନେଇ ସନ୍ଦେହ ମୁଣ୍ଡ ଟେକିବା ସ୍ୱାଭାବିକ ।

ନିକଟରେ ଏଭଳି କିଛି ଘଟଣା ଦୃଷ୍ଟିକୁ ଆସିଛି, ଯାହା ସୁରକ୍ଷିତ ବିମାନସେବା ନେଇ ସନ୍ଦେହ ଦୃଢ଼ୀଭୂତ କରିଛି । ବିମାନଯାତ୍ରା ପୂର୍ବରୁ ବୈଷୟିକ ଯାଞ୍ଚ ଓ ସୁରକ୍ଷିତ ଉଡ଼ାଣ ନେଇ ଆବଶ୍ୟକ ତ୍ରୁଟି ସଂଶୋଧନ ସକାଶେ ଯେଉଁ କଠୋର ନିୟମ ଓ ଶୃଙ୍ଖଳା ଅନୁପାଳନ ହେବା ଉଚିତ ସେଥିପ୍ରତି ଯଥେଷ୍ଟ ଦୃଷ୍ଟି ଦିଆଯାଉଥିବା ଭଳି ମନେ ହେଉନାହିଁ । ଏଭଳି ବହୁତ ଦିଗ ଅଛି ଯାହାକୁ ଠିକଣା ସମୟରେ ସୁଧାରିବାର ପର୍ଯ୍ୟାପ୍ତ ଅବକାଶ ଥିଲେ ମଧ୍ୟ ବ୍ୟାବସାୟୀକରଣ ଓ ପ୍ରତିଯୋଗିତାପୂର୍ଣ୍ଣ ଉଡ଼ାଣ ଯୋଗୁଁ ସେସବୁକୁ ଅଣଦେଖା କରାଯାଉଛି । ଅନ୍ୟ ଗୋଟିଏ ଦିଗ ହେଲା, ବ୍ୟୟବହୁଳତା ଦୃଷ୍ଟିରୁ ଠିକଣା ସମୟରେ ପୁରୁଣା ସ୍ଥାନରେ ନୂଆ ବିମାନ କାର୍ଯ୍ୟରେ ନିୟୋଜନ କରିବାର ଜରୁରୀ ଆବଶ୍ୟକତା ଥିଲେ ମଧ୍ୟ କାମଚଳା ବ୍ୟବସ୍ଥା ଜାରି ରହିଛି । ସେହିଭଳି ଅସାବଧାନତା ପାଇଁ ଯେଉଁ ତ୍ରୁଟି ପରିଲକ୍ଷିତ ହୁଏ ତାହା ମଧ୍ୟ ଅକ୍ଷମଣୀୟ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ନେଇ ଯାଉଥିବା ହେଲିକପ୍ଟରରେ ଗୋଟିଏ ଚକ ହେଲିପ୍ୟାଡ୍‌ରେ ଯେଭଳି ପରିସ୍ଥିତିରେ ଦବିଗଲା ତାହାକୁ ଏଡ଼ାଇ ଯାଇପାରିଥା'ନ୍ତା । ଏହାକୁ ମଧ୍ୟ ଅସାବଧାନତା କୁହାଯାଇପାରେ । ବୁଧବାରର ଘଟଣାକ୍ରମରେ ଆମେ ଆଉ ଦୁଇଟି ବିମାନଯାତ୍ରା ସଂପର୍କରେ ଉଲ୍ଲେଖ କରୁଛି । ମୁମ୍ବାଇରୁ ଆମେରିକାର ନ୍ୟୁୱାର୍କ ଲିବର୍ଟି ଆନ୍ତର୍ଜାତିକ ବିମାନ ବନ୍ଦର ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିବା ଏୟାର ଇଣ୍ଡିଆର ବୋଇଂ. ୭୭୭-୨୦୦ ଏଆଇଏଲଆଇ ବିମାନରେ ୧୫୦ ଜଣ ଯାତ୍ରୀ ଥିଲେ । ଯାନ୍ତ୍ରିକ ତ୍ରୁଟି ଯୋଗୁଁ ୨ଘଣ୍ଟା ୧୬ ମିନିଟ ଉଡ଼ାଣ ପରେ ପୁଣି ମୁମ୍ବାଇରେ ନିରାପଦ ଅବତରଣ କରିଛି । ଆରବ ସାଗରରେ ପ୍ରାୟ ୧୦,୦୦୦ କିଲୋମିଟର ଉଚ୍ଚରେ ଉଡ଼ାଣ କରୁଥିବାବେଳେ ଏହି ଯାନ୍ତ୍ରିକ ତ୍ରୁଟି ପରିଲକ୍ଷିତ ହୋଇଥିଲା । ସେହିଭଳି ଇଣ୍ଡିଗୋ ବିମାନ କଲକାତାରୁ ଶ୍ରୀନଗର ଅଭିମୁଖେ ୧୬୬ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ବେଳେ ବିମାନରୁ ଇନ୍ଧନ ଲିକ୍ ହେଉଥିବାରୁ ଯାତ୍ରା ବାତିଲ କରି ବାରଣାସୀ ବିମାନ ବନ୍ଦରେ ଜରୁରୀ ଅବତରଣ କରିଛି । ଏହି ଭଳି ଛୋଟବଡ଼ ଘଟଣା ନିୟମିତ ଘଟୁଥିବାର ଦୃଷ୍ଟିକୁ ଆସୁଛି ।

ଏପ୍ରକାର ବିମାନଯାତ୍ରାକୁ ଆମେ କିଭଳି ସୁରକ୍ଷିତ ସେବା ରୂପେ ପରିଗଣିତ କରିବା? ଏକଥା ସତ ଯେ ଦୁର୍ଘଟଣାମୁକ୍ତ ଯାତାୟତ ବ୍ୟବସ୍ଥା ନିଶ୍ଚିତ କରିବା ସମ୍ଭବ ନୁହେଁ । କିନ୍ତୁ ପ୍ରଚଳିତ ବ୍ୟବସ୍ଥା ଓ ଶୃଙ୍ଖଳାର ଉଲ୍ଲଙ୍ଘନକୁ କୌଣସିପ୍ରକାରେ ବରଦାସ୍ତ କରାଯିବା ଉଚିତ ନୁହେଁ । ଯେତେଦୂର ମନେ ହୁଏ ସେଥିପ୍ରତି ଉଚିତ ଧ୍ୟାନ ଦିଆଯାଉନାହିଁ । ●

# ଫାଶୀଦଣ୍ଡର ବିକଳ୍ପ: ନ୍ୟାୟ ବନାମ ନିଷ୍ଠୁରତା

**ଅବଶ ପରିଡ଼ା**

'ଫାଶୀ ଦ୍ୱାରା ମୃତ୍ୟୁଦଣ୍ଡ ହେଉଛି ଏକ କଷ୍ଟଦାୟକ, ବର୍ବର ଏବଂ ଯନ୍ତ୍ରଣାପୂର୍ଣ୍ଣ ନିଷ୍ଠୁର ପ୍ରଥା । ଘାତକ ଇଞ୍ଜେକ୍ସନ, ଗୁଳି କିମ୍ବା ଗ୍ୟାସ ଚାମ୍ବର ଭଳି ପ୍ରକ୍ରିୟାକୁ ଫାଶୀର ବିକଳ୍ପ ଭାବରେ ବ୍ୟବହାର କରିବାକୁ ଅନୁମତି ଦିଆଯାଉ ।' ଏହା ଥିଲା ସର୍ବୋଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ଆବେଦନର ସାରାଂଶ । ଏହାକୁ ବିରୋଧ କରି ସରକାରଙ୍କ ତରଫରୁ ଯୁକ୍ତି ଆସିଲା ଯେ ଫାଶୀର ବିକଳ୍ପ କଥା ଚିନ୍ତା କରିବା କେବଳ ନ୍ୟାୟିକ ନୁହେଁ, ବରଂ ଏକ ନୀତିଗତ ପ୍ରସଙ୍ଗ । କାରଣ ଏଥିରେ ଅନେକ ତ୍ରୁଟି, ବିପଦ, ସମ୍ବଳ ଓ ବୈଷୟିକ ପ୍ରତିବନ୍ଧକ ଭଳି ସମସ୍ୟା ଆସିପାରେ । ଏହି ବିବୃତ୍ତି ପରେ ସର୍ବୋଚ୍ଚ ନ୍ୟାୟାଳୟ ଉଲ୍ଲେଖ କରିଛନ୍ତି ଯେ 'ସମୟ ବଦଳୁଛି ଏବଂ ଅନେକ ପରିବର୍ତ୍ତନ ଘଟୁଛି । କିନ୍ତୁ ସରକାର ବିବର୍ତ୍ତିତ ହେବାକୁ ପ୍ରସ୍ତୁତ ନୁହନ୍ତି ।'

ଫାଶୀ ପଦ୍ଧତିର ସାମ୍ବିଧାନିକ ବୈଧତା, ଆଧୁନିକ ଆବଶ୍ୟକତା ଓ ପରିବର୍ତ୍ତନ ପାଇଁ ଏହା ପ୍ରଥମ ଆବେଦନ ନୁହେଁ । ଏହା ପୂର୍ବରୁ ୧୯୮୩ ମସିହାରେ ଫାଶୀ ଦ୍ୱାରା ମୃତ୍ୟୁଦଣ୍ଡକୁ ନେଇ ହୋଇଥିବା ଏକ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଥିଲେ ଯେ ଫାଶୀ ଦ୍ୱାରା ଧାରା ୨୧ (ଜୀବନ ଓ ସମ୍ମାନର ଅଧିକାର) ଉଲ୍ଲଂଘନ ହୁଏ ନାହିଁ । ଏହା ହେଉଛି ଭାରତରେ ମୃତ୍ୟୁଦଣ୍ଡ ପାଇଁ 'ବୈଜ୍ଞାନିକ ଭାବରେ ନିରାପଦ ଏବଂ ମାନବୀୟ' ପଦ୍ଧତି । ଏଠାରେ ଜାଣି ରଖିବାକୁ ହେବ ଯେ ଭାରତୀୟ ସମ୍ବିଧାନର ଧାରା ୨୧ରେ ଜୀବନ ଏବଂ ବ୍ୟକ୍ତିଗତ ସ୍ୱତନ୍ତ୍ରତାର ସାମ୍ବିଧାନିକ ସୁରକ୍ଷା ସହିତ 'ମୃତ୍ୟୁଦଣ୍ଡର ପଦ୍ଧତି' କଥା ମଧ୍ୟ ଉଲ୍ଲେଖ ଅଛି । ଆଇନ ଆଖିରେ ବ୍ୟକ୍ତିର ମର୍ଯ୍ୟାଦା, ସ୍ୱାର୍ଥ ଓ ଶାରୀରିକ ଅଖଣ୍ଡତା ଗୁରୁତ୍ୱପୂର୍ଣ୍ଣ ।

ଆମେ ଏଠାରେ 'ନ୍ୟାୟିକ ପ୍ରକ୍ରିୟାରେ ମୃତ୍ୟୁଦଣ୍ଡର ଆବଶ୍ୟକତା କିମ୍ବା ଆଇନଗତ ସଂସ୍କାର କଥା ଆଲୋଚନା କରୁନାହେଁ । ବରଂ ଭାରତରେ ମୃତ୍ୟୁଦଣ୍ଡର ପାରମ୍ପରିକ ପ୍ରକ୍ରିୟା ଏବଂ ଏହାର ବିକଳ୍ପ ବିଷୟରେ ଆଲୋଚନା କରୁଛେ । ଚୁମ୍ବକରେ ଏ ସବୁ ଶୁଣିଲା ପରେ ଆମ ମନକୁ କିଛି ପ୍ରଶ୍ନ ଆସିପାରେ । ଯେମିତିକି 'ଦୋଷୀକୁ ମୃତ୍ୟୁଦଣ୍ଡ ମିଳୁଛି, ତେବେ ଯେକୌଣସି ପ୍ରକାରରେ ହେଲେ ମଧ୍ୟ ପ୍ରଯୁଜ୍ୟ' କିମ୍ବା 'ଫାଶୀ ହେଉଛି ମୃତ୍ୟୁଦଣ୍ଡର ସବୁଠାରୁ ପାରମ୍ପରିକ ପ୍ରକାର । ତେଣୁ ଏହା ସରକାରଙ୍କ ନିଷ୍ପତ୍ତି ଯେ ସେ ପରିବର୍ତ୍ତନ କରିବେ ନା ନୂଆ ଉପାୟ ଲାଗୁ କରିବେ ।' ଏହି ବିବାଦୀୟ ବିଷୟବସ୍ତୁକୁ ବ୍ୟାଖ୍ୟା କରିବା ପାଇଁ ଏବେ ଅନେକ ସମାଜତାତ୍ତ୍ୱିକ ଦୃଷ୍ଟିକୋଣ ଉଭା ହୋଇଛି । ନୀତି, ଆଧୁନିକତା, ମାନବିକ ଅଧିକାର, ରାଷ୍ଟ୍ରର କ୍ଷମତା ଓ ନୈତିକ କଳ୍ପନା ଭଳି ଅନେକ ବିନ୍ଦୁକୁ ନେଇ ଟଣାଓଟରା ଚାଲିଛି ।

ସାମାଜିକ ଭାବରେ ଯାହା ଗ୍ରହଣୀୟ ତାହା ଭବିଷ୍ୟତରେ ସାମାଜିକ ଅନୁମୋଦନ ପାଇବ ବୋଲି କୌଣସି ସ୍ଥିର ନିୟମ ନାହିଁ । ପରମ୍ପରା ଓ ଆଧୁନିକତା ମଧ୍ୟରେ ସଂଘର୍ଷ ଥିଲା, ଅଛି ଓ ରହିବ ମଧ୍ୟ । କାରଣ ପରିବର୍ତ୍ତନ ହେଉଛି ଅନିବାର୍ଯ୍ୟ । ଆଜି ଯାହା ପ୍ରଗତିଶୀଳ ତାହା କାଲି ପ୍ରତିକୂଳ ହୋଇପାରେ । ଉଦାହରଣ ସ୍ୱରୂପ, ପୂର୍ବରୁ ସାର୍ବଜନୀନ ଫାଶୀ, ମୃତ୍ୟୁଦଣ୍ଡ, କଠୋର ପଦ୍ଧତି ଇତ୍ୟାଦି ଏକ 'ସାଧାରଣ' ଘଟଣା ଭାବରେ ଦେଖାଯାଉଥିଲା । କିନ୍ତୁ ଏବେ ଏହା ମାନବାଧିକାର ପ୍ରସଙ୍ଗ । ଅନ୍ତର୍ଜାତୀୟ ମାନଦଣ୍ଡ ଅନୁଯାୟୀ ମୃତ୍ୟୁଦଣ୍ଡ ଅନେକ କ୍ଷେତ୍ରରେ ପୁନଃବିଚାର କରାଯାଉଛି । ଜାତିସଂଘ ସମେତ ଅନେକ ଅନ୍ତର୍ଜାତୀୟ ପ୍ରସ୍ତାବରେ ମୃତ୍ୟୁଦଣ୍ଡରେ ସର୍ବନିମ୍ନ ଯନ୍ତ୍ରଣା କଥା ଉଲ୍ଲେଖ ଅଛି । ଏହି ପରିପ୍ରେକ୍ଷୀରେ ଏକ ବିଶାରଦ ମହଲ ଯୁକ୍ତି କରନ୍ତି ଯେ ଆଇନଗତ ଓ ନୈତିକତା ଦୃଷ୍ଟିରୁ ଦୋଷୀକୁ ମିଳୁଥିବା ଶାରୀରିକ ଦଣ୍ଡ ମଧ୍ୟ ନୈତିକ ଯାଞ୍ଚ ଅଧୀନରେ ଆସିବା ଜରୁରୀ ।

ବିଶ୍ୱର ସତୁରିରୁ ଅଧିକ ଦେଶ ଏବେ ଚିକିତ୍ସାଗତ ମୃତ୍ୟୁଦଣ୍ଡ ଆଡ଼କୁ ଗତି କଲେଣି । କିନ୍ତୁ ଭାରତ ଭଳି କିଛି ଦେଶ ଫାଶୀ ପ୍ରକ୍ରିୟାରେ ହିଁ ଅଟକି ଯାଇଛନ୍ତି କାହିଁକି? ଯଦି କଷ୍ଟ ଦୂର କରିବା ପାଇଁ ଇଚ୍ଛାମୃତ୍ୟୁକୁ ଭାରତ ସରକାର କିଛିମାତ୍ରାରେ ଅନୁମତି ଦେଇଛନ୍ତି ତେବେ ନ୍ୟାୟିକ ମୃତ୍ୟୁଦଣ୍ଡରେ ଇଚ୍ଛାମୃତ୍ୟୁ ଭଳି ପ୍ରକ୍ରିୟାକୁ ଅନୁସରଣ କଲେ ଅସୁବିଧା କେଉଁଠି? ସମ୍ଭାବ୍ୟ ଉତ୍ତର ହୋଇପାରେ ଯେ ରାଷ୍ଟ୍ର ଦୁଇଟି ଭୂମିକା ଗ୍ରହଣ କରେ - ଇଚ୍ଛାମୃତ୍ୟୁ କ୍ଷେତ୍ରରେ ଆରୋଗ୍ୟକାରୀ ଏବଂ ମୃତ୍ୟୁଦଣ୍ଡରେ ଦଣ୍ଡଦାତା । 'କ୍ରିମିନାଲ ସୋସିଓଲୋଜିଷ୍ଟ'ଙ୍କ ମତରେ ଫାଶୀରେ ନ୍ୟାୟର ଏକ ସାଂସ୍କୃତିକ ଭାବନା ଅଛି । ସେଥିପାଇଁ ନ୍ୟାୟିକ ବ୍ୟବସ୍ଥା ଏହାକୁ ପରିବର୍ତ୍ତନ କରିବାକୁ ଚାହୁଁନାହାନ୍ତି । ଫାଶୀ ଦ୍ୱାରା ରାଜଦଣ୍ଡ ଏକ କଡ଼ା ଦଣ୍ଡ ପରି ଦେଖାଯାଏ ଏବଂ ଦୋଷୀର ଯନ୍ତ୍ରଣାକୁ ପ୍ରାୟଶ୍ଚିତ୍ତ ବୋଲି ଧରାଯାଏ । ମୃତ୍ୟୁଦଣ୍ଡ ହେଉଛି ନିଷ୍ଠୁର ଅପରାଧ ବିରୁଦ୍ଧରେ ରାଷ୍ଟ୍ରଶକ୍ତିର ସ୍ପଷ୍ଟ ଅଭିବ୍ୟକ୍ତି । ତେଣୁ ରାଷ୍ଟ୍ର ପାଇଁ ମୃତ୍ୟୁଦଣ୍ଡର ପଦ୍ଧତି ମଧ୍ୟ ଏକ ଆଇନଗତ ପ୍ରତୀକ । ସରକାର କେଉଁ ପଦ୍ଧତି ଆପଣେଇବେ କିମ୍ବା ପରିବର୍ତ୍ତନ କରିବେ ତାହା ରାଷ୍ଟ୍ରର ନିଷ୍ପତ୍ତି । ପ୍ରାୟତଃ ଏହା ହେଉଛି ଏକ ପ୍ରତୀକାତ୍ମକ କର୍ତ୍ତୃତ୍ୱର ପ୍ରତିଫଳନ । ସରକାର ଯୁକ୍ତି ବାଢ଼ନ୍ତି ଯେ ରାଜଦଣ୍ଡ ଶକ୍ତ ହେବା ଆବଶ୍ୟକ । ଏହା ନହେଲେ ଅପରାଧକୁ ପ୍ରତିରୋଧ କରିବାର କ୍ଷମତା ମଧ୍ୟ ଦୁର୍ବଳ ହେବ । ତେବେ ସରକାରଙ୍କ ଏହି ବଳିଷ୍ଠ ଯୁକ୍ତିକୁ ଅନେକ କାହିଁକି ଗ୍ରହଣ କରୁନାହାନ୍ତି? ବିଶେଷଜ୍ଞମାନେ ଫାଶୀଦଣ୍ଡକୁ କାହିଁକି ସବୁଠାରୁ ନିଷ୍ଠୁର ଓ ବର୍ବର ଉପାୟ ବୋଲି ବିଚାର କରୁଛନ୍ତି? ଫାଶୀ ସମୟରେ ଏମିତି କ'ଣ ନିଷ୍ଠୁରତା ଘଟେ?

୧୯୭୩ ମସିହାର ଫୌଜଦାରୀ କାର୍ଯ୍ୟବିଧି ସଂହିତା(ସିଆରପିସି)ର ଧାରା ୩୫୪(୫) ଅନୁଯାୟୀ ଭାରତରେ ମୃତ୍ୟୁଦଣ୍ଡ ପାଇଁ ଫାଶୀ ହେଉଛି ଏକମାତ୍ର ଆଇନଗତ ପଦ୍ଧତି । ଏହି ପ୍ରକ୍ରିୟା ଜେଲ ମାନୁଆଲ୍ (ବିଶେଷକରି ମଡେଲ୍ ଜେଲ ମାନୁଆଲ୍, ୨୦୧୬ ଏବଂ ପଞ୍ଜାବ ଜେଲ ମାନୁଆଲ୍ କିମ୍ବା ଦିଲ୍ଲୀ ଜେଲ ମାନୁଆଲ୍ ଭଳି ରାଜ୍ୟ-ନିର୍ଦ୍ଦିଷ୍ଟ ନିୟମ) ରେ ବିସ୍ତୃତ ଭାବରେ ଉଲ୍ଲେଖ କରାଯାଇଛି । ଏହି ପ୍ରକ୍ରିୟାରେ ଦୋଷୀକୁ ଆଖିରେ ପଟି ବାନ୍ଧି ଫାଶୀଖୁଣ୍ଟକୁ ନିଆଯାଏ । ବାମ କାନର ଠିକ୍ ତଳେ ଫାଶୀ ଦଉଡ଼ିର ଗଣ୍ଠି ଲଗାଯାଇଥାଏ । ଯାହା 'ସବୌରାଲ ପୋଜିସନ ବା ସବମେଣ୍ଟାଲ୍ ନଟ୍' ଭାବେ ପରିଚିତ । ଏହା ପରେ ଜଲ୍ଲାଦ ଲିଭରକୁ ଟାଣି ଟ୍ରାପଡୋରକୁ ମୁକ୍ତ କରେ । ବେକ ସଂଲଗ୍ନ ମେରୁଦଣ୍ଡ ଭାଙ୍ଗିବା ଦ୍ୱାରା ଦୋଷୀର ମୃତ୍ୟୁ ହୁଏ । ମଡେଲ ଜେଲ ମାନୁଆଲ୍ ଅନୁଯାୟୀ ଫାଶୀ ପରେ ଶରୀରକୁ ଅତି କମରେ ତିରିଶି ମିନିଟ୍ ପାଇଁ ଝୁଲନ୍ତା ରହିବା ଆବଶ୍ୟକ । ଜେଲ୍‌ର, ମେଡିକାଲ ଅଫିସର ମୃତଦେହ ଝୁଲୁଥିବା ସମୟରେ ପରୀକ୍ଷା କରନ୍ତି । ନାଡ଼ି, ହୃଦସ୍ପନ୍ଦନ ଓ ଶ୍ୱାସକ୍ରିୟା ବନ୍ଦ ହୋଇଛି ବୋଲି ନିଶ୍ଚିତ କରିବା ପରେ ମେଡିକାଲ ଅଫିସର ଲିଖିତ ଭାବରେ ମୃତ୍ୟୁ ପ୍ରମାଣପତ୍ର ଦିଅନ୍ତି । ପ୍ରମାଣପତ୍ର ପରେ ହିଁ ମୃତଦେହକୁ ଫାଶୀ ଖୁଣ୍ଟରୁ ଓହ୍ଲାଇ ଦିଆଯାଏ ।

ଆମ ପାଇଁ ଦଣ୍ଡ, ଦୁଃଖ, ମର୍ଯ୍ୟାଦା ଓ ନିଷ୍ଠୁରତାର ମାନେ କ'ଣ? ଏ ସବୁ ଭାବପ୍ରବଣତା ନା ସଂସ୍କୃତି ସନ୍ନିହିତ ଉପାଦାନ? ଧର୍ମ, ଲୋକପ୍ରିୟବିଶ୍ୱାସ, ଉପନିବେଶବାଦୀ ଚିନ୍ତାଧାରା, କ୍ଷମା, ପ୍ରତିଶୋଧ ଓ ଅଧିକାର ଇତ୍ୟାଦି ହେଉଛି ଏହାର କାରକ । ସାଧାରଣ ଭାବରେ ଅନେକ ମୃତ୍ୟୁଦଣ୍ଡକୁ ପ୍ରତିଶୋଧ ଭାବରେ ସମର୍ଥନ କରିପାରନ୍ତି । କିଛି ଫାଶୀ ଦଣ୍ଡଠାରୁ ଆହୁରି କଠୋର ପଦ୍ଧତି ଚାହାନ୍ତି । ଆଉ କିଛିଜଣ ସହାନୁଭୂତିଶୀଳତା ଏବଂ ମାନବାଧିକାର ଯୁକ୍ତି ମଧ୍ୟ ବାଢ଼ନ୍ତି । ଏହା କହିବାର ଉଦ୍ଦେଶ୍ୟ ହେଉଛି ଯେ ଗଣମାଧ୍ୟମ, ଅନ୍ତର୍ଜାତୀୟ ପ୍ରକାଶନ ଓ ଆଇନଗତ ଆଲୋଚନା ଦ୍ୱାରା 'ନିଷ୍ଠୁର' ଓ 'ଅମାନବୀୟ' ଭଳି ସାମାଜିକ ଅଭ୍ୟାସ ଆକୃତି ପାଇଥାଏ । ମୃତ୍ୟୁଦଣ୍ଡକୁ ନିଷ୍ଠୁର ଓ ଅମାନବୀୟ ବିଚାର କରି ବିଶ୍ୱବ୍ୟାପୀ ୧୧୩ଟି ଦେଶ ସମସ୍ତ ଅପରାଧ ପାଇଁ ମୃତ୍ୟୁଦଣ୍ଡକୁ ଉଚ୍ଛେଦ କରିଛନ୍ତି । ଏକ ସର୍ବେକ୍ଷଣ ଅନୁଯାୟୀ, ବ୍ରିଟେନରେ ନ୍ୟାୟପାଳିକା ବ୍ୟବସ୍ଥା ଦ୍ୱାରା ବିଚାରଗତ ତ୍ରୁଟି ଯୋଗୁଁ ୧୦୦୦ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି । ଆମ ଦେଶରେ ୧୪ ଜଣ ଅବସରପ୍ରାପ୍ତ ବିଚାରପତି ୧୩ ଜଣ ଦୋଷୀଙ୍କ ମୃତ୍ୟୁଦଣ୍ଡକୁ ବନ୍ଦ କରିବା ପାଇଁ ଭାରତର ରାଷ୍ଟ୍ରପତିଙ୍କୁ ଚିଠି ଲେଖିଥିଲେ । ସେମାନଙ୍କ ମନ୍ତବ୍ୟ ଅନୁସାରେ, ସମସ୍ତ ଦୋଷୀ ଭୁଲ ନିଷ୍ପତ୍ତି କିମ୍ବା ବିଚାରଗତ ତ୍ରୁଟିର ଶିକାର ହୋଇଥିଲେ ।

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଏକ ରିପୋର୍ଟ ଅନୁଯାୟୀ, ମୃତ୍ୟୁଦଣ୍ଡ ଅପେକ୍ଷାରେ ଥିବା ଭାରତୀୟ କଏଦୀଙ୍କ ମଧ୍ୟରୁ ୭୬% ହେଉଛନ୍ତି ଅନୁସୂଚିତ ଜାତି ଓ ଜନଜାତିର । ସେହିପରି ମୃତ୍ୟୁଦଣ୍ଡରେ ଦଣ୍ଡିତ କଏଦୀଙ୍କ ମଧ୍ୟରୁ ୭୪% ଥିଲେ ଆର୍ଥିକ ଭାବରେ ପଛୁଆ କିମ୍ବା ଗରିବ ଏବଂ ୬୩% ଥିଲେ ସେମାନଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ । ଏହି ସମସ୍ତ ତଥ୍ୟ ପ୍ରକାଶ କରେ ଯେ ନ୍ୟାୟପାଳିକାରେ ବି ତ୍ରୁଟି ହୁଏ ଏବଂ ସାମାଜିକ ଅନଗ୍ରସରମାନେ ନ୍ୟାୟ ପ୍ରକ୍ରିୟାଠାରୁ ଏବେ ବି ବହୁତ ଦୂରରେ । ସଂସ୍କାର ସବୁଠି ଆବଶ୍ୟକ । ତେଣୁ ଯଦି ମୃତ୍ୟୁଦଣ୍ଡର ପ୍ରକ୍ରିୟାରେ ସଂସ୍କାର ଆସିବାକୁ ଚିନ୍ତା ହେଉଛି, ଅସୁବିଧା ରହିଲା କେଉଁଠି?

ଆଇନ କାନୁନ ହେଉଛି ସାମାଜିକ ପରିବର୍ତ୍ତନର ଏକ ପାରମ୍ପରିକ ଓ ସବଳ ଉପାୟ । କିନ୍ତୁ ଏହା ମଧ୍ୟ ଜାଣି ରଖିବାକୁ ହେବ ଯେ ଆଇନଗତ ସଂସ୍କାର ପ୍ରାୟତଃ ସାମାଜିକ ପରିବର୍ତ୍ତନଠାରୁ ପଛରେ ପଡ଼ିଯାଏ । ଏହାର କାରଣ ହେଉଛି ଆଇନରେ ସଂସ୍କାର ପାଇଁ ସଂସ୍ଥାଗତ ସହମତି ଓ ସମ୍ବଳ ଆବଶ୍ୟକ । ଅନେକାଂଶରେ ଏହି ସଂସ୍କାର ରାଜନୈତିକ ଇଚ୍ଛାଶକ୍ତିରେ ମଧ୍ୟ ପରିଚାଳିତ । ଆଧୁନିକ ଗଣତନ୍ତ୍ରରେ ରାଷ୍ଟ୍ରର କ୍ଷମତା କେବଳ ଆଇନ ଦ୍ୱାରା ନୁହେଁ, ବରଂ 'ସଭ୍ୟ' ଆଚରଣ ଦ୍ୱାରା ମଧ୍ୟ ପରିପ୍ରକାଶ ହୁଏ । ରାଜଦଣ୍ଡ ଦେବା ସମୟରେ ରାଷ୍ଟ୍ର କିଛି ମାନବୀୟ ମାନଦଣ୍ଡକୁ ଅନୁସରଣ କରିବା ମଧ୍ୟ ଉଚିତ । ନଚେତ ବିଚାରର ନୈତିକତା ଉପରେ ପ୍ରଶ୍ନ ଆସିପାରେ । ତେଣୁ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ 'ସରକାର ଏବେ ବିକଶିତ ଓ ବିବର୍ତ୍ତିତ ହେବାକୁ ପ୍ରସ୍ତୁତ ନୁହନ୍ତି' ଆମକୁ ସୂଚାଇ ଦେଉଛି ଯେ ରାଷ୍ଟ୍ରର ନୀତି, ଅଭ୍ୟାସ ଓ ମାନଦଣ୍ଡ ମଧ୍ୟରେ ଏବେ ବି ଅନେକ ସ୍ଥାନରେ ପାର୍ଥକ୍ୟ ଅଛି । ●

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ବୟସର ଅପରାହ୍ଣରେ ଜୀବନ ଯନ୍ତ୍ରଣା

**ଅର୍ଜୁନ ଘଡ଼େଇ**

ବୟସକୁ ନେଇ ବରିଷ୍ଠ, ବୟସ୍କଙ୍କୁ ଆମେ ଯାହା କିଛି ସମ୍ମାନ, ଯତ୍ନ, ଆଦର ପ୍ରଦର୍ଶନ କରୁ ତାହା ଏକ ସାମାଜିକ ବ୍ୟବସ୍ଥା । କିନ୍ତୁ ଅଣଷଠି ବୟସ ପର୍ଯ୍ୟନ୍ତ ଜଣେ ବ୍ୟକ୍ତିଙ୍କୁ ସାର୍ / ମହାଶୟ / ଆଜ୍ଞା ଭାବେ ସମ୍ବୋଧନ କରାଯାଉଥିବା ବେଳେ ହଠାତ୍ ଷାଠିଏ ପରେ ମଉସା / ମାଉସୀ ସମ୍ବୋଧନ କରି ତା'କୁ ପରୋକ୍ଷରେ ଆମେ ବାର୍ଦ୍ଧକ୍ୟ ଆସିଗଲା ବୋଲି ସଚେତନ କରୁଛେ । ସମାଜର ଜଣେ ଅଦରକାରୀ, ଅନୁପଯୁକ୍ତ, ଅଗ୍ରହଣୀୟ ବ୍ୟକ୍ତି ଭାବରେ ବିବେଚନା କରୁଛେ । 'ଏପରି କର ନାହିଁ, ସେପରି କୁହ ନାହିଁ' ପରାମର୍ଶ ଦେଇ ଆମେ ସେଇ ବ୍ୟକ୍ତିମାନଙ୍କର ଚିନ୍ତାଧାରାକୁ, ଆଗକୁ ଚାଲିବାର ମାନସିକତାକୁ ବାଧାପ୍ରାପ୍ତ କରୁଛେ ।

ଆମେ ଦେଖୁଛେ ଷାଠିଏ ବର୍ଷ ପରେ ବି ଅନେକ ବ୍ୟକ୍ତି ବେଶ୍ ଗତିଶୀଳ, କର୍ମତତ୍ପର । ତେଣୁ ମଣିଷର ବୟସ ପରିସଂଖ୍ୟାନ ଏକ ଗାଣିତିକ ବିଚାର । ବିଚାରବୋଧରେ ଏହାର ସତ୍ୟତା ନାହିଁ । ତେଣୁ କାହାକୁ ବୟସ୍କ କହି ଅଣଦେଖା କରିବା ବି ଉଚିତ୍ ନୁହେଁ । ଯେଉଁମାନଙ୍କୁ ବି ଆମେ ବୟସ୍କ, ବରିଷ୍ଠ ଭାବେ ବିବେଚନା କରୁଛେ ନା ସେମାନଙ୍କୁ ଦେଇପାରୁଛେ ଆବଶ୍ୟକୀୟ ଯତ୍ନ ନା ସମ୍ମାନ ନା ଆଦର । ସେମାନଙ୍କ ଦେହ, ମନ, ଆତ୍ମା ସମାଜର ପ୍ରତ୍ୟେକ ସ୍ତରରେ କ୍ଷତାକ୍ତ ହୋଇଚାଲିଛି । ସବୁଠାରୁ ଅଧିକ ମାତ୍ରାରେ ସେମାନେ ନିର୍ଯାତନାର ଶୀକାର ହେଉଛନ୍ତି ପରିବାର, ବନ୍ଧୁ, ଆତ୍ମୀୟ, ରକ୍ତ ସଂପର୍କୀୟଙ୍କ ଦ୍ୱାରା । ଏହା ଆମେ ସବୁ ସମୟରେ ଅନୁଭବ କରୁଥିଲେ ବି ଆମର ଅସଚେତନତା, ଅମନଯୋଗିତା ଯୋଗୁଁ ହିଁ ଘଟି ଚାଲୁଛି । ଏହାହିଁ ବିଡ଼ମ୍ବନା ।

ଅତୀତରେ ଯେଉଁମାନଙ୍କ ପାଇଁ କର୍ତ୍ତବ୍ୟ ଭାବି ଶକ୍ତି, ସମୟ, ଅର୍ଥ ସବୁକିଛି ବ୍ୟୟ କରିଛେ, ମୁଣ୍ଡ ଟେକି ସମାଜରେ ଛିଡ଼ା କରେଇଛେ କିମ୍ବା ବଂଚିବାର ରାସ୍ତା ଦେଖାଇଛେ, ସେଇମାନେ ହିଁ ବୟସର ଅପରାହ୍ଣରେ ଶକ୍ତିକୁ ନିରର୍ଥକ, ସମୟକୁ ଅଜ୍ଞାନତା, ଅର୍ଥ ଦେୟକୁ ବାଧ୍ୟବାଧକତା ଭାବେ ବିବେଚନା କରୁଛନ୍ତି । ପିଲାଙ୍କୁ ମଣିଷ କଲେ, ସାଂସାରିକ ଜୀବନ ଦେଲେ । ତା'ପରେ ତାଙ୍କ ପିଲାଙ୍କ ଦାୟିତ୍ୱ ନେଇ ନାତୁଣୀଙ୍କ ସାଥୀରେ ହସି ଖେଳି ସମୟ ବିତେଇବା ପରିବର୍ତ୍ତେ ତାଙ୍କ ପିଲାଙ୍କ 'କେୟାରଟେକର୍' ହେବାକୁ ବାଧ୍ୟ ହେଉଛନ୍ତି ବୟସ୍କ ପିତା-ମାତା । ଯଦି ଉଭୟେ ପୁଅ-ବୋହୂ ରୋଜଗାରକ୍ଷମ ତେବେ ଦୁର୍ଦ୍ଦଶା ତ ଆହୁରି ବଢ଼ିଯାଉଛି । ପିଲାଙ୍କ ମଳ, ମୂତ୍ର ପୋଛୁଥିଲେ ଏବେ ତାଙ୍କ ପିଲାଙ୍କ ଦାୟିତ୍ୱ ନ ନେଲେ ନିର୍ଯାତନା, ଗାଳି ଶୁଣିବାକୁ ପଡୁଛି । କେବଳ ପୁଅ-ବୋହୂ କାହିଁକି ଝିଅ-ଜ୍ୱାଇଁଙ୍କ କ୍ଷେତ୍ରରେ ବି ସେମିତି । ଯଦି ସେମାନେ କର୍ମଜୀବୀ ଏବଂ ଦେଖନ୍ତି ବାପା-ମା ସୁସ୍ଥ ଅଛନ୍ତି ତେବେ ସେମାନେ ବି ଚାହୁଁଛନ୍ତି ତାଙ୍କ ପାଖରେ ରହି ପିଲାଙ୍କ ଦାୟିତ୍ୱ ନେବାକୁ । ପୁଅ-ବୋହୂ ବା ଝିଅ-ଜ୍ୱାଇଁମାନେ ବୟସର ଅପରାହ୍ଣକୁ ତାଙ୍କ ସେବାରେ ବିନିଯୋଗ କରିବାକୁ ଚାହୁଁଛନ୍ତି ସ୍ୱାର୍ଥ ସିଦ୍ଧି ପାଇଁ । ଯଦି ବାପା-ମା'ଙ୍କ ସ୍ୱାସ୍ଥ୍ୟଗତ କାରଣରୁ ସେମାନଙ୍କ ସ୍ୱାର୍ଥ ହାସଲ ନହେବାର ଅବସ୍ଥା ଥାଏ ତେବେ ତୁମର ସେବା, ଯତ୍ନ କରିବା ପରିବର୍ତ୍ତେ, ଅଣଦେଖା, ଅଦରକାରୀ ମନେ କରିବା ପରି ମାନସିକତା ତୁମ ପିତୃତ୍ୱର କେଉଁ ମହାନତାକୁ ସମ୍ମାନ ଦେବ ବା ବୟସ୍କର ପରିଣତ ଅବସ୍ଥାକୁ ଅବବୋଧ କରିପାରିବ? ଏମିତି ଅନେକ ଉଦାହରଣରୁ ଏହା ଖିଅଟିଏ ।

ଆତ୍ମୀୟ ସ୍ୱଜନ ବନ୍ଧୁ, ପରିଜନ ବା ପଡ଼ୋଶୀମାନେ, ଯେଉଁମାନଙ୍କ ସହ ଅତୀତର ଅନେକ ସମୟ କଟିଛି, ସେମାନଙ୍କ ମାନସିକତା ତ ଆହୁରି ଦୁଃଖଦାୟକ । ଦାଣ୍ଡପିଣ୍ଡାରେ ବସିଥିବା ବେଳେ ପଡ଼ୋଶୀଟିଏ ଆଖି ମିଶେଇ ପଚାରିବାକୁ ଚାହୁଁନି । ବନ୍ଧୁଟିଏ ଘରକୁ ଆସୁଥିଲେ ଅନିଚ୍ଛାସତ୍ତ୍ୱେ ହାତଟିକିଏ ଟେକିଦେଇ କିମ୍ବା ମୁଣ୍ଡ ଟିକିଏ ନୁଆଁଇଦେଇ ଘର ଭିତରକୁ ଯାଉଛି । ପଚାରିବାକୁ ଚାହୁଁନାହିଁ ଦେହପା କେମିତି ଅଛି । କାରଣ ଆଉ ସେ ଅତୀତର ବୟସ କି ସମୟ ନାହିଁ ମିଠା କଥା କହି ପାଣି ବଢ଼େଇଦେବାକୁ କିମ୍ବା ବଜାର ଯାଇ ସୁସ୍ୱାଦୁ ଖାଦ୍ୟ ଯୋଗାଇଦେବାକୁ । ପରିବାରରେ ହିଁ ସମସ୍ତ ବୟସ୍କମାନଙ୍କୁ ସମଦଶା ଭୋଗୀବାକୁ ପଡୁଛି । ଅନ୍ୟମାନଙ୍କୁ ଦୋଷ ଦେଇ ଲାଭ କ'ଣ?

ଆମେ ଯେତେ ବୟସ୍କ, ବରିଷ୍ଠ, ଅଭିଜ୍ଞ, ସମ୍ମାନସ୍ପଦ ଆଦି ଭାବେ ବୟସ୍କମାନଙ୍କ ପାଇଁ ସ୍ଲୋଗାନ ଦେଲେ ବି ସେ ସବୁ ମୂଲ୍ୟହୀନ, ଅର୍ଥହୀନ ଆଜିର ସମୟରେ ଓ ଯୁବପିଢ଼ିଙ୍କ ମନରେ । ଧନ-ସଂପତ୍ତିକୁ କେନ୍ଦ୍ର କରି ବୟସ୍କମାନଙ୍କୁ କାଠଗଡ଼ାରେ ଛିଡ଼ାକରିବା, ହତ୍ୟା କରିବା ପରି ଅମାନୁଷିକ କାର୍ଯ୍ୟର କୁପରିଣତି ଭୋଗୀବାକୁ ପଡୁଛି । ଯେତେ ସବୁ ଆଇନ୍ କାନୁନ୍ ସେ ସବୁ ଧର୍ମକୁ ଆଖିଠାର ପରି । ଘରେ ପୋଷା କୁକୁରକୁ ଘର ଜଗୁଥିବାରୁ ଖାଇବା ପିଇବାକୁ ଦେବା ପରି ବୟସ୍କମାନଙ୍କୁ ବ୍ୟବହାର ଦେଖାଇବା ଅମଣିଷ ପଣିଆଁ କେବଳ ନୁହେଁ, ଅସୁସ୍ଥ ମାନସିକତା - ଏହା ବୁଝି ମାନସିକତାରେ ପରିବର୍ତ୍ତନ ଆସିଲେ ବୟସ୍କମାନେ ବୟସର ଅପରାହ୍ଣରେ ବିବଶ ନହୋଇ, ସ୍ୱପ୍ନ ଦେଖିବାରେ ଆସକ୍ତ ହେବେ । ବୃଦ୍ଧ, ଅକର୍ମଣ୍ୟ, ଅଯୋଗ୍ୟ, ଅଦରକାରୀ ହୋଇଗଲା ଭାବି ବ୍ୟବହାର ଦେଖାଇବା ପରିବର୍ତ୍ତେ, ସେମାନଙ୍କ ମନରେ ଶାନ୍ତ୍ୱନା, ସମ୍ଭାବନା ସୃଷ୍ଟି କଲେ ବୟସର ଅପରାହ୍ଣର ଜୀବନ ଯନ୍ତ୍ରଣା ଉପଶମ ହେବ । ●

ଦାଣ୍ଡମୁକୁନ୍ଦପୁର(ପୁରୀ), ମୋ: ୯୪୩୮୦୪୮୬୧୫

# ପଦ୍ମସମ୍ଭବଙ୍କ ତିବ୍ବତରୁ ପ୍ରତ୍ୟାବର୍ତ୍ତନ

**ପ୍ରବୀର କୁମାର ପଟ୍ଟନାୟକ**



ଦ୍ୱିତୀୟ-ବୁଦ୍ଧ କଥା

ପଦ୍ମସମ୍ଭବଙ୍କର ବିସ୍ତାରିତ ତଥା ବେଳେ ବେଳେ ଗୁପ୍ତ ଦୃଷ୍ଟିକୋଣ ଗବେଷକ ତଥା ଇତିହାସକାରମାନଙ୍କୁ ବାଟବଣା କରିଥାଏ । ଏମାନେ ପଦ୍ମସମ୍ଭବଙ୍କ ଜୀବନର ଘଟଣାକ୍ରମକୁ ନେଇ କେବଳ ଯାହା ପ୍ରମାଣସିଦ୍ଧ ତାହାକୁ ହିଁ ଗ୍ରହଣ କରିଥା'ନ୍ତି । ଏହିସବୁ ପ୍ରମାଣସିଦ୍ଧ ଘଟଣାବଳୀ ହେଲା ରାଜା ଖ୍ରୀ-ସ୍ରନ୍‌ଙ୍କ ସହ ତାଙ୍କର ସଂପର୍କ, ଶାନ୍ତରକ୍ଷିତଙ୍କ ସହ ସମ୍ବନ୍ଧ, ତାନ୍ତ୍ରିକ ଗ୍ରନ୍ଥଗୁଡ଼ିକର ତିବ୍ବତୀୟ ଅନୁବାଦକ ଓ ବ୍ୟାଖାକର ଆଦିଙ୍କ ସହ ତାଙ୍କର ସମ୍ବନ୍ଧ । କିନ୍ତୁ ଏହା ଅତ୍ୟନ୍ତ ବାସ୍ତବ ଯେ ଏହିସବୁ ଐତିହାସିକ ବାସ୍ତବତା ଠାରୁ ପଦ୍ମସମ୍ଭବଙ୍କ ଜୀବନକ୍ରମ ଆହୁରି ବହୁତ କିଛି ଏବଂ ଚମକପ୍ରଦ ମଧ୍ୟ । ଏହା ହେଉଛି ଜଣେ ମଣିଷ ଭାବେ ପରହିତ ଉଦ୍ଦେଶ୍ୟରେ ତଥା ସମସ୍ତଙ୍କର ମଙ୍ଗଳ ପାଇଁ ତାଙ୍କ ପରାକାଷ୍ଠାର ପ୍ରତିଫଳନ । ତାଙ୍କ ଜୀବନ ବୁଦ୍ଧ ଓ ବୋଧିସତ୍ତ୍ୱମାନଙ୍କର ଗୁଣବତ୍ତାର ଉତ୍କର୍ଷରେ ପରିପୂର୍ଣ୍ଣ । ସେ ଯାହା ବି କାର୍ଯ୍ୟ କରିଥା'ନ୍ତି ତାହା ଅନ୍ୟମାନଙ୍କର ମଙ୍ଗଳ ସକାଶ ଓ ତାଙ୍କର ସମସ୍ତ କାର୍ଯ୍ୟ ହିଁ ଅନ୍ୟକୁ ସାହାଯ୍ୟ କରିବା ପାଇଁ ଉଦ୍ଦିଷ୍ଟ ।

ପଦ୍ମସମ୍ଭବ ତିବ୍ବତ ଆସିବା ପୂର୍ବରୁ ତିବ୍ବତର ଯେଉଁ ଅନ୍ଧକାର ଅବସ୍ଥା ଥିଲା ତା'ଠାରୁ ମଧ୍ୟ ଅଧିକ ଅନ୍ଧକାର ଥିବା ଅନ୍ୟ ଅଞ୍ଚଳର ଲୋକମାନଙ୍କର ହିତ ନିମିତ୍ତ ସେ ତିବ୍ବତ ପରିତ୍ୟାଗ କରିବା ନିମନ୍ତେ ସ୍ଥିର କଲେ । ଲୋକମାନେ ତାଙ୍କୁ ଛାଡ଼ି ଚାଲି ନଯିବା ପାଇଁ ବିନତି କରିବାରୁ ସେ କହିଲେ, 'ତିବ୍ବତରେ ଏବେ ବୌଦ୍ଧଧର୍ମର ପ୍ରତିଷ୍ଠା ସମ୍ପୂର୍ଣ୍ଣ ହୋଇଛି । ସେ ଯଦି ଚ ସଶରୀରେ ସେ ଦେଶ ପରିତ୍ୟାଗ କରୁଛନ୍ତି, ଯଥାର୍ଥପକ୍ଷେ ସେ ସେମାନଙ୍କୁ ସମ୍ପୂର୍ଣ୍ଣ ଭାବେ ପରିତ୍ୟାଗ କରି ଚାଲିଯାଉନାହାନ୍ତି । ତିବ୍ବତରେ ତାଙ୍କ ଉପସ୍ଥିତି ସେ ସଶରୀରେ ରହିବା ଠାରୁ ଅଧିକ ପ୍ରଭାବଶାଳୀ ରହିବ ଏବଂ ବଜ୍ରଯାନର ଶକ୍ତି ଫଳରେ ସମସ୍ତଙ୍କ ପ୍ରତି ତାଙ୍କର ଆଶୀର୍ବାଦ କାର୍ଯ୍ୟକ୍ଷମ ହୋଇ ରହିବ । ସେ ଧର୍ମର (ବୌଦ୍ଧ ଧର୍ମ) ସମସ୍ତ ପ୍ରକାର ବାଧାବିଘ୍ନ ଓ ପ୍ରତିବନ୍ଧକ ସବୁକୁ ଦମନ କରିବା ଅଥବା ହଟାଇ ସାରିଛନ୍ତି । ତିବ୍ବତରେ ବୌଦ୍ଧଧର୍ମର ଅତ୍ୟନ୍ତ ମହାର୍ଘ ବୀଜକୁ ରୋପଣ କରିସାରିଛନ୍ତି । ସେ ଓ ତାଙ୍କ ଶିଷ୍ୟମଣ୍ଡଳୀ ସେଠାରେ ଉଭୟ 'ସୂତ୍ରଯାନ' ଓ 'ମନ୍ତ୍ରଯାନ'ର ପ୍ରଗାଢ଼ ଶିକ୍ଷାକୁ ପ୍ରତିଷ୍ଠିତ କରି ଦୃଢ଼ୀଭୂତ କରିସାରିଛନ୍ତି । ତାଙ୍କ ଶିଷ୍ୟମଣ୍ଡଳୀ ମାଧ୍ୟମରେ ଗୂଢ଼ ତତ୍ତ୍ୱଭିତ୍ତିକ ତନ୍ତ୍ରବିଦ୍ୟାର ପରମ୍ପରା ମଧ୍ୟ ପ୍ରତିଷ୍ଠିତ ହୋଇ ସାରିଛି ।'

ପଦ୍ମସମ୍ଭବ ତିବ୍ବତରେ ଗୁପ୍ତ-ବିଦ୍ୟାର ଭଣ୍ଡାର ସବୁ ଗୋପନରେ ସାଇତି ରଖିବା ସହ ତାହା କେତେବେଳେ କେଉଁଠି ଏବଂ କାହା ଦ୍ୱାରା କିଭଳି ପ୍ରଘଟ ଅଥବା ପ୍ରକାଶିତ ହେବ ତାହାର ମଧ୍ୟ ଭବିଷ୍ୟବାଣୀ କରି ଯାଇଛନ୍ତି । ନିଜ ଶିଷ୍ୟମଣ୍ଡଳୀଙ୍କୁ ସ୍ୱତନ୍ତ୍ର ଉପଦେଶ ମାଧ୍ୟମରେ ଭବିଷ୍ୟତରେ ତାଙ୍କୁ କିଭଳି ସାଧାନା ବଳରେ ପୁଣି ଭେଟି ପାରିବେ ତାହା ମଧ୍ୟ ଜଣାଇ ଦେଇଥିଲେ । ଏହିଭଳି ଭାବେ ବଜ୍ରଯାନ ମାଧ୍ୟମରେ ବିଶ୍ୱରେ ମହାଯାନର ପରମ୍ପରା କାର୍ଯ୍ୟକ୍ଷେତ୍ରରେ ଯେଉଁଭଳି ଭାବେ ବଞ୍ଚିରହିବ ଯେତେବେଳେ କି ଅନ୍ୟାନ୍ୟ ଶାଖାର ପରମ୍ପରା ସବୁ ଲୋପ ପାଇ ଯାଇଥିବ, ସେ ବିଷୟ ପଦ୍ମସମ୍ଭବ ଆଗୁଆ କଳନା କରି ସବୁର ସୁବ୍ୟବସ୍ଥା କରିଥିଲେ । (କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

### ରାଜଧାନୀରେ ଝାଡ଼ଖଣ୍ଡ ନାବାଳିକାଙ୍କୁ ଦୁଷ୍କର୍ମ ମାମଲା

# ଅନୁଧ୍ୟାନ କଲେ ଝାଡ଼ଖଣ୍ଡ ଶିଶୁ ଆୟୋଗ

**ରାଜ୍ୟ ଶିଶୁ ଆୟୋଗ ଓ ପୁଲିସ ସହ ଆଲୋଚନା**
**ଏଚ୍‌ଆଇଭି ସଂକ୍ରମଣ ଖବର ପ୍ରସାରଣକୁ ନେଇ କ୍ଷୁବ୍ଧ**

ଭୁବନେଶ୍ୱର,୨୪।୧୦(ସମିସ): ରାଜଧାନୀରେ ଝାଡ଼ଖଣ୍ଡ ନାବାଳିକାଙ୍କୁ ଦୁଷ୍କର୍ମ ଘଟଣାରେ ଶୁକ୍ରବାର ଝାଡ଼ଖଣ୍ଡ ଶିଶୁ ଆୟୋଗର ୪ ଜଣିଆ ଟିମ୍ ଭୁବନେଶ୍ୱର ପହଞ୍ଚି ପୁଲିସ ଏବଂ ରାଜ୍ୟ ଶିଶୁ ଆୟୋଗଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ଝାଡ଼ଖଣ୍ଡ ଶିଶୁ ଆୟୋଗର ସଦସ୍ୟା ରୁଚି କୁଜୁରଙ୍କ ନେତୃତ୍ୱରେ ଡକ୍ଟର ଆଭା ଭି ଆଖ୍ଆନ, ଅନୁପ ଆର୍ ଲାକ୍ରା ମାମଲା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଭୁବନେଶ୍ୱରରେ ପହଞ୍ଚି କ୍ୟାପିଟାଲ ଥାନା, ରାଜ୍ୟ ଶିଶୁ ଆୟୋଗ ଏବଂ ପିଡ଼ିତାଙ୍କୁ ଭେଟିଛନ୍ତି। ଏହି ସ୍ୱତନ୍ତ୍ର ଟିମ୍ ନାବାଳିକାଙ୍କୁ ଭେଟି ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହ ତାଙ୍କ ଘର ଠିକଣା ଓ ପରିଚୟ ପଚାରିଥିଲେ। କେଉଁ ପରିସ୍ଥିତିରେ ନାବାଳିକା ଏଠାକୁ ଆସିଲେ ଏବଂ କିପରି ସେକ୍ସ ରାକେଟ୍‌ରେ ସାମିଲ ହେଲେ, ସେନେଇ ମଧ୍ୟ ଆଲୋଚନା କରିଥିଲେ। ନାବାଳିକା କିଛି କହି ପାରୁ ନ ଥିବାରୁ ତାଙ୍କ ପରିଚୟ ବିଷୟରେ ଏହି ସ୍ୱତନ୍ତ୍ର ଦଳ ପଚାରି ବୁଝିବେ ବୋଲି ଆୟୋଗ କହିଛନ୍ତି। ଏଥିସହ ତଦନ୍ତକାରୀ ଅଧିକାରୀଙ୍କ ଠାରୁ ଏହି ମାମଲା ସମ୍ପର୍କିତ ତଥ୍ୟ ସଂଗ୍ରହ କରିଛନ୍ତି। ଏହି ମାମଲାରେ କେତେ ଜଣ ଗିରଫ ହୋଇଛନ୍ତି। ନାବାଳିକାଙ୍କ ସହ ଦୁଷ୍କର୍ମ କରିଥିବା ଅଭିଯୁକ୍ତମାନେ ଗିରଫ ହୋଇଛନ୍ତି କି ନାହିଁ ପଚାରି ବୁଝିଥିଲେ। ବଡ଼ କଥା ହେଲା, ଉଦ୍ଧାର ନାବାଳିକାଙ୍କୁ ଏଚ୍‌ଆଇଭି ହେବା ନେଇ ଯେଉଁ ଖବର ପ୍ରସାରଣ ହୋଇଥିଲା ତାହାକୁ ନେଇ ଯୁଦ୍ଧ ହୋଇଥିଲେ ଝାଡ଼ଖଣ୍ଡ ଶିଶୁ ଆୟୋଗ। ଏଚ୍‌ଆଇଭି ସଂକ୍ରମିତ ବ୍ୟକ୍ତିଙ୍କର ପରିଚୟ ସର୍ବସାଧାରଣରେ ପ୍ରକାଶ କରିବା ନିୟମ ବିରୋଧ ହୋଇଥିବାବେଳେ ଏହା କିଭଳି ଏନେଇ ଗଣମାଧ୍ୟମରେ ପ୍ରକାଶ ପାଇଲା ତାହାକୁ ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ।

ଲକ୍ଷ୍ମୀସାଗର ସେକ୍ସ ରାକେଟ ମାମଲାରେ ଏବେ ସୁଦ୍ଧା ୪ ଜଣଙ୍କୁ ଗିରଫ କରି ଖୋଳତାଡ଼ କରୁଛି କ୍ୟାପିଟାଲ ଥାନା ପୁଲିସ। ବିଭିନ୍ନ ପ୍ରକାର ନମୁନା ସଂଗ୍ରହ ସହ ସେକ୍ସ ରାକେଟ୍ ଚାଲିଥିବା ଘରେ କ୍ଲାଇଣ୍ଟିନ୍ କରୁଛି ସାଇଣ୍ଟିଫିକ୍ ଟିମ୍। ସେପଟେ ଘଟଣାକୁ ରେଡ୍‌ଫ୍ଲାଗ୍ ଅନ୍ତର୍ଭୁକ୍ତ କରିଛନ୍ତି ଡିଜି। ୪ ମହିଳା ଟିମ୍ ଘଟଣାର ତଦନ୍ତରେ ସହଯୋଗ କରୁଛନ୍ତି। ଜଣେ ବରିଷ୍ଠ ମହିଳା ଆଇପିଏସ ଘଟଣାକୁ ତଦାରଖ କରୁଛନ୍ତି। ଗତ ଶନିବାର ଜଣେ ନାବାଳିକାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରିଥିଲା ପୁଲିସ। ନାବାଳିକା ଜଣଙ୍କ ଝାଡ଼ଖଣ୍ଡର ହୋଇଥିବାବେଳେ ନାବାଳିକାଙ୍କୁ ଆଣି ସେକ୍ସ ରାକେଟରେ ଲଗାଯାଇଥିଲା। ଏହାପରେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ କ୍ୟାପିଟାଲ ଥାନା ପୁଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ଉ ବେଳେ ଝାଡ଼ଖଣ୍ଡ ଓ କୋଲକାତାର ୪ ନାବାଳିକାଙ୍କୁ ପୁଲିସ ଉଦ୍ଧାର କରିଥିଲା। ଗୁରୁତର ଅବସ୍ଥାରେ ଉଦ୍ଧାର ନାବାଳିକା ଜଣଙ୍କ ଝାଡ଼ଖଣ୍ଡର, ତାଙ୍କୁ ୧୬ ବର୍ଷ ହୋଇଥିବା ସୂଚନା ଦେଇଥିଲେ ଡିସିପି। ଯଦିଓ ନାବାଳିକାଙ୍କ ଠିକଣା ଓ ପରିଚୟକୁ ନେଇ କିଛି ସ୍ପଷ୍ଟ ପ୍ରମାଣ ପୁଲିସ ହାତରେ ଲାଗି ନ ଥିବା ବେଳେ ନାବାଳିକାଜଣକ ଅନାଥ ବୋଲି ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି।

# ନୂଆପଡ଼ା ଉପନିର୍ବାଚନ: କଂଗ୍ରେସକୁ ସିପିଆଇ(ଏମ୍)ର ସମର୍ଥନ

ଭୁବନେଶ୍ୱର,୨୪।୧୦(ସମିସ): ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ଦଳକୁ ନିଜର ସମର୍ଥନ ଦେଇଛି ସିପିଆଇ(ଏମ୍)। ବିଜେପିକୁ ହରାଇବା ପାଇଁ ଦଳ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିବା ନେଇ ଆଜି ସିପିଆଇ(ଏମ୍) ରାଜ୍ୟ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଦଳ କହିଛି, ଓଡ଼ିଶାର ଏକ ବିଶେଷ ରାଜନୈତିକ ପରିସ୍ଥିତିରେ ନୂଆପଡ଼ା ଉପନିର୍ବାଚନ ହେଉଛି। ଆଗାମୀ ନୂଆପଡ଼ା ଉପନିର୍ବାଚନ କେବଳ ପ୍ରାର୍ଥୀମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ନୁହେଁ; ଏହା ଆମ ସମ୍ବିଧାନ, ଧର୍ମନିରପେକ୍ଷତା ଓ ସମସ୍ତ ଓଡ଼ିଶାବାସୀଙ୍କ ଗଣତାନ୍ତ୍ରିକ ଅଧିକାରର ଭବିଷ୍ୟତ ଉପରେ ଏକ ଜନମତ ସଂଗ୍ରହ। ତେଣୁ ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ନୂଆପଡ଼ାର ଜନତା, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତି, ଶ୍ରମିକ, କୃଷକ, ଯୁବକ, ମହିଳା, ଦଳିତ, ଆଦିବାସୀ, ସଂଖ୍ୟାଲଘୁ ଓ ସମସ୍ତ ସଚେତନ ନାଗରିକଙ୍କୁ ଏକଜୁଟ ହୋଇ ବିଜେପି ପ୍ରାର୍ଥୀଙ୍କୁ ପରାସ୍ତ କରିବାକୁ ଦଳ ନଷ୍ପତ୍ତି ନେଇଛି। ତେଣୁ ଏହି ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ ଦଳ ଆହ୍ୱାନ ଦେଇଛି।

ଦଳ ପକ୍ଷରୁ କୁହାଯାଇଛି ଯେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ସମୟରେ ସାଂପ୍ରଦାୟିକ ହିଂସା, ସାମାଜିକ ବିଦ୍ୱେଷ, ଦଳିତ ଉତ୍ପୀଡ଼ନ, ଆଦିବାସୀ ବିସ୍ଥାପନ ଏବଂ ମହିଳା ନିର୍ଯ୍ୟାତନା ଅତ୍ୟନ୍ତ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ବିଜେପି ଏବଂ ଏହାର ସହଯୋଗୀ ସଂଗଠନମାନେ ହିନ୍ଦୁତ୍ୱବାଦୀ ରାଜନୀତି ପାଇଁ ସାମାଜିକ ସଦ୍‌ଭାବ ଏବଂ ସଂପ୍ରୀତିକୁ ବିଭାଜନ କରିବାକୁ ଚେଷ୍ଟା କରୁଛନ୍ତି। ଗତ ୧୬ ମାସର ଶାସନରେ ବିଜେପି ନିର୍ବାଚନ ପ୍ରତିଶୃତିକୁ ଭୁଲି ଯାଇଛି। ରାଜ୍ୟରେ ଉତ୍କଟ ବେକାରୀ, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଏବଂ ଅପରାଧୀକରଣ ରାଜନୀତି ଯୋଗୁଁ ଜନଜୀବନ ଦୁର୍ବିସହ ହୋଇପଡ଼ିଛି। ବିରୋଧୀ ମତକୁ ଦମନ ଏବଂ ନାଗରିକ ସ୍ୱାଧୀନତା ଉପରେ କଟକଣା ଗଣତନ୍ତ୍ରକୁ ଦୁର୍ବଳ କରୁଛି। ତେଣୁ ନୂଆପଡ଼ା ଉପନିର୍ବାଚନରେ ସମସ୍ତଙ୍କୁ କାମ, ରୋଜଗାର, ସ୍ୱାସ୍ଥ୍ୟ, ଶିକ୍ଷା, ମୂଲ୍ୟବୃଦ୍ଧି ରୋକିବା ଓ ସାମାଜିକ ନ୍ୟାୟ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି। ଏହି ପୃଷ୍ଠଭୂମିରେ ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ନୂଆପଡ଼ାର ସମସ୍ତ ଗଣତାନ୍ତ୍ରିକ ଭୋଟରଙ୍କୁ କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜେପିର ସାମ୍ପ୍ରଦାୟିକ ଯୋଜନାକୁ ପରାସ୍ତ କରିବାକୁ ଅନୁରୋଧ କରିଛି।

# ଚୁକ୍ତିଭିତ୍ତିକ ୧୫ କନିଷ୍ଠ ଯନ୍ତ୍ରୀଙ୍କ ଚାକିରି ନିୟମିତ କର: ହାଇକୋର୍ଟ

କଟକ, ୨୪।୧୦ (ସମିସ): ଓଡ଼ିଶା ଉଠା ଜଳସେଚନ ନିଗମ ଅଧୀନରେ କାର୍ଯ୍ୟ କରିଥିବା ୧୫ ଚୁକ୍ତିଭିତ୍ତିକ କନିଷ୍ଠ ଯନ୍ତ୍ରୀଙ୍କ ଚାକିରି ଦୁଇ ମାସ ମଧ୍ୟରେ ନିୟମିତ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନଟବର ପଣ୍ଡା ଓ ଅନ୍ୟମାନଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଆବେଦନକାରୀଙ୍କ ଦାବି ଖାରଜ ନେଇ ଗତ ୨୫.୧୧.୨୦୧୯ ଏବଂ ୩୧.୧୨.୨୦୧୯ ତାରିଖର ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ନିୟମିତୀକରଣ ପରେ ସେମାନେ ନିଗମର ନିୟମିତ କର୍ମଚାରୀଙ୍କ ପାଇଁ ଗ୍ରହଣୀୟ ଦରମା ଏବଂ ଅନ୍ୟାନ୍ୟ ସେବା ସୁବିଧା ପାଇବାକୁ ହକଦାର ହେବେ। ଆବେଦନକାରୀଙ୍କ ପ୍ରାରମ୍ଭିକ ନିଯୁକ୍ତିଠାରୁ ଛଅ ବର୍ଷର ନିରନ୍ତର ସେବା ସମାପ୍ତ ହେବା ତାରିଖରୁ ନିୟମିତୀକରଣ କାର୍ଯ୍ୟକାରୀ ହେବ। ଯଦି ଆବେଦନକାରୀଙ୍କ ପାଇଁ ପର୍ଯ୍ୟାପ୍ତସଂଖ୍ୟକ ନିୟମିତ ପଦବୀ ଉପଲବ୍ଧ ନାହିଁ, ତେବେ ସେମାନଙ୍କ ପାଇଁ ପଦବୀ ସୃଷ୍ଟି କରାଯିବ। ଏହି ପଦବୀ ସେମାନଙ୍କ ଚାକିରି ସମାପ୍ତ ପରେ ଉଚ୍ଛେଦ କରାଯିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

ପ୍ରକାଶଥାଉକି, ଓଡ଼ିଶା ଲିଫ୍ଟ ଇରିଗେସନ୍ କର୍ପୋରେସନ୍ ଲିମିଟେଡ୍ (ଓଏଲଆଇସି) ଦ୍ୱାରା ୦୯.୧୧.୨୦୧୧ ରେ ଜାରି ଏକ ବିଜ୍ଞାପନ ଆବେଦନକାରୀଙ୍କୁ ୧୪.୧୨.୨୦୧୧ ତାରିଖର ଚିଠି ଅନୁଯାୟୀ ଗୋଟିଏ ବର୍ଷ ପାଇଁ ଚୁକ୍ତିଭିତ୍ତିକ କନିଷ୍ଠ ଯନ୍ତ୍ରୀ ନିଯୁକ୍ତି ପ୍ରଦାନ କରାଯାଇଥିଲା।

### ମେଡିକାଲରେ ଦମ୍ପତିଙ୍କ ହାଇଡ୍ରାମା

# ରାତିତମାମ ଧାରଣା ଦେଲେ ଡାକ୍ତରଙ୍କ ସ୍ତ୍ରୀ

**୨ ଯୁବକଙ୍କୁ ଗୁଣ୍ଡା ଭଳି ବସାଇ ଡ୍ୟୁଟି ରୁମ୍‌ରେ ବସିଲେ ଡାକ୍ତର**

ବାହାନଗା, ୨୪।୧୦ (ସମିସ): ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ଡାକ୍ତର ଏବଂ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ହାଇଡ୍ରାମା ଦେଖିବାକୁ ମିଳିଛି। ସ୍ୱାମୀଙ୍କ ପାଖରେ ରହିବା ଜିଦିରେ ୧୧ମାସର ଶିଶୁକନ୍ୟାକୁ ଧରି ମହିଳାଜଣଙ୍କ ରାତିତମାମ ମେଡିକାଲ ପରିସରରେ ଧାରଣା ଦେଇଥିବା ବେଳେ ଡାକ୍ତରଜଣଙ୍କ ୨ଯୁବକଙ୍କୁ ଗୁଣ୍ଡା ଭଳି ପାଖରେ ବସାଇ ଡ୍ୟୁଟି କରିଥିଲେ। ସୁରକ୍ଷା ଦୃଷ୍ଟିକୋଣରୁ ଏବଂ ସ୍ୱାସ୍ଥ୍ୟସେବାରେ ଯେଭଳି ବ୍ୟାଘାତ ନ ଘଟିବ, ସେଥିପାଇଁ ଗୋପାଳପୁର ପୁଲିସ ମଧ୍ୟ ରାତିତମାମ ହସ୍ପିଟାଲରେ ଅଧିଆ ପଡ଼ିଥିଲା। ଏହି ଘଟଣା ଆଜି ପଦାକୁ ଆସିବା ପରେ ଅଞ୍ଚଳରେ ଚର୍ଚ୍ଚାର ମୁଖ୍ୟ ବିଷୟ ହୋଇଛି।

ସୋର ଅଞ୍ଚଳର ଭାଗବତ ପୁହାଣଙ୍କ ପୁଅ ହିମାଂଶୁ ଶେଖର ପୁହାଣ (୩୬) ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଭାବେ କାର୍ଯ୍ୟରତ। ସେ ପୁରୀ ସଦର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ତାଙ୍କର ୧୧ ମାସର ଏକ ଶିଶୁକନ୍ୟା ମଧ୍ୟ ଅଛି। ପାରିବାରିକ ବିବାଦରୁ ଡା. ହିମାଂଶୁଙ୍କ ସ୍ତ୍ରୀ ବାପଘରେ ରହି ଆସୁଥିଲେ। ଏନେଇ କୋର୍ଟରେ ମଧ୍ୟ ମାମଲା ବିଚାରାଧୀନ ଅଛି। ତେବେ ଗତ ରାତିରେ ଡାକ୍ତର ହିମାଂଶୁ ମେଡିକାଲରେ ଡ୍ୟୁଟି କରୁଥିବା ବେଳେ ବାପଘରଲୋକଙ୍କ ସହ ତାଙ୍କ ସ୍ତ୍ରୀ ସେଠାରେ ପହଞ୍ଚିଥିଲେ। ହିମାଂଶୁଙ୍କୁ ସହ ସେ କଥା ହେବାକୁ ଉଦ୍ୟମ କରି ନିଜ ସାଙ୍ଗରେ ନେଇଯିବାକୁ ଜିଦି କରିଥିଲେ। କିନ୍ତୁ ହିମାଂଶୁ ଏଥିରେ ରାଜି ହୋଇନଥିଲେ। ତେଣୁ ମହିଳାଜଣଙ୍କ ନିଜର ଶିଶୁକୁ ଧରି ରାତିତମାମ ମେଡିକାଲ ଆଉଟଡୋର୍ ସମ୍ମୁଖରେ ଧାରଣାରେ ବସିଥିଲେ। ସେପଟେ, ଡା. ପୁହାଣ ୨ଜଣ ଯୁବକଙ୍କୁ ବଡିଗାର୍ଡ ହିସାବରେ ନିଜ ପାଖରେ ବସାଇ ରଖିଥିଲେ। ଖବର ପାଇ ଗୋପାଳପୁର ପୁଲିସ ବି ସେଠାରେ ପହଞ୍ଚିଥିଲା। କିନ୍ତୁ ରୋଗୀସେବାରେ କୌଣସି ବ୍ୟାଘାତ ସୃଷ୍ଟି ନ ହେବା ଉଦ୍ଦେଶ୍ୟରେ ଡାକ୍ତରଙ୍କ ଡ୍ୟୁଟି ସମୟ ସରିବାକୁ ଅପେକ୍ଷା କରିଥିଲା। ରାତି ଡ୍ୟୁଟି ସରିବା ପରେ ପୁଲିସ ଡାକ୍ତରଙ୍କୁ ଥାନାକୁ ନେଇ ଦୀର୍ଘ ସମୟ ପଚରାଉଚୁରା କରିଥିଲା। ଆପୋଷ ବୁଝାମଣାରେ ବିବାଦର ସମାଧାନ କରିବାକୁ ସ୍ୱାମୀ-ସ୍ତ୍ରୀଙ୍କୁ ପୁଲିସ ବୁଝାଇଥିଲେ ହେଁ ତାହା ବିଫଳ ହୋଇଥିଲା।

ଏ ସଂପର୍କରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଧୀରେଶ ଷଡ଼ଙ୍ଗୀ କହିଛନ୍ତି, ଏହା ଡାକ୍ତରଙ୍କ ପାରିବାରିକ ସମସ୍ୟା। ଗତକାଲି ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ପୁଲିସଙ୍କ ସହାୟତା ନେବା ସହ ବ୍ୟକ୍ତିଗତ ଭାବେ ୨ଜଣଙ୍କୁ ଆଣି ନିଜ ସୁରକ୍ଷା ପାଇଁ ବସାଇଥିଲେ। ସେମାନେ ସେମିତି କିଛି ଅପ୍ରୀତିକର ପରିସ୍ଥିତି କରିନାହାନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆସୁଛି ବାତ୍ୟା...

ପ୍ରଫେସର ପଶୁପାଳକ କହିଛନ୍ତି। ବର୍ତ୍ତମାନ ରାଜ୍ୟର ଅଧିକାଂଶ ସ୍ଥାନରେ ଧାନ ଫସଲ ଗୁରୁତ୍ୱପୂର୍ଣ୍ଣ ସମୟ ଦେଇ ଗତି କରୁଛି। ବର୍ଷା କିମ୍ବା ପବନ ହେଲେ ଧାନ ଫସଲ ଗୁରୁତର ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ତେବେ ସମ୍ଭାବ୍ୟ ବାତ୍ୟାକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଆଇଏମ୍‌ଡିର ସମ୍ଭାବ୍ୟ ବାତ୍ୟା ଆକଳନକୁ ନେଇ ଜନସାଧାରଣ ଆତଙ୍କିତ ହୁଅନ୍ତୁ ନାହିଁ। ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିଛି। ବାତ୍ୟା ଆଶ୍ରୟସ୍ଥଳୀ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ଆବଶ୍ୟକସ୍ଥଳେ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରଣ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ଶୁଖିଲା ଖାଦ୍ୟ ମହଜୁଦ ରଖାଯାଇଛି। ଶକ୍ତି ବିଭାଗକୁ ମଧ୍ୟ ସତର୍କ କରାଯାଇଛି। ଯଦି ସେଭଳି ସ୍ଥିତି ଉପୁଜେ, କିପରି ପୁନଃସ୍ଥାପନ କରାଯାଇ ପାରିବ ସେନେଇ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଲଘୁଚାପ ଜନିତ ବର୍ଷା ସହିତ ସମ୍ଭାବ୍ୟ ବାତ୍ୟା ସ୍ଥିତି ମୁକାବିଲା ନେଇ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

### ପରଲୋକରେ କବି...

ଅନୁଯାୟୀ ପରିବାର ଲୋକମାନେ ତାଙ୍କ ମର ଶରୀରକୁ ଏମ୍ସ ହସ୍‌ପିଟାଲକୁ ହସ୍ତାନ୍ତର କରାଯାଇଛି।

୧୯୪୪ ଜୁନ ୨୪ରେ ଝାରସୁଗୁଡ଼ା ଜିଲ୍ଲା ବାଟଲଗା ଗାଁରେ ରାଜେନ୍ଦ୍ର କିଶେର ପଣ୍ଡା ଜନ୍ମଗ୍ରହଣ କରିଥିଲେ। ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ ପରେ ସେ ୧୯୬୭ରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହୋଇଥିଲେ। ୨୦୦୪ରେ ଅବସର ଗ୍ରହଣ ପରେ ସେ ୟୁନିଟ୍-୬ସ୍ଥିତ ବନଜା ଆପାର୍ଟମେଣ୍ଟରେ ରହୁଥିଲେ ଓ ଜୀବନର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ସାହିତ୍ୟସାଧନାରେ ମଗ୍ନ ଥିଲେ। ଗତମାସରେ ବାର୍ଦ୍ଧକ୍ୟଜନୀତ ଅସୁସ୍ଥତା ଯୋଗୁଁ ତାଙ୍କୁ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, ସାମାନ୍ୟ ସୁସ୍ଥ ହେବା ପରେ ସେ ଗତ ୫ ତାରିଖରେ ଘରକୁ ଫେରିଥିଲେ ଓ କେବଳ ତରଳ ଖାଦ୍ୟ ଗ୍ରହଣ କରୁଥିଲେ। ତେବେ ଆଜି ସକାଳେ ତାଙ୍କର ପରଲୋକ ଘଟିଥିଲା।

ସ୍ୱର୍ଗତ ପଣ୍ଡା ଷୋହଳଟି କବିତା ସଂକଳନ ଓ ଦୁଇଟି ଉପନ୍ୟାସର ରଚନା କରିଛନ୍ତି। ୧୯୪୭ରେ ତାଙ୍କର ପ୍ରଥମ କବିତା ସଂଗ୍ରହ 'ଗୌଣ ଦେବତା' ପ୍ରକାଶିତ ହୋଇଥିଲା। 'ଶୈଳକଳ୍ପ' ଲାଗି ୧୯୮୫ରେ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ। ସେ ୨୦୦୪ରେ ବିଷୁବ ପୁରସ୍କାର, ୨୦୨୧ରେ ସାରଳା ସମ୍ମାନ, ୨୦୧୨ରେ ଗଙ୍ଗାଧର ଜାତୀୟ ସମ୍ମାନ, ୧୯୯୫ରେ ଶାରଳା ପୁରସ୍କାର, ୧୯୯୪ରେ ଝଙ୍କାର ପୁରସ୍କାର, ୨୦୦୪ରେ ସାହିତ୍ୟ ଭାରତୀ ସମ୍ମାନ, ୨୦୦୫ରେ ସଚ୍ଚି ରାଉତରାୟ ସମ୍ମାନ, କୁଭେମ୍ପୁ ଜାତୀୟ ପୁରସ୍କାରୀ(କର୍ଣ୍ଣାଟକ) ଲାଭ କରିଥିଲେ। ସ୍ୱର୍ଗତ ପଣ୍ଡାଙ୍କ ବିୟୋଗରେ ସାହିତ୍ୟପ୍ରେମୀମାନେ ସାମାଜିକ ଗଣମାଧ୍ୟମରେ ଭାବବିହ୍ୱଳ ପୋଷ୍ଟ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଅମର ଆତ୍ମାର ସଦ୍ଗତି କାମନା କରିଛନ୍ତି।

ଶ୍ରୀ ପଣ୍ଡାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରସିଦ୍ଧ କବି ତଥା ଲେଖକ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଦେହାନ୍ତ ସୂଚନା ପାଇ ଦୁଃଖପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଆ ଭାଷା, ସାହିତ୍ୟରେ ଅନନ୍ୟ କୃତି ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ। ଏପରି ଦୁଃଖଦ ସମୟରେ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାର ସଦଗତି କାମନା କରୁଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

ସେହିପରି ଓଡ଼ିଶା ରାଜ୍ୟ ଅଙ୍ଗଦାନ ସମିତି ଅଧ୍ୟକ୍ଷ ପ୍ରଭାସ ଆଚାର୍ଯ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ପାଦକ ଡ. ଚନ୍ଦ୍ରଶେଖର ହୋତା,ଡ. ଗୌରହରି ଦାସ, ରକ୍ଷକ ନାୟକ, ଅଭିରାମ ବିଶ୍ୱାଳ, କେଦାର ମିଶ୍ର, ପ୍ରସନ୍ନ ପାଟଶାଣୀ, ଭାଗ୍ୟଲିପି ମଲ୍ଲ, ସୂର୍ଯ୍ୟ ମିଶ୍ର, ପରେଶ ପଟ୍ଟନାୟକ,ପୂର୍ବତନ ମୁଖ୍ୟ ଶାସନସଚିବ ଯୁଗଳ କିଶୋର ମହାପାତ୍ରଙ୍କ ସମେତ ବହୁ ସାହିତ୍ୟିକ ଓ ସାହିତ୍ୟପ୍ରେମୀ ତାଙ୍କର ଶେଷ ଦର୍ଶନ କରିଛନ୍ତି।

### ୨୦ ଯାତ୍ରୀ...

ଦେଇଛନ୍ତି। ୨୧ ଜଣ ଯାତ୍ରୀଙ୍କ ପରିଚୟ ମିଳିଛି ଓ ସେମାନେ ସୁରକ୍ଷିତ ଅଛନ୍ତି। ବସ୍‌ରୁ ୧୧ଟି ଶବ ବାହର କରାଯାଇଛି ବୋଲି ସେ କହିଛନ୍ତି। ୨ ଜଣ ପିଲାଙ୍କ ସହ ୨୧ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିବା କୁର୍ନୁଲ ରେଞ୍ଜର ଡିଆଇଜି କୋୟା ପ୍ରବୀଣ କହିଛନ୍ତି। ଅଧିକାଂଶ ଲୋକ ୨୫ରୁ ୩୫ ବର୍ଷ ମଧ୍ୟରେ ଥିଲେ। ଏହି ଦୁର୍ଘଟଣା ଘଟିବା ବେଳେ ଯାତ୍ରୀମାନେ ଶୋଇଥିଲେ। ଫଳରେ ଜୀବନ ବଞ୍ଚାଇବାକୁ ସୁଯୋଗ ପାଇ ନ ଥିଲେ। ନିଆଁ ଲାଗିବା ପରେ ବସ୍‌ରେ ସର୍ଟ ସର୍କିଟ ହୋଇଥିଲା। ବସ୍‌ର ଦ୍ୱାର ଜାମ୍ ହୋଇଯାଇଥିଲା। ପୁଣି ଝରକା ଭାଙ୍ଗିବା ପାଇଁ କୌଣସି ସେଫ୍ଟି ହାମର ମଧ୍ୟ ନ ଥିଲା। ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରି ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଓ ଆହତଙ୍କୁ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ରାଶି ଦେବାକୁ ସେ ଘୋଷଣା କରିଛନ୍ତି। ସେହିପରି ତେଲଙ୍ଗାନା ସରକାର ମୃତ୍ୟୁବରଣ କରିଥିବା ଲୋକଙ୍କ ପରବାରକୁ ୫ ଲକ୍ଷ ଓ ଆହତଙ୍କୁ ୨ ଲକ୍ଷ ଟଙ୍କାର ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି।

### ଓଡ଼ିଶାରେ ପଞ୍ଜିକରଣ ହୋଇଥିଲା ବସ୍

ଏହି ବସ୍‌ର ପଞ୍ଜିକରଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏହି ବସ୍‌ର ସବୁ କାଗଜପତ୍ର ଓ ପରମିଟ୍ ବୈଧ ଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ଏସି ସ୍ଲିପର ବସ୍‌ର ରେଜିଷ୍ଟ୍ରେସନ ନଂ ଡିଡି୦୧ଏନ୍୯୪୯୦ ଥିଲା। ଏହା ପ୍ରଥମେ ୨୦୧୮ ଅଗଷ୍ଟରେ ଡାମନ ଓ ଡିୟୁରେ ପଞ୍ଜିକରଣ ହୋଇଥିଲା। ଏହା ଓଡ଼ିଶାର ରାୟଗଡ଼ା ଜିଲ୍ଲାର ଭେମୁରୀ କାବେରୀ ଟ୍ରାଭେଲ୍ସ ନାମକ ଏକ ଟ୍ରାଭେଲ ଏଜେନ୍ସିର ମାଲିକାନାରେ ଥିଲା। ମାଲିକ ଭେମୁରୀ ବିନୋଦ କୁମାର ରାୟଗଡ଼ାର ସାଇ ଲକ୍ଷ୍ମୀ ନଗର ଠିକଣାରେ ବସ୍‌କୁ ପଞ୍ଜିକୃତ କରିଥିଲେ। ପରେ ୨୦୨୫ ଏପ୍ରିଲ ୨୯ରେ ବସର ପଞ୍ଜିକରଣକୁ ଓଡ଼ିଶାର ରାୟଗଡ଼ା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏହାର ୬ ମାସ ମଧ୍ୟରେ ହିଁ ଏଭଳି ଦୁର୍ଘଟଣା ଘଟିଛି। ଓଡ଼ିଶା ଟ୍ରାନ୍ସପୋର୍ଟ ଡିପାର୍ଟମେଣ୍ଟ ବସ୍‌ର ଟୁରିଷ୍ଟ ପରମିଟ ୨୦୨୫ ମେ' ୧ରେ ପ୍ରଦାନ କରିଥିଲା ଓ ଏହା ୨୦୩୦ ଏପ୍ରିଲ ପର୍ଯ୍ୟନ୍ତ ବୈଧ ଥିଲା। ପୁଣି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ୨୦୨୫ ଅଗଷ୍ଟରେ ଅଲ ଇଣ୍ଡିଆ ପରମିଟ ପ୍ରଦାନ କରାଯାଇଥିଲା। ଏହା ୨୦୨୬ ଜୁଲାଇ ପର୍ଯ୍ୟନ୍ତ ବୈଧ ଥିଲା।

### ନଭେମ୍ବରରୁ ଦେଶବ୍ୟାପୀ...

ପାଇଛି। ସେହିପରି ୨୦୦୮ରେ ଦିଲ୍ଲୀରେ ୧.୧ କୋଟି ଭୋଟର ଥିବାବେଳେ ଏହି ସଂଖ୍ୟା ଏବେ ୧.୫ କୋଟିରେ ପହଞ୍ଚି ଯାଇଛି। ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସହ ଇସି କରିଥିବା ବୈଠକରେ ବିଏଲଓ ପ୍ରତ୍ୟକ ଭୋଟରଙ୍କ ଘରକୁ ଯାଇ 'ପ୍ରି ଫିଲ୍ଡ' ଫର୍ମ ଦେବେ ବୋଲି ନିଷ୍ପତ୍ତି ନିଆଯାଇଛି। ଡିସେମ୍ବର ୩୧ ସୁଦ୍ଧା ୧୮ ବର୍ଷ ହୋଇଥିବା ସମସ୍ତ ବ୍ୟକ୍ତି ଏହି ପ୍ରକ୍ରିୟାରେ ସାମିଲ ବୋଲି ଧରାଯିବ। ଏବେ ଦେଶରେ ୯୯ କୋଟି ୧୦ ଲକ୍ଷ ଭୋଟର ଅଛନ୍ତି। ଏଥିରୁ ପ୍ରାୟ ୮ କୋଟି ଭୋଟରଙ୍କ ପ୍ରକ୍ରିୟା ଶେଷ ହୋଇଛି। ୨୦୦୨ରୁ ୨୦୦୪ ମଧ୍ୟରେ ହୋଇଥିବା ଏସଆଇଆରରେ ୭୦ କୋଟି ଭୋଟର ଥିଲେ। ଏଭଳି ସ୍ଥିତିରେ ୨୧ କୋଟି ଭୋଟରଙ୍କୁ ଜରୁରୀ ପ୍ରମାଣପତ୍ର ଦେବାକୁ ହେବ।

### ବିକ୍ରମଙ୍କ ପାଇଁ ମାମଲା...

ଆଗ୍ରହ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ପୁଲିସର ତରବରିଆ ପଦକ୍ଷେପକୁ ଆଇନଜୀବୀମାନେ ସ୍ୱୀକାର କରିପାରୁନାହାନ୍ତି । ପୁଲିସ ଏ କ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ମାର୍ଗଦର୍ଶିକାକୁ ଅବମାନନା କରିଥିବା ଗୁରୁତର ଅଭିଯୋଗ ଆଣିଛନ୍ତି ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ । ଏପରି ଏକ ସମ୍ବେଦନଶୀଳ ଘଟଣାର ତଦନ୍ତ ଓ ଜେରା ସମୟରେ ଯେଉଁପ୍ରକାର ନୀତି ନିୟମ ଅନୁପାଳନ କରିବା କଥା ତାହା କରିନାହିଁ ବୋଲି ସେ କହିଛନ୍ତି । ଅଟକ ବ୍ୟକ୍ତିଙ୍କୁ ସିସିଟିଭି କ୍ୟାମେରା ଥିବା ପ୍ରକୋଷ୍ଠ ଅଥବା ଥାନା ପରିବର୍ତ୍ତେ ପୁଲିସ ବାରାକ୍‌ରେ ଜେରା ଆଇନ ଅନୁମୋଦିତ ନୁହେଁ। ସେହିଭଳି କୌଣସି ବ୍ୟକ୍ତିଙ୍କୁ ଘରୁ ଅଥବା ଅନ୍ୟ ଯେକୌଣସି ସ୍ଥାନରୁ କାବୁ କରିବା ସମୟରେ କିମ୍ବା ଏହାପରେ ସେମାନଙ୍କ ପରିବାର ଲୋକଙ୍କୁ ବା ତାଙ୍କ ଓକିଲଙ୍କ ସହ ଯୋଗାଯୋଗ କରିବାକୁ ସୁଯୋଗ ଦେବା ଉଚିତ। ଯାହା ବିକ୍ରମ ପଣ୍ଡା ଓ ଅନ୍ୟମାନଙ୍କ କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଇନାହିଁ। ଯେଉଁମାନଙ୍କୁ ଅଭିଯୁକ୍ତ ଦର୍ଶାଇ କୋର୍ଟଚାଲାଣ କରିଛି ସେହି ସମୟରେ ତଦନ୍ତର ଅଗ୍ରଗତି ସମ୍ପର୍କିତ କୌଣସି ବିସ୍ତୃତ ତଥ୍ୟ କୋର୍ଟରେ ପୁଲିସ ଦାଖଲ କରିନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

ସମସ୍ତଙ୍କୁ କୋର୍ଟଚାଲାଣ ବେଳେ କୌଣସି ୱକାଲତନାମା ଦାଖଲ ହୋଇ ନ ଥିବାରୁ ସରକାରଙ୍କ ପକ୍ଷରୁ ଆପିଅରେନ୍‌ସ ଆଡ଼ଭୋକେଟ୍‌ଙ୍କ ଜରିଆରେ କରାଯାଇଥିବା ଶୁଣାଣିରେ ଜାମିନ ଆବେଦନ ଖାରଜ ହୋଇଥିଲା । ତେବେ ପୁଲିସ ପକ୍ଷରୁ କୋର୍ଟରେ କ'ଣ କ'ଣ ଦଲିଲ ବା ନଥିପତ୍ର ଦାଖଲ କରାଯାଇଛି ତାହାର ସାର୍ଟିଫାଏଡ୍ କପି ଆସିବା ପରେ ସେସନ୍‌ସ କୋର୍ଟରେ ପୁନର୍ବାର ବିକ୍ରମ ଓ ଅନ୍ୟମାନଙ୍କ ଜାମିନ ଆବେଦନ କରାଯିବ ବୋଲି ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ କହିଛନ୍ତି। ଏହି ଅବସରରେ ଜାମିନ ଆବେଦନର ଶୁଣାଣି ବେଳେ ପୁଲିସ ପକ୍ଷରୁ ହୋଇଥିବା ବିଭିନ୍ନ ତ୍ରୁଟି ବିଚ୍ୟୁତି ଓ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ କିଭଳି ଖୋଲାଖୋଲି ଉଲ୍ଲଂଘନ କରାଯାଇଛି ତାକୁ ମଧ୍ୟ ଚାଲେଞ୍ଜ କରାଯିବ ବୋଲି ସେ ସ୍ପଷ୍ଟ ସୂଚନା ଦେଇଛନ୍ତି।

### କଲେଜ କର୍ତ୍ତୃପକ୍ଷ...

ଦେହରେ ନିଆଁ ଲଗାଇବାକୁ ଚରମ ନିଷ୍ପତ୍ତି ନେଇଥିଲେ। ତଦନ୍ତରେ ଉପଯୁକ୍ତ ମାନଦଣ୍ଡ ପାଳନ କରିବା ଏବଂ ପୀଡିତାଙ୍କୁ ମାର୍ଗଦର୍ଶନ କରିବାକୁ ନ କହି କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଭୁଲ କରିଛି ବୋଲି ରିପୋର୍ଟରେ କୁହାଯାଇଛି। ପ୍ରଫେସର ରାଜ କୁମାର ମିତ୍ତଲଙ୍କ ନେତୃତ୍ୱରେ ଗଠିତ ଚାରି ଜଣିଆ ସଦସ୍ୟ ବିଶିଷ୍ଟ ୟୁଜିସି କମିଟି ଘଟଣା ପରଦିନ କଲେଜରେ ପହଞ୍ଚି ବିସ୍ତୃତ ଯାଞ୍ଚ କରିଥିଲା। ସେହି ମାସରେ ହିଁ କମିଟି ପକ୍ଷରୁ ୟୁଜିସିକୁ ତଦନ୍ତ ରିପୋର୍ଟ ପ୍ରଦାନ କରିବା ସହ ସେପ୍ଟେମ୍ବରରେ ଘଟଣାରେ ପ୍ରତିକ୍ରିୟା ରଖିବାକୁ ଓଡ଼ିଶା ସରକାରଙ୍କୁ ପଠାଇଥିଲା। ଏହାସହ କଲେଜର ଆଇସିସି କମିଟିକୁ ମଜବୁତ କରିବା, ଅଧିକ ସମ୍ବେଦନଶୀଳତା ଏବଂ ଦାୟିତ୍ୱର ସହିତ ଏପରି ମାମଲା ପରିଚାଳନା କରିବାକୁ ମଧ୍ୟ ତଦନ୍ତକାରୀ କମିଟି ପକ୍ଷରୁ ସତର୍କ କରାଯାଇଛି। ପୀଡିତାଙ୍କୁ ନୃତ୍ୟ, ବିତର୍କ ଏବଂ ମାର୍ଶାଲ ଆର୍ଟରେ ଜଣେ ପ୍ରତିଭାବାନ୍ ଛାତ୍ରୀ ଭାବରେ ବର୍ଣ୍ଣନା କରିବା ସହ ଛାତ୍ରୀ ଜଣକ ନିଜ ଦେହରେ ନିଆଁ ଲଗାଇ ଦେବା ପରେ କଲେଜ ପ୍ରଶାସନର କେହି ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରି ନଥିବା ମଧ୍ୟ ଦର୍ଶାଇଛନ୍ତି।

ସୂଚନାଯୋଗ୍ୟ, ଦେଶରେ ଆଲୋଡ଼ନ ସୃଷ୍ଟି କରିଥିବା ଏହି ମାମଲାରେ ଅଭିଯୁକ୍ତ ଅଧ୍ୟାପକ ସମୀର କୁମାର ସାହୁ ଏବଂ ତତ୍କାଳୀନ ଅଧ୍ୟକ୍ଷ ଦିଲୀପ ଘୋଷ ଜେଲ୍‌ରେ ଥିବାବେଳେ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଗିରଫ ହୋଇଥିବା ଦୁଇ ଛାତ୍ର ତଥା ଏବିଭିପିର ସଦସ୍ୟ ଶୁଭ୍ରସମ୍ବିତ ନାୟକ ଓ ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କୁ ଗତ ବୁଧବାର ଦିନ ହାଇକୋର୍ଟରୁ ଜାମିନ୍ ମିଳିଛି।


**AFFIDAVIT**
I, Debashis Acharya, S/o. Basanta Kumar Acharya, At: Qtr No. 2RA/76, Road No. 7, Unit-9, Back side of New BMC Office, Bhoi Nagar, Bhubaneswar, Dist: Khordha, PIN-751022, Odisha declare by this Affidavit CF No.55, dtd- 07/07/2025, that now onwards I shall be known as **DEBASISH ACHARYA** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Sohela I Gayatri Panchabihar, D/O Raghu Panchabihar resident of Rusuda, PS. Bheden Dist.-Bargarh, Odisha, PIN-768115, vide affidavit no. 04 dtd.24.10.2025 that, I have corrected my name from Gayitri Panchabihar as mentioned in my Adhar card no. 887402210936 to Gayatri Panchabihar. Henceforth I shall be known as **Gayatri Panchabihar** for all future purposes and correction of above adharcard.

**FOR SALE**
1 Number of ICV –VE CV EICHER PRO 3015 XP/ 2023, Registration No.- OD-22-X-2169, Model- 2023 , ENGINE NO – E426CDPB423094, CHASSIS NO - MC2GLMRC0PB220597, For Details, contact – 94370 94758, 94375 77758, 88959 97418, SUNDARAM FINANCE LTD., First floor, Choudhury Complex , SAHADEVKHUNTA, BALASORE,756001, PH. NO-06782-266657

**AFFIDAVIT**
By virtue of an affidavit No. 10415, dtd.10.10.2025 before the Notary Public, Nabarangpur, I, Kadiam Mani, At- Sanath Nagar, Chinagantyadia, Gajuwaka, Vishakhapatnam, Andhra Pradesh have changed my name from Mattaruni / M. Runu to Kadiam Mani. Hencforth I shall be known as **Kadiam Mani** instead of Matta Runi & M. Runu for all purposes.
**Sd/- Kadiam Mani**

**FOR SALE**
1 Number of LEYLAND DOST I3+ /2022, Registration No.- OD-15-V-8258, Model- 2022, - ENGINE NO – BNH062725P, CHASSIS NO - MB1AA42E3NRBD1886, For Details, contact – 9437019531, SUNDARAM FINANCE LTD., 1ST FLOOR, SABAT COMPLEX, NEAR WESCO OFFICE, AINTHAPALLI , PO/DIST-SAMBALPUR-768004

**AFFIDAVIT**
By virtue of an affidavit sworn before the Executuve Magistrate, Nabarangpur, dated 23.10.2025 I, RAMA BHATARA, S/o - MONGRA BHATARA , Vill- Porsola, Po- Porsola, Ps- Borigumma, Dist- Koraput, Odisha, Pin - 764063, declare that I have changed the name of my Son from HARIHAR BHATARA to NARAHARI BHATARA. Henceforth, he shall be known as NARAHARI BHATARA for all purposes.
**Sd/- Rama Bhatara**

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
I, Samsuddin Abdal Quadri s/o- In Dr Gholam Mohiuddin, resident of Ward No. 12, Bankasahi, PS-Bhadrak Town, PO/Dist-Bhadrak, Odisha, PIN-756100 declare by this affidavit No. 988 dtd.- 23/10/2025 that now onwards I shall be known as In **Dr Samsuddin Abdal Quadri** for all future purposes.

**AFFIDAVIT**
By virtue of an affidavit before the Notary Public, Titilagarh, on dated-24/10/2025. I, **Jugeswar Chandan** (new name), S/o Rupendra Chandan, permanent & current resident of At- Bhalegaon, PO- Luthurbandh, PS- Titilagarh, Dist- Balangir, (Odisha), PIN- 767033 declare that I have changed my name from **Jogeswar Chandan** (old name) to **Jugeswar Chandan** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I shall be known as **Jugeswar Chandan** (new name) for all purposes.
**Jugeswar Chandan**

**NAME CHANGE**
By virtue of an affidavit sworn before the Executive Magistrate, Bhubaneswar, CF.NO. 45, dated 26/12/2024, I, **SHUBHENDU MOHAPATRA**, S/o Abhimanyu Mohapatra resident of At: Malisahi,Panchupali Po: Retang, Ps - Airfield, Bhubaneswar, Dist- Khordha, State- Odisha declare that I have changed my son's name from **ANSU MAHAPATRA** (Old Name) to **ANSUMAN MOHAPATRA** (New Name). Henceforth, he shall be known as **ANSUMAN MOHAPATRA** for all future purposes.
(Sd- **SHUBHENDU MOHAPATRA**)

**NOTICE**
By virtue of an affidavit sworn before NOTARY PUBLIC SALIPUR on Dated 24/10/2025,I Mrs Rajani Paraween D/O Saikh Laina Khan,Resident of Village: AT-Balismala-2,POST-Mahasinghpur,DIST-Cuttack,ODISHA,754200, State: Odisha , I have changed my minor daughters name from "Rajani Paraween" to "Sahista Perwin". Henceforth, She shall be known as "Sahista Perwin" for all purposes.
**Sahista Perwin**

**AFFIDAVIT**
By virtue of an affidavit (CF No. 2382) sworn before The Notary Public, Cuttack dated-20/10/2025 I, Suchismita Nayak, W/o Brajabandhu Naayak, permanent resident of At/Po-Raipur, PS- Cuttack Sadar, Dist-Cuttack, PIN- 754001, Odisha declare that I have changed my minor daughter's name from Biudisha Nayak to **Bidisha Nayak.** Henceforth, she shall be known as Bidisha Nayak (new name) for all purposes.

**NOTICE**
By virtue of an affidavit sworn before NOTARY PUBLIC SALIPUR on Dated 23/10/2025 ,I Mr M.D. Sirajuddin S/O Samsad Bibi ,Resident of Village: AT- At-Nandol, Post-Mahasinghpur, PS-Salipur, DIST-Cuttack-754200, State: Odisha , I have changed my name from "Mohammed Sirajuddin" to "M.D. Sirajuddin". Henceforth, he shall be known as "M.D. Sirajuddin" for all purposes.
**M.D. Sirajuddin**

**AFFIDAVIT**
I, Ashisa Kumar Pandit, aged about 32 years, S/o- Pramod Kumar Pandit, resident of At- Chaitanya Nagar, Hinjilicut, Ps- Hinjili, Dist- Ganjam, Odisha, Pin- 761102 declare by this affidavit No. 2176, dtd- 24/10/2025, that now onwards I shall be known as **ASISH KUMAR PANDIT** for all future purposes.

**NOTICE**
By virtue of an affidavit sworn before NOTARY PUBLIC SALIPUR on Dated 24/10/2025, I Mrs Srabani Biswal W/O Dillip Kumar Samal, Resident of Village: AT- Jagannathpur, Post- Jaripada,PS- Tangi, DIST-Cuttack-754201, State:Odisha , I have changed my name from "Srabani Samal" to "Srabani Biswal". Henceforth, She shall be known as "Srabani Biswal" for all purposes.
**Srabani Biswal**

**AFFIDAVIT**
I, Snehalata Mundra, aged about 73 years, W/o- Shyam Sundar Mundra, resident of At- Sarbahal Road, PO/PS/Dist- Jharsuguda, PIN- 768201, Odisha declared by this affidavit No. 16, dtd- 17/10/2025 that now onwards I shall be known as **SNEHLATA MUNDRA** for all future purposes.

## ବାଇକ୍‌ରୁ ଖସିପଡ଼ି ବୃଦ୍ଧଙ୍କ ମୃତ୍ୟୁ

କୁଆଁମରା, ୨୪।୧୦(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ଡବକ ଗ୍ରାମର ଜଣେ ବୃଦ୍ଧ ଗୁରୁବାର ବାଇକରୁ ଖସି ପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଉଛନ୍ତି ଦାସନାଥ ମୁର୍ମୁ (୬୦)। ସେ କୌଣସି କାମରେ ଅନ୍ୟ ଜଣକ ସହ ବାଇକରେ ବସି ଆସୁଥିବା ବେଳେ ରାସ୍ତା ମଝିରେ ଭାରସାମ୍ୟ ହରାଇ ଗାଡ଼ିସହ ଏକ ଖାଲରେ ପଡ଼ି ଯାଇଥିଲେ। ସେଠାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଖୁଣ୍ଟା ଡାକ୍ତରଖାନାକୁ ଅଣାଯାଇଥିଲା; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ନିମନ୍ତେ ଉଦଳା ଡାକ୍ତରଖାନା ପଠାଇଛି।

**ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ଆରମ୍ଭ**

# ଡବଲ ଇଞ୍ଜିନ ସରକାର ଜନବିରୋଧୀ

ଉଦଳା, ୨୪।୧୦(ସମିସ): ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଉଦଳା ନିର୍ବାଚନ ମଣ୍ଡଳୀର ଜନସମ୍ପର୍କ ପଦଯାତ୍ରା ଶୁକ୍ରବାର ଆରମ୍ଭ ହୋଇଛି। ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଦଳୀୟ କାର୍ଯ୍ୟାଳୟରେ ଏକତ୍ରିତ ହୋଇ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କ ନେତୃତ୍ୱରେ ସହର ପରିକ୍ରମା କରିଥିଲେ। ପରେ ସ୍ନେହା ତୁଳସୀ କଲ୍ୟାଣ ମଣ୍ଡପରେ ଏକ ସାଧାରଣସଭା ଅନୁଷ୍ଠିତ ହୋଇଥିଲା। ମୟୂରଭଞ୍ଜ ସଂଗଠନ ଜିଲ୍ଲାର ପୂର୍ବତନ କାର୍ଯ୍ୟକାରୀ ତଥା ବାରିପଦାର ଆବାହକ ଜିତେନ୍ଦ୍ର ମହାନ୍ତି ଯୋଗଦେଇ ଦେଢ଼ବର୍ଷରେ ବି.ଜେ.ପି. ସରକାର ଆଜି ସାରା ରାଜ୍ୟର ବିକାଶକୁ ଠପ କରିଦେଇଛନ୍ତି। ଏହି ଦେଢବର୍ଷ ମଧ୍ୟରେ ମାଆ ଭଉଣୀ ନିର୍ଯାତନାର ଶିକାର ହେଉଛନ୍ତି। ଧର୍ଷଣ, ରାହାଜାନି, ଚୋରି, ଡ଼କାୟତ ଆଦି ବଢ଼ିଚାଲିଛି। ସବୁ



କ୍ଷେତ୍ରରେ ଡ଼ବଲ ଇଞ୍ଜିନ ସରକାର ବିଫଳ ହୋଇଥିବା ନେଇ ନେତାମାନେ ପ୍ରକାଶ କରିଥିଲେ। ମଞ୍ଚରେ ପୂର୍ବତନ ନଗରପାଳ ମନୋଜ ମହାନ୍ତି ଯୋଗଦେଇ ବି.ଜେ.ପି. ସରକାର ଜନସାଧାରଣଙ୍କୁ ଠକିଛନ୍ତି ତାହାନୁହେଁ, ଯୁବକ, ଛାତ୍ର, ମହିଳା, ବୁଢ଼ାବୁଢ଼ୀ, ଅନ୍ଧ, ମୂକ ବଧିର ସମସ୍ତଙ୍କୁ ପ୍ରତାରଣା କରିଛନ୍ତି ବୋଲି ଅଭିଯୋଗ କରିଥିଲେ। କପ୍ତିପଦା ବ୍ଲକ ସଭାପତି ପ୍ରଶାନ୍ତ କୁମାର ବେହେରା, ଗୋପବନ୍ଧୁ ନଗର ବ୍ଲକର ସଭାପତି ସତ୍ୟବାନ ଉପାଧ୍ୟାୟ, ଉଦଳା ସଭାପତି ଗୋବିନ୍ଦ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ସଭ୍ୟ ଲଳିତା ବିଶେଇ, ସୁଶାନ୍ତ ସିଂ, ବରିଷ୍ଠ ନେତା ବନମାଳି ବେହେରା, ନରେନ୍ଦ୍ର ରାଉତ, ଅମୀୟ କୁମାର ବଳ ଏବଂ ମୟୂରଭଞ୍ଜ ଜିଲ୍ଲାର ଛାତ୍ର ସଭାପତି ସୁନାଳ ନାୟକ, ମହିଳା ନେତ୍ରୀ ବିଜୟା ବାରିକ, ବିଷ୍ଣୁପ୍ରିୟା ପଣ୍ଡା, ଉଦଳା ବ୍ଲକ ଭାଇସ୍ ଚେୟାରମ୍ୟାନ ରଜନୀକାନ୍ତ ଦାସ ପ୍ରମୁଖ ଉଦଳା ନିର୍ବାଚନ ମଣ୍ଡଳୀରେ ଥିବା ସରକାରୀ ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର ନଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାଘାଟ ମରଣଯନ୍ତା ପାଲିଟିଛି। ୩/୪ଟି ନଦୀରେ ପୋଲ ଭାଙ୍ଗି ଯାଇଥିବାରୁ ଲୋକମାନେ ଉଦଳା ମୁଖ୍ୟାଳୟକୁ ଆସିବା ପାଇଁ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏ ନେଇ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଜନଶୁଣାଣିରେ ବାରମାର ଆପତ୍ତି ଅଭିଯୋଗ କଲେ ମଧ୍ୟ କୌଣସି ସମାଧାନ ହେଉନି। ବିଜୁ ଜନତା ଦଳର ସଂଗଠନକୁ ଆହୁରି ମଜବୁତ୍ କରାଯାଇ ଆଗାମୀ ଗ୍ରାମ ପଞ୍ଚାୟତ, ଏନଏସି ଏବଂ ପୌର ନିର୍ବାଚନରେ ଦଳ ଯେପରି ବିପୁଳ ବିଜୟୀ ହେବ ତାହା ଆମର ଲକ୍ଷ୍ୟ ବୋଲି କହିଥିଲେ। ସାମାତ ତ୍ରିପାଠୀ, ଶଶଧର ସାଇଁ, ସୁଜିତ ସୁଆଳ, ପ୍ରଦୀପ ପରିଡ଼ା, ନିଳାଦ୍ରୀ ବିହାରୀ ମହାନ୍ତି, ଡ଼ିକେନସ୍ ବେହେରା, ଗଣେଶ ହେମ୍ବ୍ରମ, ଶୈଳେଶ ବିଶ୍ୱାଳ, ମମତା ଟୁଡୁ, ପଦ୍ମାବତୀ ଦେହୁରୀ, ଯମୁନା ହେମ୍ବ୍ରମ, ପ୍ରତାପ ବେହେରା, ଆଶିଷ କୁମାର ଦାସ, ସୁଶାନ୍ତ ବେହେରା, ପାଗାନ ମୁର୍ମୁ, ବିଣାକର ମହାପାତ୍ର ସମେତ ବହୁ ଯୁବ, ଛାତ୍ର ପଦଯାତ୍ରାରେ ଉପସ୍ଥିତ ରହି ସହଯୋଗ କରିଥିଲେ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



ଖୁଣ୍ଟ, ୨୪।୧୦(ସମିସ): କୁନି କୁନି ଶିଶୁମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ସନ୍ଧାନ ଓ ତାହାର ବିକାଶ ଦିଗରେ ଶିଶୁ ମହୋତ୍ସବ 'ସୁରଭି' ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ଅଭିନବ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ କୋମଳମତି ଛାତ୍ରଛାତ୍ରୀ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ସହିତ ସୁସଜ୍ଜିତ ମଞ୍ଚରେ ନିଜର କଳା, ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର କରିବାର ପର୍ଯ୍ୟାପ୍ତ ସୁଯୋଗ ପାଇଛନ୍ତି। ଏହି ଅବସରରେ ଶୁକୁଳି ବ୍ଲକ ଅନ୍ତର୍ଗତ ପାଣ୍ଡରଶିଳ ଉ.ପ୍ରା ବିଦ୍ୟାଳୟଠାରେ ସି.ଆର.ସି.ସି ଅଗସ୍ତି ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କ୍ଲଷ୍ଟର ସ୍ତରୀୟ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶରତ ଚନ୍ଦ୍ର ଘଣା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ବିତର୍କ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ ଓ ନୃତ୍ୟ ପାଟିବେଷଣ ଆଦି ପ୍ରତିଯୋଗିତାରେ ଅଂଶ ଗ୍ରହଣକରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ମୈଥିଳି ଗିରି, ପଦ୍ମାବତୀ ଧଳ, କଳ୍ପନା ହେମ୍ବ୍ରମ, କୁମୁଦିନୀ ଦାସ, ସଞ୍ଜିତା ନାଏକ ସମେତ ଶିକ୍ଷକ ଗଣେଶ୍ୱର ସାହୁ, ଅଭିରାମ ମହାପାତ୍ର, ଦୀପକ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଡିଗ୍ରୀ କଲେଜରେ ନିଶାମୁକ୍ତ ଭାରତ ଅଭିଯାନ





କପ୍ତିପଦା, ୨୪।୧୦(ସମିସ): ଜାତୀୟ ସେବା ଯୋଜନା ତରଫରୁ ନୂଆସାହି ଡିଗ୍ରୀ କଲେଜରେ ନିଶାମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ କଲେଜର ଅଧକ୍ଷା ଡ଼ ଲିପିକା ବେହେରା ଯୋଗଦେଇ ବିଭିନ୍ନ ପ୍ରକାରର ନିଶାର ଭୟାବହତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ମୁଖ୍ୟବକ୍ତା ଭାବରେ କଲେଜର ପ୍ରାଣୀବିଜ୍ଞାନର ମୁଖ୍ୟ ଅଧ୍ୟାପକ ଡ଼ ନିବାରଣ ଶତପଥୀ ଯୁବ ସମାଜ କିପରି ନିଶା କବଳରେ କବଳିତ ହୋଇ ନିଜ ଜୀବନ ନଷ୍ଟ କରୁଛନ୍ତି ସେ ନେଇ ବିଭିନ୍ନ ଉଦାହରଣ ଦେଇଥିଲେ। ଲମ୍ବୋଦର ବାରିକ ଅତିଥି ପରିଚୟ ଦେଇଥିଲେ। ଶେଷରେ ଜାତୀୟ ସେବା ଯୋଜନାର ମହିଳା କାର୍ଯ୍ୟକ୍ରମ ଅଧିକାରିଣୀ ମଞ୍ଜନା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କୈଳାଶ ଅଗ୍ରୱାଲାଙ୍କ ଶ୍ରଦ୍ଧାଞ୍ଜଳି ସଭା



ବେତନଟୀ, ୨୪।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଲୱେ ପାସେଞ୍ଜର ଫୋରମ ଆନୁକୂଲ୍ୟରେ ବସଷ୍ଟାଣ୍ଡ ଦୁର୍ଗାପୂଜା ମଣ୍ଡପ ନିକଟରେ ସଭାପତି ସ୍ୱର୍ଗତ କୈଳାଶ ଚନ୍ଦ୍ର ଆଗ୍ରୱାଲାଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। ଫୋରମର ସମ୍ପାଦକ ଅମରେନ୍ଦ୍ର ଦାସଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅତିଥି ଭାବେ ବରିଷ୍ଠ ଆଇନଜୀବି ହିମାଂଶୁ କୁମାର ପରିଡ଼ା, ବିଜୟ ଆଗ୍ରୱାଲ, ଶ୍ୟାମସୁନ୍ଦର ଅଗ୍ରୱାଲ, ଉପଦେଷ୍ଟା ଜୟନ୍ତ କୁମାର ପଟ୍ଟନାୟକ, ଉପଦେଷ୍ଟା ସୁନୀଲ ଖଣ୍ଡେଲୱାଲ, କୋଷାଧ୍ୟକ୍ଷ ଶିକ୍ଷାବିତ ଜନମନ ବେହେରା, ମିଡିଆ ସଂଯୋଜକ ଉଦିତ କୁମାର ପରିଡ଼ା, ଯାମିନୀ ନାଏକ, ମଦନ ବିନ୍ଧାଣି, ରାମଚନ୍ଦ୍ର ନାଥ ପ୍ରମୁଖ ଅତିଥିରୂପେ ମଞ୍ଚାସୀନ ଥିଲେ। ପ୍ରଥମେ ଅତିଥିମାନେ ସ୍ୱର୍ଗତ କେଲା ବାବୁଙ୍କ ଫଟୋ ଚିତ୍ରରେ ଧୂପ ପୁଷ୍ପଦେଇ ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ। ଏହାପରେ ସମସ୍ତେ କେଲା ବାବୁଙ୍କ ସ୍ମୃତିରେ ତାଙ୍କୁ ମନେ ପକାଇ ତାଙ୍କ ନୀତି, ଆଦର୍ଶ, ନିସ୍ୱାର୍ଥପର ସେବା ଓ ବେତନଟୀ ପ୍ରତି ରହିଥିବା ତାଙ୍କର ଅବଦାନ ଉପରେ ବକ୍ତବ୍ୟ ରଖିଥିଲେ। ସଭାରେ ସାମ୍ବାଦିକ ହରିଶଚନ୍ଦ୍ର ସାମଲ, ଲାଲମୋହନ ନାଏକଙ୍କ ସମେତ ରେଳ ପାସେଞ୍ଜର ଫୋରମର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## କଂଗ୍ରେସର ଭୋଟ ଚୋରି ଦସ୍ତଖତ ଅଭିଯାନ



ବିଶୋଇ, ୨୪।୧୦ (ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ ବିଶୋଇ ବ୍ଲକ ମଣଦା ଜୋନର ମଣଦା, ବନେଇକଳା ଓ ଜଗନ୍ନାଥପୁର ପଞ୍ଚାୟତରେ କଂଗ୍ରେସର ଭୋଟ ଚୋରି ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଭିଯାନରେ ପିସିସି ପର୍ଯ୍ୟବେକ୍ଷକ ନିରଜଲୋଚନ ଦାସ ବିଶୋଇ ବ୍ଲକର ବିଭିନ୍ନ ପଞ୍ଚାୟତକୁ ଗସ୍ତ କରି 'ଭୋଟ ଚୋର, ଗାଦି ଛାଡ଼' ଅଭିଯାନ ସମ୍ବନ୍ଧରେ ଲୋକଙ୍କୁ ଅବଗତ କରିଥିଲେ। ପିସିସି ସଦସ୍ୟ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ କଂଗ୍ରେସର ବରିଷ୍ଠ ସଦସ୍ୟ ନିଳରତ୍ନ ସାହୁ, ହରିହର ନାଏକ, ଶ୍ରୀହରି ପାତ୍ର, ପାରାଉ ଟୁଡୁ, ସନ୍ତୋଷ ବେହେରା ସମେତ ବହୁ କଂଗ୍ରେସ କର୍ମୀ ଏହି ଅଭିଯାନରେ ସାମିଲ ହୋଇଥିଲେ।

## ୨୭ରେ ଶରତଠାରେ ଯୁଗ୍ମ ଜନଶୁଣାଣି ଶିବିର

ଉଦଳା, ୨୪।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ଅକ୍ଟୋବର ମାସ ପାଇଁ ଆସନ୍ତା ୨୭ ତାରିଖରେ କପ୍ତିପଦା ଉପଖଣ୍ଡ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହେବ। ଉପଜିଲ୍ଲାପାଳ ଏବଂ ବିଡିଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶରତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସକାଳ ୧୦ଟାରେ ଜନଶୁଣାଣି ଅନୁଷ୍ଠିତ ହେବ। ଶିବିରରେ ଉପଖଣ୍ଡ ତଥା ବ୍ଲକ ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଶୁଣାଣି କରାଯାଇ ଉତ୍‌ଥାପିତ ଅଭିଯୋଗର ଯଥାସମ୍ଭବ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଥାଏ। ସରକାରୀ ଯୋଜନାର କାର୍ଯ୍ୟକାରିତା, ଦୁର୍ନୀତି, ଜନକଲ୍ୟାଣ, ସାମାଜିକ ସୁରକ୍ଷା ଆଦି ସମ୍ବଳିତ ବ୍ୟକ୍ତିଗତ ବା ସାମୂହିକ ସମସ୍ୟା ନେଇ ଏହି ଜନଶୁଣାଣିରେ ଅଭିଯୋଗ ଉପସ୍ଥାପନ କରିପାରିବେ। ଶିବିରରେ କପ୍ତିପଦା ଉପଖଣ୍ଡର ସମସ୍ତ ୪ଟି ବ୍ଲକର ଜନସାଧାରଣ ନିଜ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ନିର୍ଦ୍ଧାରିତ ସମୟ ପୂର୍ବରୁ ପହଞ୍ଚି ପଞ୍ଜିକୃତ କରିବାକୁ ନିବେଦନ କରାଯାଇଛି।

**ବିଦ୍ୟାଳୟ ଜାଗାକୁ ଜବରଦଖଲ ଅଭିଯୋଗ**

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ

**ତହସିଲ ଘେରଉ ପାଇଁ ଅଞ୍ଚଳବାସୀ ସଜବାଜ**

ମୋରଡା, ୨୪।୧୦(ସମିସ): ମୋରଡା ବ୍ଲକ ଅନ୍ତର୍ଗତ ପଳାସମୁଣ୍ଡୁଳି ପଞ୍ଚାୟତ ଖୁରୁଣ୍ଟିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜାଗାକୁ ଜଣେ ବ୍ୟକ୍ତି ଜବର ଦଖଲ କରିଥିବା ନେଇ ଗ୍ରାମବାସୀ ତହସିଲଦାର ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ଉକ୍ତ ବିଦ୍ୟାଳୟର ଦକ୍ଷିଣ ପାର୍ଶ୍ୱରେ ଖୁରୁଣ୍ଟିଆ ଗ୍ରାମର ସରୋଜକୁମାର ମିଶ୍ରଙ୍କ ଘରକୁ ଲାଗି ବିଦ୍ୟାଳୟ ଜାଗା ରହିଛି। ହେଲେ ଦଶହରା ଛୁଟିର ସୁଯୋଗ ନେଇ ବ୍ୟକ୍ତି ଜଣକ ବିଦ୍ୟାଳୟ ଜାଗାକୁ ଦଖଲ କରି ତରବରିଆ ଭାବେ ଘର ନିର୍ମାଣ କରିଛନ୍ତି। ଫଳରେ ଶ୍ରେଣୀ ଗୃହ ଝରକା ଖୋଲିବା, ମରାମତି କରିବା, କାନ୍ଥ ରଙ୍ଗ ଦେବା ଆଦି ସମ୍ଭବ ହେଉନି। ସେହିପରି ଶ୍ରୀ ମିଶ୍ର ବିଦ୍ୟାଳୟ କାନ୍ଥକୁ ଲଗାଇ ଆବର୍ଜନା କୁଣ୍ଡ, ପାଇଖାନା ପରିତ୍ୟକ୍ତ ଜିନିଷ ଜମା କରିବା ଫଳରେ ଦୁର୍ଗନ୍ଧରେ ବିଦ୍ୟାଳୟ ପରିସର ଫାଟି ପଡୁଛି। ଫଳରେ ପିଲା ପାଠପଢ଼ିବା ଅସୁବିଧା ଭୋଗୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ସରପଞ୍ଚ ଲାଲମୋହନ ସିଂ ଏବଂ ସମିତି ସଭ୍ୟା ଲକ୍ଷ୍ମୀମଣି ସିଂଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀ ଏକ ଅଭିଯୋଗ ପତ୍ର ମୋରଡା ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ଏହାର ଏକ ନକଲ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ମୋରଡା ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୟୂରଭଞ୍ଜ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏନେଇ ମୋରଡା ତହସିଲଦାର ବିଦ୍ୟାଧର ଦଣ୍ଡପାଟଙ୍କୁ ପଚାରିବାରୁ ଆସନ୍ତା ନଭେମ୍ବର ମାସର ପ୍ରଥମ ସପ୍ତାହରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି। ପୂର୍ବରୁ ଜବରଦଖଲ ସମ୍ପର୍କରେ ଗ୍ରାମବାସୀ ଜିଲ୍ଲାପାଳଙ୍କ ମଧ ଅଭିଯୋଗ କରି ଦାବିପତ୍ର ଦେଇଥିଲେ। ଅଭିଯୋଗ ପାଇ ଜିଲ୍ଲାପାଳ ଜୁନ ୧୮ ତାରିଖରେ ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚିଠି ସଂଖ୍ୟା-୩୦୨୩ରେ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ହେଁ ଆଜିଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେବେ ଦୁଇ ସପ୍ତାହ ମଧ୍ୟରେ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ ତାହାହେଲେ ଗ୍ରାମବାସୀ ତହସିଲ ଘେରଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଭାଲୁ ଆକ୍ରମଣରେ ଦୁଇ ଆହତ

ବିଶୋଇ, ୨୪।୧୦ (ସମିସ) : ଶିମିଳିପାଳ ପାଦଦେଶରେ ସ୍ଥିତ ମଣଦା ବନାଞ୍ଚଳ ଅଧୀନ କେଶାମ ଗ୍ରାମରେ ଭାଲୁ ଆକ୍ରମଣରେ ଦୁଇଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ କେଶାମ ଗ୍ରାମର ଯଦୁନାଥ ଗିରିଙ୍କ ସ୍ତ୍ରୀ ସାଧବାଣୀ ଗିରି (୪୫) ଓ ଖଇରା ନାଏକଙ୍କ ପୁତ୍ର ଚୈତନ୍ୟ ନାଏକ(୫୬)। ସୂଚନା ଅନୁସାରେ, ବୁଧବାର ସକାଳେ ସାଧବାଣୀ କେଶାମ ଗ୍ରାମର ଗିରି ସାହି ସନ୍ନିକଟ ନିଜ ବିଲକୁ ଯାଇଥିଲେ। ଏହି ସମୟରେ ଏକ ଭାଲୁ ସହିତ ମୁହାଁମୁହିଁ ହୋଇଥିଲେ। ଭାଲୁଟି ପ୍ରଥମେ ତାଙ୍କ ଡାହାଣ ହାତ ଓ ପେଟକୁ ଆକ୍ରମଣ କରିଥିଲା; ମାତ୍ର ସେ କୌଶଳରେ ଖସିଆସି ନିଜ ଜୀବନ ବଞ୍ଚାଇଥିଲେ। ପରେ ଭାଲୁଟି ଜଙ୍ଗଲ ଆଡ଼କୁ ଯାଉଥିବାବେଳେ ଚୈତନ୍ୟଙ୍କ ଡାହାଣ ହାତକୁ କ୍ଷତାକ୍ତ କରି ଦେଇଥିଲା। ପରେ ଗ୍ରାମବାସୀ ଦୁଇ ଆହତଙ୍କୁ ଉଦ୍ଧାର କରି ମଣଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଖବରପାଇ ରାଇରଙ୍ଗପୁର ଏସିଏଫ ପ୍ରଭାକର ମଲ୍ଲିକ ଏବଂ ରେଞ୍ଜର ଧରିତ୍ରୀ ମୁର୍ମୁ ପହଞ୍ଚି ଆହତଙ୍କୁ ଭେଟି ଉତ୍ତମ ଚିକିତ୍ସାର ବ୍ୟବସ୍ଥା କରିଥିଲେ। ଏ ନେଇ ବନ ବିଭାଗ ତଦନ୍ତ କରୁଛି। ଭାଲୁଟି ବର୍ତ୍ତମାନ ଜଙ୍ଗଲକୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ବନବିଭାଗ ଟିମ ତୀକ୍ଷଣ ନଜର ରଖିଛି ବୋଲି ମଣଦା ରେଞ୍ଜର ସୂଚନା ଦେଇଛନ୍ତି।



## ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି ବୈଠକ



ବଡ଼ସାହି, ୨୪।୧୦(ସମିସ): ବଡସାହି ବ୍ଲକ ଅଧୀ ଭୀମଦା ପଞ୍ଚାୟତ ଚେଙ୍ଗୁଆ ମଙ୍ଗଳପୁର ରୁରାଲ ସ୍ପୋର୍ଟସ କମ୍ପ୍ଲେକ୍ସରେ 'ଗାନ୍ଧିଜୀ ସ୍ୱେଚ୍ଛାସେବୀ ସଂଗଠନ' ଆନୁକୂଲ୍ୟରେ ୩୦ତମ ଆନ୍ତଃରାଜ୍ୟ 'ମହାତ୍ମାଗାନ୍ଧୀ କପ୍ ଫୁଟବଲ ଟୁର୍ଣ୍ଣାର୍ମେଣ୍ଟ' ଆସନ୍ତା ୫ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ସଭାପତି ପ୍ରତାପ ଚନ୍ଦ୍ର ଗାୟାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମାଜସେବୀ ପ୍ରକାଶ କର ମହାପାତ୍ରଙ୍କ ସହିତ ସଂଗଠନର ସମସ୍ତ କର୍ମକର୍ତ୍ତା ଆଲୋଚନାରେ ଭାଗ ନେବା ସହିତ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଛନ୍ତି। ୮ଟି ବଛାବଛା ଫୁଟବଲ ଟିମ ଚୟନ ସହିତ ଅତିଥିଙ୍କୁ ନିମନ୍ତ୍ରଣ, ରେଫରି, ଲାଇନ୍ସମ୍ୟାନ, ଲାଇଟ, ସାଉଣ୍ଡ, ଟେଣ୍ଟ, ପଡ଼ିଆ ସଫେଇ ଠାରୁ ଆରମ୍ଭ କରି ବାରିକେଡ ଆଦି କାର୍ଯ୍ୟର ସୁପରିଚାଳନା ପାଇଁ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଆଗାମୀ ୨୬ ତାରିଖରେ ଆଉ ଏକ ବୈଠକ ଅନୁଷ୍ଠିତ ହେବ।

**● କୋଷ୍ଠା କାଳୀପୂଜା ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବର ଦ୍ୱିତୀୟ ଦିବସ**

## ସମ୍ବର୍ଦ୍ଧିତ ହେଲେ ଚିତ୍ରକର, ସମାଜସେବୀ ଓ ସାମ୍ବାଦିକ

ଶୁଳିଆପଦା, ୨୪।୧୦(ସମିସ): ଶୁଳିଆପଦା ବ୍ଲକ ଅଧୀନ କୋଷ୍ଠା ବଜାର କାଳୀପୂଜା ଅନ୍ନବସ୍ତ୍ର ସେବା ସମିତି ତରଫରୁ ଚଳିତ ବର୍ଷ ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ପାଳନ କରାଯାଇଛି। ଗତ୨୧ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ୫ ଦିନ ଏହି ମହୋତ୍ସବ ପାଳନ ହେବାକୁ ଥିବା ବେଳେ ଗୁରୁବାର ଦ୍ୱିତୀୟ ଦିବସ ଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଚିତ୍ରକର ପ୍ରଫୁଲ୍ଲ ତୁଙ୍ଗ, (ସେବା ନିବୃତ୍ତ ଶିକ୍ଷକ), ସମାଜସେବୀ ପ୍ରଦୀପ କୁମାର ଗିରି, (ସେବା ନିବୃତ୍ତ ଶିକ୍ଷକ), ସାମ୍ବାଦିକ



ମନୋଜ କୁମାର ବେହେରା, ଗୌରାଙ୍ଗ ଚରଣ ଗିରି, ଜୟନ୍ତ କୁମାର ଧଡା ଏବଂ କବି ଗୋପାଳ ଚନ୍ଦ୍ର ସାଓ, ମୟୂରଭଞ୍ଜ ମିରର୍‌ର ପ୍ରତିଷ୍ଠାତା କୁମାରେସ ନାଏକ୍, ୟୁଟ୍ୟୁବର ଶଶିଭୂଷଣ ସାତୁଆ ଓ ସ୍ୱର୍ଗତ ସୁଶାନ୍ତ ଚାନ୍ଦଙ୍କ ପ୍ରତିନିଧି ତାଙ୍କ ଜ୍ୟେଷ୍ଠପୁଅ ସତ୍ୟଜିତ ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କମିଟି ସଭାପତି ତଥା ଅଧ୍ୟାପକ ଅରୁଣ କୁମାର ଦତ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ରାଜକିଶୋର ଦାସ୍ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ କୋଷ୍ଠା ଜଗନ୍ନାଥ ମନ୍ଦିରର ଟ୍ରଷ୍ଟି, ହରିଶ୍ ଚନ୍ଦ୍ର ଦତ୍ତ, କମିଟି ଉପଦେଷ୍ଟା ସତୀଶ ଚନ୍ଦ୍ର ଦତ୍ତ, କୋଷାଧ୍ୟକ୍ଷ ତପନ କୁମାର ମଣ୍ଡଳ ପ୍ରମୁଖ ମଞ୍ଚାସୀନ ଥିଲେ। ଜଗନ୍ନାଥ ସଂସ୍କୃତି ଗବେଷକ ଡ.ସଞ୍ଜୀବ କୁମାର ପାଣିଗ୍ରାହୀ ପଙ୍ଗଳାଷ୍ଟକ ପାଠ କରିଥିଲେ। ପ୍ରତିଦିନ କମିଟି ତରଫରୁ ମା'ଙ୍କ ଅନ୍ନ ପ୍ରସାଦ ବଣ୍ଟନ ଚାଲିଛି।

**ଜିଲ୍ଲା ପରିଷଦ ବୈଠକରେ ଖଡିକାପଦା ଘାଟରେ ପୋଲ ନିର୍ମାଣ ଦାବିକଲେ ୨ ବିଧାୟକ**

# ଯନ୍ତ୍ରୀଙ୍କ ପ୍ରତିଶ୍ରୁତି; ମାସକରେ ଆରମ୍ଭ ହେବ ନିର୍ମାଣ

କୁଆଁମରା, ୨୪।୧୦(ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆଁମରାରୁ ବଡ଼ସାହିକୁ ସଂଯୋଗ କରୁଥିବା ରାସ୍ତାରେ ପ୍ରବାହିତ ଗଙ୍ଗାହାର ନଦୀର ଖଡିକାପଦା କଲଭର୍ଟ ଦୁର୍ବଳ ହେବାରୁ ଯାନବାହାନ ଚଳାଚଳ ସମୟରେ ଦୋହଲୁଥିଲା। ଏଥିସହିତ ପୋଲର ଦୁଇ ପାର୍ଶ୍ୱରେ ନିର୍ମିତ ଆଡିବନ୍ଧ ମଧ୍ୟ ବନ୍ୟାଜଳରେ ବହୁ ବର୍ଷ ପୂର୍ବରୁ ଧୋଇ ହୋଇଯାଇଥିଲା। ଫଳରେ ସାଧାରଣ ଜୀବନଯାତ୍ରା ଅସୁରକ୍ଷିତ ହୋଇପଡ଼ିଥିଲା। ୨୨୨ ଫୁଟ ଲମ୍ବ ଓ ୧୭ ଫୁଟ ଓସାର ନିର୍ମିତ କଲଭର୍ଟଟି ୨୦୦୩ ମସିହାରେ ବାରିପଦା ଆଇଟିଡିଏ ପକ୍ଷରୁ ୩୦ ଲକ୍ଷ ଓ ସାଂସଦଙ୍କ ପାଣ୍ଠିରୁ ୨୦ ଲକ୍ଷ ଟଙ୍କା ନିର୍ମିତ ହୋଇଥିଲା। ତେବେ ଏଠାରେ ନାଲୁହା ଓ ଗଙ୍ଗାହାର ଦୁଇଟି ନଦୀର ମିଶ୍ରଣ ଯୋଗୁଁ ବନ୍ୟା ଆସିଲେ ସ୍ରୋତ ପ୍ରଖର ହେବା ସହ ଦୁଇ ତିନି ଦିନ ଧରି ବର୍ଷା ଜଳ ମାଡି ରହିଥାଏ। ଫଳରେ ସାଧାରଣ ଯାତାୟାତ ବନ୍ଦ ହୋଇଯାଏ। ଏପରିକି ଆମ୍ବୁଲାନ୍ସ ଭଳି ଜରୁରୀ ସେବା ବାଧାପ୍ରାପ୍ତ ଘଟିଥାଏ। ଚଳିତ ବର୍ଷ ଅଧିକ ବର୍ଷା ଯୋଗୁଁ ଦୁଇ ମାସରେ ୬ ଥର ବନ୍ୟା ଆସିଛି। ଯାହା



୧୬ ଦିନ ଯାତାୟାତରେ ବାଧା ସୃଷ୍ଟି କରିଛି। ତେବେ ଏଠାରେ ହୋମପାଇପ ବସାଇ କଲଭର୍ଟ କରିବା ଯୋଗୁଁ ବନ୍ୟା ଜଳ ନିଷ୍କାସନ ହୋଇ ନ ପାରି ଏବେ ନାନା ସମସ୍ୟା ସୃଷ୍ଟି ହେଉଛି। ଏହାକୁ ନେଇ ଦୁଇଟିଯାକ ବ୍ଲକର ଅଧିବାସୀ ଏଠାରେ ପୋଲ ନିର୍ମାଣ କରିବା ପାଇଁ ଦାବି କରିଆସୁଛନ୍ତି। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ପୋଲ ନିର୍ମାଣକୁ ଗୁରୁତ୍ୱ ଦେଇଛନ୍ତି ବଡ଼ସାହି ଓ ଉଦଳା ବିଧାୟକ। ଦୁଇ ଦିନତଳେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଓ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଏହି ପୋଲ ନିର୍ମାଣ ପ୍ରସଙ୍ଗ ଉଠାଇଥିଲେ। ତେବେ ବହୁ ଦିନରୁ ଏଠାରେ ପୋଲ ନିର୍ମାଣ ପାଇଁ ପ୍ରସ୍ତାବ ଦେବା ସତ୍ତ୍ୱେ ଏଥି ପ୍ରତି କାହିଁକି ଗୁରୁତ୍ୱ ଦିଆଯାଉନାହିଁ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ ବିଧାୟକ ଶ୍ରୀ ବିଜୁଳି। ଉତ୍ତରରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଆସନ୍ତା ଏକ ମାସ ମଧ୍ୟରେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଠାରେ ପୋଲ ନିର୍ମାଣ ହେଲେ ଦୁଇ ବ୍ଲକର ଅଧିବାସୀ ଉପକୃତ ହେବା ସହିତ ପ୍ରସିଦ୍ଧ ତୀର୍ଥ କ୍ଷେତ୍ର ମା' ହିଙ୍ଗୁଳାଙ୍କ ପୀଠକୁ ଭକ୍ତଙ୍କ ନିମନ୍ତେ ରାସ୍ତା ସୁଗମ ହେବ।

## ବେଆଇନ କାଠ ସହ ଟ୍ରକ୍ ଜବତ; ଦୁଇ ଅଟକ



କେନ୍ଦୁଝର, ୨୪।୧୦(ସମିସ): କେନ୍ଦୁଝର ବନ ବିଭାଗ ପକ୍ଷରୁ ଘଟଗାଁ ଏବଂ ଭୂୟା ଜୁଆଙ୍ଗ ପିଢ଼ ରେଞ୍ଜର ମିଳିତ ଅଭିଯାନରେ ଜଙ୍ଗଲ ଜମିରୁ ବେଆଇନ କାଟି ବାହାରକୁ ଚାଲାଣ ହେଉଥିବା ୧୦୦୦ ଘନଫୁଟରୁ ଅଧିକ ୟୁକାଲିପଟାସ୍ ବାଝୋଇ କାଠ ସହ ଏକ ୧୪ ଚକିଆ ଟ୍ରକ (ସିଜି ୧୫ଡିଏଚ ୯୭୦୦) ଜବତ କରାଯାଇଛି। ଛତିଶଗଡ଼ ରାଜ୍ୟ ସୁରଜପୁରର ଟ୍ରକ ଡ୍ରାଇଭର ଈଶ୍ୱର ସିଂହ (୨୬) ଏବଂ କେନ୍ଦୁଝର ଜିଲ୍ଲାର ପାଟନା ଥାନା ଅନ୍ତର୍ଗତ ସିଲିପଦାର ଗଣେଶ୍ୱର ପାତ୍ର (୩୦)ଙ୍କୁ ଅଟକ ରଖି ଅଧିକ ତଦନ୍ତ କରାଯାଉଛି। ବନ ବିଭାଗ ସୂତ୍ରରୁ ଜଣାପଡିଛି ଯେ ପଣ୍ଡାପଡ଼ାର ମିଥ୍ୟା କାଗଜପତ୍ର ଦେଖାଇ ଘଟଗାଁ ରେଞ୍ଜ ଅନ୍ତର୍ଗତ ସାନ୍ତରାପୁର ଗ୍ରାମରୁ ଏକ କାଠ ବୋଝେଇ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲେ। ଗାଡ଼ିଟି ମଧ୍ୟପ୍ରଦେଶ ରାଜ୍ୟ ଶାହଡୋଲକୁ ଯିବା ପାଇଁ ପ୍ରସ୍ତୁତି ହେଉଥିଲା। ଏନେଇ ଅଧିକ ତଦନ୍ତ ଚାଲିଛି ବୋଲି କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡି ସୂଚନା ଦେଇଛନ୍ତି। ସାନ୍ତରାପୁର ଅଞ୍ଚଳରୁ ଦୀର୍ଘବର୍ଷ ଧରି କାଠ ଚୋରାଚାଲାଣର ଅନେକ ମାମଲାସତ୍ତ୍ୱେବନବିଭାଗରୋକିବାରେବିଫଳହେଉଛି।ଯାହାପାଇଁଜଙ୍ଗଲରକ୍ଷୟ ଦ୍ରୁତ ଗତିରେ ଚାଲିଛି। ଏହାକୁ ନେଇ ପରିବେଶବିତ୍ ଚିନ୍ତା ପ୍ରକଟ କରୁଛନ୍ତି।

## ଯୁବକ ଓ ମହିଳାଙ୍କୁ ଜୋତାମାଳ ପିନ୍ଧାଇବା ଘଟଣା: ଷଡ଼ଙ୍ଗୀରୁ ୪ ଗିରଫ

ଆନନ୍ଦପୁର, ୨୪।୧୦ (ସମିସ): ଜଣେ ଯୁବକ ଓ ଜଣେ ଜଣେ ମହିଳାଙ୍କୁ ଜୋତାମାଳ ପିନ୍ଧାଇ ଗାଁ ଦାଣ୍ଡରେ ବୁଲାଇବା ମହଙ୍ଗା ପଡ଼ିଛି। ଏନେଇ ଏକ ଭିଡିଓ ଭାଇରାଲ ହୋଇଥିଲା। ଏହାପରେ ମାମଲା ରୁଜୁକରି ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଆନନ୍ଦପୁର ପୁଲିସ। ଅଭିଯୁକ୍ତମାନେ ହେଲେ ଷଡ଼ଙ୍ଗୀ ଗାଁର ମୀନତି ହୋ, ଲମ୍ବୋଧର ହୋ, ବାଣ ପୁର୍ତ୍ତି ଓ ଦଣ୍ଡରା ହୋ। ଘଟଣା ଘଟିଥିଲା ଗତ ୨୧ ତାରିଖ ଆନନ୍ଦପୁର ଥାନା ଷଡଙ୍ଗୀ ଗାଁରେ। ସୂଚନା ଅନୁସାରେ, ଗାଁର ଜଣେ ଯୁବକ ଧାନକ୍ଷେତରୁ କାମ ସାରି ହାଣ୍ଡିଆ ପିଇବାକୁ ଜଣଙ୍କ ଘର ନିକଟରେ ଅଟକି ଯାଇଥିଲେ। ସେଠାରେ ଉପସ୍ଥିତ ଜଣେ ମହିଳା ଯୁବକଙ୍କୁ ହାଣ୍ଡିଆ ଦେଇ ଘର ଭିତରକୁ ଚାଲିଯାଇଥିଲେ। ମହିଳାଙ୍କ ପଛେପଛେ ଯୁବକ ଜଣଙ୍କ ମଧ୍ୟ ଘର ଭିତରକୁ ଚାଲି ଯାଇଥିଲେ। ଏହା ଦେଖି ଗାଁର କିଛି ମହିଳା ଓ ପୁରୁଷ ଘରର ବାହାର ପଟୁ କବାଟ ବନ୍ଦ କରି ଦେଇଥିଲେ। ମହିଳାଙ୍କ ସ୍ୱାମୀ ଘରକୁ ଫେରାବା ପରେ ଉଭୟ ଯୁବକ ଓ ମହିଳାଙ୍କୁ ଜୋତାମାଳ ପିନ୍ଧାଇ ଗାଁ ଦାଣ୍ଡରେ ବୁଲାଇବା ସହିତ ଭିଡିଓ କରି ତାକୁ ଭାଇରାଲ କରିଥିଲେ ଗାଁଲୋକେ। ଏହି ଘଟଣାକୁ କେନ୍ଦ୍ରକରି ପୀଡ଼ିତା ମହିଳାଙ୍କ ଅଭିଯୋଗ ଆଧାରରେ ଆନନ୍ଦପୁର ପୁଲିସ ମାମଲାର ତଦନ୍ତ କରିଥିଲା।

## ଆନନ୍ଦପୁର ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ଆଲୋଚନାଚକ୍ର




ଆନନ୍ଦପୁର, ୨୪।୧୦ (ସମିସ): ଆନନ୍ଦପୁର ମହାବିଦ୍ୟାଳୟରେ ରସାୟନ ବିଜ୍ଞାନ ବିଭାଗ ଦ୍ୱାରା ଆୟୋଜିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଡ ନାରାୟଣ ମିଶ୍ରଙ୍କ ଏହାକୁ ଉଦଘାଟନ କରିଥିଲା ବେଳେ ସମ୍ମାନିତଅତିଥି ଭାବେ ଡ ଶକ୍ତିପ୍ରସାଦ ମହାପାତ୍ର, ଭାରତୀ ସାହୁ, ଅନିତା ଦାସ, ମିତଶ୍ରୀ ବେହେରା, ଆଦ୍ୟାଦେବ ମହାନ୍ତି, ସେମିନାର ଉପଦେଷ୍ଟା ବିଶ୍ୱରଂଜନ ସାହୁ ଯୋଗ ଦେଇଥିଲେ। ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଛାତ୍ର ଶୁଭମ୍ ରାମ ଓ ରତିରଞ୍ଜନ ଷଡ଼ଙ୍ଗୀ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଯୁକ୍ତ ୩ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

### ନଟିଆ-ବରଗୋଠ ଘାଟି ରାସ୍ତା ପରିଦର୍ଶନ କଲେ ବିଡିଓ

# ଯାତାୟାତ ପାଇଁ ହନ୍ତସନ୍ତ ହେଉଛନ୍ତି ୧୦ ଗାଁର ଲୋକ

ଆନନ୍ଦପୁର, ୨୪।୧୦ (ସମିସ)





କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ଶାମୁକାନେଣ୍ଡି ପଞ୍ଚାୟତର ୧୦ରୁ ଅଧିକ ଗ୍ରାମର ଲୋକେ ପ୍ରତିଦିନ ଯାତାୟାତ ପାଇଁ ହଇରାଣ ହରକତ ହେଉଛନ୍ତି। ନଟିଆ-ବରଗୋଠ ରାସ୍ତା ନଥିବାରୁ ଘାଟିରେ ଚଢି ବିପଦଜନକ ଭାବେ ଜୀବନଜୀବିକା ନିର୍ବାହ କରିଥାନ୍ତି। ବାରମ୍ବାର ଅଭିଯୋଗ ପରେ ଶୁକ୍ରବାର ବିଡିଓ ବିନିତା ବିଜୟିନୀ ଉକ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ସ୍ୱଚକ୍ଷୁରେ ଘାଟି ରାସ୍ତା ସମସ୍ୟାର ଅନୁଧ୍ୟାନ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ରାସ୍ତା ଭଳି ମୌଳିକ ସମସ୍ୟାରେ ଜୀବନ ବିତାଉଛନ୍ତି ଏହି ଅଞ୍ଚଳବାସୀ। ଏପରି ଦୟନୀୟ ଚିତ୍ର ଦେଖିବାକୁ ମିଳିଛି ଘସିପୁରା ବ୍ଲକ ଶାମୁକାନାଣ୍ଡି ପଞ୍ଚାୟତର ବରଗୋଠ, ହାଡ଼ିବସା, ପଠାନଡାହି, ମଧୁବନ, ଝାଟିଆ, କୁମପଦା ତଳସାହି, ବାଦୁଡ଼ିବସା, କଣ୍ଡିତଳି, ରାମସିଂ ଡାହି, କାଳିଆପାଣି, ପାଳିଆଡାହି ଗ୍ରାମରେ। ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇପାରି ନାହିଁ। ଲୋକେ କେଉଁଠି ବିଲ ହୁଡ଼ାରେ ତ କେଉଁଠି ପାହାଡ଼ିଆ ରାସ୍ତାରେ ଯାତାୟାତ କରୁଛନ୍ତି।

ପଞ୍ଚାୟତର ବରଗୋଠ ଗ୍ରାମଠାରୁ ଶାମୁକା ନାଣ୍ଡି ନାଣ୍ଡି ପଞ୍ଚାୟତ କାର୍ଯ୍ୟାଳୟର ଦୂରତା ୫କିମି। ଗ୍ରାମର କେହି ବ୍ୟକ୍ତି ପଞ୍ଚାୟତ କାର୍ଯ୍ୟାଳୟକୁ ଚାଉଳ ଆଣିବା ପାଇଁ ଗଲେ ଫେରିବା ସମୟରେ ତାଙ୍କର ପତ୍ନୀ କିମ୍ବା ପରିବାର ସଦସ୍ୟ ଖାଦ୍ୟ ନେଇ ପାହାଡ଼ ତଳକୁ ଆସିଥାନ୍ତି। ଏସବୁ ଗ୍ରାମକୁ ଅଦ୍ୟାବଧି ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ଲୋକେ ମାନ୍ଧାତା ଅମଳର ଜୀବନ ବିତାଉଛନ୍ତି। ଗ୍ରାମବାସୀ ନାଥରାମ୍ ଦରାଇ, ନିରଞ୍ଜନ ତିରିଆ, ବିଜୟ ଦରାଇ, ଦାଶରଥୀ ତିରିଆ, ଲକ୍ଷ୍ମଣ ଫିଙ୍ଗୁଆ, ଗୋବିନ୍ଦ ପୂର୍ତ୍ତି, ଜଟ ପୂର୍ତ୍ତି, ସୁନିଆ ଚାତାର, ଜଗଦୀଶ ସଏ, ଚଡ଼ରାମ୍ ପୂର୍ତ୍ତି, ଶିବ ଜେରାଇ ଏବଂ କ୍ରିଷ୍ଣା ନାଇକ ପ୍ରମୁଖ ଏନେଇ ବିଡିଓଙ୍କ ନିକଟରେ ଆଲୋଚନା କରିଛନ୍ତି। ରାସ୍ତା ନଥିବା ଗାଁ ବରଗୋଠ, ବାଇବୁରୁ, ବାଦୁଡିବାସା, ଆମ୍ବଡାହି, ପଠାନ୍ ଡାହି, ମଧୁବନ, କଣ୍ଡିତଳି, ହାଡ଼ିବସା ଏବଂ ଭାର୍ଷାଡାହିକୁ ସାମାନ୍ୟ ରାସ୍ତା ନାହିଁ କି ବିଜୁଳି ଆଲୁଅ ନଥିବାରୁ ଅନ୍ଧାରୀମୂଳକ ପାଲଟିଛି। ନଟିଆରୁ ବରଗୋଠ ଘାଟି ରାସ୍ତା ନଟିଆର ଅଧାଗଡ଼ା ଅଙ୍ଗନ୍‌ବାଡ଼ି, ବିଜୁଳି ଆଲୁଅ ବ୍ୟବସ୍ଥା ଖୁବ୍‌ଶୀଘ୍ର ହେବ ବୋଲି ବିଡିଓ ଗ୍ରାମବାସୀଙ୍କୁ କହିଛନ୍ତି।

## ଗୋଷ୍ଠୀ ସଭାଗୃହରେ ଚାଲିଛି ପ୍ରାଥମିକ ବିଦ୍ୟାଳୟ




ନାରଦପୁର,୨୪।୧୦(ସମିସ): ଯୋଡ଼ା ବ୍ଲକ୍ ଚମକପୁର ପଞ୍ଚାୟତ ମୁରୁସୁଆଁ ପ୍ରାଥମିକ ବିଦ୍ୟାଳୟଟି ନିର୍ମାଣ ହୋଇ ପାରିନଥିବାରୁ ବିସ୍ଥାପିତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କାନପୁର ପ୍ରକଳ୍ପ ଦ୍ୱାରା ମୁରୁସୁଆଁ ଗାଁଟି କ୍ଷତିଗ୍ରସ୍ତ ହୋଇଥିବାରୁ ତିନି ବର୍ଷ ପୂର୍ବରୁ ଉକ୍ତ ଗାଁକୁ ଉଚ୍ଛେଦ କରାଯାଇଥିଲା। ବିଦ୍ୟାଳୟକୁ ପ୍ରକଳ୍ପ ପକ୍ଷରୁ ନୂତନ ଭାବେ ବାସୁଦେବପୁର ବିସ୍ଥାପିତ କଲୋନୀରେ ନିର୍ମାଣ କରାଯିବା ପାଇଁ ଜାଗା ଚିହ୍ନଟ ସରିଛି ମାତ୍ର ଆଜି ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରି ନାହିଁ। ବିଦ୍ୟାଳୟ ନିର୍ମାଣ କରାଯାଇ ନଥିବାରୁ ଛାତ୍ରଛାତ୍ରୀମାନେ ଗୋଷ୍ଠୀ ସଭାଗୃହରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ଯାଏଁ ଗୋଟିଏ କୋଠରୀରେ ସମୁଦାୟ ୨୦ ଜଣ ପିଲା ପାଠ ପଢୁଛନ୍ତି। ଏଭଳି ସମସ୍ୟା ଯୋଗୁଁ ବିଦ୍ୟାଳୟରେ ପିଲା ମଧ୍ୟ ଧୀରେ ଧୀରେ କମିବାରେ ଲାଗିଛନ୍ତି। ଏନେଇ ଅଭିଯୋଗ ଶୁଣାଣିରେ ମଧ୍ୟ ଲିଖିତ ଭାବେ ଅଭିଯୋଗ କରାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କିଛି ସୁଫଳ ମିଳି ନାହିଁ। କାନପୁର ପ୍ରକଳ୍ପ କର୍ତ୍ତୃପକ୍ଷ ତୁରନ୍ତ ନୂତନ ବିଦ୍ୟାଳୟ ନିର୍ମାଣ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ପବିତ୍ର ଗଡ଼ଚଣ୍ଡୀ ପୀଠରେ ହାଟଡ଼ିହୀ ହାଇସ୍କୁଲର ୧୯୮୦ ବ୍ୟାଚ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଉତ୍ସବ

## ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ



ଆନନ୍ଦପୁର, ୨୪।୧୦ (ସମିସ): ଘସିପୁରା ବ୍ଲକ୍ ବାତୋ ପଞ୍ଚାୟତ ଅତା ଗ୍ରାମର ଅବସରପ୍ରାପ୍ତ ସେଟଲମେଣ୍ଟ ଇନ୍‌ସ୍ପେକ୍ଟର ଉଦ୍ଧବଚନ୍ଦ୍ର ନାଥ (୮୪)ଙ୍କ ପରଲୋକ ହୋଇଯାଇଛି। ସେ ଅସୁସ୍ଥ ହୋଇପଡିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ଏକମାତ୍ର ପୁତ୍ର ଅଭିମନ୍ୟୁ ନାଥ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ମୃତଦେହ ଗ୍ରାମରେ ପହଞ୍ଚିବା ପରେ ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଅଭିମନ୍ୟୁ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ବାତୋ ପଞ୍ଚାୟତରେ ଶୋକ ପ୍ରକାଶ ପାଇଛି।

## ଅପହଞ୍ଚ ଇଲାକା ଉପର ପଣସନସା ଗାଁକୁ ରାସ୍ତା ହେବ ସୁଗମ



**● ନୂତନ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ**

କେନ୍ଦୁଝର, ୧୪।୧୦(ସମିସ): ସ୍ୱାଧୀନତାର ସାତ ଦଶନ୍ଧି ପରେ ଗାଁକୁ ହେବ ରାସ୍ତା। ପଞ୍ଚାୟତକୁ ଚାଉଳ, ଭତ୍ତା ପାଇଁ ହେଉ ବା ଜରୁରିକାଳୀନ ସମୟରେ ମେଡିକାଲ ଯିବାକୁ ଆଉ ଲୋକଙ୍କ ଅସୁବିଧା ହେବ ନାହିଁ। ଗାଁକୁ ରାସ୍ତା ନ ଥିବାରୁ ବାଂଶପାଳ ବ୍ଲକ ଉପର ପଣସନସା ଗାଁର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଥିପାଇଁ ଗାଁଲୋକେ ଅନେକ ଥର ପ୍ରଶାସନର ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ଶୁକ୍ରବାର ତେଲକୋଇ ବିଧାୟକ ଫକିର ମୋହନ ନାୟକଙ୍କ ପ୍ରଚେଷ୍ଟାରେ ରାସ୍ତା କାମ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ସାଂସଦଙ୍କ ଜିଲ୍ଲା ପ୍ରତିନିଧି ହରିହର ମହାନ୍ତଙ୍କ ସହ ବିଧାୟକ ପ୍ରତିନିଧି ଉମାକାନ୍ତ ବାରିକ, ମଣ୍ଡଳ ସଭାପତି କଳ୍ପତରୁ କଟେଇ, ଶୁକ୍ରା ମୁଣ୍ଡା, ନିରଞ୍ଜନ ପ୍ରଧାନ, ଗୁରୁଚରଣ ମହାନ୍ତ, ମହେନ୍ଦ୍ର ମହାନ୍ତ, କ୍ଷେତ୍ର ରଣା, ନବକିଶୋର ପ୍ରଧାନ, ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ତେଲକୋଇ ପୂର୍ତ୍ତ ବିଭାଗ ରାସ୍ତାରୁ ଉପର ପଣସନସା ଓ ହାଣ୍ଡିଭଙ୍ଗାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ ନେଇ ସ୍ଥାନୀୟ ଲୋକେ ବିଧାୟକଙ୍କୁ ସାଧୁବାଦ ଜଣାଇଛନ୍ତି। ଏହି ସମୟରେ କେନ୍ଦୁଝର

## ଶଙ୍କରପୁରରେ ବ୍ଲକ୍‌ସ୍ତରୀୟ ଖେଳକୁଦ ପ୍ରତିଯୋଗିତା



କେନ୍ଦୁଝର, ୨୪।୧୦(ସମିସ): ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ ଶଙ୍କରପୁରଠାରେ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ସଦର ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ କପିଳେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ପତକା ଉତ୍ତୋଳନ କରି ଉଦ୍‌ଘାଟନ କରିବା ସହ କ୍ରୀଡ଼ାବିତଙ୍କୁ ଶୃଙ୍ଖଳିତ ଭାବେ ଖେଳ ପ୍ରଦର୍ଶନ କରିବା ପାଇଁ ପରାମର୍ଶ ଦେଇଥିଲେ। ସଦର ବ୍ଲକ୍ ସମ୍ପାଦକ ଫକୀରମୋହନ ମହାନ୍ତ ମୁଖ୍ୟଅତିଥି ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଉପସ୍ଥିତ କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ଜଣାଇଥିଲେ। କ୍ରୀଡା ଶିକ୍ଷକ ମୌଳେନ୍ଦୁ ମହାନ୍ତ, ଲକ୍ଷ୍ମୀଧର ସିଂ, ସମରଜିତ ସିଂ, ସସ୍ମିତା ବିଶ୍ୱାଳ ପ୍ରିୟଙ୍କା ମହାନ୍ତ ସୁଶାନ୍ତ ବାରିକ ଶ୍ରୀନିବାସ ମଲ୍ଲିକ ପରିଚାଳନା କରିଥିଲେ। ଶିକ୍ଷକ ପ୍ରଦୀପ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ହଳଦିଆଗୁଣା ଏମ୍‌ଏସ୍‌ପି କାରଖାନା ଅନିୟମିତତା ବିରୋଧରେ ଜିଲ୍ଲାପାଳଙ୍କୁ ଫେରାଦ

କେନ୍ଦୁଝର,୨୪।୧୦(ସମିସ)



କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ହଳଦିଆଗୁଣାସ୍ଥିତ ଏମ୍‌ଏସପି କାରଖାନାରେ ବ୍ୟାପକ ଅନିମିୟତା ଓ ମନମୁଖୀ କାର୍ଯ୍ୟ ପାଇଁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସ୍ଥାନୀୟ ଲୋକେ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ୨୫ବର୍ଷ ହେବ ସ୍ଥାନୀୟ ବଣୁଆଁ, ବାଲିସୁଆଁ, ବାଙ୍କମାରୁଣୀ ଲୋକଙ୍କ ସହଯୋଗ ଓ ସମର୍ଥନ ଯୋଗୁଁ ପ୍ରତିଷ୍ଠିତ କାରଖାନା ସୁରୁଖୁରରେ ପରିଚାଳିତ ହେଉଥିଲା ବେଳେ ବର୍ତ୍ତମାନ ସ୍ଥାନୀୟ ଲୋକମାନେ ନିର୍ଗତ ଧୂଳିଧୂଆଁ, ବର୍ଜବସ୍ତୁ ଓ ଦୂଷିତ ପାଣି ଯୋଗୁଁ କ୍ଷତିଗ୍ରସ୍ତ ହେଉଛନ୍ତି। ଚାଷଜମି ଏବଂ ଅଞ୍ଚଳର ମୃତ୍ତିକା ଉପରେ ଗଭୀର ପ୍ରଭାବ ପଡୁଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ବର୍ଷବର୍ଷ ଧରି କମ୍ପାନୀର ନିଜସ୍ୱ ରାସ୍ତା ନାହିଁ। ଗ୍ରାମ୍ୟ ରାସ୍ତା ବ୍ୟବହାର କରୁଛି କମ୍ପାନୀ। ଏହି ରାସ୍ତା ଉପରେ ପାଖାପାଖି ୫ ହଜାର ଲୋକ ନିର୍ଭର କରୁଛନ୍ତି। ଦୈନିକ ଭାରୀଯାନଗୁଡିକ ଯାତାୟାତ କରିବା ଦ୍ୱାରା ଟ୍ରାଫିକ ସମସ୍ୟା ଗୁରୁତର ହେଉଛି। ଇତିମଧ୍ୟରେ ଏକାଧିକ ଲୋକ ଦୁର୍ଘଟଣାରେ ପ୍ରାଣ ହରାଇ ସାରିଲେଣି। ଆମ୍ବୁଲାନ୍ସ ସମେତ ସ୍କୁଲ କଲେଜ ଛାତ୍ରଛାତ୍ରୀ ଯାତାୟାତରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ଧୂଳିଧୂଆଁ ପାଣିକାଦୁଅରେ ଭର୍ତ୍ତି ହୋଇ ଶୋଚନୀୟ ହୋଇ ପଡିବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ନିୟମ ବିରୋଧରେ ଚୋରି କରି ଅତ୍ୟାଧିକ ଭୂତଳ ଜଳ ବ୍ୟବହାର ଯୋଗୁଁ ଗ୍ରାମର ନଳକୂଅ, ପୋଖରୀଗୁଡିକରେ ପାଣି ଶୁଖି ଯାଉଛି। ଦିନକୁ ଦିନ ଜଳସ୍ତର ହ୍ରାସ ପାଉଛି। କିଛି ବର୍ଷ ହେବ କମ୍ପାନୀ କ୍ରମାଗତ ଭାବେ ଅନ୍ୟାୟ ଭାବେ ଶ୍ରମିକ ଛଟେଇ କରିଆସୁଛି। ଅବସରପ୍ରାପ୍ତ ଶ୍ରମିକଙ୍କୁ ବିନା କୌଣସି ପ୍ରାପ୍ୟ କିମ୍ବା ଗ୍ରାଚ୍ୟୁଟିରେ ବାହାର କରି ଦିଆଯାଉଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ବହୁବାର ଅବଗତ କରାଯାଇଥିଲେ ହେଁ କୌଣସି ସୁଫଳ ମିଳୁ ନଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। କିଛିମାସ ପୂର୍ବରୁ ଶ୍ରମିକଙ୍କ ସ୍ଥାୟୀ ନିଯୁକ୍ତି ତଥା ଶ୍ରମିକ ଛୋଟେଇ ବିଷୟରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲେ ହେଁ ଅଣଦେଖା କରାଯାଇଛି। ସ୍ଥାନୀୟ ସରପଞ୍ଚ ଅଭିଯୋଗ ପାଇବା ପରେ ସେ ମଧ୍ୟ ଅବଗତ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ମିଥ୍ୟା ମାମଲାକ୍ରମେ ସରପଞ୍ଚଙ୍କ ସମେତ ୫ ଜଣ ଯୁବକଙ୍କୁ କୋର୍ଟକୁ ଟଣାଯାଇଥିଲା। ନାନା ଅସୁବିଧାର ସମ୍ମୁଖୀନ ହେବା ଦ୍ୱାରା କମ୍ପାନୀର ଏଭଳି ପ୍ରଦର୍ଶନ ପାଇଁ ପରିବାର ବହୁ ଯନ୍ତ୍ରଣା ଭୋଗିଥିଲେ। କାରଖାନା ପ୍ରସାରଣ ବେଳେ ଜନଶୁଣାଣିରେ ପ୍ରଶାସନ ଉପସ୍ଥିତିରେ ସ୍ଥାନୀୟ ଅଧିବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ କମ୍ପାନୀ କର୍ତ୍ତୃପକ୍ଷ ଅଣଦେଖା କରିଛି।

ଏହାକୁ ୪ ଦିନମଧ୍ୟରେ ସ୍ଥାୟୀ ସମାଧାନ କରା ନଗଲେ ୨୭ ତାରିଖ କମ୍ପାନୀ ସମ୍ମୁଖରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ସ୍ଥାନୀୟ ଯୁବକଯୁବତୀଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର, ଛଟେଇ ଶ୍ରମିକଙ୍କୁ ପୁନଃନିଯୁକ୍ତି ଓ ବକେୟା ଅର୍ଥରାଶି ପ୍ରଦାନ, ଠିକା ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି, ମହିଳାଙ୍କୁ ଅଗ୍ରାଧିକାର, ନିଜସ୍ୱ ରାସ୍ତା ନିର୍ମାଣ, ଯୋଗ୍ୟତା ଭିତ୍ତିରେ ଦରମା, ଭୂତଳ ଜଳ ଅପବ୍ୟବହାର ବନ୍ଦ କରିବା, ଜମିହରା ଲୋକଙ୍କୁ ଓ ସେମାନଙ୍କ ପରିବାରକୁ ସାମାଜିକ ସୁରକ୍ଷା ପ୍ରଦାନ, ପ୍ରଭାବିତ ଅଧିବାସୀଙ୍କୁ ସାର, ବିହନ, କୀଟନାଶକ, ଔଷଧ ଏବଂ ଗୃହପାଳିତ ପଶୁପକ୍ଷୀଙ୍କର ଚିକିତ୍ସା ସୁବିଧା, ବାଙ୍କମାରୁଣୀ ଛକଠାରେ ବଢୁଥିବା ଦୁର୍ଘଟଣା ପାଇଁ ଓଭରହେଡ କ୍ରସିଙ୍ଗ ନିର୍ମାଣ, ବୃକ୍ଷରୋପଣ ସମେତ ସିଏସଆର ଅନ୍ତର୍ଭୁକ୍ତ ଅନ୍ୟାନ୍ୟ ମୌଳିକ ସେବା ତଥା ଉନ୍ନତିମୂଳକ କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରିବା ନିମନ୍ତେ ଦାବି ହୋଇଛି। ଏନେଇ ଜିଲ୍ଲା ଏସ୍‌ପି, ଡିଏଲସି କେନ୍ଦୁଝର, ସଦର ଥାନା ଆରକ୍ଷୀ, ଗୋବର୍ଦ୍ଧନ ଓ କାଉଁରୀକଳା ସରପଞ୍ଚଙ୍କୁ ଦାବିପତ୍ର ଦିଆଯାଇଛି। ମାଳତି ମୁଣ୍ଡା, ସୀମା ହାସଁଦା, ରନ୍ଧାଇ ମୁଣ୍ଡା, ସାବିତ୍ରୀ ଗାଗରାଇ, ଜାନ ମୁଣ୍ଡା, ନନ୍ଦଲାଲ ହାସଁଦା, ଅଶୋକ ମୁଣ୍ଡା, ଦୁର୍ଯ୍ୟୋଧନ ହାସଁଦା, ମେଘା ମୁଣ୍ଡା, ମହେନ୍ଦ୍ର ମୁଣ୍ଡା, ଅଜୟ ମୁଣ୍ଡା, ଚିତ୍ତରଞ୍ଜନ ହାନଗା, ଅରୁଣ ମୁଣ୍ଡା, ୨ନମ୍ବର ୱାର୍ଡମେମ୍ବର ମଙ୍ଗଲ ମୁଣ୍ଡା, କୁନାର ମୁଣ୍ଡା, ନିମାଇ ମୁଣ୍ଡା, ଟୁନା ମୁଣ୍ଡା, ଗୋବିନ୍ଦ ମୁଣ୍ଡା, ରବି ମୁଣ୍ଡା, ଶିବ ମୁଣ୍ଡା, ମାୟାଧର ମୁଣ୍ଡା, ନିମାଇଁ ମୁଣ୍ଡା, ରୋହିତ ମୁଣ୍ଡା, ଭରତ ସାହୁ ପ୍ରମୁଖ ଏନେଇ ଜିଲ୍ଲା ପ୍ରଶାସନର ଫେରାଦ ହେବା ସହ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦେଇଛନ୍ତି।

## ନେହରୁ ଷ୍ଟାଡିୟମରେ ୫ମ ଚନ୍ଦ୍ରଶେଖର କପ୍ ଫୁଟ୍‌ବଲ ପ୍ରତିଯୋଗିତା



ଚମ୍ପୁଆ,୨୪।୧୦(ସମିସ): ଚମ୍ପୁଆ ନେହରୁ ଷ୍ଟାଡିୟମଠାରେ ୫ମ ଚନ୍ଦ୍ରଶେଖର କପ ଆନ୍ତରାଜ୍ୟ ଫୁଟ୍‌ବଲ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ସମ୍ମାନିତ ଅତିଥି ଭାବେ ଜୋଡା ଟ୍ରକଓନର ଆସୋସିଏସନ ସୁଶାନ୍ତ ବାରିକ, ଚମ୍ପୁଆ ଓକିଲ ସଂଘ ସଭାପତି ରମେଶଚନ୍ଦ୍ର ପ୍ରଧାନ, ସମାଜସେବୀ ହବି ଦାସ ପ୍ରମୁଖ ଯୋଗ ଦେଇଥିଲେ। ମଣିଙ୍ଗ କ୍ଲବ ଚମ୍ପୁଆ ପକ୍ଷରୁ ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ କ୍ଲବ ସଂପାଦକ ଅଭୟ ଦାସ, ସଭାପତି ରଶ୍ମିରଂଜନ ସେଠୀ ଓ ସଂପାଦକ ଅମିତାଭ ପ୍ରଧାନ, ବିଷ୍ଣୁଚରଣ ପାଣି ପ୍ରମୁଖ ପରିଚାଳନା କରିଥିଲେ। ୩୨ଟି ଆନ୍ତରାଜ୍ୟ ଦଳକୁ ନେଇ ଅନୁଷ୍ଠିତ ଏହି ପ୍ରତିଯୋଗିତା ୩ ଦିନ ଧରି ଅନୁଷ୍ଠିତ ହେବ। ଚାମ୍ପିଅନ ଦଳ ପାଇଁ ଦୁଇଲକ୍ଷ ୨୦ ହଜାର, ରନର୍ସ ଅପ ଦଳପାଇଁ ଏକ ଲକ୍ଷ ତିରିଶ ହଜାର, ତୃତୀୟ ଦଳ ପାଇଁ ୭୫ ହଜାର ଓ ଚତୁର୍ଥ ଦଳ ପାଇଁ ୬୦ ହଜାର ଅର୍ଥରାଶି ସହ ଟ୍ରଫି ବ୍ୟବସ୍ଥା ସହ ଚାମ୍ପିଅନ ଦଳର ମ୍ୟାନେଜର ଓ ମ୍ୟାନ ଅଫ ଦି ଟୁର୍ଣାମେଣ୍ଟ ଖେଳାଳି ପାଇଁ ବିଦେଶ ଯାତ୍ରାର ବ୍ୟବସ୍ଥା ରହିଥିବା ସଭାପତି ସୂଚନା ଦେଇଥିଲେ। କ୍ଲବ୍ ସଦସ୍ୟ ସତ୍ୟଜିତ ମହାକୁଡ, ସରୋଜ ବେହେରା, ସମେତ ବହୁ ସଦସ୍ୟ ସହଯାଗ କରିଥିଲେ। ପ୍ରଥମ ମ୍ୟାଚ୍ ମା' ବାଶୁଳି ସରାଶପୋଶି ଏକାଦଶ ଓ ଜୟ ମା' କାଳିବଲାଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାକୁ ଭାଷ୍ୟକାର ଭାବେ ନରୋତ୍ତମ ତନ୍ତୀ ଓ ବାବୁଲୁ ଆପଟ ସହଯୋଗ କରିଥିଲେ।

## ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

କେନ୍ଦୁଝର, ୨୪।୧୦(ସମିସ): ଶୁକ୍ରବାର କେନ୍ଦୁଝର କୋର୍ଟର ଏଡିଜେ ମମିତା ଦାସ ଏକ ନରହତ୍ୟା ମାମଲାର ବିଚାର କରି ଘଟଗାଁ ଥାନା ଅନ୍ତର୍ଗତ ବନ୍ଧସାହି ଗ୍ରାମର ସାଧୁ ଦାସ (୨୭)କୁ ଆଜୀବନ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା; ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଗତ ୨୭।୦୪।୨୦୧୯ ରାତି ୮ ଟା ସମୟରେ ଗୁରୁବାରୀ ଦାସ (୧୯)ଙ୍କୁ ସମ୍ପର୍କୀୟ ଅଭିଯୁକ୍ତ ସାଧୁ ଦାସ ମାଂସ ତରକାରୀ ରୋଷେଇ କରି ଦେବାକୁ ଡାକିଥିଲା। ମାଂସ ତରକାରୀ ରାନ୍ଧି ସାରି ଗୁରୁବାରୀ ଦାସ ତା' ନିଜ ଘରକୁ ଫେରିବା ପରେ ରାତି ୧୦ଟାରେ ସାଧୁ ତାଙ୍କ ଘରକୁ ଆସି ମାଆ ରୁଦେଇ ଦାସଙ୍କୁ ପଚାରିଥିଲା କି ତୋ ପୁଅ ଗୋଲ ଦାସ ଆମ ଘରୁ ପଇସା ଆଣିଛି କି? ଗୁରୁବାରୀ ଓ ତା'ର ମାଆ ରୁଦେଇ ମନା କରିବାରୁ ଅଭିଯୁକ୍ତ ସାଧୁ ତା' ଘରକୁ ଯାଇ ଏକ କୁରାଢି ଆଣି ରୁଦେଇ ଦାସ ସହିତ ଝଗଡା କରି ପଚାରିଲା କି, ତୋ ପୁଅ ଗୋଲକୁ କୋଉଠି ଲୁଚାଇଛୁ କହ ନହେଲେ ହାଣିବି। ଏହାପରେ ରୁଦେଇର ବେକକୁ ହାଣି ଦେବାରୁ ରୁଦେଇର ମୃତ୍ୟୁ ହୋଇଥିଲା। ଉକ୍ତ ଘଟଣାକୁ ନେଇ ରୁଦେଇର ଝିଅ ଗୁରୁବାରୀ ଦାସ ଘଟଗାଁ ଥାନାରେ ଜଣାଇବାରୁ ଏକ ମାମଲା ରୁଜୁ ହୋଇ ଘଟଗାଁ ପୁଲିସ ଆସାମୀ ସାଧୁ ଦାସକୁ ୩୦୨ ଆଇପିସିରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶୁକ୍ରବାର ସମସ୍ତ ସାକ୍ଷ୍ୟଙ୍କ ବୟାନ ଭିତ୍ତିକରି କେନ୍ଦୁଝର ଏଡିଜେ ମମିତା ଦାସ ଅଭିଯୁକ୍ତ ସାଧୁ ଦାସ(୨୭)କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା, ଜରିମାନା ଅନାଦେୟ ୬ ମାସ ଅଧିକ ସଶ୍ରମ କାରା ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଆଡିସନାଲ ପିପି ପ୍ରଫୁଲ୍ଲ ପାତ୍ର କେସ୍ ପରିଚାଳନା କରୁଥିଲେ।

## ଠାକୁରାଣୀଙ୍କ ରୁପା ମୁକୁଟ ଚୋରି

ତୁରୁମୁଙ୍ଗା, ୨୪।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଉଦୟପୁର ଗ୍ରାମର ମା' ଅନ୍ଧାରୀ ଠାକୁରାଣୀଙ୍କ ରୁପା ମୁକୁଟକୁ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଚୋରି କରି ନେଇଯାଇଛନ୍ତି। ଏନେଇ ପାଟଣା ଥାନାରେ ପରିଚାଳନା କମିଟିର ସଭାପତି ହୃଦାନନ୍ଦ ମହାପାତ୍ର ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପାଟଣା ପୁଲିସ ମାମଲା ରୁଜୁକରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

## ଛାତ୍ରଙ୍କ ଆତ୍ମହତ୍ୟା କାରଣ ଅସ୍ପଷ୍ଟ

ରାଇରଙ୍ଗପୁର,୨୪।୧୦(ସମିସ): ରାଇରଙ୍ଗପୁର ପୌରପରିଷଦ ଓ ଗୋଷ୍ଠୀ ଶିକ୍ଷା ବିଭାଗ ଅନ୍ତର୍ଗତ ଭେଙ୍କଟେଶ୍ୱର ସ୍କୁଲର ୧୦ମ ଶ୍ରେଣୀ ଛାତ୍ରର ଆତ୍ମହତ୍ୟା ନେଇ ବୁଦ୍ଧିଜୀବୀ ମହଲରେ ଆଲୋଡନ ସୃଷ୍ଟି କରିଛି। ବହଳଦା ଥାନା ଅନ୍ତର୍ଗତ ଅସନା ଗ୍ରାମପଞ୍ଚାୟତ ଭାଲୁଗୋଡା ଗ୍ରାମର ଜନୈକ ଦଶମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିଥିବା ସୂଚନା ହସ୍ତଗତ ହୋଇଥିବା ବେଳେ ଏନେଇ କୌଣସି ଅଭିଯୋଗ ହୋଇନଥିବା ଜଣାପଡିଛି। ଗତକାଲି ଭାଲୁଗୋଡା ଗ୍ରାମରେ ସହରାଇ ବାବାନ୍ଦଣା ପର୍ବର ପୂଜାବିଧିରେ ସମସ୍ତେ ବ୍ୟସ୍ତ ଥିବାବେଳେ ଅପରାହ୍ନରେ ଛାତ୍ର ଜଣଙ୍କ ଘର ଭିତରେ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଥିଲେ। ପୂଜା ପର୍ବ ବ୍ୟସ୍ତ ଭିତରେ ସନ୍ଧ୍ୟା ସମୟରେ ସମସ୍ତେ ଘଟଣା ବିଷୟରେ ଅବଗତ ହୋଇଥିଲେ। ତେବେ ଏନେଇ କୌଣସି ଅଭିଯୋଗ ହୋଇନଥିବା ବେଳେ ଆଜି ସ୍କୁଲ କର୍ତ୍ତୃପକ୍ଷ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଶବ ସତ୍କାର କରାଯାଇଥିଲା। ତେବେ ଛାତ୍ରଙ୍କ ବିଶୃଙ୍ଖଳ ଆଚରଣ ପାଇଁ ତାଙ୍କୁ ଓ ତାଙ୍କ କେତେକ ସହପାଠିଙ୍କୁ ତାଙ୍କ ଅଭିଭାବକଙ୍କୁ ଡକାଇ ସମ୍ପୃକ୍ତ ହଷ୍ଟେଲରୁ ବିଦା କରାଯାଇଥିବା ସୂଚନା ରହିଛି। ତେବେ ଏହି ଘଟଣାକୁ ଛାତ୍ରାବାସ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ତଥା ଗ୍ରାମବାସୀଙ୍କ ପକ୍ଷରୁ ଚପାଇ ଦିଆଯିବାକୁ ପ୍ରୟାସ କରାଯାଇଥିବା ବେଳେ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସି ପାରିବ।

## ଡମ୍ଫର୍-କାର୍ ଧକ୍କା; ଜଣେ ଗୁରୁତର

ରାଇରଙ୍ଗପୁର,୨୪।୧୦(ସମିସ): ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ହରପାରତୀ ମଣ୍ଡପ ନିକଟରେ ଡମ୍ଫର ଓ କାର ଧକ୍କା ହେବାରୁ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର କାର ଚାଳକ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଜାତଳର ଗଣେଶ ସାହୁ। ଘଟଣାସ୍ଥଳରୁ ଗାଡିଟି ଫେରାର ହୋଇଯାଇଛି। ଟାଉନ ପୋଲିସ ତଦନ୍ତ ଚଳାଇଛି। କାର ଚାଳକ ରାଇରଙ୍ଗପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ମୁଣ୍ଡରେ ଆଘାତ ଲାଗିଛି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



ଆନନ୍ଦପୁର, ୨୪।୧୦ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଟୁଙ୍କୁଣା ଶାସନ ନିବାସୀ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ବିଜୟ ମିଶ୍ରଙ୍କ ମା' ଲାବଣ୍ୟବତୀ ମିଶ୍ରଙ୍କ ୯୫ ବର୍ଷରେ ପରଲୋକ ହୋଇଯାଇଛି। ସେ ସବୁଦିନ ପରି ନିତ୍ୟକର୍ମ ସାରିବା ପରେ ହଠାତ ଅସୁସ୍ଥ ହୋଇପଡିବା ପରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଟୁଙ୍କୁଣାସ୍ଥିତ ବାସଭବନରେ ଉପସ୍ଥିତ ହୋଇ ଶେଷ ଦର୍ଶନ କରିଥିଲେ।

## ତୁରୁମୁଙ୍ଗା ଆମ ପୁଲିସ ସମିତି ବୈଠକ

ତୁରୁମୁଙ୍ଗା, ୨୪।୧୦(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ପୁଲିସ ପକ୍ଷରୁ ଶୁକ୍ରବାର ପଞ୍ଚାୟତ ସଭାଗୃହରେ ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆମ ପୁଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ। ଏଥିପାଇଁ ସରକାର ପ୍ରତି ଥାନାରେ ଆମ ପୁଲିସ ସମିତି ଗଠନ କରିବା ସହ ପୁଲିସ ପ୍ରତି ଜନସାଧାରଣଙ୍କ ରହିଥିବା ଭ୍ରାନ୍ତ ଧାରଣା ଓ ଭୟ ଯେମିତି ମନରୁ ଦୂର ହେବ, ଏଥିପାଇଁ ପ୍ରୟାସ ଜାରି ରଖିଛନ୍ତି। ଅପରାଧ ନିୟନ୍ତ୍ରଣ ନୂତନ ଭାରତୀୟ ନ୍ୟାୟ ସଂହିତା, ତୁରୁମୁଙ୍ଗା ସରପଞ୍ଚ ସୁଲେଖା ନାଏକ, ଏଏସଆଇ, ସୟଦ ସଲିମ ହୁସେନ୍ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଯାପିତ

# 'ସୁରଭି' ଶିଶୁଙ୍କ ବୌଦ୍ଧିକ ବିକାଶରେ ଇନ୍ଧନ ସଦୃଶ

ବିଶୋଇ,୨୪।୧୦(ସମିସ)



ବିଶୋଇ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ କପିଳେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତଥିଭାବରେ ବିଡ଼ିଓ ସାଗରଚନ୍ଦ୍ର ମୁର୍ମୁ ଯୋଗଦେଇ ବିଦ୍ୟାଳୟ ସ୍ତରରେ ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସୁରଭି କାର୍ଯ୍ୟକ୍ରମ ଏକ ମାଧ୍ୟମ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବରେ ସାମାଜିକ କର୍ମୀ ଲଳିତ ମହାନ୍ତ ଯୋଗଦେଇ ଶିଶୁ ମହୋତ୍ସବ ଶିଶୁଙ୍କ ବୌଦ୍ଧିକ ବିକାଶର ଇନ୍ଧନ ସଦୃଶ ଏବଂ ଶିଶୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢିବାରେ ଏହା ପ୍ରେରଣା ଉତ୍ସ ବୋଲି ବ୍ୟକ୍ତବ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଏବିଇଓ ହରିଶ୍ଚନ୍ଦ୍ର ହୋତା, ଏବିଇଓ ସଙ୍ଗିତା ଜେନା, ବିଶୋଇ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସନ୍ତୋଷିନୀ ମୋଦି, ବନେଇକଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବଳରାମ ସାହୁ, ଦେଓପଟା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୃପାସିନ୍ଧୁ ମିଶ୍ର ପ୍ରମୁଖ ଶିଶୁ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୧୭୦ଟି ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀ କ୍ଲଷ୍ଟର ସ୍ତରୀୟ ପ୍ରତିଯୋଗିତାରେ ଚୟନ ହୋଇ ବ୍ଲକ ସ୍ତରୀୟ ସୁରଭି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ। ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର, ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ କୃତି ଶିଶୁ ପ୍ରତିଭାଙ୍କୁ ଜିଲ୍ଲା ସ୍ତରୀୟ ସୁରଭି ପ୍ରତିଯୋଗିତା ପାଇଁ ଚୟନ କରାଯାଇଥିଲା। ବିଆରଟି କିଶୋର ସାହୁ ଓ ଏମ୍.ଆଇ.ଏସ୍ ସଂଯୋଜକ ହରିପଦ ବେହେରା ମଞ୍ଚ ପରିଚାଳନା କରିଥିଲେ।

## ଅବକାରୀ ଥାନା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ



ବହଳଦା, ୨୪।୧୦ (ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ଅବକାରୀ ଥାନା ଚତୁଃପାର୍ଶ୍ୱରେ ଜବରଦଖଲ କରି ଗଢିଉଠିଥିବା ବେଆଇନ ଦୋକାନ ଗୃହକୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ସୂଚନା ଅନୁସାରେ, ବହଳଦା ଅବକାରୀ ଥାନା ପାଚେରୀକୁ ଲାଗି ବେଆଇନଭାବେ ବହୁ ଦୋକାନ ବଜାର ଗଢି ଉଠିଥିଲା। ଫଳରେ ଅଣ ଅସାରିଆ ରାସ୍ତା ଯୋଗୁଁ ବିଭାଗୀୟ ଗାଡି ମୋଟର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବା ଆସିବାରେ ସମସ୍ୟା ସୃଷ୍ଟି କରୁଥିଲା। ଏପରିକି ବହଳଦା ବଜାର ମୁଖ୍ୟ ରାସ୍ତା ପଟକୁ ଥିବା ଅବକାରୀ ବିଭାଗର ଗେଟ ସମ୍ମୁଖରେ ମଧ୍ୟ ବେଆଇନ୍ ଦୋକାନ ଗଢି ଉଠିଥିଲା। ଏହାକୁ ଦୃଷ୍ଟିରେ ରଖି ବହଳଦା ବଜାର ମୁଖ୍ୟରାସ୍ତା ପଟୁ ଏକ ପ୍ରବେଶ ଦ୍ୱାର ନିର୍ମାଣ କରାଯିବା ନେଇ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥଲା। ତେବେ ପ୍ରବେଶ ଦ୍ୱାର ନିର୍ମାଣ ସ୍ଥାନରେ ଥିବା କେତେକ ଦୋକାନ ଗୃହକୁ ଉଚ୍ଛେଦ ପାଇଁ ବିଭାଗ ପକ୍ଷରୁ ପ୍ରୟାସ କରାଯାଇଲା। ଏଥିରେ ସଫଳ ନ ହେବାରୁ ଅତିକ୍ରମଣ ଉଚ୍ଛେଦ ନେଇ ରାଜସ୍ୱ ବିଭାଗକୁ ଚିଠି କରାଯାଇଥଲା। ଏହା ପରେ ୧୬ ଜଣ ଉଚ୍ଛେଦକାରୀଙ୍କୁ ଚିହ୍ନଟ କରାଯିବା ସହିତ ପର୍ଯ୍ୟାୟ କ୍ରମେ ତିନିଥର ବେଆଇନ ନିର୍ମାଣ ଉଚ୍ଛେଦ ପାଇଁ ରାଜସ୍ୱ ବିଭିଗ ପକ୍ଷରୁ ଚିଠି ପ୍ରଦାନ କରାଯାଇଥିଲା। ତେବେ ପୂର୍ବରୁ ଦିଆଯାଇଥିବା ସୂଚନା ଅନୁସାରେ ଆଜି ବହଳଦା ତହସିଲଦାର ଶିବ ପ୍ରସାଦ ମୁର୍ମୁ, ବିଦ୍ୟୁତ ବିଭାଗ ଅଧିକାରୀ ସୁବାଷଚନ୍ଦ୍ର ମଲ୍ଲିକ ଏବଂ ବହଳଦା ଥାନା ସବଇନିସପେକ୍ଟର ଚାନ୍ଦନୀ ସ୍ୱାଇଁଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀ ଏବଂ ଅବକାରୀ ବିଭାଗ ପକ୍ଷରୁ ରାଇରଙ୍ଗପୁର ଅବକାରୀ ଉପ ଅଧିକ୍ଷକ ସୌମ୍ୟରଞ୍ଜନ ବେହେରା, ରାଇରଙ୍ଗପୁର ଅବକାରୀ ଇନିସପେକ୍ଟର ବିନୟ ପ୍ରସାଦ ତାର୍କି, ବହଳଦା ଅବକାରୀ ଥାନା ଅଧିକାରୀ ରଣଜୀତ ଶବର ପ୍ରମୁଖଙ୍କ ଉପସ୍ଥିତିରେ ୧୬ ଟି ବେଆଇନ ନିର୍ମାଣ ଉଚ୍ଛେଦ କରାଯାଇଥିଲା।

## ଅପେରା ପେଣ୍ଡାଲରେ ଅଶ୍ଳୀଳତାକୁ ବାରଣ

ଯୋଡ଼ା, ୨୪।୧୦(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ସ୍ୱର୍ଗଦ୍ୱାର ପଡିଆରେ କାଳୀପୂଜା ନିମନ୍ତେ ଚାଲିଥିବା ଗ୍ରାଣ୍ଡ ମହଲ ଅପେରାରେ ଓଡିଶାର 'ସାହୁଭାଉଜ' ଆସିବା ନେଇ ବିଭିନ୍ନ ସୋସିଆଲ ମିଡିଆରେ ବିବାଦ ଓ କଟୁ ମନ୍ତବ୍ୟ ଚର୍ଚ୍ଚାକୁ ଆସିଛି। ଅପେରା ଷ୍ଟେଜ ଓ ଯୋଡ଼ା ଅଞ୍ଚଳକୁ ମନା ଉଦ୍ଦେଶ୍ୟରେ ବିଶ୍ୱ ହିନ୍ଦୁ ପରିସଦ ଓ ବଜରଙ୍ଗ ଦଳ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ତେବେ, ଆପୋଷ ବୁଝାମଣାରେ ସାହୁ ଭାଉଜ ପରି ଅସାମାଜିକ ତତ୍ତ୍ୱକୁ ଯାତ୍ରା ପେଣ୍ଡାଲ ମନା ପାଇଁ ରାଜି ହୋଇଥିବା ଜଣାପଡିଛି। ବନେଇକଳା ସାର୍ବଜନୀନ କାଳୀପୂଜା କମିଟି ପକ୍ଷରୁ ସ୍ୱର୍ଗଦ୍ୱାର ପଡିଆରେ ମେଳା ଓ ଅପେରା ଚାଲିଥିବା ବେଳେ ଗ୍ରାଣ୍ଡ ମହଲ ଅପେରା ଯାତ୍ରା ପରିବେଷଣ କରି ଆସୁଛି। ଅଧିକ ଆକର୍ଷଣୀୟ ଓ ମନୋରଞ୍ଜନ କରିବା ପାଇଁ ଟେଲିଭିଜନ କଳାକାରଙ୍କୁ ପେଣ୍ଡାଲକୁ ନିମନ୍ତ୍ରଣ କରାଯାଉଥିଲା। ଶୁକ୍ରବାର ଯାତ୍ରା ପେଣ୍ଡାଲରେ ସାହୁ ଭାଉଜ ନାମରେ ପରିଚିତ ଜଣେ କଳାକାର ଆସିବା ନେଇ ଯାତ୍ରା କମିଟି ପକ୍ଷରୁ ବିଭିନ୍ନ ସୋସିଆଲ ମିଡ଼ିଆରେ ପ୍ରଚାର ପ୍ରସାର ହେବା ପରେ ସ୍ଥାନୀୟ ଲୋକ, ବୁଦ୍ଧିଜୀବୀ ପକ୍ଷରୁ ଅନେକ କଟୁ ମନ୍ତବ୍ୟ ପ୍ରକାଶ ପାଇଥିଲା। ଏହାକୁ ଭିତ୍ତି କରି ଯୋଡ଼ା ନଗର ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ପିଆରଏମ ହସ୍ପିଟାଲକୁ ବ୍ୟାଟେରୀ ଗାଡି ଓ ଷ୍ଟ୍ରେଚର ପ୍ରଦାନ




ବାରିପଦା, ୨୪।୧୦(ସମିସ): ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ରୋଗୀ ସେବା ନିମନ୍ତେ ବ୍ୟାଟେରୀ ଗାଡି ଓ ଷ୍ଟ୍ରେଚର ପ୍ରଦାନ କରାଯାଇଛି। ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ସିଏସଆର ଫଣ୍ଡରୁ ଏହାକୁ ପ୍ରଦାନ କରାଯାଇଛି। ହସ୍ପିଟାଲରେ ରୋଗୀଙ୍କୁ ନେବା ଆଣିବା କରିବା ନିମନ୍ତେ ପୂର୍ବରୁ ଦୁଇଟି ବ୍ୟାଟେରୀ ଚାଳିତ ଗାଡି ରହିଛି; କିନ୍ତୁ ତାହା ପୁରୁଣା ହେବାରୁ ଅନେକ ସମୟରେ ଅଚଳ ହୋଇ ରହୁଛି। ଏହାସହିତ ଷ୍ଟ୍ରେଚର ମଧ୍ୟ ଅଭାବ ରହିଥିଲା। ସମାଧାନ ପାଇଁ ବ୍ୟାଙ୍କ ପକ୍ଷରୁ ପିଆରଏମ ମେଡିକାଲ କଲେଜକୁ ଯାନ ଓ ଷ୍ଟ୍ରେଚର ପ୍ରଦାନ କରାଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଗୋଟିଏ ବ୍ୟାଟେରୀ ଚାଳିତ ଗାଡ଼ି ଓ ୧୧ଟି ଷ୍ଟ୍ରେଚର ଲୋକାର୍ପଣ କରିଥିଲେ। ଏହି ବ୍ୟାଟେରୀ ଚଳିତ ଗାଡ଼ି ଓ ଷ୍ଟ୍ରେଚର ପ୍ରଦାନ ଦ୍ୱାରା ରୋଗୀ ମାନେ ଅନେକ ଉପକୃତ ହୋଇ ପାରିବେ। ଏଥି ସହିତ ମନ୍ତ୍ରୀ ଡା ମହାପାତ୍ର ହସ୍ପିଟାଲ ପରିସର ବୁଲିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ତଦାରଖ କରି ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାରସକଣା ବିଧାୟକ ଭାଦବ ହାଁସଦା, ଜିଲ୍ଲାପାଳ ହେମକାନ୍ତ ସଏ, ଏଡିଏମଓ ଡା ଶଶିକାନ୍ତ ସେଠୀ, ଡା ବିଜୟ କୁମାର ଦାସଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଉପସ୍ଥିତି ଥିଲେ।

## ଭୋଟ ଚୋରି, ଗାଦି ଛାଡ଼ ନେଇ ୩୦ ହଜାର ଦସ୍ତଖତ ସଂଗ୍ରହ ଲକ୍ଷ୍ୟ

କରଞ୍ଜିଆ,୨୪।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା (ପଶ୍ଚିମାଞ୍ଚଳ) କଂଗ୍ରେସ ତରଫରୁ ଗୁରୁବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ଭୁବନ ସାହୁ ଭୋଟ ଚୋରି ସମ୍ପର୍କରେ ଦେଶର ନିର୍ବାଚନ କମିଶନ କିପରି ଦୁର୍ନୀତିମୂଳକ ଭାବେ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରି ଲୋକଙ୍କ ନାଯ୍ୟ ଅଧିକାର ଭୋଟ ଦେବାରୁ ବଞ୍ଚିତ କରିଛନ୍ତି ସେ ନେଇ ବକ୍ତବ୍ୟ ରଖିଛନ୍ତି। ହରିୟାଣା, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, କର୍ଣ୍ଣାଟକ ଏବଂ ବିହାରରେ କିପରି ଭୋଟରଙ୍କ ନାମ କଟାଯାଇଛି ସେ ନେଇ ସଂସଦରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭାରତ ସାରା ବୁଲି ଲୋକଙ୍କୁ ଏ ସମ୍ପର୍କରେ ଅବଗତ କରିଛନ୍ତି। ମୋଦୀ ସରକାର ନିର୍ବାଚନ କମିଶନଙ୍କ ପ୍ରତି ଘଣ୍ଟ ଘୋଡାଉଛନ୍ତି ବୋଲି ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଜିଲ୍ଲାରେ ଏ ଦିଗରେ ଲୋକଙ୍କୁ ଅଧିକ ସଚେତନ କରିବା ପାଇଁ ତିରିଶ ହଜାର ଲୋକଙ୍କ ଦସ୍ତଖତ ସଂଗ୍ରହ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଗଣତନ୍ତ୍ରରେ ଲୋକଙ୍କ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ସ୍ୱଛତା ଓ ନିରପେକ୍ଷତା କିପରି ବଜାୟ ରଖାଯାଇପାରିବ ସେ ନେଇ ଘର ଘର ବୁଲି ଲୋକଙ୍କୁ ସଚେତନ କରାଯିବ ବୋଲି ପିସିସି ସଭାପତି ଭକ୍ତ ଦାସ ଓ ରାଜ୍ୟ ପ୍ରଭାରୀ ଅଜୟ ଲୋଲୋ ପରାମର୍ଶ ଦେଇଛନ୍ତି ବୋଲି ସେ ଉଲ୍ଲେଖ କରିଥିଲେ। ସମ୍ମିଳନୀରେ ରାଜ୍ୟ ସମ୍ପାଦକ ଲକ୍ଷ୍ମୀଧର ସିଂ, ନଗର ସଭାପତି ଲାଳନ ସିହ୍ନା, ଚନ୍ଦ୍ରକୁମାର, ଶୁଭେନ୍ଦୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋ-ବାନ୍ଦଣା ପର୍ବ ପାଇଁ ଗଡ଼ଦେଉଳିଆ ଉତ୍ସବମୁଖର



ବୈଶିଙ୍ଗା, ୨୪।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ଗୋ-ବାନ୍ଦଣା (ସହରାୟ) ପର୍ବ ନିଆରା। ଏହି ପର୍ବ ଦୀପାବଳି ଅମାବାସ୍ୟା ପରେ ଚନ୍ଦ୍ରଦର୍ଶନକରି ପାଳନ କରାଯାଇଥାଏ। ଏହି ପର୍ବର ପୂର୍ବଦିନରେ ଗୋଠ ପୂଜା ହୋଇଥାଏ ଓ ରାତ୍ରିରେ ଗାଁର ପୁରୁଷ ମହିଳା ସମୂହ ପ୍ରତ୍ୟକ ଘରକୁ ଯାଇ ଗୋମାତାଙ୍କୁ ବନ୍ଦନା ସହିତ ପୂଜା କରିଥାନ୍ତି। ଏହି ପୂଜାକୁ କୁଆଁରୀଙ୍କ ଦ୍ୱାରା କରାଯାଇଥାଏ। ପରେ ପର୍ବଦିନ ଗୋରୁଙ୍କୁ ସୁସଜ୍ଜିତ କରି ପଡିଆରେ ପୋତା ଯାଇଥିବା ଖୁଣ୍ଟରେ ବନ୍ଧାଯାଇ ବନ୍ଧାପନା ସହିତ ପୂଜାର୍ଚ୍ଚନା କରି ପାରମ୍ପାରିକ ବାଦ୍ୟ ଓ ପାରମ୍ପାରିକ ବେଶଭୂଷାରେ ସୁସଜ୍ଜିତ ହୋଇ ନାଚଗୀତର ଆସର ଜମେ। ତେବେ ଏହିପର୍ବ କୁଡୁମୀ ଓ ଆଦିବାସୀ ସମ୍ପ୍ରଦାୟର ସାନ୍ତାଳ ଓ ମୁଣ୍ଡାମାନେ ରୀତିନୀତି ଅନୁସାରେ ପାଳନ କରିଥାନ୍ତି। ତେବେ ଏହିପର୍ବ ବେତନଟୀ ବ୍ଲକ ଅଧୀନ ଗଡଦେଉଳିଆ ପଞ୍ଚାୟତରେ ଥିବା ଲାଖବିନ୍ଧା, ବାଲକାରେ ଶୁକ୍ରବାର ଆନନ୍ଦ ଉଲ୍ଲାସରେ ପାଳନ କରାଯାଇଛି। ସେହିପରି ଭାନପୁର ଗ୍ରାମରେ ମଧ୍ୟ ଧୁମଧାମରେ ପାଳନ କରାଯାଇଛି। ଭାନୁପୁର ବାନ୍ଦଣା ପର୍ବକୁ ଉପଭୋଗ କରିବା ପାଇଁ ଶତାଧିକ ଲୋକେ ଉପସ୍ଥିତ ଥିଲେ। ଶନିବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବାନେଇ ଆୟୋଜକ କମିଟିର ମୁଖ୍ୟ ରୁହ୍ୟା ହାଁସଦା କହିଛନ୍ତି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବିଶୋଇ,୨୪।୧୦ (ସମିସ): ବିଶୋଇ ଥାନା ଅନ୍ତର୍ଗତ ଲୁହାକାନି ଅଞ୍ଚଳରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ଜଣଙ୍କ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଲୁହାଶିଳା ଗ୍ରାମର ସୁନ୍ଦରମୋହନ ମୁର୍ମୁଙ୍କ ସ୍ତ୍ରୀ ଇନ୍ଦ୍ରାଣୀ ମୁର୍ମୁ। ସୂଚନାଯୋଗ୍ୟକି, ଲୁହାକାନି ପଞ୍ଚାୟତରେ ମଧୁପୁର ଗ୍ରାମ ସନ୍ନିକଟ ଜାନ୍ତାଳଗୋଡା ଜଙ୍ଗଲରେ ଏକ ଗଛରେ ଝୁଲୁଥିବାର ଜଣେ ମହିଳାଙ୍କ ମୃତଦେହ ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ପୁଲିସ ଖବର ପାଇ ଶବକୁ ଜବତ କରିଥିଲା। ଇନ୍ଦ୍ରାଣୀଙ୍କ ସ୍ୱାମୀ ସୁନ୍ଦରମୋହନଙ୍କ କହିବା ମୁତାବକ,ଦୀର୍ଘଦିନ ଧରି ଇନ୍ଦ୍ରାଣୀଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ରହିବା ସହିତ ମାନସିକ ଅବସ୍ଥା ମଧ୍ୟ ବିଗିଡି ଯାଇଥିଲା। ବୁଧବାର ସକାଳୁ କାହାକୁ କିଛି ନ ଜଣାଇ ଇନ୍ଦ୍ରାଣୀ ନିଜ ଘରୁ ପଳାଇ ଆସିଥିଲେ।



**ଆନନ୍ଦପୁର:** ଦେଓଗାଁସ୍ଥିତ ଶ୍ରୀକୁଶଳେଶ୍ୱର ପୀଠରୁ ଆଧ୍ୟାତ୍ମିକପ୍ରେମୀ ଗୌରଭକ୍ତଙ୍କ ଶ୍ରୀକ୍ଷେତ୍ର ପୁରୀ ଧାମକୁ ସଂକୀର୍ତ୍ତନ ପଦଯାତ୍ରା।

## ଦିନକରେ ୧୦ ହଜାର ଆମ୍ବ ଚାରାରୋପଣ




ଶୁକୁଳି/ରରୁଆଁ, ୨୪।୧୦(ସମିସ): ରରୁଆଁ ବ୍ଲକ ଘାଗରବେଡା ଗ୍ରାମପଞ୍ଚାୟତର ହିନ୍ଦୋଳା ଗ୍ରାମରେ କଳିଙ୍ଗା କୁସୁମ ଫାଉଣ୍ଡେସନ ଓ କେବିଏମ୍ ଇନ୍ଫୋସିସ ସହଯୋଗରେ ୫୮ ଏକର ଜାଗାରେ ଗୋଟିଏ ଦିନରେ ୧୦ ହଜାର ଆମ୍ବ ଚାରା ରୋପଣ କରାଯାଇଛି। ଏଥିରେ ଯଶିପୁରର ପୂର୍ବତନ ବିଧାୟକ ମଙ୍ଗଲ ସିଂ ମୁଦି, ରରୁଆଁ ବ୍ଲକ ଅଧ୍ୟକ୍ଷ ଅଜିତ କୁମାର ତିରିଆ, ୪୩ ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟ ବଦନୀ ମୁଦି ଓ ଘାଗରବେଡା ଗ୍ରାମପଞ୍ଚାୟତ ସରପଞ୍ଚ ପୁଷ୍ପାଞ୍ଜଳି କାଣ୍ଡେୟଙ୍କ ପ୍ରମୁଖ ଉପସ୍ଥିତ ଥିଲେ। କଳିଙ୍ଗା କୁସୁମ ଫାଉଣ୍ଡେସନର ସହଯୋଗୀ ହିମାଂଶୁ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପାଟଣା ଓ ହାଟିଡିହୀ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'





ତୁରୁମୁଙ୍ଗା, ୨୪।୧୦(ସମିସ)

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସ୍ତରୀୟ ସୁରଭି-୨୦୨୫ ଶୁକ୍ରବାର ପାଟଣା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ କମଳାକାନ୍ତ ପତିଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ମୁଖ୍ୟବକ୍ତା ଭାବରେ ସାମାଜିକ କର୍ମୀ ଅଜୟ ଦାଶ, ସମ୍ମାନିତ ଅତିଥି ଭାବେ ପାଟଣା ବିଧାୟକଙ୍କ ବ୍ଲକ ପ୍ରତିନିଧି କମଳାକାନ୍ତ ଦାଶ, ବ୍ଲକ ଅଧକ୍ଷା ବୀଣାପାଣି ନାୟକ, ପୂର୍ବତନ ପାଟଣା ବ୍ଲକ ଅଧକ୍ଷ ବିଦ୍ୟାଧର ଦାଶ, ଏବିଇଓ ସଚିଦାନନ୍ଦ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଶିଶୁ ମହୋତ୍ସବ ସୁରଭି ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶ କରିବାରେ ସହାୟକ ହେଉଥିବା ବିଧାୟକ ଶ୍ରୀ ନାଏକ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ପାର୍ଥସାରଥୀ ବେଜ ସଂଯୋଜନା କରିଥିଲେ। କୃତୀ ପ୍ରତିଭାଙ୍କୁ ସାର୍ଟିଫିକେଟ ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ବିଦ୍ୟାଳୟର ୨୬୦ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଥମ ବିବେଚିତ ପ୍ରତିଯୋଗୀ ଜିଲ୍ଲା ସ୍ତରରେ ଅଂଶଗ୍ରହଣ କରିବେ। ପୂର୍ବାହ୍ନରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ଶିକ୍ଷକ ନେତା କମଳାକାନ୍ତ ପତି ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ବଡପାଟଣା ସରପଞ୍ଚ ବିନତି ବାନାରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ଶ୍ରୀ ଦାଶ, ଏବିଓ ପ୍ରକାଶ ରାୟ, ପଣ୍ଡିତ କ୍ଷୀରୋଦଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସିଆରସିସି ଜ୍ୟୋତିର୍ମୟ ତ୍ରିପାଠୀ, ଶିକ୍ଷକନେତା ସନ୍ତୋଷ ନାଏକ, ପ୍ରମୋଦ ମହାନ୍ତ, ବୀରମୋହନ ଦ୍ୱିବେଦୀ, ବିଭୀଷଣ ଦଳ ଦସିଆ, କୃପାସିନ୍ଧୁ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

**ହାଟଡ଼ିହୀ:** ହାଟଡ଼ିହୀ ଶିକ୍ଷା ମଣ୍ଡଳ ବାଲିବରେଇ ହାଇସ୍କୁଲଠାରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ଉଦଯାପିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଅପର୍ଣ୍ଣା ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିଶୁ ଉତ୍ସବକୁ ହାଟଡ଼ିହୀ ବିଡ଼ିଓ ରଞ୍ଜନ କୁମାର ପରିଡା ଉଦଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ରାଜୀବ ଦଳେଇ, ସହ ଶିକ୍ଷାଧିକାରୀ ପ୍ରମୋଦ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ୧୩ଟି ବିଭାଗର ପ୍ରତିଯୋଗିତାରେ ଦୁଇ ଶହରୁ ଊର୍ଦ୍ଧ୍ୱ ସ୍କୁଲର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ବ୍ଲକ ଶିକ୍ଷାଧିକାରୀ ରାଜୀବ ଦଳେଇ, ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ବ୍ଲକ ସହ ଶିକ୍ଷାଧିକାରୀ ପ୍ରମୋଦ ନାୟକ, ସୋସୋ ଆଇଆଇସି ଶିବଶଙ୍କର ଆଲଦା ପ୍ରମୁଖ ଯୋଗ ଦେଇଥିଲେ। ବିଶ୍ୱଜିତ ରାଉତ, ଦେବାଶିଷ ବାରିକ, ସୁମନ୍ତ ନାୟକ, ଆକାଶ ସାହୁ, ପଙ୍କଜ ରାଉତ, ବିକାଶ ବାରିକ, ନିରଞ୍ଜନ ପଣ୍ଡା, ବୁଦ୍ଧଦେବ ରାଉତ, ଆଲୋକ ନାଥ, ସୁଶାନ୍ତ ସ୍ୱାଇଁ, ଅଞ୍ଜନ ଦାସ ପ୍ରମୁଖ ସିଆରସିସି ପରିଚାଳନା କରିଥିବା ବେଳେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ଓ ବାଲିବରେଇ ହାଇସ୍କୁଲର ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ ସହଯୋଗ କରିଥିଲେ।

# ପ୍ରଣମ୍ୟ ରାଜେନ୍ଦ୍ର...



ଆଧୁନିକ ଓଡ଼ିଆ କବିତାରେ ଅନନ୍ୟ ରାଜେନ୍ଦ୍ରୀୟ ଶୈଳୀ ଓ ବୈଶିଷ୍ଟ୍ୟ, ଓଡ଼ିଆ ସାହିତ୍ୟରେ ସୃଷ୍ଟି କରିଛି ନବଦିଗନ୍ତ । ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ ଏକାନ୍ତ ନିଜସ୍ୱ ଥିଲା ରାଜେନ୍ଦ୍ରଙ୍କ କବିତା । ଆବେଗାନୁଭୂତିର ପ୍ରତିଟି କବିତାରେ ପ୍ରସ୍ଫୁଟିତ ହୋଇଉଠିଥାଏ ତାଙ୍କ କବି ବ୍ୟକ୍ତିତ୍ୱ । ତାଙ୍କ ଗାମ୍ଭୀର୍ଯ୍ୟପୂର୍ଣ୍ଣ ବ୍ୟକ୍ତିତ୍ୱ ଓ ଭାବ ଛଳଛଳ କବିତା ପାଠକଙ୍କୁ ଆନମନା କରିଦିଏ । ଆଧୁନିକ ଓଡ଼ିଆ କବିତାର ଏହି ନାନ୍ଦିକାର ରାଜେନ୍ଦ୍ର କିଶୋର ପଣ୍ଡା ଆଉ ନାହାନ୍ତି । ତାଙ୍କ ସ୍ମୃତିରେ 'ସକାଳ'ର ସ୍ୱତନ୍ତ୍ର ପ୍ରତିବେଦନ ।

ରାଜେନ୍ଦ୍ର ପଣ୍ଡା ଓଡ଼ିଆ କବିତାର ଏକ ଅନତିକ୍ରମ୍ୟ ସ୍ୱର। କବିତା ଲିଖନ ଓ ଆବୃତ୍ତିର ଚମତ୍କାର ସମନ୍ୱୟ ଥିଲା ତାଙ୍କ କବିତାରେ। ତାଙ୍କର ଅବର୍ତ୍ତମାନ ଓଡ଼ିଆ କବିତା ତଥା ନୂତନ ଗଦ୍ୟଶୈଳୀରେ ଆଣି ଦେଲା ଏକ ଦୀର୍ଘ ବିରାମ ଓ ଶୂନ୍ୟ ସ୍ଥାନ। ସେ ଆମମାନଙ୍କୁ ଛାଡ଼ିଗଲା ଯାଏ ବି ଥିଲେ ଲେଖାଲେଖିରେ ସକ୍ରିୟ। ଏହି ମହାନ କବ୍ୟାତ୍ମାର ପୃଥିବୀରେ ପୁନର୍ଜନ୍ମ ହେଉ। ସେ ବାରମ୍ବାର ଆମ ଗହଣ କୁ ଆସୁ ଥାନ୍ତୁ।

**–ଅଜୟ ସ୍ୱାଇଁ, କଥାକାର**

ବିଶିଷ୍ଟ କବି ରାଜେନ୍ଦ୍ର କିଶୋର ପଣ୍ଡା ଥିଲେ ମୋ ଅତି ଆପଣାର ପ୍ରିୟ ମଣିଷ । 'ନର କିନ୍ନର' ଉପନ୍ୟାସର ପାଠକ ହିସାବରେ ପ୍ରଥମେ ସେ ମୁକ୍ତକଣ୍ଠରେ ମୋର ଦ୍ୱିତୀୟ ପୁସ୍ତକ ଘୋଷଣା କରିଥିଲେ । ସେ ମୋର ସାନ ଭାଇ ଭଳି । ମୋ ଜୀବନରେ ଯାହା କିଛି ଅସୁବିଧା ହେଲେ ମୁଁ ତାଙ୍କୁ ପଚାରୁଥିଲି । ସେ ଆଜି ନାହାନ୍ତି ଏକଥା ମୁଁ ବିଶ୍ୱାସ କରି ପାରୁନାହିଁ। ଜଣେ ପରେ ଜଣେ ଆମର ବନ୍ଧୁ ଚାଲି ଯାଉଛନ୍ତି । ଏହାଠାରୁ ଆଉ ବଳି ବଡ଼ କ'ଣ ଦୁର୍ଭାଗ୍ୟ ଥାଇପାରେ ! ସେ ଜଣେ ଅତ୍ୟନ୍ତ ଯୋଗ୍ୟତମ ବ୍ୟକ୍ତି ଥିଲେ । ତାଙ୍କ ବିୟୋଗରେ ମୁଁ ବହୁତ ଦୁଃଖିତ । ତାଙ୍କ ପରିବାରବର୍ଗଙ୍କୁ ସ୍ନେହ, ସହାନୁଭୂତି ପ୍ରକାଶ କରୁଛି । ତାଙ୍କର ଆତ୍ମାର ସଦ୍‌ଗତି ହେଉ ।

**–ଶାନ୍ତନୁ କୁମାର ଆଚାର୍ଯ୍ୟ, କଥାଶିଳ୍ପୀ**

ଅଗ୍ରଜ ରାଜେନ୍ଦ୍ର କିଶୋର ପଣ୍ଡା କେବଳ ଜଣେ ପଥିକୃତ୍ କବି ନଥିଲେ । ଜଣେ ସାରସ୍ୱତ ବ୍ୟକ୍ତିତ୍ୱ ଭାବରେ ତାଙ୍କର ରହସ୍ୟ ଓ ଅବଦାନ ଉଭୟ ଥିଲେ ଓଡ଼ିଆ ଆଧୁନିକ ଜୀବନ ଓ ସମାଜର ଏକ ଅପଠିତ ଗ୍ରନ୍ଥ । ସେ କବି ଭାବରେ ତାଙ୍କର ପ୍ରସିଦ୍ଧି ଛାଡ଼ି ଯାଇଛନ୍ତି । ନିଃସନ୍ଦେହରେ କୁହାଯାଇପାରେ ଯେ, ତାଙ୍କର କବିତ୍ୱର ବିଭା ଏକବିଂଶ ଶତାବ୍ଦୀର ବର୍ତ୍ତମାନ କାଳ ପର୍ଯ୍ୟନ୍ତ ଏକ ଦିଗବାରେଣି ହୋଇ ପଥପ୍ରଦର୍ଶକ ଭୂମିକାରେ ଅମ୍ଳାନ ରହିଥିଲା ଓ ଆଗକୁ ରହିବ । ତାଙ୍କର ତିରୋଧାନ ଓଡ଼ିଆ ସାହିତ୍ୟ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଲେ ଯଥେଷ୍ଟ ହେବ ନାହିଁ। ସେ ଥିଲେ ସୃଜନର ଔଦାର୍ଯ୍ୟ ଗାମ୍ଭୀର୍ଯ୍ୟର ଏକ ରୂପକ । ତାଙ୍କର ତୁଳନା ନାହିଁ କି ପଟାନ୍ତର ନାହିଁ।

**–ହର ପ୍ରସାଦ ଦାସ, କବି**

ଏଇ ଗତକାଲି ତାଙ୍କ ବିଷୟରେ କଥା ହେଉଥିଲୁ । କହିଲି – ଶୈଳକଳ୍ପ ଏବେ ଡାକ୍ତରଖାନାରେ, ଏକୁଟିଆ । ନାନା ବାୟାଗୀତ ଗାଉଛନ୍ତି ନିଜ ସହ ଆଳାପ କରୁଛନ୍ତି । ମନେ ମନେ ଭାବୁଛନ୍ତି କି,ସେ ଶ୍ରୀରାମଚନ୍ଦ୍ର ଭବନରେ ତାଙ୍କର ତୈଳଚିତ୍ରଟିଏ କେଉଁ ଉତ୍ତରାଧିକାରୀ ଜଣକ ଟାଙ୍ଗି ଦେବ । ଅମରତ୍ୱର ଗଳାରେ ଫୁଲମାଳଟି ରସି ଖଣ୍ଡିଏ ହୋଇଯିବ, ଅଦୃଶ୍ୟ ହୋଇଯିବ ରୂପ । ତାଙ୍କ ବ୍ୟକ୍ତିତ୍ୱ ଏମିତି- ଆଖିରେ ମର୍ମଭେଦୀ ଓଜ, ତୁଣ୍ଡରେ ମେଘ ଗରଜନ ପରି ନାଦ, ଚାଲିରେ ହଂସ ଗତି । ଏବଂ, ଅଭିବ୍ୟକ୍ତିରେ ପାଣ୍ଡିତ୍ୟ ଓ ସ୍ୱାଭାବିକତାର ସହୃଦୟ ବର୍ଣ୍ଣମାଳା, ଅଛନ୍ଦ୍ମ-ରସିକତା, ଯେପରି ସରସ୍ୱତୀଙ୍କର ସଦା ସ୍ତନ୍ୟପାୟୀ ଗେହ୍ଲାପୁଅ । ସେଥିପାଇଁ ସେ ସମକାଳୀନ ପ୍ରତିଭାମାନଙ୍କ ମଧ୍ୟରେ ସବୁଜ ଓ ସ୍ୱତନ୍ତ୍ର । ତାଙ୍କୁ ପ୍ରଣାମ ।

**–ଗୌରାଙ୍ଗ ଚରଣ ଦାଶ, ସମାଲୋଚକ**

ଯଶସ୍ୱୀକବି ରାଜେନ୍ଦ୍ର କିଶୋର ପଣ୍ଡା ଥିଲେ ଆଧୁନିକ ଓଡ଼ିଆ କବିତାର ଦିଗନିର୍ଦ୍ଦେଶକ। ବୌଦ୍ଧିକ ଚେତନା ସହ ମାନବିକ ଆବେଦନରେ ରାଜେନ୍ଦ୍ରଙ୍କ ସାହିତ୍ୟ ଯେପରି ମୁଖରିତ ହୋଇଥିଲା ତାର ପଟାନ୍ତର ନାହିଁ। କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରୁଛି।

**–ଡ. ବିଜୟାନନ୍ଦ ସିଂହ, ସାହିତ୍ୟିକ**

ସ୍ପର୍ଦ୍ଧା ଓ ଅହଂର ଇସ୍ତାହାର ଯେ କବିତାର କଳେବର ହେଇପାରେ, ଶିଖେଇଛନ୍ତି ଆପଣ। ଶିଖରରେ ପହଞ୍ଚିଗଲେ ଯେ, ସରିଯାଏନି ରାସ୍ତା ବରଂ ତିଆରି ହୁଏ ନୂଆ ବାଟବିତାଣର ସମ୍ଭାବନା- ସେକଥା ମଧ୍ୟ ବତେଇଛନ୍ତି ଆପଣ। ଜଣକର ଅହଂକାର 'ଅହମିକା' ହେଲେ, ଦୁଇଜଣଙ୍କର ଅହଂକାର 'ଆବାମିକା' ହେବ ଭଳି ଅନେକ ନୂଆ ଶବ୍ଦ ପ୍ରୟୋଗ କରି କାବ୍ୟ ଭାଷାର ଅବଧାନ ହେଇଛନ୍ତି ଆପଣ। ବୁଢ଼ି ଅଞ୍ଚଳର ଜୀବନଦରଜକୁ ଡେଇଁ ପ୍ରତିପକ୍ଷରେ ଠିଆ ହେବାର ଟାଣପଣ ସହକବିମାନଙ୍କୁ ଜଣେଇଛନ୍ତି ଆପଣ।

ଆପଣଙ୍କ ସହିତ ଏକାଠି କାମ କରିବାର ସୁଯୋଗ ପାଇଛି। ପତ୍ରିକା ସମ୍ପାଦନା ବେଳେ ତାରୁଣ୍ୟର ସ୍ୱାଭାବିକ ଉଚ୍ଚାଟନରେ କେତେକ ପ୍ରସଙ୍ଗରେ ଯୁକ୍ତି ମଧ୍ୟ କରିଛି। ଯାହାର ଯୁକ୍ତି ଉଚିତ ଓ ପ୍ରାସଙ୍ଗିକ, ତାକୁ ଇ ଶେଷରେ ମାନିନେଇଛନ୍ତି ଆପଣ। ଚିତ୍ର ପ୍ରତି ଆପଣଙ୍କ ଦୁର୍ବଳତା, ମୁକ୍ତ ଚିନ୍ତନ ପ୍ରକାଶ କ୍ଷେତ୍ରରେ ଆପଣଙ୍କ ସାହସିକତା, ଓଡ଼ିଆ କାବ୍ୟ ଭାଷାରେ ନୂତନତ୍ୱ ତଥା ଓଡ଼ିଆ କବିତାର ନୂଆ ଅଭିଧାନ ନିର୍ମାଣ ପାଇଁ ପ୍ରୟାସୀ ହୋଇଛନ୍ତି ଆପଣ। ଏତେ ସହଜ ଓ ସନ୍ତର୍ପଣରେ କବି କି କବିତା କ'ଣ ନେଇପାରେ ବିଦାୟ! ଆପଣ ଅଛନ୍ତି। ଆପଣ ରହିବେ। ଆପଣ ଥାଆନ୍ତୁ।

**–ଜ୍ଞାନୀ ଦେବାଶିଷ ମିଶ୍ର**
**ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ**

## ରାଜେନ୍ଦ୍ରଙ୍କ ସୃଜନ ସମ୍ଭାର

**କବିତା :** ଗୌଣ ଦେବତା, ୧୯୭୫, ଅନାବତାର, ୧୯୭୬, ଘୁଣାକ୍ଷର, ୧୯୭୭, ଶତଦ୍ରୁ ଅନେକ, ୧୯୭୭, ନିଜ ପାଇଁ ନାନାବାୟା, ୧୯୮୦, ଚଉକାଠରେ ଚିରକାଳ, ୧୯୮୧, ଶୈଳକଳ୍ପ, ୧୯୮୨, ଅନ୍ୟା, ୧୯୮୮, ବହୁବ୍ରୀହି, ୧୯୯୧, ବୋଧିନଭ, ୧୯୯୪, ଦ୍ରୋହବାକ୍ୟ, ୨୦୦୩, ଦୁଜା ନାରୀ, ୨୦୦୩, ବୈରାଗୀ ଭ୍ରମର, ସତ୍ୟୋତ୍ତର, ୨୦୦୩, ବହ୍ୱାରମ୍ଭେ, ୨୦୦୩, ସାଦା ପୃଷ୍ଠା ( ଗ୍ରନ୍ଥାବଳୀ) ।

### ଉପନ୍ୟାସ
ଚିଦାଭାସ, ୧୯୯୯

### ଅନୂଦିତ କବିତା
(ଇଂରାଜୀ)
Collected Poems, ୨୦୦୩
Collected Works (ସି.ଡି.)

### ସମ୍ପାଦନା
(ଇଂରାଜୀ)
Indian English Poetry
Indian Poetry in English Translation




## ପୁରସ୍କାର ଓ ସମ୍ମାନ

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ୧୯୮୫ ('ଶୈଳକଳ୍ପ' କବିତା ପୁସ୍ତକ ନିମନ୍ତେ)
ବିଷୁବ ପୁରସ୍କାର, ୨୦୦୪ (ପ୍ରଜାତନ୍ତ୍ର ପ୍ରଚାର ସମିତି,କଟକ)
ସାରଳା ସମ୍ମାନ, ୨୦୨୧ (ସାରଳା ସାହିତ୍ୟ ସଂସଦ,କଟକ)
ଗଙ୍ଗାଧର ଜାତୀୟ ସମ୍ମାନ, (ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର, ବୁର୍ଲା) (୨୦୧୨)
ଶାରଳା ପୁରସ୍କାର (ଗ୍ରହଣ କରିନଥିଲେ) (ଇମ୍ପା ଚାରିଟେବୁଲ ଟ୍ରଷ୍ଟ, ଭୁବନେଶ୍ୱର, ୧୯୯୫)
ଝଙ୍କାର ପୁରସ୍କାର (କବିତା) (ପ୍ରଜାତନ୍ତ୍ର ପ୍ରଚାର ସମିତି, କଟକ) ୧୯୯୪
ସାହିତ୍ୟ ଭାରତୀ ସମ୍ମାନ, (ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେସନ, କଟକ) ୨୦୦୪
ସାହିତ୍ୟ ପାଇଁ ସଚ୍ଚି ରାଉତରାୟ ସମ୍ମାନ, (ଭୁବନେଶ୍ୱର ପୁସ୍ତକ ମେଳା) ୨୦୦୫
କବିତା ପାଇଁ ଜୀବନ ତରଙ୍ଗ ପୁରସ୍କାର, (ଜୀବନ ତରଙ୍ଗ ଜର୍ଣ୍ଣାଲ) ୧୯୯୧
ସାହିତ୍ୟ ପୁରସ୍କାର, ଭାରତୀୟ ଭାଷା ପରିଷଦ, କଲିକତା - ୧୯୮୯
ସାହିତ୍ୟ ପୁରସ୍କାର, ଧରିତ୍ରୀ ସମାଜବାଦୀ ପୁରସ୍କାର - ୧୯୭୭
ପଦ୍ମଚରଣ ପଟ୍ଟନାୟକ କବିତା ପୁରସ୍କାର (ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀ ବିହାର, ଭୁବନେଶ୍ୱର) ୧୯୬୪
ସାହିତ୍ୟ ପାଇଁ ବୟୋଜ୍ୟୋଷ୍ଠ ଫେଲୋସିପ୍ (ସଂସ୍କୃତି ବିଭାଗ, ଭାରତ ସରକାର, ଏପ୍ରିଲ ୧୯୯୪-୯୬)
ଡି.ଲିଟ୍, ୨୦୦୪ (ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତି ବିହାର, ବୁର୍ଲା, ସମ୍ବଲପୁର)
ରାଜ୍ୟପାଳ ପୁରସ୍କାର ସମ୍ମାନ (ଓଡ଼ିଆ ରାଜ୍ୟ ସଂସ୍କୃତି କାଉନସିଲ) ୧୯୯୩

## ପ୍ରିୟ ସହକବି!

—ରାଜେନ୍ଦ୍ର କିଶୋର ପଣ୍ଡା



କଲମ ଲାଗି ବଲମ ଉଠାଇବା କିଆଁ?

ଚୁଂଦାଏ କଣାଏ ଦାନାଏ-
କ'ଣ ବା ଦେଇପାରିଛେ ନୂଆ?
ସଦ୍ୟ ଛିଡିପଡ଼ିଥିବା ଫୁଲକୁ ଝଜି ଦେଇପାରିଛେ
ଡେଂଫ ସହିତ? ଲୁହକୁ ଫେରାଇ ପାରିଛେ ଆଖିକୁ?
କିଛି ଗୋଟେ ମୁଠେଇ ଧରି ଟେକି
'ଯାଃ' ବୋଲି ଉଡ଼େଇ ଦେଇ ହୋଇଚି ସୃଷ୍ଟି ବାହାରକୁ?
କବିତାର ପ୍ରୟାସ କ'ଣ ଛୁଇଁପାରିଚି ତାର ସଂଭାବନାକୁ?

ବେଳେ ବେଳେ କଣ ଲାଗେନା-
ଜୀବନ ଏକ ପୃଷ୍ଠାବହୁଳ ପରାଜୟ
ଯାହାର ପ୍ରତି ଅଧ୍ୟାୟ ପ୍ରତି ପରିଚ୍ଛେଦ ପ୍ରତି ବାକ୍ୟରେ
ଦୃଷ୍ଟି ଭ୍ରମରେ ଦିଶେ କେବଳ ଗୋଟିଏ ଶବ୍ଦ: 'ବିଜୟ?'

ନା, ଏଠି ହାରଜିତ ନାଇଁ, ସାମ୍ରାଜ୍ୟ ନାଇଁ, ସିଂହାସନ ନାଇଁ
ଶିଖର ବୋଲି କିଛି ନାଇଁ
କହୁଣେଇ ଉହୁଂକ ନାଇଁ, ଆସ,
ହାତ ମିଳାଅ, ବୁକୁ ମିଳାଅ ।

ଧାନଶିଷାରେ ଆହୁରି କ୍ଷୀର, ତୁତ୍‌ପୋକଠି ଆହୁରି ରେଶମ
ଅରଣି ଭିତରେ ଆହୁରି ନିଆଁ
ଆଖୁ ଭିତରେ ମହୁ ଭିତରେ ଆହୁରି ମିଠା
ଶଳପ ଗଛରେ ଅଧିକା ରସ
ଆକାଶ ଭିତରେ ଆହୁରି ନୀଳିମା, ଆହୁରି ଚଂଦ୍ରିକା

ମଣିଷ ଭିତରେ ଆହୁରି ଆହୁରି ମାନବିକତା
ଭରିଦେ ଭରିଦେ ବୋଲି
ଆଜ୍ଞା ଦେଇପାରିବାନି ସିନା, ପ୍ରାର୍ଥନା କରିବା, ଆସ ।

କଲମ ନଇଁଗଲେ ବଲମ ଉଠାଇବା କିଆଁ?
ସ୍ୱେଚ୍ଛାରେ ଜଳେ ଆଉ ନିଭିଯାଏ ଭିତରର ନିଆଁ ।
କବିତା ଯୁଦ୍ଧ ନୁହେଁ ପ୍ରେମ,
ଖେଳ ଆମ ଆରୋହଣ ନୁହେଁ ରିଲେ-
ଦୌଡ଼ି ଦୌଡ଼ି ନିର୍ଦ୍ଦିଷ୍ଟ ଗୋଟିଏ ବିଂଦୁରେ
ଅପେକ୍ଷମାଣ ତରୁଣ ଖେଳୁଆଡ଼କୁ
କଲମଟି ବଢ଼ାଇ ଦେଲେ ଆମର ଛୁଟି ।

## ପତ୍ରିକା ପରିଚୟ




### ମୋ ଆଶା
**ସଂପାଦକ: ସୁମନ୍ତ ମହାରଣା**
**ପାଟପୁର, ନିମାପଡ଼ା, ପୁରୀ-୭୫୨୧୦୬**
**ମୂଲ୍ୟ: ୨୦ ଟଙ୍କା**

ତ୍ରୟମାସିକ ଶିଶୁକିଶୋର ପତ୍ରିକା 'ମୋ ଆଶା' ଅକ୍ଟୋବର-ଡିସେମ୍ବର ୨୦୨୫ ସଂଖ୍ୟା ବେଶ୍ ଆକର୍ଷଣୀୟ ହୋଇଛି । ସୁମନ୍ତ ମହାରଣାଙ୍କ ସଂପାଦିତ 'ମୋ ଆଶା'ର ଏହି ସଂଖ୍ୟାରେ ଶିଶୁକିଶୋରଙ୍କ ମନଲାଖି କବିତା,ଗପ, ପୌରାଣିକ କାହାଣୀ, ରମଣୀୟ ପର୍ଯ୍ୟଟନ ପୀଠ ଆଦି ବିଭିନ୍ନ ଲେଖା ପ୍ରକାଶ ପାଇଛି । ଶରତ କୁମାର ନାୟକଙ୍କ 'ମାଆ ରାମଚଣ୍ଡୀ'ରେ କୋଣାର୍କ ନିକଟସ୍ଥ ମାଆ ରାମଚଣ୍ଡୀ ପୀଠର ମାହାତ୍ମ୍ୟ, କିମ୍ବଦନ୍ତୀ, ପୂଜାପାର୍ବଣ ଆଦି ସଂପର୍କରେ ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି । ସେହିପରି ଦେବେନ୍ଦ୍ର କରଙ୍କ 'ଅଧର୍ମର ପରାଜୟ', ଅର୍ଜୁନ ଦାସଙ୍କ 'ପାପ ବିନାଶର କାରଣ', ଡ. ଯୁଗଳ କିଶୋର ଷଡ଼ଙ୍ଗୀଙ୍କ 'ସଳିତାଟି ହୋଇ ଅନ୍ଧାର ନାଶ', କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ 'ପୃଥିବୀର ଦୁଃଖ', ଡ. ତ୍ରିନାଥ ପଟ୍ଟନାୟକଙ୍କ 'ଗୁରୁଙ୍କ ସନ୍ଦେଶ' ଆଦି ଗପଗୁଡ଼ିକ ମନଛୁଆଁ ଓ ଶିକ୍ଷଣୀୟ ହୋଇଛି । ସେହିଭଳି କମଳିନୀ ମଲ୍ଲିକଙ୍କ 'ଆସୁଛନ୍ତି ପରା ମାଆ', ବ୍ରଜ ବିହାରୀ ସୁବୁଦ୍ଧିଙ୍କ 'ମାଆଙ୍କର ଆଗମନ', ନିରାକାର ଚଇନିଙ୍କ 'ସୁଖରେ କରିବା ବାସ' କବିତାଗୁଡ଼ିକ ହୃଦୟସ୍ପର୍ଶୀ ଓ ଭାବଗର୍ଭକ ହୋଇଛି । ସଂପାଦକୀୟଠାରୁ ଆରମ୍ଭ କରି ଆମ ପ୍ରତିଭା, କୁନି ମଡେଲ୍, ଆମ ହାତ ଅଙ୍କା ଛବି ଆଦି ଲେଖା ଓ ଚିତ୍ର ବେଶ୍ ସୁନ୍ଦର ଓ ମନଲୋଭା ହୋଇଛି । 'ମୋ ଆଶା'ର ଏହି ସଂଖ୍ୟାର ଲେଖାଗୁଡ଼ିକ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।

## ଧରମ ମାସ


ପୁଷ୍ପଲତା ସାହୁ

କାର୍ତ୍ତିକ ମାସରେ ମଙ୍ଗଳ ଆଳତି
ପୂଜାରୀ କରନ୍ତି ମନ୍ଦିରେ
ପାହାନ୍ତା ପହରୁ ନିଦ ଭାଙ୍ଗି ଯାଏ, ହୁଳହୁଳି ଶବଦରେ
ଧରମ ମାସ ଏ ଧରମ କରିବି, ଧାଇଁ ଯାଏ ମନ୍ଦିରକୁ
ତୁଳସୀ ଚଉରା ଧୋଇ ଦେଇ କରି
ଲେଖି ଦିଏ ମୁରୁଜକୁ
ଜଗତର ନାଥ ଜଗନ୍ନାଥ ଆଉ, ମାଆ ସୁଭଦ୍ରାର ରୂପ
ଆଙ୍କି ଦିଏ ପୁଣି ପ୍ରଭୁ ବଳଭଦ୍ର
ଜାଳି ଦେଇ ଘିଅ ଦୀପ
ପଞ୍ଚୁକ ଦିନରେ ହବିଶ୍ୟ କରେ ମୁଁ
ତୁଳସୀ ଚଉରା ମୂଳେ
ଆକାଶଦୀପ ମୁଁ ଜାଳି ଦେଇ କରି
କାର୍ତ୍ତିକ ମାହାତ୍ମ୍ୟ ପଢ଼େ



ଧରମର ଡଙ୍ଗା ତିଆରି କରେ
କଦଳୀ ପାଟୁଙ୍ଗା ଆଣି
ଅରୁଆ ଚାଉଳ, ସାରୁ ମୁଗ ଡାଲି
(ଆ, କା, ମା,ବୈ) ହବିଷ୍ୟ କରିବେ ବୋଲି
ଧରମ ଡଙ୍ଗା ହେ ଧରମ ଡଙ୍ଗା
ଗୁଆ ପାନ ତୋର, ମାସକ ଧରମ ମୋର । ■

କଟକ
ମୋ- ୮୭୫୮୩୨୧୯୭୧

## ମହା କାର୍ତ୍ତିକ


ରାମଚନ୍ଦ୍ର ବେହେରା

ଧରମ ମାସ ମହା କାର୍ତ୍ତିକ
ଆସିଛି ଧରା କୋଳେ
ଆଇ ପାଳଇ ହବିଷ ବ୍ରତ
ବସି ତୁଳସୀ ମୂଳେ ।
ସକାଳୁ ସ୍ନାନ କରି ସଭିଏଁ
ଶିବାଳୟକୁ ଯାଇ
ଭୋଳାନାଥଙ୍କୁ ପୂଜନ୍ତି ଧ୍ୟାନେ
ଶୁଭ ଆଶିଷ ପାଇଁ ।
ଶିରୀମନ୍ଦିର ହୁଏ ଗହଳି
ଏଇ କାର୍ତ୍ତିକ ମାସେ
ପଞ୍ଚୁକ କାଳେ ଚଉଁରା ପାଶେ
ଆକାଶ ଦୀପ ହସେ ।
ଆମିଷ କେହି ଖାଆନ୍ତି ନାହିଁ
କରନ୍ତି ଦାନ ପୂଣ୍ୟ
ରାଧାକୃଷ୍ଣଙ୍କ ରାହାସ ହୁଏ
ପଞ୍ଚୁକ ପାଞ୍ଚ ଦିନ ।

ଚଉଁରା ମୂଳେ ପଞ୍ଚ ମୁରୁଜ
ମନକୁ ନିଏ କିଣି
ସକାଳୁ ଜନେ ଦାଣ୍ଡ ଓଳାନ୍ତି
ଶୁଭଇ ଘଣ୍ଟ ଧ୍ୱନି ।
ଧରମ ମାସେ ଧରମ କାମ
କରିବା ଆସ ମିତ
ଆବର୍ଜନାକୁ ଭୂଇଁରେ ପୋତି
କରିବା ଜନ ହିତ । ■

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୭୩୪୩୪୬



## ସୁମନ



## ଦେବାରେ ଆନନ୍ଦ




ଡକ୍ଟର ରବିନାରାୟଣ ସାହୁ

ଥରେ ଜଣେ ଶିଷ୍ୟ ତାଙ୍କ ଗୁରୁଙ୍କ ସହିତ ଚାଲି ଚାଲି ରାସ୍ତାରେ ଯାଉଥାନ୍ତି। ବାଟରେ ଯାଉ ଯାଉ ଚାଷ ଜମିଟିଏ ପଡ଼ିଲା। ସବୁଜ କ୍ଷେତ ଦେଖୁ ଦେଖୁ ଶିଷ୍ୟ ଜଣଙ୍କ ଖୁସିରେ ଆତ୍ମହରା ହୋଇଗଲେ । ଗୁରୁଙ୍କ ସହିତ କଥା ହୋଇ ଯିବାବେଳେ ଶିଷ୍ୟଙ୍କ ନଜର ପଡ଼ିଗଲା ହିଡ଼ ମୁଣ୍ଡରେ ଥିବା ଏକ ପୁରୁଣା ଅଧା ଛିଣ୍ଡା ଜୋତା ଉପରେ। ଜୋତାଟି କ୍ଷେତରେ କାମ କରୁଥିବା ଜଣେ ଚାଷୀଙ୍କର ଥିଲା । ତହୁଁ ଶିଷ୍ୟ ଜଣଙ୍କ ଗୁରୁଙ୍କୁ ପୁରୁଣା ଛିଣ୍ଡା ଜୋତାଟି ଲୁଚେଇ ଦେଇ ହିଡ଼ କଡ଼ରେ ବସି ଚାଷୀର ମଜା ଦେଖିବାକୁ କହିଲେ। ଗୁରୁ କିନ୍ତୁ ମନାକଲେ। କହିଲେ, "ଗରିବ ଚାଷୀଟିର ଜୋତାଟି ଲୁଚେଇ ନେଇ ମଜା ଦେଖିବା ଆଦୌ ଶୋଭନୀୟ ନୁହେଁ। ବରଂ ଦୁଇ ଜୋତା ଭିତରେ କିଛି ଟଙ୍କା କପଡ଼ାରେ ବାନ୍ଧି ରଖିଦେବା, ଦେଖିବା ହଠାତ୍ ଜୋତା ଭିତରେ ଏତେ ଗୁଡ଼ିଏ ଟଙ୍କା ଦେଖି ଚାଷୀର ପ୍ରତିକ୍ରିୟା କ'ଣ ହେଉଛି! ଏଇଆ ଚିନ୍ତା କରି କିଛି ଟଙ୍କା କପଡ଼ାରେ ଗୁଡ଼ାଇ ଜୋତା ଭିତରେ ରଖିଦେଲେ ଓ ହିଡ କଡ଼ରେ ଚାଷୀ ଜଣକ ଆସିବା ପର୍ଯ୍ୟନ୍ତ ଦୁହେଁ ଅପେକ୍ଷା କଲେ। କିଛି ସମୟ ପରେ ଚାଷୀ ଜଣକ ଆସି ଜୋତା ଭିତରେ ବାମ ପାଦ ରଖୁ ରଖୁ ଜୋତାରେ କ'ଣ ଗୋଟାଏ ଥିବା ଜାଣି ପାରି ହାତରେ କାଢ଼ି ଟଙ୍କା ତକ ଥିବା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ଦ୍ୱିତୀୟ ଜୋତା ଭିତରେ ବି ଟଙ୍କା ତକ ପାଇ ତାଙ୍କର ଆଶ୍ଚର୍ଯ୍ୟର ସୀମା ଆହୁରି ବଢିଗଲା। ହିଡ଼ରେ ବସି ଭଗବାନଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇ ଚାଷୀ ଜଣକ କହିଲେ,"ହେ ପ୍ରଭୁ ଘରେ ମୋ ରୋଗିଣା ସ୍ତ୍ରୀକୁ ଡାକ୍ତରଖାନା ନେବାକୁ ପାଖରେ ପଇସା ନ ଥିଲା। ତମେ ଯୋଉ ଟଙ୍କା ଆଜି ମୋ ଜୋତା ଭିତରେ ରଖିଦେଲ ସେଥିପାଇଁ ବହୁତ ବହୁତ ଧନ୍ୟବାଦ। ତମେ ମୋ ସ୍ତ୍ରୀକୁ ବଞ୍ଚେଇ ଦେଲ ପ୍ରଭୁ। ମୋ ଉଜୁଡ଼ା ପରିବାରକୁ ସଜାଡ଼ି ଦେଲ।" ଏତିକି କହି ଖୁସିରେ ହିଡ଼ ଉପରେ ବସି ସେ ଭଗବାନଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆଟିଏ ମାରିଲେ ଓ ଟଙ୍କାତକ ଧରି ସ୍ତ୍ରୀକୁ ଡାକ୍ତରଖାନା ନେବାକୁ ବାହାରି ପଡ଼ିଲେ। ସିଏ ଯିବା ପରେ ହିଡ଼ କଡ଼ରେ ବସିଥିବା ଗୁର ଶିଷ୍ୟ ଉଠି ଉପରକୁ ଆସିଲେ। ଗୁରୁ କହିଲେ, "ଦେଖିଲୁ ତ, ଟଙ୍କା କେତୋଟି ରଖି ଦେବାରୁ ଚାଷୀ ଜଣକ କେତେ ଖୁସି ହୋଇ ନେଇଗଲା । ଆଉ ଟଙ୍କାତକ ତା' ଉଜୁଡ଼ା ସଂସାରକୁ କେମିତି ସଜାଡ଼ି ଦେଲା। ଜୋତାଟିକୁ ନେଇଆସି ଲୁଚେଇ ଦେଇଥିଲେ କ'ଣ ହେଇଥାନ୍ତା? ଆମେ ତା' ମନରେ ଦୁଃଖ ଦେଇଥାନ୍ତେ। କାରଣ ଆମକୁ ଛିଣ୍ଡା ବୋଲି ଲାଗିଲେ ବି ତା' ପାଇଁ କିନ୍ତୁ ସେଇ ଜୋତା ହଳକ ଥିଲା ମୂଲ୍ୟବାନ। ଜୋତା ନେଇ ଆସିଥିଲେ ସେ ମନଦୁଃଖ କରିଥାନ୍ତା । ଆମେ ଟଙ୍କା ଦେବାରୁ ସିଏ ଯେଉଁ ଖୁସି ଟିକକ ପାଇଲା ସେଇଥିରେ ଆମ ମନ ବି ଖୁସି ହୋଇଗଲା। ତେଣୁ ନେବାରେ ନୁହେଁ ଦେବାରେ ଆନନ୍ଦ ଥାଏ। ଯିଏ ଦେଇଚାଲେ ସିଏ ଖୁସି ଓ ଆନନ୍ଦ ଗୋଟେଇ ଚାଲେ। ତେଣୁ ପିଲାଏ କାହାଠାରୁ କିଛି ନେବା ବା ପାଇବା କଥା ଭୁଲି ଦେବାକୁ ଚେଷ୍ଟା କର, ଦେଖିବ ସେଥିରୁ ପ୍ରକୃତ ଆନନ୍ଦ ପାଇବ। ■

ସ୍ମୃତି ନଗର, ବରଗଡ଼
ମୋ- ୯୮୬୧୦୮ ୯୩୪୮


## ତୁମ ତୁଳୀରେ



**ସ୍ୱର୍ଣ୍ଣ ସ୍ନିଗ୍ଧା ମହାନ୍ତି**
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ନିମାପଡ଼ା


**ନବ୍ୟା ନବେଲି ମହାନ୍ତି**
ଦଶମ ଶ୍ରେଣୀ
ସଲ୍ଟ ଲେକ୍ ଶିକ୍ଷା ନିକେତନ
କୋଲକାତା


**ଇଭାଂଶୀ ମିଶ୍ର**
ଦ୍ୱିତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର



**ଲକ୍ଷ୍ମୀପ୍ରିୟା ଦାସ**
ତୃତୀୟ ଶ୍ରେଣୀ
କେନ୍ଦ୍ରୀୟ ବିଦ୍ୟାଳୟ ୬
ଭୁବନେଶ୍ୱର

## ଆଜି ଶେଷ ଦିନିକିଆ : ବିରାଟ କୋହଲିଙ୍କ ଉପରେ ନଜର

# କ୍ଲିନ୍ ସୁଇପ୍ ଏଡ଼ାଇବା ଲକ୍ଷ୍ୟରେ ଭାରତ

ସିଡନୀ,୨୪।୧୦(ଏଜେନ୍ସି)




ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ତୃତୀୟ ତଥା ଶେଷ ମ୍ୟାଚ୍ ସିଡନୀ କ୍ରିକେଟ ଗ୍ରାଉଣ୍ଡରେ ଆସନ୍ତାକାଲି ଖେଳାଯିବ। ଏହା ପୂର୍ବରୁ ପର୍ଥରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌କୁ ୭ ୱିକେଟରେ ଓ ଆଡିଲେଡ୍‌ରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆକୁ ୨ ୱିକେଟରେ ଜିତି ଅଷ୍ଟ୍ରେଲିଆ ଆଗୁଆ ସିରିଜ୍ କବ୍‌ଜା କରିନେଇଛି। ଏଭଳି ସ୍ଥିତିରେ ଆସନ୍ତାକାଲି ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଉଭୟ ଦଳ ଭଲ ଖେଳିବେ ବୋଲି ଆଶା କରାଯାଉଛି। ଏହି ମ୍ୟାଚ୍ ଜିତିଲେ ଭାରତ କ୍ଲିନ୍ ସୁଇପ୍‌କୁ ଏଡ଼ାଇଯିବ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଜିତିଲେ ଭାରତ ବିପକ୍ଷରେ ଐତିହାସିକ କ୍ଲିନ୍ ସୁଇପ୍ କରିବ। ୨୦୨୧-୨୨ରୁ ଭାରତ ଏଯାଏ କ୍ରମାଗତ ୩ଟି ମ୍ୟାଚ୍‌ରେ ପରାଜିତ ହୋଇନାହିଁ। ଏଠାରେ ଅଷ୍ଟ୍ରେଲିଆ ଜିତିଲେ ୩ବର୍ଷ ପରେ ଭାରତ କ୍ରମାଗତ ୩ଟି ଦିନିକିଆ ମ୍ୟାଚ୍‌ରେ ହାରିବାର ରେକର୍ଡ କରିବ।

ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌ରେ ଭାରତ ଯେଉଁ ଯୋଜନା କରିଥିଲା ସେଥିରେ ସଫଳ ହୋଇପାରି ନାହିଁ। ଦଳରେ ଦୁଇ କିଂବଦନ୍ତୀ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଥାଇ ମଧ୍ୟ ପ୍ରଦର୍ଶନରେ ସେପରି କିଛି ଉନ୍ନତି ହୋଇନାହିଁ। ଶୁବମନ ଗିଲ ନୂଆ ଅଧିନାୟକ ହୋଇଥିଲେ ମଧ୍ୟ ଟେଷ୍ଟ ଭଳି ସେ ଧମାକାଦାର ଆରମ୍ଭ କରିନାହାନ୍ତି। ପ୍ରଥମ ଦୁଇଟି ଦିନିକିଆରେ ସେ ଯଥାକ୍ରମେ ୧୦ ଓ ୯ ରନ୍ କରିଛନ୍ତି ଓ ଉଭୟ ମ୍ୟାଚ୍‌ରେ ଭାରତ ପରାଜିତ ହୋଇଛି। ଦ୍ୱିତୀୟ ଦିନିକିଆରେ ଗୋଟିଏ ପଟେ ରୋହିତ ଶର୍ମା ତିଷ୍ଠିରହିଥିଲେ ମଧ୍ୟ ଗିଲ ଆଗକୁ ଯାଇ ପାରି ନ ଥିଲେ। ଦଳର ଦୁଇ ବରିଷ୍ଠ ଖେଳାଳିଙ୍କ ମଧ୍ୟରୁ ବିରାଟ କୋହଲି ତାଙ୍କ ଦିନିକିଆ କ୍ୟାରିୟରରେ ପ୍ରଥମଥର କ୍ରମାଗତ ମ୍ୟାଚ୍‌ରେ ଖାତା ଖୋଲିନାହାନ୍ତି। ଅନ୍ୟତମ ବରିଷ୍ଠ ଖେଳାଳି ରୋହିତ ଶର୍ମା ଦ୍ୱିତୀୟ ମ୍ୟାଚ୍‌ରେ ୭୩ ରନ୍ କରି ଟପ୍ ସ୍କୋରର ହୋଇଛନ୍ତି। ଉଭୟଙ୍କ ଲାଗି ଅଷ୍ଟ୍ରେଲିଆ ମାଟିରେ ଅନ୍ତର୍ଜାତୀୟ କ୍ରିକେଟ ଖେଳିବା ଆସନ୍ତାକାଲିର ମ୍ୟାଚ୍ ଶେଷ ସୁଯୋଗ। ଏଣୁ ଉଭୟ କିଛି ଭଲ ପ୍ରଦର୍ଶନ କରି ଅଷ୍ଟ୍ରେଲିଆ ଟୁର୍ ଶେଷ କରିବେ ବୋଲି ଆଶା କରାଯାଉଛି। ଭାରତର ବୋଲିଂ ମଧ୍ୟ ପ୍ରଥମ ଦୁଇଟି ମ୍ୟାଚ୍‌ରେ କ୍ଲିକ୍ କରିନାହିଁ। ବାମହାତୀ ସ୍ପିନର କୁଲଦୀପ ଯାଦବଙ୍କୁ ଓତବାଶିଂଟନ ସୁନ୍ଦରଙ୍କ ସ୍ଥାନରେ ସିଡ୍‌ନୀ ଗ୍ରାଉଣ୍ଡରେ ସୁଯୋଗ ମିଳିବ ବୋଲି ଆଶା କରାଯାଉଛି। ଏପରି କି ହର୍ଷିତ ରାଣାଙ୍କ ସ୍ଥାନରେ ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ ଖେଳିବାର ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ। ଗିଲଙ୍କ ନେତୃତ୍ୱର ଆରମ୍ଭ ମନ୍ଥର ଗତିରୁ ଆରମ୍ଭ ହୋଇଛି। ଏଭଳି ସ୍ଥିତିରେ ସେ କିପରି ସଫଳତାର ସ୍ୱର୍ଶ ପାଇବେ ତାହା ଉପରେ ନିଶ୍ଚିତ ଗୁରୁତ୍ୱ ଦେବେ।

### ନୂଆ ଖେଳାଳିଙ୍କୁ ସଫଳତା

ନିୟମିତ ଅଧିନାୟକ ପ୍ୟାଟ୍ କମିନ୍ସଙ୍କ ଅନୁପସ୍ଥିତି, କିଂବଦନ୍ତି ଖେଳାଳି ଷ୍ଟିଭେନ ସ୍ମିଥ୍ ଓ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ଅବସର ପରେ ଅଷ୍ଟ୍ରେଲିଆ ଦଳରେ ନୂଆ ଖେଳାଳି ସେମାନଙ୍କ ସ୍ଥାନ ପୂରଣ କରିବାରେ ସମର୍ଥ ହୋଇଛନ୍ତି। ଦୁଇ ବରିଷ୍ଠ ଖେଳାଳି ତଥା ଅଧିନାୟକ ମିଚେଲ ମାର୍ଶ ଓ ଟ୍ରାଭିସ୍ ହେଡ୍‌ଙ୍କ ବଡ଼ ସ୍କୋର ବିନା ଦଳରେ ସ୍ଥାନ ପାଇଥିବା ନୂଆ ଖେଳାଳିମାନେ ଭଲ ଖେଳିଛନ୍ତି। ଦୀର୍ଘ ୯ ବର୍ଷ ଅପେକ୍ଷା ପରେ ଦିନିକିଆ ଖେଳିଥିବା ମ୍ୟାଟ୍ ରେନ୍‌ସା, ମାଥ୍ୟୁ ସର୍ଟ, କୁପର କୋନୋଲୀ ଓ ମିଚେଲ ଓଏନ୍ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଖୁବ୍ ଭଲ ଖେଳିଛନ୍ତି। ଦୁଇ ବରିଷ୍ଠ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ ଓ ଜୋଶ୍ ହାଜ୍‌ଲେଉଡ୍‌ଙ୍କ ସହ ନବାଗତ ଜାଭିୟର ବାର୍ଟଲେଟ ଓ ନାଥାନ ଏଲିସ୍ ତାଙ୍କ ଉପସ୍ଥିତି ଜାହିର କରିପାରିଛନ୍ତି। କହିବାକୁ ଗଲେ ଆସନ୍ତା ଦଶକରେ ଅଷ୍ଟ୍ରେଲିଆକୁ ପ୍ରତିନିଧିତ୍ୱ କରୁଥିବା ଖେଳାଳିଙ୍କୁ ଚୟନକର୍ତ୍ତା ବାଛିନେଇଛନ୍ତି। ନୂଆ ଖେଳାଳିଙ୍କୁ ନେଇ ଭାରତ ଭଳି ଶକ୍ତିଶାଳୀ ଦଳକୁ ପରାସ୍ତ କରିବା ନିଶ୍ଚିତଭାବେ ଏକ ବଡ଼ କଥା। ଏମାନଙ୍କୁ ଅଷ୍ଟ୍ରେଲିଆର ଭବିଷ୍ୟତ ବୋଲି କୁହାଯାଉଛି। ଏହି ସିରିଜ୍ ପରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଓ ଆସେସ ସିରିଜ୍ ଖେଳାଯିବାକୁ ଥିବାରୁ ଦଳର ଦୁଇ ବରିଷ୍ଠ ଫାଷ୍ଟ ବୋଲର ହାଜ୍‌ଲେଉଡ୍ ଓ ଷ୍ଟାର୍କଙ୍କୁ କିମ୍ବା ଏମାନଙ୍କ ମଧ୍ୟରୁ ଜଣଙ୍କୁ ଏହି ମ୍ୟାଚ୍‌ରେ ବିଶ୍ରାମ ଦିଆଯାଇପାରେ। ମାର୍ନସ ଲାବୁସେନଙ୍କୁ ଶେଫିଲ୍ଡ ସିଲ୍ଡ ଖେଳିବା ଲାଗି ଛାଡିଦିଆଯାଇଛି। ଦଳରେ ଫାଷ୍ଟ ବୋଲିଂ ଅଲରାଉଣ୍ଡର ଜେକ୍ ଏଡ୍‌ୱାର୍ଡସ ଓ ବାମହାତୀ ସ୍ପିନର ମାଥ୍ୟୁ କୁନେମାନଙ୍କୁ ସାମିଲ କରାଯାଇଛି। ଦଳରେ ୩ ଜଣ ୱିକେଟରକ୍ଷକ ଅଛନ୍ତି। ତେବେ ଫିଟ୍ ହୋଇ ନ ଥିବା ଜୋଶ ଇଂଲିଶ ଓ ପ୍ରଥମ ମ୍ୟାଚ୍ ଖେଳିଥିବା ଜୋଶ ଫିଲିପ୍‌ଙ୍କୁ ପଛରେ ପକାଇ ଆଲେକ୍ସ କ୍ୟାରୀ ୱିକେଟକିପିଂ କରିବେ। ଦଳରେ ଅଲରାଉଣ୍ଡରଙ୍କ ସଂଖ୍ୟା ଅଧିକ ଥିବାରୁ ଖେଳାଳି ଚୟନରେ ଅସୁବିଧା ସୃଷ୍ଟି ହୋଇଛି।

### ଅଷ୍ଟ୍ରେଲିଆ ସପକ୍ଷରେ ସିଡ୍‌ନୀ


ସିଡ୍‌ନୀରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୧୯ଟି ମ୍ୟାଚ୍ ଆୟୋଜିତ ହୋଇଛି। ଏହା ମଧ୍ୟରୁ ଗୋଟିଏ ମ୍ୟାଚ ବାତିଲ ହୋଇଥିଲାବେଳେ ଅଷ୍ଟ୍ରେଲିଆ ୧୬ଟିରେ ଓ ଭାରତ ମାତ୍ର ୨ଟିରେ ବିଜୟୀ ହୋଇଛି। ଏଣୁ ସିଡନୀ ପିଚ୍ ଅଷ୍ଟ୍ରେଲିଆ ସପକ୍ଷରେ ଯାଇଛି। ଭାରତ ଏଠାରେ ୨୦୦୮ ଓ ୨୦୧୬ରେ ଦୁଇଟି ମ୍ୟାଚ୍ ବିଜୟୀ ହୋଇଛି।

ଅନ୍ୟପକ୍ଷରେ ୨୦୨୧-୨୨ ସିରିଜ୍‌ରେ ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ନିକଟରୁ କ୍ରମାଗତ ୪ଟି ଦିନିକିଆ ମ୍ୟାଚ୍ ହାରିବା ପରେ ଏଯାଏ କ୍ରମାଗତ ୩ଟି ମ୍ୟାଚ୍‌ରେ ହାରିନାହିଁ। ଅଷ୍ଟ୍ରେଲିଆଠାରୁ ମଧ୍ୟ ଦଳ ସିରିଜ୍‌ର ସମସ୍ତ ମ୍ୟାଚ୍‌ରେ କେବେ ହାରିନାହିଁ।

୨୦୨୩ ବିଶ୍ୱକପ୍ ଫାଇନାଲ ପରଠାରୁ ଭାରତ କ୍ରମାଗତ ୧୭ଟି ଦିନିକିଆ ମ୍ୟାଚ୍‌ରେ ଟସ୍ ହାରିଛି। ସିଡ୍‌ନୀରେ ଏହି ରେକର୍ଡ ଭାଙ୍ଗିବ ବୋଲି ଆଶା ରହିଛି।

ଏହି ସିରିଜ୍‌ରେ ବିରାଟ କୋହଲି ଆଉ ୫୪ ରନ୍ କରିପାରିଲେ ଦିନିକିଆ କ୍ରିକେଟରେ ଶ୍ରୀଲଙ୍କାର କୁମାର ସାଙ୍ଗକାରାଙ୍କୁ ପଛରେ ପକାଇ ସଚିନ ତେନ୍ଦୁଲକରଙ୍କ ପଛକୁ ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ ବିବେଚିତ ହେବେ।

## ଟି-୨୦ ଦଳକୁ ଫେରିଲେ ମ୍ୟାକ୍ସୱେଲ



**ସିଡନୀ,୨୪।୧୦(ଏଜେନ୍ସି):** ଆସନ୍ତା ୨୯ରୁ ଭାରତ ସହ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଲାଗି ମିଚେଲ ମାର୍ଶଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏହି ଦଳକୁ ଆହତ ପରେ ଫିଟ୍ ହୋଇଥିବା ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲଙ୍କୁ ସାମିଲ କରାଯାଇଛି। ସେହିପରି ଯୁବ ଫାଷ୍ଟ ବୋଲର ମାହଲି ବିୟର୍ଡମ୍ୟାନଙ୍କୁ ମଧ୍ୟ ପ୍ରଥମଥର ଜାତୀୟ ଦଳକୁ ଡକରା ମିଳିଛି। ବେନ୍ ଡ୍ୱାରଶୁଇସ୍‌ଙ୍କୁ ଶେଷ ୨ଟି ମ୍ୟାଚ୍ ଲାଗି ସାମିଲ ହୋଇଛନ୍ତି। ଆସେସ ସିରିଜ୍ ଲାଗି ବିଶ୍ରାମ ନେବାକୁ ଜୋଶ ହାଜ୍‌ଲେଉଡ୍ ଓ ସିନ ଆବଟଙ୍କୁ ସିରିଜ୍ ଅଧାରୁ ବାଦ୍ ଦିଆଯାଇଛି। ହାଜ୍‌ଲେଉଡ୍ ପ୍ରଥମ ୨ଟି ଓ ଆବଟ ପ୍ରଥମ ୩ଟି ମ୍ୟାଚ୍ ଲାଗି ମନୋନୀତ ହୋଇଛନ୍ତି। ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ କାନବେରାରେ ଅକ୍ଟୋବର ୨୯, ଦ୍ୱିତୀୟ ମ୍ୟାଚ୍ ମେଲବୋର୍ଣ୍ଣରେ ୩୧, ତୃତୀୟ ମ୍ୟାଚ୍ ହୋବାର୍ଟରେ ନଭେମ୍ବର ୨, ଗୋଲ୍ଡ କୋଷ୍ଟରେ ଚତୁର୍ଥ ମ୍ୟାଚ୍ ନଭେମ୍ବର ୬ ଓ ବ୍ରିସ୍‌ବେନ୍‌ରେ ପଞ୍ଚମ ତଥା ଶେଷ ମ୍ୟାଚ୍ ନଭେମ୍ବର ୮ ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

**ଅଷ୍ଟ୍ରେଲିଆ ଦଳ :** ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ ହେଡ୍, ଜାଭିୟର ବାର୍ଟଲେଟ୍, ନାଥାନ ଏଲିସ୍, ଟିମ୍ ଡେଭିଡ୍, ଜୋଶ ଇଂଲିଶ ଓ ଜୋଶ ଫିଲିପ୍ (ଉଭୟେ ୱିକେଟରକ୍ଷକ), ମିଚେଲ ଓଏନ, ମାଥ୍ୟୁ ସର୍ଟ, ମାର୍କସ ଷ୍ଟୋଇନିସ୍, ଆଦାମ ଜାମ୍ପା। ଜୋଶ ହାଜ୍‌ଲେଉଡ୍ ପ୍ରଥମ ୨ଟି ଓ ସିନ୍ ଆବଟ- ପ୍ରଥମ ୩ଟି ମ୍ୟାଚ୍ ଲାଗି। ଗ୍ଲେନ୍ ମ୍ୟାକ୍ସୱେଲ୍ ଓ ମାହଲି ବିୟର୍ଡମ୍ୟାନ୍ - ଶେଷ ୩ଟି ମ୍ୟାଚ୍। ବେନ୍ ଡ୍ୱାରଶୁଇସ - ଶେଷ ୨ଟି ମ୍ୟାଚ୍।

## ମହିଳା ବିଶ୍ୱକପ୍ କ୍ରିକେଟ | ବର୍ଷାରେ ଶ୍ରୀଲଙ୍କା, ପାକ୍‌ର ଅଭିଯାନ ଶେଷ

**କଲମ୍ବୋ,୨୪।୧୦(ଏଜେନ୍ସି):** କ୍ରମାଗତ ବର୍ଷା ଏବଂ ଓଦା ପଡ଼ିଆ ଯୋଗୁଁ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଏଠାରେ ଶୁକ୍ରବାର ଖେଳାଯିବାକୁ ଥିବା ମହିଳା ବିଶ୍ୱକପ୍ କ୍ରିକେଟର ଲିଗ୍ ମ୍ୟାଚ୍‌କୁ ବାତିଲ କରିବାକୁ ପଡ଼ିଛି। ଏହା ଫଳରେ ଉଭୟ ଦଳ ସେମାନଙ୍କ ଅଭିଯାନ ଶେଷ କରିଛନ୍ତି। କଲମ୍ବୋ ଭେନ୍ୟୁରେ ୧୧ଟି ମ୍ୟାଚ୍‌ରୁ ବର୍ଷା ଯୋଗୁଁ ୫ଟି ମ୍ୟାଚ୍ ବାତିଲ ହୋଇଛି। ଶ୍ରୀଲଙ୍କା ଗୋଟିଏ ବିଜୟ ଓ ୩ଟି ମ୍ୟାଚ୍‌ରୁ ୫ ପଏଣ୍ଟ ସହ ଏବେ ପଞ୍ଚମ ସ୍ଥାନରେ ରହିଛି। ପାକିସ୍ତାନ ୭ଟି ମ୍ୟାଚ୍‌ରୁ ୪ ପରାଜୟ ଓ ୩ଟି ବାତିଲ ମ୍ୟାଚ୍‌ରୁ ୩ ପଏଣ୍ଟ ପାଇ ୮ ଦଳ ମଧ୍ୟରେ ୭ମ ସ୍ଥାନରେ ରହିଛି। ଗତକାଲି ନ୍ୟୁଜିଲାଣ୍ଡକୁ ୮୯ ରନ୍‌ରେ ହରାଇ ଭାରତ ଚତୁର୍ଥ ତଥା ଶେଷ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ଆସନ୍ତାକାଲି ଇନ୍ଦୋରର ହୋଲକାର ଷ୍ଟାଡିୟମ୍‌ରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଶେଷ ଲିଗ୍ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ରହିବ। ବିଜେତା ଦଳ ସହ ଭାରତ ଅକ୍ଟୋବର ୩୦ରେ ସେମିଫାଇନାଲ ମ୍ୟାଚ୍ ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ଖେଳାଯିବ। ଏବେ ୧୧ ପଏଣ୍ଟ ସହ ଅଷ୍ଟ୍ରେଲିଆ ପ୍ରଥମ, ୧୦ ପଏଣ୍ଟ ସହ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ, ୯ ପଏଣ୍ଟ ସହ ଇଂଲଣ୍ଡ ତୃତୀୟ ଓ ୬ ପଏଣ୍ଟ ସହ ଭାରତ ଚତୁର୍ଥ ସ୍ଥାନରେ ରହିଛି। ଏମାନଙ୍କର ଆଉ ଗୋଟିଏ ଲେଖାଏଁ ଲିଗ୍ ମ୍ୟାଚ୍ ଖେଳାଯିବାକୁ ବାକି ରହିଛି।

## ଜୁନିଅର ହକି ବିଶ୍ୱକପ୍‌ରୁ ଓହରିଲା ପାକିସ୍ତାନ




**ନୂଆଦିଲ୍ଲୀ,୨୪।୧୦(ଏଜେନ୍ସି):** ଭାରତର ତାମିଲନାଡୁରେ ନଭେମ୍ବର ୨୮ରୁ ଡିସେମ୍ବର ୨୮ ଯାଏ ଖେଳାଯିବାକୁ ଥିବା ଜୁନିଅର ହକି ବିଶ୍ୱକପ୍‌ରୁ ପାକିସ୍ତାନ ଓହରିଯାଇଛି। ଏ ସମ୍ପର୍କରେ ଏଫଆଇଏଚ୍ ସ୍ପଷ୍ଟ କରିଛି ଓ ପାକିସ୍ତାନ ବଦଳରେ କେଉଁ ଦଳ ଖେଳିବ ତାହା ସ୍ପଷ୍ଟ କରିନାହିଁ। ଏହି ଟୁର୍ଣ୍ଣାମେଣ୍ଟ ଚେନ୍ନଇ ଓ ମଦୁରାଇରେ ଖେଳାଯିବ। ଗ୍ରୁପ୍-ବି'ରେ ପାକିସ୍ତାନ ସ୍ଥାନ ପାଇଥିଲା। ଏହି ଗ୍ରୁପ୍‌ରେ ମଧ୍ୟ ଭାରତ, ଚିଲି ଓ ସୁଇଜରଲାଣ୍ଡ ରହିଥିଲେ। ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ଯୋଗୁଁ ପାକିସ୍ତାନ ଭାରତରେ ଖେଳାଯିବାକୁ ଥିବା ଦ୍ୱିତୀୟ ଟୁର୍ଣ୍ଣାମେଣ୍ଟରୁ ଓହରିଯାଇଥିଲା। ବିହାରର ରାଜଗିରିଠାରେ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୭ ଯାଏ ଖେଳାଯିବାକୁ ଥିବା ପୁରୁଷ ହକି ବିଶ୍ୱକପ୍‌ରୁ ପାକିସ୍ତାନ ଓହରିଯାଇଥିଲା। ଏବେ ଦ୍ୱିତୀୟଥର ଆଉ ଏକ ହକି ଟୁର୍ଣ୍ଣାମେଣ୍ଟରୁ ଓହରିଛି। ଭାରତ ସରକାର ଏବେ ନୂଆ ନୀତି ପ୍ରଣୟନ କରି ପାକିସ୍ତାନ ସହ ଦ୍ୱିପାକ୍ଷିକ ସିରିଜ୍ ଖେଳିବାକୁ ବାରଣ କରିଛନ୍ତି।

## ଏସିସି ହେଡ୍‌କ୍ୱାର୍ଟର୍ସରୁ ଏସିଆ କପ୍ ଟ୍ରଫି ନେଇଗଲେ ନକ୍‌ଭୀ

**ଆବୁଧାବି,୨୪।୧୦(ଏଜେନ୍ସି):** ଏସିଆ କପ୍‌ରେ ଭାରତ ଚାମ୍ପିଅନ ହୋଇଥିଲେ ମଧ୍ୟ ଏଯାଏ ଟ୍ରଫି ପାଇପାରି ନାହିଁ। ଦୁଇ ଦେଶ ମଧ୍ୟରେ ସମ୍ପର୍କ ଖରାପ ଥିବାରୁ ଏସୀୟ ଏବଂ ପାକିସ୍ତାନ କ୍ରିକେଟ ବୋର୍ଡର ମୁଖ୍ୟ ଥିବା ମୋହସିନ ନକ୍‌ଭୀଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ମନା କରିଦେଇଥିଲେ। ଯାହା ଫଳରେ ଫାଇନାଲ ମ୍ୟାଚ୍ ପରେ ପୁରସ୍କାର ବିତରଣ ଉତ୍ସବ ୯୦ ମିନିଟ୍‌ରେ ବିଳମ୍ବ ହୋଇଥିଲା। ଭାରତୀୟ ଖେଳାଳିଙ୍କୁ ନିଜେ ନକ୍‌ଭୀ ପ୍ରଦାନ କରିବାକୁ ଜିଦ୍ ଧରିବା ଫଳରେ ଏଭଳି ଘଟଣା ଘଟିଥିଲା। ଟ୍ରଫି ପ୍ରଦାନ କରିବାକୁ ଏହା ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ ଭାରତକୁ ଏହା ମିଳିପାରି ନାହିଁ। ଏବେ ବିସିସିଆଇର ଏକ ଟିମ୍ ଦୁବାଇରେ ଥିବା ଏସୀୟ କ୍ରିକେଟ କାଉନସିଲ ଅଫିସ ପରିଦର୍ଶନରେ ଯାଇଥିଲେ। ସେଠାରେ ଏସିଆ କପ୍ ଟ୍ରଫି ନ ଥିବା ଦେଖିବାକୁ ପାଇଥିଲେ। ଅଫିସ କର୍ମକର୍ତ୍ତାଙ୍କ ସୂଚନା ଅନୁଯାୟୀ ଏହି ଟ୍ରଫିକୁ ନକ୍‌ଭୀ କେବେଠାରୁ ନେଇଯାଇଛନ୍ତି। ଏହାକୁ ସେ ଆବୁଧାବିରେ କୌଣସି ଏକ ଅଜ୍ଞାତ ସ୍ଥାନରେ ସେ ରଖିଥିବା କର୍ମକର୍ତ୍ତାମାନେ କହିଥିଲେ। ଏସୀୟ କ୍ରିକେଟ କାଉନ୍ସିଲର ସଭାପତି ଥିବାରୁ ନକ୍‌ଭୀ ଏପରି କରୁଛନ୍ତି ବୋଲି କୁହାଯାଉଛି।

## ଓସିଏ ଆପେକ୍ସ କାଉନସିଲ ବୈଠକ

**କଟକ,୨୪।୧୦(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର ଆପେକ୍ସ କାଉନସିଲ ବୈଠକରେ ଆଜି ବାରବାଟୀ ଷ୍ଟାଡିୟମ ପରିସରସ୍ଥ ଓସିଏ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଙ୍କଜ ଲୋଚନ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଡିସେମ୍ବର ୯ରେ ବାରବାଟୀରେ ଭାରତ ଏବଂ ଦକ୍ଷିଣଆଫ୍ରିକା ମଧ୍ୟରେ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ପରିଚାଳନା ବାବଦରେ ବୈଠକରେ ଆଲୋଚନା ହୋଇଛି। ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ରାକେଶ ମହାନ୍ତି, ଗୀତା ସାମନ୍ତରାୟ, ସିଇଓ ସୁବ୍ରତ କୁମାର ବେହେରା ଉପସ୍ଥିତ ଥିଲେ। ଏହି ଅବସରରେ ଓସିଏର ବିତ୍ତ କମିଟି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ବୁନ୍ଦେସଲିଗା ଡ୍ରିମ୍ ପ୍ରୋଜେକ୍ଟ | ଜର୍ମାନୀ ଯିବେ ୧୧ ଓଡ଼ିଆ ଖେଳାଳି

**ଭୁବନେଶ୍ୱର, ୨୪।୧୦(ସମିସ):** ଓଡିଏମ୍ ସ୍କୁଲ ସମୂହର ସ୍ପୋର୍ଟ୍ସ ସ୍କୋଲାରସିପ୍ କୋଟାରେ ଆରଡୋର ଫୁଟବଲ ଏକାଡେମୀର ୧୧ ଜଣ କନିଷ୍ଠ ଖେଳାଳି ଜର୍ମାନୀର ବୁନ୍ଦେସଲିଗା ଡ୍ରିମ୍ ପ୍ରୋଜେକ୍ଟରେ ନ୍ୟାସନାଲ ଚାମ୍ପିଅନସିପ୍ ଲାଗି ଭାରତୀୟ ଦଳକୁ ପ୍ରତିନିଧିତ୍ୱ କରିବେ। ଏହା ମଧ୍ୟରୁ ୬ଜଣ ୧୩ ବର୍ଷରୁ କମ୍ ଓ ୫ଜଣ ୧୫ ବର୍ଷରୁ କମ୍ ଖେଳାଳି ରହିଛନ୍ତି। ଏହି ଟୁର ଲାଗି ଭାରତୀୟ ଦଳରେ ମନୋନୀତ ହୋଇଥିବା ୧୩ ବର୍ଷରୁ କମ୍ ବୟସର ଖେଳାଳିମାନେ ହେଲେ ଦଶରଥ ହାଁସ୍‌ଦା, ମେସି ହାଁସ୍‌ଦା, ଏହସାସ ପାଙ୍ଗୀ, ସୁରଜ ଖାଲ୍‌କୋ, ସୁଜଲ ଆଇନ୍ଦ ଓ ଆୟୁଷ୍ମାନ ବାରିକ। ସେହିପରି ୧୫ ବର୍ଷରୁ କମ୍ ବୟସର ଖେଳାଳିମାନେ ହେଲେ ଲିପୁରାମ ସୋରେନ୍, ପ୍ରୀତମ ଟୁଡୁ, ପ୍ରସେନଜିତ ବଡ଼ା, ଶ୍ରୀଜଲ କିସ୍କୁ ଓ ଦେବାଂଶୁ ପ୍ରଧାନ। ଭାରତୀୟ ଦଳ ଅକ୍ଟୋବର ୨୯ରେ ଜର୍ମାନୀ ଅଭିମୁଖେ ଯାତ୍ରା କରିବେ।

## ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଉଦ୍‌ଯାପିତ

# କିସ୍ ଚାମ୍ପିଅନ, ଓଡିଏମ୍ ଗ୍ଲୋବାଲ ରନର୍ସ ଅପ୍




**ଭୁବନେଶ୍ୱର, ୨୪।୧୦(ସମିସ):** କିସ୍ ସ୍କୁଲ ୨୦୨୫ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଭୁବନେଶ୍ୱର ଭେଟେରାନ ଫୁଟବଲ ସଂଘ ଆନୁକୂଲ୍ୟରେ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପରିସରରେ ଅକ୍ଟୋବର ୨୩ ତାରିଖ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଫାଇନାଲରେ କିସ୍ ୩-୦ ଗୋଲରେ ଓଡିଏମ୍ ଗ୍ଲୋବାଲ ସ୍କୁଲ୍‌କୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ସୋନରାମ ସୋରେନ, ଉପେନ୍ଦ୍ର ଅମାନତିୟ ଓ ରାଜୁ ମାର୍ଣ୍ଡି ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବାବଦରେ ଚାମ୍ପିଅନ କିସ୍ ସ୍କୁଲ୍‌କୁ ଟ୍ରଫି ସହ ୧୫,୦୦୦ ଓ ରନର୍ସଅପ୍ ଓଡିଏମ୍ ଗ୍ଲୋବାଲ ସ୍କୁଲ୍‌କୁ କପ୍ ସହ ୧୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ତୃତୀୟ ସ୍ଥାନିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌କୁ କପ୍ ସହ ୭,୦୦୦ ଓ ଚତୁର୍ଥ ସ୍ଥାନିତ ଦଳ ୟୁନିଟ୍-୧ ହାଇସ୍କୁଲ୍‌କୁ କପ୍ ସହ ୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। କିସ୍‌ର ବିନୋଦ କାନଦେକେଲ ଶ୍ରେଷ୍ଠ ଗୋଲରକ୍ଷକ, ସୋନାରାମ ସୋରେନ ଶ୍ରେଷ୍ଠ ଅଗ୍ରଭାଗ, ରାଜୁ ମାର୍ଣ୍ଡି ଶ୍ରେଷ୍ଠ ମଧ୍ୟଭାଗ ଓ ଓଡିଏମ୍ ଗ୍ଲୋବାଲ ସ୍କୁଲ୍‌ର ଓଜେସ ପଟାକାର ଶ୍ରେଷ୍ଠ ରକ୍ଷଣଭାଗ ଖେଳାଳି ବିବେଚିତ ହୋଇଥିଲେ। କଣ୍ଟାବାଡର ବିକାଶ ରେସିଡେନିସିଆଲ ସ୍କୁଲକୁ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅନ୍ୟତମ ଅତିଥିଭାବେ ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ, ୟୁନିଲାଇଟ୍‌ର ଦେବବ୍ରତ ମହାନ୍ତି, ଆୟୋଜକ ଭୁବନେଶ୍ୱର ଭେଟେରାନ ଫୁଟବଲ ସଂଘ ସଭାପତି ନବରଞ୍ଜନ ପଟ୍ଟନାୟକ, ଉପସଭାପତି ବିବେକାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗଣେଶ ପାଳ ଓ ମହେଶ୍ୱର ସିଂହ ମଞ୍ଚ ପରିଚାଳନା କରିଥିଲେ। ଫାଇନାଲ ଖେଳ ପରିଚାଳନା କରିଥିଲେ ରେଫରି ରାଜୁ ମହାନ୍ତି, ଅମିତ ନାୟକ, ପ୍ରିୟବ୍ରତ ବାହିନୀପତି, ବିଜୟ ମଙ୍ଗରାଜ। ଏହି ଅବସରରେ ଫିଜିଓ ସରିତା ମିଶ୍ର, କଳ୍ପନା ବେହେରା ଓ ରେଶମା ବେଗମଙ୍କୁ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା।

## ରଣଜୀ ଟ୍ରଫି | ଆଜିଠୁ ଓଡ଼ିଶା-ଉତ୍ତରପ୍ରଦେଶ ଲଢ଼େଇ

କଟକ,୨୪।୧୦(ସମିସ)



ଚଳିତ ରଣଜୀ ଟ୍ରଫିର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଶନିବାର ଠାରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚ୍‌ରେ ବରୋଦା ଠାରୁ ପରାଜୟ ବରଣ କରି ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଦ୍ୱିତୀୟ ମୁକାବିଲାରେ ଶକ୍ତିଶାଳୀ ଉତ୍ତରପ୍ରଦେଶକୁ ଭେଟିବ। ଆନ୍ଧ୍ରପ୍ରଦେଶ ବିପକ୍ଷ ମ୍ୟାଚ୍ ଅମୀମାଂସିତ ରହିବା ସତ୍ତ୍ୱେ ଇନିଂସ ଅଗ୍ରଣୀ ହାସଲ କରି ଉତ୍ତରପ୍ରଦେଶ ପ୍ରଥମ ମୁକାବିଲାରେ ଶକ୍ତି ପ୍ରଦର୍ଶନ କରି ସାରିଛି। ଏକାଧିକ ତାରକା ଖେଳାଳିଙ୍କୁ ସାମିଲ କରିଥିବା ଉତ୍ତରପ୍ରଦେଶକୁ ଚ୍ୟାଲେଞ୍ଜ ଦେବା ପାଇଁ ଓଡ଼ିଶା ପ୍ରସ୍ତୁତ ଅଛି ବୋଲି ଅଧିନାୟକ ଶୁଭ୍ରାଂଶୁ ସେନାପତି କହିଛନ୍ତି।

ଉତ୍ତରପ୍ରଦେଶ ବିପକ୍ଷ ମ୍ୟାଚ କାନପୁର ଗ୍ରୀନପାର୍କ ଷ୍ଟାଡିୟମରେ ଖେଳାଯିବ। ଘରୋଇ ପରିବେଶର ଫାଇଦା ଉଠାଇବାକୁ ଉତ୍ତରପ୍ରଦେଶ ନିହାତି ରୂପେ ଉଦ୍ୟମ କରିବ। ୨୬ବର୍ଷୀୟ ଅଲରାଉଣ୍ଡର ତଥା ଆଇପିଏଲରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସରୁ ପ୍ରତିନିଧିତ୍ୱ କରୁଥିବା କରନ ଶର୍ମା ଦଳର ନେତୃତ୍ୱ ନେଉଛନ୍ତି। ଅନ୍ତର୍ଜାତୀୟ କ୍ରିକେଟର ରିଙ୍କୁ ସିଂହଙ୍କ ସମେତ ୱିକେଟକିପର ଆର୍ଯ୍ୟନ ଜୁୟଲ, ଅଭିଷେକ ଗୋସ୍ୱାମୀ, ମାଧବ କୌଶିକ, ପ୍ରିୟମ ଗର୍ଗ ପ୍ରମୁଖ ଦଳର ବ୍ୟାଟିଂ ଭାର ସମ୍ଭାଳିବେ। ପ୍ରଥମ ମ୍ୟାଚ୍‌ରେ ବାମହାତୀ ଇନଫର୍ମ ବ୍ୟାଟର ରିଙ୍କୁ ଶତକୀୟ ପାଳି ଖେଳିବା ସହ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆର୍ଯ୍ୟନ ଏବଂ ମାଧବ ଅର୍ଦ୍ଧଶତକ ସଂଗ୍ରହ କରି ଦଳକୁ ଅଗ୍ରଣୀ କରାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ସେହିପରି ଶିଭମ ମାଭି, ଆକ୍ୱିବ ଖାନ, ଶିଭମ ଶର୍ମା ଏବଂ ଭିପରାଜ ନିଗମଙ୍କ ଭଳି ଜଣାଶୁଣା ଖେଳାଳି ଉତ୍ତରପ୍ରଦେଶର ବୋଲିଂ ଲାଇନଅପରେ ରହିଛନ୍ତି। ଗତ ୧୫ବର୍ଷ ଭିତରେ ଏହି ଦୁଇଦଳ ୫ଥର ମୁହାଁମୁହିଁ ହୋଇଥିବା ବେଳେ ୩ଟି ମ୍ୟାଚ୍ ଡ୍ର ରହିଛି। ଅବଶିଷ୍ଟ ଦୁଇଟି ମ୍ୟାଚ୍‌ରେ ଉତ୍ତରପ୍ରଦେଶକୁ ବିଜୟ ମିଳିଛି। ଏହି ଧାରା ଭାଙ୍ଗିବା ଲକ୍ଷ୍ୟରେ ଥିବା ଶୁଭ୍ରାଂଶୁ ବାହିନୀ ବ୍ୟାଟିଂରେ ସୁଧାର ଆଣିବା ଆବଶ୍ୟକ ହୋଇପଡ଼ିଛି। ବରୋଦା ବିପକ୍ଷରେ ଶୁଭ୍ରାଂଶୁ ଉଭୟ ପାଳିରେ ଅର୍ଦ୍ଧଶତକ ହାସଲ କରିଥିଲେ। ୱିକେଟ କିପର ରାଜେଶ ଧୂପର ୯୪ରନର ସଂଘର୍ଷପୂର୍ଣ୍ଣ ଇନିଂସ ଖେଳିଥିଲେ। ଏମାନଙ୍କ ବ୍ୟତୀତ ଦଳର ଅନ୍ୟ କୌଣସି ବ୍ୟାଟର ଆଖିଦୃଶିଆ ପ୍ରଦର୍ଶନ କରି ପାରିନଥିଲେ। ସ୍ୱସ୍ତିକ ସାମଲ, ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁଙ୍କ ନିକଟରୁ ଆକର୍ଷଣୀୟ ଇନିଂସର ଅପେକ୍ଷା ରହିଛି। ସୁମିତ ଶର୍ମା, ଗୋବିନ୍ଦ ପୋଦ୍ଦାର ଏବଂ ବାଦଲ ବିଶ୍ୱାଳ ସ୍ପିନ୍ ଆଟାକ୍‌ରେ ଉତ୍ତରପ୍ରଦେଶର ବ୍ୟାଟିଂ ଦୁର୍ଗ ଭାଙ୍ଗିବାକୁ ଚେଷ୍ଟା କରିବେ। ରାଜେଶ ମହାନ୍ତି, ସୁନୀଲ ରାଉଳ, ତରଣୀ ସ ପେସ୍ ଭାର ସମ୍ଭାଳିବେ।

**ଓଡ଼ିଶା ଦଳ :** ଶୁଭ୍ରାଂଶୁ ଶେଖର ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ(ଉପଅଧିନାୟକ), ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ(ୱିକେଟ କିପର), ରାଜେଶ ଧୂପର(ୱିକେଟ କିପର), ଅନୀଲ ପରିଡ଼ା, ସମ୍ବିତ ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ତରଣୀ ସ, ତାପସ ଦାସ।

**ଉତ୍ତରପ୍ରଦେଶ ଦଳ :** କରନ ଶର୍ମା(ଅଧିନାୟକ), ଆର୍ଯ୍ୟନ ଜୁୟଲ, ଆଦିତ୍ୟ ଶର୍ମା, ଆକ୍ୱିବ ଖାନ୍, ଆରାଧ୍ୟା ଯାଦବ, ଅଭିଷେକ ଗୋସ୍ୱାମୀ, ବୈଭବ ଚୌଧୁରୀ, ପ୍ରିୟମ ଗର୍ଗ, ମାଧବ କୌଶିକ, କୁନାଲ ତ୍ୟାଗୀ, ଭିପରାଜ ନିଗମ, ଶିଭମ ମାଭି, ଶିଭମ ଶର୍ମା, ସିଦ୍ଧାର୍ଥ ଯାଦବ, ରିଙ୍କୁ ସିଂହ, ପ୍ରଶାନ୍ତ ଭୀର, ବିଜୟ କୁମାର।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS